# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୭/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, April 27/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ହାଜେଲଉଡ୍‌ଙ୍କ ପ୍ରଭାବୀ ବୋଲିଂ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଜୋଶ୍ ହାଜେଲଉଡ୍।

୧୪

୧୦

**ଜୁନ୍‌ରେ ପଡ଼ିବ ହାତଗଣ୍ଠି**

ସାଉଥ୍ ସୁପରଷ୍ଟାର ନୟନତାରା ଆସନ୍ତା ଜୁନ୍ ମାସରେ ବୟଫ୍ରେଣ୍ଡ ତଥା ତାମିଲ ଫିଲ୍ମ ନିର୍ଦ୍ଦେଶକ ବିଗ୍ନେଶଙ୍କୁ ବାହା ହେବାକୁ ଯାଉଛନ୍ତି।



# ପିଲାଙ୍କ ପାଇଁ ୩ କୋଭିଡ୍ ଟିକାକୁ ମଞ୍ଜୁରୀ

**କୋର୍ବେଭାକ୍ସ**
୫ରୁ ୧୨ ବର୍ଷ

**କୋଭାକ୍ସିନ**
୬ରୁ ୧୨ ବର୍ଷ

**ଜାଇକୋଭ-ଡି**
୧୨ରୁ ଊର୍ଦ୍ଧ୍ୱ ବର୍ଷ



**ନୂଆଦିଲ୍ଲୀ,୨୬।୪**

ଭାରତର ଔଷଧ ନିୟନ୍ତ୍ରକ ଡିସିଜିଆଇ ପିଲାମାନଙ୍କ ଲାଗି ୩ଟି କୋଭିଡ୍-୧୯ ଟିକାକୁ ଜରୁରୀ ବ୍ୟବହାର ଲାଗି ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ବାୟୋଲୋଜିକାଲ-ଇ ପ୍ରସ୍ତୁତ କୋର୍ବେଭାକ୍ସକୁ ୫ରୁ ୧୨ ବର୍ଷ ବୟସ ବର୍ଗର ପିଲାଙ୍କୁ ଦେବା ଲାଗି ଅନୁମତି ମିଳିଥିବାବେଳେ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ୍‌କୁ ୬ରୁ ୧୨ ବର୍ଷ ବୟସର ପିଲାଙ୍କୁ ଦିଆଯାଇପାରିବ। ଏହା ବ୍ୟତୀତ ୧୨ରୁ ଊର୍ଦ୍ଧ୍ୱ ପିଲାଙ୍କ ନିମନ୍ତେ ଜାଇଡସ୍ କାଡିଲା କମ୍ପାନୀ ପ୍ରସ୍ତୁତ ଜାଇକୋଭ୍-ଡି ଟିକାକୁ ମଧ୍ୟ ଜରୁରୀ ବ୍ୟବହାର ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି।

କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ବିଶେଷଜ୍ଞ କମିଟିଙ୍କ ସୁପାରିସ କ୍ରମେ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ୩ ଟିକାକୁ ଅନୁମୋଦନ କରିଛନ୍ତି। ବିଶେଷଜ୍ଞ କମିଟି ଗତ ସପ୍ତାହରେ କମ୍ପାନୀଗୁଡ଼ିକର ଆବେଦନକୁ ସମୀକ୍ଷା କରିବା ପରେ ମଞ୍ଜୁରୀ ନିମନ୍ତେ ସୁପାରିସ କରିଥିଲା। ଜାଇକୋଭ-ଡି ବିଶ୍ୱରେ ମାନବ ବ୍ୟବହାର ନିମନ୍ତେ ପ୍ରସ୍ତୁତ ପ୍ରଥମ ଡିଏନ୍‌ଏ ପ୍ଲାସ୍‌ମିଡ୍ ଭାକ୍ସିନ। ଉକ୍ତ ଟିକା ସିରିଞ୍ଜ ବଦଳରେ ଫାର୍ମାଜେଟରେ ଦିଆଯିବ, ଯେଉଁଥିରେ ଛୁଞ୍ଚିର ବ୍ୟବହାର ହେବ ନାହିଁ। ବର୍ତ୍ତମାନ କୋର୍ବେଭାକ୍ସ ଟିକା ୧୨ରୁ ୧୪ ବର୍ଷର ପିଲାଙ୍କୁ ଦିଆଯାଉଛି। ଗତ ମାର୍ଚ୍ଚ ୧୬ରୁ ଏହି ବୟସବର୍ଗର ପିଲାଙ୍କୁ ଟିକାକରଣ ଆରମ୍ଭ ହୋଇଛି। ସେହିପରି କୋଭାକ୍ସିନ୍ ୧୨ରୁ ୧୮ ବର୍ଷର ପିଲାଙ୍କୁ ପ୍ରଦାନ ଲାଗି ଗତବର୍ଷ ଡିସେମ୍ବର ୨୪ରେ ମଞ୍ଜୁରୀ ପାଇଥିଲା।

# କରାଚୀ ବିଶ୍ୱବିଦ୍ୟାଳୟରେ ବିସ୍ଫୋରଣ

## ୩ ଚାଇନା ନାଗରିକଙ୍କ ସମେତ ୪ ମୃତ

**କରାଚୀ,୨୬।୪**

ପାକିସ୍ତାନର ଆର୍ଥିକ ରାଜଧାନୀରେ ଥିବା କରାଚୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଭ୍ୟାନ୍‌ରେ ମଙ୍ଗଳବାର ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ଏଥିରେ ୩ ଚାଇନା ନାଗରିକଙ୍କ ସମେତ ୪ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ଜଣାପଡ଼ିଛି। ପାକିସ୍ତାନୀ ବିଚ୍ଛିନ୍ନତାବାଦୀ ଗୋଷ୍ଠୀର ଜଣେ ମହିଳା ଆତ୍ମଘାତୀ ଏହି ବିସ୍ଫୋରଣ ଘଟାଇଛନ୍ତି। ଆକ୍ରମଣ ପାଇଁ ବେଲୋଚ ଲିବରେଶନ ଆର୍ମି ନିଜକୁ ଦାୟୀ କରିଛି। ବିଶ୍ୱବିଦ୍ୟାଳୟ ପରିସରରେ ଚାଇନା ନିର୍ମିତ କନ୍‌ଫୁସିୟସ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ କର୍ମଚାରୀମାନଙ୍କୁ ଆଣି ଆସୁଥିବା ଭ୍ୟାନ୍ ନିକଟରେ ଆତ୍ମଘାତୀ ବୋମାଧାରୀ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଚାଇନା ଭାଷା ଶିକ୍ଷାଦେବା ଲାଗି ଏହି ଅଣଲାଭଦାୟକ ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇଛି। ଚାଇନା ନାଗରିକଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିବା ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି। ମୃତକମାନେ ହେଲେ ☞ପୃଷ୍ଠା-୪

# ପେଷି ହେଉଛନ୍ତି ଚାଷୀ

**ବରଗଡ଼ ଅଫିସ୍,୨୬।୪**

ଓଡ଼ିଶାର ଚାଷୀମାନେ ଗତ ୧୦ବର୍ଷ ମଧ୍ୟରେ ଅଧିକରୁ ଅଧିକ ଧାନ ଉତ୍ପାଦନ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର କ୍ରମାଗତ କୃଷି କର୍ମଣ ପୁରସ୍କାର ପାଇଛନ୍ତି। ମାତ୍ର ଧାନ ବିକ୍ରି ସମସ୍ୟାକୁ ନେଇ କେନ୍ଦ୍ର-ରାଜ୍ୟ ସରକାର ପରସ୍ପର ଦୋଷ ଲଦାଲଦି ହେଉଛନ୍ତି। ଆଉ ଏହି ରାଜନୈତିକ ଚକ୍ରାନ୍ତରେ ଚାଷୀକୁଳ ପେଷି ହେଉଛନ୍ତି। ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଏଭଳି ଅଭିଯୋଗ ଅଣାଯାଇ ମଙ୍ଗଳବାର ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ସମାବେଶ କରାଯାଇଛି। ବିଗତବର୍ଷ ଧାନ କିଣାବିକା ସମୟରେ ସମସ୍ୟା ଉପୁଜିଥିଲା। ଆସନ୍ତା ମେ' ୫ରେ ହେବାକୁ ଥିବା ରବିଧାନ ସଂଗ୍ରହ ପ୍ରକ୍ରିୟାରେ ତାହାର ପୁନରାବୃତ୍ତି ଯେଭଳି ନ ହୁଏ, ସେଥିପ୍ରତି ଆଗତୁରା ପଦକ୍ଷେପ ନେବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଜୟ କିଷାନ ଆନ୍ଦୋଳନ ସତର୍କ କରାଇ ଦେଇଛି। ଏହି କ୍ରମରେ ବରଗଡ଼ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଉଷୁନା-ଅରୁଆ ଚାଉଳ ବିବାଦ ବନ୍ଦ କରି ଚାଷୀ ବିକୁଥିବା ସବୁ ଧାନ କିଣିବା, ସ୍ୱାମୀନାଥନ କମିଶନ ରିପୋର୍ଟ ଭିତ୍ତିରେ ପ୍ରାପ୍ୟ ମିଳୁ ନ ଥିବାରୁ ଧାନ କୁଇଣ୍ଟାଲ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୫୦ଟଙ୍କା ଲେଖାଏ ବୋନସ ଦେବା, ଧାନ ସଂଗ୍ରହ ଋତୁ ସରିବା ଯାଏ ଟୋକନ ବୈଧ ରଖିବା, ଅମଳ ପୂର୍ବରୁ କୃଷିକ୍ଷେତ୍ରକୁ ବିଦ୍ୟୁତ କାଟ୍ କରା ନ ଯିବା, ଚାଷୀଙ୍କ ବକେୟା ବିଦ୍ୟୁତ୍ ଦେୟ ଛାଡ଼ କରିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦାବିରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜିଲାର ପ୍ରାୟ ସବୁ ବ୍ଲକର ଶତାଧିକ ଚାଷୀ ବରଗଡ଼ ଗୋଶାଳା ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ସେମାନେ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଥିଲେ, ୫ବର୍ଷ ତଳେ ବିଧାନସଭା ବଜେଟ ଅଧିବେଶନରେ ☞ପୃଷ୍ଠା-୪



ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା।

- ଉଷୁନା-ଅରୁଆ ବିବାଦ ଚାଷୀଙ୍କୁ ବିପଦ
- କେନ୍ଦ୍ର-ରାଜ୍ୟ ଦୋଷ ଲଦାଲଦି
- ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ
- ୫ଦଫା ଦାବିରେ ସ୍ମାରକପତ୍ର ପ୍ରଦାନ

# ୨ଯାଏ ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢ଼ା ବନ୍ଦ

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ରାଜ୍ୟରେ ବୁଧବାରଠାରୁ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ପାଠପଢ଼ା ୬ଦିନ ପାଇଁ ବନ୍ଦ ରହିବ। ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନେଇ ମଙ୍ଗଳବାର ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ/ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଏବଂ ସରକାରୀ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏପ୍ରିଲ ୨୭ରୁ ମେ' ୨ତାରିଖ ପର୍ଯ୍ୟନ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶ୍ରେଣୀ ପାଠପଢ଼ା ବନ୍ଦ ରହିବାକୁ ଥିବାବେଳେ ପରୀକ୍ଷା, ମୂଲ୍ୟାୟନ, ଗବେଷଣା, ପ୍ରଶାସନିକ କାର୍ଯ୍ୟ ଆଦି ଜାରି ରହିବ ବୋଲି ସ୍ପଷ୍ଟ କରାଯାଇଛି। ସେହିଭଳି ସମସ୍ତ ଟିଚିଂ ଏବଂ ନନ୍ ଟିଚିଂ ଷ୍ଟାଫ୍ ସେମାନଙ୍କ ଶିକ୍ଷାନୁଷ୍ଠାନରେ ଉପସ୍ଥିତ ରହିବେ ବୋଲି ☞ପୃଷ୍ଠା-୪

**ଟୁଇଟରକୁ କିଣିଲେ ଏଲନ ମସ୍କ**




**ଆଜିର ସମ୍ପାଦକୀୟ**

**ମସ୍କ: ମାନିବାକୁ ପଡ଼ିବ**

# ୧୨୦ ଆସନ କହି ବ୍ୟବସାୟ

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଭାଜପା ରାଜ୍ୟରେ ୧୨୦ ବିଧାନସଭା ଆସନ ଦଖଲ କରିବ ବୋଲି ଦାବି କଲାଣି। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮୮ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବା ବେଳେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏହି ଯୁକ୍ତି ରଖିଥିଲେ। ହେଲେ ସମୀରଙ୍କ ଏହି ବାକ୍ୟବାଣରେ ଦଳର ତୃଣମୂଳସ୍ତରର କର୍ମୀମାନେ ଆଉ ଆଗଭଳି ଉତ୍ସାହିତ ଥିବା ମନେହେଉନାହିଁ। କାରଣ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାର ଚାଣକ୍ୟ ବୋଲି ପ୍ରଚାର କରାଯାଉଥିବା ତଥା ସେତେବେଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ବାରମ୍ବାର ଓଡ଼ିଶା ଆସି ମିଶନ ୧୨୦ କଥା କହି ବୁଲିଲେ। ଶାହାଙ୍କ କଥା କେବେହେଲେ ଫେଲ୍ ହୁଏ ନାହିଁ ବୋଲି ନିର୍ବାଚନ ସମୟରେ ଗଣମାଧ୍ୟମରେ ବେଶ୍ ଜୋର୍‌ରେ ପ୍ରଚାର କରାଗଲା। ହେଲେ ଶାହାଙ୍କ କଥା ଭୁଲ୍ ପ୍ରମାଣିତ ହେବା ସହ ଫଳ ସମ୍ପୂର୍ଣ୍ଣ ଓଲଟା ଆସିଲା। ସେଥିପାଇଁ ତ୍ରୁଟି ଶାହାଙ୍କ ହିସାବ ନୁହେଁ। ଅମିତ ଶାହାଙ୍କ କଥାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବ୍ୟକ୍ତି ଆରମ୍ଭରୁ ଭଙ୍ଗୁର କରିବାକୁ ଲାଗି ପଡ଼ିଥିଲେ। ବରିଷ୍ଠ ଖବରଦାତା ତଥା ରାଜନୈତିକ ସମୀକ୍ଷକ ରବି ଦାସ କହିଛନ୍ତି, ପଞ୍ଚାୟତ ଓ ପୌର ଫଳାଫଳ ଯାହା ହୋଇଛି ଏଥର ଭାଜପା ୧୨୦ ସ୍ଲୋଗାନ ଦେବାର କିଛି ଆଧାର ନାହିଁ। ରାଜ୍ୟରେ ଏବେ ଭାଜପାର ନେତୃତ୍ୱ ନାହିଁ ବୋଲି ସେମାନଙ୍କ ଦଳର ନେତା କହିଲେଣି।

ଅନ୍ୟପଟେ ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାର ଯେପରି ଆଭିମୁଖ୍ୟ ଥିଲା ତାକୁ ଦେଖି ଓଡ଼ିଶାର ବହୁ କଂଗ୍ରେସ ନେତା, କର୍ମୀଙ୍କ ସମେତ ଅନେକ ଅସନ୍ତୁଷ୍ଟ ବିଜେଡି ନେତା, କର୍ମୀମାନେ କଳବଳ ହୋଇ ଏହି ଦଳରେ ମିଶିଗଲେ। ସେହି ନେତା ଓ କର୍ମୀଙ୍କ ମିଶ୍ରଣକୁ ଦଳୀୟ ନେତୃତ୍ୱ ନିଜର ଦକ୍ଷତା ଭାବେ ପ୍ରଦର୍ଶନ କଲେ। ହେଲେ ବର୍ତ୍ତମାନ ଭାଜପାରେ ଯୋଗଦେଇଥିବା ନେତାମାନେ ଆଉ ଦଳର ନେତୃତ୍ୱକୁ ଭରସା କରୁନାହାନ୍ତି। ନିକଟରେ ଭାଜପାରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ଏବଂ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ଏହାର ବଡ ଉଦାହରଣ। ସାଧାରଣ ନିର୍ବାଚନରେ ଭାଜପାର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଚିତ୍ରଣ କରାଯାଉଥିବା ଧର୍ମେନ୍ଦ୍ର ପ୍ରଧାନ ଏବେ ନିଜର କାର୍ଯ୍ୟ ଅନ୍ୟ ଦ୍ୱାରା କରାଇବାରେ ଲାଗିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟ ଭାଜପାର ପ୍ରତ୍ୟେକଟି କାର୍ଯ୍ୟକର୍ତ୍ତା ଧର୍ମେନ୍ଦ୍ରଙ୍କ ଗୋଷ୍ଠୀର ବୋଲି ଦଳର କେତେଜଣ ନେତୃବୃନ୍ଦ ମତ ପ୍ରକାଶ କରୁଛନ୍ତି। କେନ୍ଦ୍ରରେ ଥିବା ତାଙ୍କ ପତିଆରା ଦେଖି ରାଜ୍ୟର ବହୁ ନେତା ତାଙ୍କ ଅନୁଗତ ପାଲଟିଗଲେ। ଆଉ ଯେଉଁମାନେ ତାଙ୍କ କଥା ମାନିଲେ ସେହିଭଳି କେତେଜଣଙ୍କୁ ଦଳର ପଦ ପଦବୀରେ ଥଇଥାନ କରି ଦିଆଗଲା। ଏହାସହ ତାଙ୍କର ଆଉ କେତେଜଣ ☞ପୃଷ୍ଠା-୪




# ମସ୍କଙ୍କ ଟୁଇଟର

## ସଂକ୍ଷେପରେ

### ରୁଷିଆ ସ୍କୁଲରେ ଗୁଳିକାଣ୍ଡ: ୪ ମୃତ

**ମସ୍କୋ,୨୬।୪:** ରୁଷିଆର ଉଲ୍ୟାନୋଭସ୍କ ଅଞ୍ଚଳରେ ଥିବା ଏକ କିଣ୍ଡରଗାର୍ଟେନ ସ୍କୁଲରେ ମଙ୍ଗଳବାର ଜଣେ ବନ୍ଧୁକଧାରୀ ଗୁଳି ଚଳାଇବାରୁ ୨ ଶିଶୁ, ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ମୃତ ପିଲାଙ୍କ ବୟସ ୩ରୁ ୬ ବର୍ଷ ମଧ୍ୟରେ ହେବ ବୋଲି କୁହାଯାଉଛି। ଘରୋଇ ବିବାଦରୁ ଏଭଳି ଗୁଳିକାଣ୍ଡ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ରୁଷିଆ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ସୂତ୍ର ଅନୁଯାୟୀ ଆକ୍ରମଣକାରୀ ଅପରାହ୍ନରେ ଆଇଜେଡ୍‌ଏଚ୍-୨୭ ଡବଲ୍ ବ୍ୟାରେଲ ବନ୍ଧୁକ ଧରି କିଣ୍ଡରଗାର୍ଟେନରେ ପ୍ରବେଶ କରିଥିଲେ। ସେତେବେଳେ କୌଣସି ଗାର୍ଡ ଡ୍ୟୁଟିରେ ନ ଥିଲେ। ଆକ୍ରମଣକାରୀ ଆଖିବୁଜା ଗୁଳି ଚଳାଇବାରୁ ଜଣେ ଯୁବ ଶିକ୍ଷକଙ୍କ ମୃତ୍ୟୁ ହେବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏହା ବ୍ୟତୀତ ୨ ଶିଶୁ ପ୍ରାଣ ହରାଇଥିବା ଉକ୍ତ ଅଞ୍ଚଳର ପୂର୍ବତନ ଗଭର୍ନର ସର୍ଗେଇ ମୋରୋଜୋଭ୍ କହିଛନ୍ତି।

### ହିଜାବ ବିବାଦ
### ସୁପ୍ରିମକୋର୍ଟରେ ହେବ ଶୁଣାଣି

**ନୂଆଦିଲ୍ଲୀ,୨୬।୪ (ପି.ଟି.):** ଶ୍ରେଣୀଗୃହରେ ହିଜାବ ପିନ୍ଧିବା ଲାଗି ଅନୁମତି ଦେବା ନିମନ୍ତେ ପିଟିଶନକୁ କର୍ଣାଟକ ହାଇକୋର୍ଟ ଖାରଜ କରିଦେଇଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏହାକୁ ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ରାଜି ହୋଇଛନ୍ତି। ପିଟିଶନର ଜରୁରୀ ଶୁଣାଣି ଲାଗି ବରିଷ୍ଠ ଆଇନଜୀବୀ ମୀନାକ୍ଷୀ ଆରୋରା ପ୍ରଧାନ ବିଚାରପତି ଏନ୍.ଭି. ରମନା, ଜଷ୍ଟିସ କ୍ରିଷ୍ଣା ମୁରାରୀ ଏବଂ ହିମା କୋହଲିଙ୍କ ଖଣ୍ଡପୀଠରେ ଯୁକ୍ତି ଉପସ୍ଥାପନ କରିଥିଲେ। ଆବେଦନକୁ ତାଲିକାଭୁକ୍ତ କରାଯାଉଛି, ଦୁଇ ଦିନ ଅପେକ୍ଷା କର ବୋଲି ସିଜେଆଇ କହିଛନ୍ତି। ହିଜାବ ବିବାଦକୁ ନେଇ କର୍ଣାଟକ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି।

### ହାରିସ୍‌ଙ୍କୁ କରୋନା

**ୱାଶିଂଟନ୍, ୨୬।୪:** ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ତାଙ୍କ ପ୍ରେସ୍ ସେକ୍ରେଟାରୀ କ୍ରିଷ୍ଟେନ ଆଲେନ୍ ଏକ ବିବୃତିରେ ଜଣାଇଛନ୍ତି। ତେବେ ହାରିସ୍ ରାଷ୍ଟ୍ରପତି ଜୋ ବାଇଡେନ୍ କିମ୍ବା ଫାଷ୍ଟ୍ ଲେଡି ଜିଲ୍ ବାଇଡେନ୍‌ଙ୍କ ସଂସ୍ପର୍ଶରେ ଆସି ନାହାନ୍ତି। ହାରିସ୍ ମଡର୍ନା ଭାକ୍ସିନ ଏବଂ ୨ଟି ବୁଷ୍ଟର ଡୋଜ୍ ନେଇସାରିଛନ୍ତି।



### ପୁଅକୁ ଖାଦ୍ୟ ନ ମିଳିବାରୁ ସ୍କୁଲ ଉଡ଼ାଇବାକୁ ଧମକ ଦେଲେ ମା’

**ୱାଶିଂଟନ,୨୬।୪:** ସ୍କୁଲରେ ପୁଅକୁ ଭଲ ଖାଦ୍ୟ ମିଳୁ ନ ଥିବାରୁ ଫ୍ଲୋରିଡାର ଅନାୟା ମେଟୋୟା ସ୍ମିଥ୍ ନାମକ ଜଣେ ମହିଳା ସ୍କୁଲ ଉଡ଼ାଇ ଦେବାକୁ ଧମକ ଦେଇଛନ୍ତି। ମହିଳା ଜଣକ ଭଏସ୍ ମେଲ୍ ଜରିଆରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏହି ମେଲ୍ ଦେବା ପରେ ଅଧିକାରୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଭଏସ୍ ମେଲ୍‌ରେ ସେ ନିଜ ନାମ ଉଲ୍ଲେଖ କରି ନ ଥିଲେ ହେଁ ମେଲ୍ ଆସିଥିବା ନମ୍ବରକୁ ଦେଖି ସ୍କୁଲ ଅଧିକାରୀ ୪୧ ବର୍ଷୀୟା ଅନାୟାଙ୍କୁ ଚିହ୍ନଟ କରିଥିଲେ। ଅନାୟାଙ୍କୁ ପୋଲିସ ଗିରଫ କରିଥିବାବେଳେ ପୋଲିସ ଭୁଲ୍ ମହିଳାଙ୍କୁ ଗିରଫ କରିଥିବା ତାଙ୍କ ଭଉଣୀ ଆଣ୍ଡ୍ରେଆ ଜନ୍‌ସନ୍ କହିଛନ୍ତି। ଅନାୟାଙ୍କ ପୁଅ ଖାଦ୍ୟକୁ ନେଇ କୌଣସି ଅଭିଯୋଗ କରି ନ ଥିବାବେଳେ ଅନାୟା କୌଣସି ପ୍ରକାର ଧମକପୂର୍ଣ୍ଣ ଭଏସ୍ ମେଲ୍ ଦେଇ ନ ଥିବା ସେ କହିଛନ୍ତି।

---

ଏକ ପବ୍ଲିକ କମ୍ପାନୀରୁ ପ୍ରାଇଭେଟ କମ୍ପାନୀ ହେବାକୁ ଯାଉଛି ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର। ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ତଥା ଆମେରିକୀୟ ବିଲିୟନେୟାର ଏଲନ୍ ମସ୍କ ସୋମବାର ଟୁଇଟର ଇଙ୍କ୍‌କୁ ୪୪ ବିଲିୟନ ଡଲାର(ପ୍ରାୟ ୩ ଲକ୍ଷ ୩୮ ହଜାର କୋଟି ଟଙ୍କା)ରେ କିଣିଛନ୍ତି। କିଛି ଦିନ ଧରି ଟୁଇଟର ଓ ଟେସ୍‌ଲା ମାଲିକ ମସ୍କଙ୍କ ମଧ୍ୟରେ ଏହାର ମାଲିକାନାକୁ ନେଇ ବିବାଦ ମୁଣ୍ଡ ଟେକିଥିବାବେଳେ ଶେଷରେ ନାଟକୀୟ ଢଙ୍ଗରେ ଚୁକ୍ତି ଚୂଡ଼ାନ୍ତ ହୋଇଛି। ଏବେ ଟୁଇଟରର କାର୍ଯ୍ୟକାରିତା ଓ ଭବିଷ୍ୟତକୁ ନେଇ ବିଭିନ୍ନ ଚର୍ଚ୍ଚା ହେବାରେ ଲାଗିଛି।



ଏଲନ ମସ୍କ

### କ’ଣ ବଦଳିପାରେ

**ୱାଶିଂଟନ୍, ୨୬।୪**

ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଜରୁରୀ। ବିଶ୍ୱରେ ଅଭିବ୍ୟକ୍ତିର ସ୍ୱାଧୀନତା ବଜାୟ ରଖିବା ନିମନ୍ତେ ଟୁଇଟର ଏକ ବଡ଼ ପ୍ଲାଟ୍‌ଫର୍ମ ହୋଇପାରିବ। କମ୍ପାନୀର ରୂପରେଖରେ ପରିବର୍ତ୍ତନ ଏବଂ ଏହାର ସାମାଜିକ ଦାୟିତ୍ୱ ପୂରଣ ଉଦ୍ଦେଶ୍ୟରେ ମାଇକ୍ରୋ ବ୍ଲଗିଂ ସାଇଟ୍ ଟୁଇଟରରେ ପୁଞ୍ଜି ନିବେଶ ସହ ଏହାର ମାଲିକାନା ହାସଲ କରିବାକୁ ଚାହୁଁଥିବା ନେଇ ମସ୍କ ଗତ ୧୪ ତାରିଖରେ ଟୁଇଟ କରି ସମସ୍ତଙ୍କୁ ଚକିତ କରିଥିଲେ। ଏଥିପାଇଁ ସେ ଶେୟାର ପିଛା ୫୪.୨୦ ଡଲାର ଅଫର କରିଥିଲେ। ଏହାକୁ ଟୁଇଟର ଅଂଶଧାରୀମାନେ ବିରୋଧ କରିବା ସହ ଶେୟାରକୁ ଡିସ୍‌କାଉଣ୍ଟ ମୂଲ୍ୟରେ ଶେୟାରହୋଲ୍ଡରମାନେ କିଣିବା ନିମନ୍ତେ ‘ପଏଜନ୍ ପିଲ୍’ ନୀତି ଆଣିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମସ୍କଙ୍କୁ ଟୁଇଟର ମାଲିକାନା ହାସଲରୁ ଦୂରେଇ ରଖିବା। ଜବାବରେ ମସ୍କ ଟୁଇଟର ଶେୟାର ହୋଲ୍ଡରଙ୍କ ସମର୍ଥନ ପଞ୍ଜୀକୃତ କରିବା ନିମନ୍ତେ ଏକ ଟେଣ୍ଡର ଅଫ୍‌ର ଲଞ୍ଚ୍ କରିବେ ବୋଲି ଧମକ ଦେଇଥିଲେ। ମସ୍କ ଶେୟାର ହୋଲ୍ଡରଙ୍କ ସହ ଏକାଧିକ ଥର ବୈଠକ କରିବା ପରେ ୪୪ ବିଲିୟନ ଡଲାରରେ ଟୁଇଟରକୁ କିଣିଛନ୍ତି।

୨୦୧୩ରେ ଟୁଇଟର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଆଣିବା ପରଠାରୁ ତାହା ଏକ ପବ୍ଲିକ କମ୍ପାନୀ ହୋଇଥିଲା। ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜରେ ଟୁଇଟର ଶେୟାର ଏବେ ବି ଟ୍ରେଡିଂ କରି ହେଉଛି। କିନ୍ତୁ ମସ୍କଙ୍କ କହିବା ଅନୁସାରେ ଏହା ପ୍ରାଇଭେଟ କମ୍ପାନୀରେ ପରିଣତ ହେବା ପରେ ଟୁଇଟରର ଅଧିକ ଶେୟାର କିଣିବା ସହଜ ହୋଇ ନ ପାରେ। ଏଥିସହ ଟୁଇଟରରେ ଏଡିଟ୍ ବଟନ୍ ଆଣିବା ପାଇଁ ଦୀର୍ଘଦିନରୁ ଚର୍ଚ୍ଚା ଲାଗି ରହିଥିବାବେଳେ ୟୁଜର୍ସ ଏହି ବିକଳ୍ପ ପାଇପାରନ୍ତି। ଏଥିସହ ଟୁଇଟରରେ ‘ସୁପର ଫଲୋଅର୍ସ’ ଅପସନ୍ ମଧ୍ୟ ଆସିପାରେ। ଏହା ଜରିଆରେ ୟୁଜର୍ସ ଅର୍ଥ ଉପାର୍ଜନ କରିପାରିବେ। ପୂର୍ବରୁ ଟୁଇଟର ବହୁ ଆକାଉଣ୍ଟ ଡିଲିଟ କରିବା ସହ ଅନେକଙ୍କୁ ବ୍ୟାନ୍ କରିଛି। ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ ଦଙ୍ଗା ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟୁଇଟର ବ୍ୟାନ୍ କରିଥିଲା। ଏହାକୁ ନେଇ ଡୋର୍ସି ସେତେବେଳେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏବେ ମସ୍କଙ୍କ ହାତକୁ ଟୁଇଟର ଯିବା ପରେ ପୁଣି ଟ୍ରମ୍ପଙ୍କ ସମେତ ଅନ୍ୟ ପୁରୁଣା ଆକାଉଣ୍ଟ ପୁନଃ ସକ୍ରିୟ ହୋଇପାରେ।

### ଯୋଗସୂତ୍ରର ସେତୁ

☛ଆମେରିକୀୟ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର କେବଳ ଏକ ସୋସିଆଲ ନେଟ୍‌ୱର୍କିଂ ପ୍ଲାଟ୍‌ଫର୍ମ ନୁହେଁ ବରଂ ସାରା ବିଶ୍ୱରେ ଘଟୁଥିବା ଘଟଣାବଳୀକୁ ଏହା ମାଧ୍ୟମରେ ଜଣେ କ୍ଷଣିକରେ ଜାଣିପାରୁଛନ୍ତି। ରାଜନେତାଙ୍କଠାରୁ ଆରମ୍ଭ କରି ଅଭିନେତା ଟୁଇଟର ସମସ୍ତଙ୍କୁ ଏଥିରେ ଯୋଡ଼ିଥାଏ। ଶିକ୍ଷା, ଖବର ସହ ଦୈନନ୍ଦିନ ଘଟଣାବଳୀକୁ ଟୁଇଟର ସମସ୍ତଙ୍କ ନିକଟରେ ପହଞ୍ଚାଇପାରୁଛି। ଟୁଇଟର ଆକାଉଣ୍ଟଧାରୀ କୌଣସି ପ୍ରସଙ୍ଗରେ ୨୮୦ ଅକ୍ଷରରେ ଏକ ପୋଷ୍ଟ କରିପାରିବେ। ଏଥିରେ ରି-ଟୁଇଟ୍, ଲାଇକ୍, କମେଣ୍ଟ ବିକଳ୍ପ ରହିଛି। କେତେଜଣଙ୍କ ଆକାଉଣ୍ଟକୁ ଟୁଇଟର ଭେରିଫାଏ କରି ସ୍ୱତନ୍ତ୍ର ଭାବେ ବ୍ଲୁ ଟିକ୍ ମାର୍କ ଦେଇଥାଏ।

☛ଜ୍ୟାକ୍ ଡୋର୍ସି, ନୋହ୍ ଗ୍ଲାସ୍, ବିଜ୍ ଷ୍ଟୋନ୍ ଏବଂ ଇଭାନ୍ ୱିଲିୟମ୍ସ ୨୦୦୬ ମାର୍ଚ୍ଚରେ ଟୁଇଟର ପ୍ରତିଷ୍ଠା କରିଥିଲେ। ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ଇଭାନ୍ ୱିଲିୟମ୍ସ କମ୍ପାନୀ ସିଇଓ ରହିଥିଲେ। ୨୦୧୦ରୁ ୨୦୧୫ ପର୍ଯ୍ୟନ୍ତ ଡିକ୍ କୋଷ୍ଟୋଲୋ ସିଇଓ ଦାୟିତ୍ୱ ତୁଲାଇଥିଲେ। ୨୦୧୫ରେ ଜ୍ୟାକ୍ ଡୋର୍ସି ଟୁଇଟରକୁ ଫେରିଥିଲେ। ସେ ୨୦୨୧ ନଭେମ୍ବର ପର୍ଯ୍ୟନ୍ତ ସିଇଓ ରହିବା ପରେ ଟୁଇଟରର କାର୍ଯ୍ୟକାରିତା ଉପରେ ଅସନ୍ତୋଷ ବ୍ୟକ୍ତ କରି ପଦରୁ ଇସ୍ତଫା ଦେଇଥିଲେ।

### ଘୃଣା ବିସ୍ତାର ବୃଦ୍ଧି ଆଶଙ୍କା

ଏଲନ୍ ମସ୍କଙ୍କ ହାତକୁ ଟୁଇଟରର ମାଲିକାନା ଯିବାପରେ ମାନବାଧିକାରୀ ଗୋଷ୍ଠୀଗୁଡ଼ିକ ଏହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ମସ୍କ ନିଜକୁ ‘ଫ୍ରି ସ୍ପିଚ୍ ଆବ୍‌ସୋଲ୍ୟୁଟିଷ୍ଟ(ନିରଙ୍କୁଶବାଦୀ)’ କହି ଟୁଇଟରକୁ ଅଭିବ୍ୟକ୍ତି ସ୍ୱାଧୀନତାର ସବୁଠୁ ବଡ଼ ମଞ୍ଚ କରିବାକୁ ଗୁରୁତ୍ୱ ଦେଇଛନ୍ତି। ହ୍ୟୁମାନ ରାଇଟସ୍ ଆଡ୍‌ଭୋକେଟଙ୍କ ମତରେ, ଟୁଇଟରର ମାଲିକ ଯିଏ ବି ହୁଅନ୍ତୁ ନା କାହିଁକି, ଲୋକଙ୍କ ଅଧିକାରକୁ ସମ୍ମାନ ଦେବା ଭଳି ଦାୟିତ୍ୱ ତୁଲାଇବା କମ୍ପାନୀ ପ୍ରମୁଖ କର୍ତ୍ତବ୍ୟ। ଏହାର ପଲିସି, ଫିଚର, ଆଲ୍‌ଗୋରିଦିମ୍‌ରେ ପରିବର୍ତ୍ତନ ଅନୁପଯୁକ୍ତ ହୋଇପାରେ। ଏହା ହିଂସା ପ୍ରବର୍ତ୍ତାଇବା ସହ ସମାଜରେ କୁପ୍ରଭାବ ପାଇଁ ଦାୟୀ ମଧ୍ୟ ହୋଇପାରେ ବୋଲି ହ୍ୟୁମାନ୍ ରାଇଟ୍ସ ୱାଚ୍‌ର ଆଡ୍‌ଭୋକେଟ ଡେବୋରାହ୍ ବ୍ରାଉନ୍ କହିଛନ୍ତି। ଅଭିବ୍ୟକ୍ତିର ସ୍ୱାଧୀନତା ଏକ ସମ୍ପୂର୍ଣ୍ଣ ଅଧିକାର ନୁହେଁ। ତେଣୁ ଟୁଇଟର ଏହାର ସମ୍ବେଦନଶୀଳ ୟୁଜର୍ସଙ୍କୁ ଏହି ପ୍ଲାଟଫର୍ମରେ ସୁରକ୍ଷିତ ରଖିବା ଦିଗରେ ଅଧିକ ପ୍ରୟାସ କରିବା ଆବଶ୍ୟକ ରହିଛି। ଆମେରିକାର ଏକ ଅଣ-ଲାଭକାରୀ ସଙ୍ଗଠନ ଆମେରିକାନ୍ ସିଭିଲ୍ ଲିବର୍ଟିଜ୍ ୟୁନିୟନ (ଏସିଏଲ୍‌ୟୁ)ର ସଦସ୍ୟ ମଧ୍ୟ। ତେଣୁ ଜଣଙ୍କ ହାତରେ ଏତେଗୁଡ଼ିଏ କ୍ଷମତା ରହିବା ବିପଜ୍ଜନକ ବୋଲି ଏସିଏଲ୍‌ୟୁର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଣ୍ଟୋନି ରୋମେରୋ କହିଛନ୍ତି। ସେହିପରି ମସ୍କ ଟୁଇଟର ନୀତି ଓ ପରିଚାଳନାରେ କୌଣସି ପରିବର୍ତ୍ତନକୁ ନେଇ ଆମନେଷ୍ଟି ଇଣ୍ଟରନ୍ୟାଶନାଲ ମଧ୍ୟ ଚିନ୍ତା ବ୍ୟକ୍ତ କରିଛି।

### ଟୁଇଟର ଛାଡ଼ିଲେ ଜାମିଲା



ଟେସ୍‌ଲା ମାଲିକ ଏଲନ ମସ୍କ ଟୁଇଟର କିଣିବା ପରେ ଇଂଲିଶ ଅଭିନେତ୍ରୀ ତଥା ସାମାଜିକ କର୍ମୀ ଜାମିଲା ଜାମିଲ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ଛାଡ଼ିଛନ୍ତି। ମସ୍କଙ୍କ ହାତକୁ ଟୁଇଟର ଯିବା ପରେ ଏହାର ଭବିଷ୍ୟତକୁ ନେଇ ଜାମିଲା ଚିନ୍ତା ବ୍ୟକ୍ତ କରିଛନ୍ତି। କେତେକ ଫଟୋ ଶେୟାର କରି ଜାମିଲା ଏକ ଟୁଇଟ୍‌ରେ ଲେଖିଛନ୍ତି, ‘ଟୁଇଟର ଏବେ ତାଙ୍କୁ ମିଳିଗଲା। ମୁଁ ଚାହୁଁଛି ଏହା ମୋର ଶେଷ ଟୁଇଟ୍ ହେଉ। ସ୍ୱାଧୀନ ଅଭିବ୍ୟକ୍ତି ବିଡ୍ ଏହି ପ୍ଲାଟ୍‌ଫର୍ମକୁ ନର୍କ କରିଦେଇପାରେ ବୋଲି ଭୟ ରହିଛି। ଏହା ଟୁଇଟରକୁ ଘୃଣା, କୁସଂସ୍କାର ଏବଂ ମହିଳାବିରୋଧୀ କରିଦେବ’।

### ବିଦା ହେଲେ ୪୨ ମିଲିୟନ ଡଲାର ପାଇବେ ପରାଗ

**ୱାଶିଂଟନ୍, ୨୬।୪**



ଏଲନ ମସ୍କଙ୍କ ଟୁଇଟର ଡିଲ୍ ପରେ ସିଇଓ ପରାଗ ଅଗ୍ରୱାଲ ଦାୟିତ୍ୱରେ ରହିବେ କି ନାହିଁ ସେ ନେଇ ଚର୍ଚ୍ଚା ଲାଗି ରହିଛି। ଯଦି ଆସନ୍ତା ୧୨ ମାସ ମଧ୍ୟରେ ପରାଗଙ୍କ ସିଇଓ ପଦ ଯାଏ ତେବେ ସେ ପ୍ରାୟ ୪୨ ମିଲିୟନ ଡଲାର ପାଇବେ ବୋଲି ରିସର୍ଚ୍ଚ ଫାର୍ମ ଇକ୍ୱିଲାର ପକ୍ଷରୁ କୁହାଯାଇଛି। ପରାଗଙ୍କ ବର୍ଷକର ଦରମା ଏବଂ ତାଙ୍କ ପାଖରେ ଥିବା ଶେୟାର ମୂଲ୍ୟ ବାବଦକୁ ସେ ଏହି ଅର୍ଥ ପାଇବେ ବୋଲି ଇକ୍ୱିଲାର ମୁଖପାତ୍ର କହିଛନ୍ତି। ତେବେ ଏହା ଉପରେ ଟୁଇଟର ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

### ଟୁଇଟର ସ୍ୱପ୍ନ ପୂରଣ କରିପାରିବେ ମସ୍କ



ଏଲନ୍ ମସ୍କ ଟୁଇଟର କିଣିବା ପରେ ଏହାର ପୂର୍ବତନ ସିଇଓ ଜ୍ୟାକ ଡୋର୍ସି ଖୁସି ବ୍ୟକ୍ତ କରିଛନ୍ତି। ମସ୍କ ହିଁ କମ୍ପାନୀର ସ୍ୱପ୍ନ ପୂରଣ କରିପାରିବେ ବୋଲି ଡୋର୍ସି କହିଛନ୍ତି। ମସ୍କଙ୍କ ମିଶନ ଉପରେ ସମ୍ପୂର୍ଣ୍ଣ ଭରସା ରହିଛି। ଟୁଇଟରକୁ ୱାଲ ଷ୍ଟ୍ରିଟ୍ ଓ ଆଡ୍ ମଡେଲ ଅକ୍ତିଆର କରିଥିଲେ। ୱାଲ୍ ଷ୍ଟ୍ରିଟ୍ ହାତରୁ ଟୁଇଟରକୁ ଫେରାଇନେବା ଉପଯୁକ୍ତ ପଦକ୍ଷେପ। ଏକ ପ୍ଲାଟଫର୍ମକୁ ବିଶ୍ୱାସଯୋଗ୍ୟ କରିବା ମସ୍କଙ୍କ ଲକ୍ଷ୍ୟ। ସିଇଓ ପରାଗ ଅଗ୍ରୱାଲଙ୍କ ମଧ୍ୟ ସମାନ ଲକ୍ଷ୍ୟ ରହିଥିବା ଡୋର୍ସି କହିଛନ୍ତି। ଉଭୟେ କମ୍ପାନୀକୁ ଏକ କଷ୍ଟକର ସ୍ଥିତିରେ ସମ୍ଭାଳିବାଥିବାରୁ ଧନ୍ୟବାଦ ବୋଲି ଡୋର୍ସି ଏକାଧିକ ଟୁଇଟ କରିଛନ୍ତି।

---




ଦିଲ୍ଲୀ ଓ ପଞ୍ଜାବ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଲାଗି ନୂଆଦିଲ୍ଲୀରେ ମଙ୍ଗଳବାର ଚୁକ୍ତିନାମା ସ୍ୱାକ୍ଷର ପରେ ଦୁଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଭଗୱନ୍ତ ମାନ୍ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଉଛନ୍ତି।

### ସିଏଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ସୀମିତ ଆଇନ

#### ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟ

**ନୂଆଦିଲ୍ଲୀ,୨୬।୪**

ନାଗରିକତ୍ୱ (ସଂଶୋଧନ) ଆଇନ (ସିଏଏ) ଏକ ସୀମିତ ତଥା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ଲାଗି ଉଦ୍ଦିଷ୍ଟ ଆଇନ। ଏହା ଏକ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ଦ୍ଦିଷ୍ଟ ଦେଶରୁ ଆସିଥିବା ନିର୍ଦ୍ଧାରିତ ସମ୍ପ୍ରଦାୟଙ୍କ କୋହଳ ପ୍ରଦାନ ଲାଗି ଉଦ୍ଦିଷ୍ଟ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରେ କୁହାଯାଇଛି। ୨୦୧୯ରେ ଏହି ଆଇନ ପ୍ରଣୟନ ହୋଇଥିଲେ ହେଁ ବିଭିନ୍ନ ରାଜ୍ୟରେ ବିରୋଧ ଯୋଗୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ବିଭିନ୍ନ ସ୍ଥାନରେ ସିଏଏ ବିରୋଧୀ ଆନ୍ଦୋଳନରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ମୁସଲମାନଙ୍କୁ ବାଦ୍ ଦେଇ ଅନ୍ୟ ଧର୍ମାବଲମ୍ବୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବା ସମ୍ବିଧାନର ଉଲ୍ଲଂଘନ ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଏହା ଉପରେ ସ୍ପଷ୍ଟୀକରଣ ଦିଆଯାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପଡୋଶୀ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶରେ ଉତ୍ପୀଡ଼ନର ଶିକାର ହୋଇଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଏହି ଆଇନର ଉଦ୍ଦେଶ୍ୟ। ଏହା ଭାରତୀୟ ନାଗରିକଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ। ତେଣୁ ଉକ୍ତ ଆଇନ କୌଣସିମତେ ଅଧିକାରରୁ ବଞ୍ଚିତ ହେବେ ନାହିଁ। ଏହା ବ୍ୟତୀତ କୌଣସି ବିଦେଶୀ ଭାରତୀୟ ନାଗରିକତ୍ୱ ଗ୍ରହଣ ଲାଗି ନାଗରିକତ୍ୱ ଆଇନ, ୧୯୫୫ରେ ରହିଥିବା ବ୍ୟବସ୍ଥାକୁ ସିଏଏ ପ୍ରଭାବିତ କରିବ ନାହିଁ ବୋଲି ରିପୋର୍ଟରେ କୁହାଯାଇଛି।

### ୨ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୨୬।୪:** ଜମ୍ମୁକଶ୍ମୀର ବାରମୁଲା ଜିଲା ହାଞ୍ଜିବୀରରୁ ୨ଜଣ ଜୈଶ-ଇ-ମହମ୍ମଦ ଆତଙ୍କବାଦୀଙ୍କୁ ଗିରଫ ହୋଇଛନ୍ତି। ଘଟଣାସ୍ଥଳରୁ ଦୁଇଟି ଚାଇନିଜ୍ ଗ୍ରେନେଡ୍, ୨ଟି ପିସ୍ତଲ ସୁରକ୍ଷାକର୍ମୀ ଜବତ କରିଛନ୍ତି। ଗିରଫ ହୋଇଥିବା ଦୁଇ ଆତଙ୍କବାଦୀ ହେଲେ ଆକିବ୍ ମହମ୍ମଦ ମିର ଏବଂ ଦାନିଶ ଅହଦ ଡାର।

### କଂଗ୍ରେସରୁ ଜାଖରଙ୍କୁ ନିଲମ୍ବନ ଲାଗି ସୁପାରିସ

**ନୂଆଦିଲ୍ଲୀ,୨୬।୪**

ପଞ୍ଜାବ କଂଗ୍ରେସର ବରିଷ୍ଠ ନେତା ସୁନୀଲ ଜାଖରଙ୍କୁ ୨ ବର୍ଷ ପାଇଁ ଦଳରୁ ନିଲମ୍ବନ କରିବାକୁ ଏ.କେ. ଆଣ୍ଟୋନିଙ୍କ ଅଧ୍ୟକ୍ଷତାରେ ଗଠିତ ଶୃଙ୍ଖଳାଗତ କମିଟି ମଙ୍ଗଳବାର ସୁପାରିସ କରିଛି। ଏହା ବ୍ୟତୀତ କେରଳର ବରିଷ୍ଠ ନେତା କେ.ଭି. ଥୋମାସଙ୍କୁ ସମସ୍ତ ପଦବୀରୁ ବାଦ୍ ଦେବା ଲାଗି ସୁପାରିସ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏହା ଉପରେ ନିଷ୍ପତ୍ତି ନେବେ। ଜାଖର କେତେକ ଦଳବିରୋଧୀ ମନ୍ତବ୍ୟ ଦେଇଥିବା ନେଇ ଏଆଇସିସିର ପଞ୍ଜାବ ଦାୟିତ୍ୱରେ ଥିବା ହରିଶ ଚୌଧରୀ ସୋନିଆଙ୍କୁ ଜଣାଇବା ପରେ ସେ ଉକ୍ତ ପତ୍ର ଉପରେ ବିଚାର ଲାଗି ଶୃଙ୍ଖଳାଗତ କମିଟିକୁ ପଠାଇଥିଲେ। ସେହିପରି ମେଘାଳୟରେ ଦଳୀୟ ନିର୍ଦ୍ଦେଶର ଅବମାନନା କରି ଶାସକ ମେଘାଳୟ ଗଣତାନ୍ତ୍ରିକ ମେଣ୍ଟକୁ ସମର୍ଥନ ଜଣାଇଥିବା ୫ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ କରିବା ଲାଗି ମଧ୍ୟ କମିଟି ସୁପାରିସ କରିଛି।



### ୬୪ ହଜାର କଶ୍ମୀର ପଣ୍ଡିତ ପଳାୟନ କରିଥିଲେ

**ନୂଆଦିଲ୍ଲୀ,୨୬।୪**

ପାକିସ୍ତାନୀ ଆତଙ୍କବାଦୀଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ୯୦ ଦଶକରେ ୬୪,୮୨୭ କଶ୍ମୀର ପଣ୍ଡିତ କଶ୍ମୀର ଛାଡ଼ି ଜମ୍ମୁ ପଳାୟନ କରିଥିବା ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ୨୦୨୦-୨୧ ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ୧୯୯୦ରୁ ୨୦୨୦ ଭିତରେ ୧୪,୦୯୧ ସାଧାରଣ ଲୋକ ଏବଂ ୫,୩୫୬ ସୁରକ୍ଷାକର୍ମୀ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। କଶ୍ମୀର ପଣ୍ଡିତଙ୍କୁ ଛାଡ଼ି ଶିଖ୍ ଏବଂ ମୁସଲମାନ ସମ୍ପ୍ରଦାୟର ଅନେକ ଲୋକ କଶ୍ମୀର ଛାଡ଼ି ଜମ୍ମୁରେ ଆଶ୍ରୟ ନେଇଥିବା ମନ୍ତ୍ରଣାଳୟ କହିଛି। ବର୍ତ୍ତମାନ ସୁଦ୍ଧା ୪୩,୬୧୮ ପଞ୍ଜୀକୃତ ଶରଣାର୍ଥୀ ଜମ୍ମୁରେ ରହୁଥିବାବେଳେ ୧୯,୩୩୮ ପରିବାର ରାଜଧାନୀ ଦିଲ୍ଲୀ ଏବଂ ୧,୯୯୫ ଭାରତର ଅନ୍ୟ ରାଜ୍ୟଗୁଡ଼ିକରେ ବସବାସ କରୁଥିବା ପ୍ରକାଶିତ ରିପୋର୍ଟରେ କୁହାଯାଇଛି। କଶ୍ମୀର ଶରଣାର୍ଥୀଙ୍କ ହିତ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପକ୍ଷରୁ ୬ ହଜାର ଲୋକଙ୍କୁ ଚାକିରି ସୁବିଧା ଯୋଗାଇଦିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଘୃଣିତ ମନ୍ତବ୍ୟ ପାଇଁ ଦାୟୀ ରହିବେ ମୁଖ୍ୟ ସଚିବ

#### ଧର୍ମ ସଂସଦକୁ ନେଇ ଉତ୍ତରାଖଣ୍ଡ ସରକାରଙ୍କୁ ଚେତାବନୀ

**ନୂଆଦିଲ୍ଲୀ,୨୬।୪(ପି.ଟି.)**



ରୁର୍‌କୀରେ ବୁଧବାର ହେବାକୁ ଥିବା ଧର୍ମ ସଂସଦରେ ପ୍ରତିକୂଳ ମନ୍ତବ୍ୟ ଦିଆଯିବ ନାହିଁ ବୋଲି ଲିଖିତ ଭାବେ ଜଣାଇବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ଉତ୍ତରାଖଣ୍ଡ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧର୍ମ ସଂସଦରେ ଘୃଣିତ ମନ୍ତବ୍ୟ ଦିଆଗଲେ ଏଥିପାଇଁ ଶୀର୍ଷ ପ୍ରଶାସନିକ ଅଧିକାରୀମାନଙ୍କୁ ଦାୟୀ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ଆଗାମୀ ଧର୍ମ ସଂସଦରେ କୌଣସି ପ୍ରତିକୂଳ ମନ୍ତବ୍ୟ ଦିଆଯିବ ନାହିଁ ବୋଲି କର୍ତ୍ତୃପକ୍ଷ ନିଶ୍ଚିତ ଥିବା ଉତ୍ତରାଖଣ୍ଡ ସରକାର ଜଷ୍ଟିସ ଏ.ଏମ୍. ଖାନୱିଲ୍‌କରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ। କୋର୍ଟର ନିଷ୍ପତ୍ତି କ୍ରମେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଯଦି ପ୍ରତିକାରମୂଳକ ପଦକ୍ଷେପ ନେବାରେ ରାଜ୍ୟ ବିଫଳ ହୁଏ ତେବେ ମୁଖ୍ୟ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି କୁହାଯିବ ବୋଲି ଖଣ୍ଡପୀଠ ସରକାରଙ୍କୁ କହିଥିଲେ। ଯଦି ଧର୍ମ ସଂସଦରେ କୌଣସି ବକ୍ତା ଘୃଣିତ ମନ୍ତବ୍ୟ ଦିଅନ୍ତି, ସେଥିପାଇଁ ମୁଖ୍ୟ ଶାସନ ସଚିବ, ଗୃହ ସଚିବ ଏବଂ ସମ୍ପୃକ୍ତ ଆଇଜିଙ୍କୁ ଦାୟୀ କରାଯିବ ବୋଲି ଖଣ୍ଡପୀଠ କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୦୨,୭୦,୮୦୧ | ୬୨,୪୬,୩୫୫ | ୪୬,୩୫,୧୦,୮୮୧ |
| ଭାରତ | ୪,୩୦,୬୨,୦୯୭ | ୫,୨୨,୨୨୩ | ୪,୨୫,୨୩,୩୧୧ |
| ଓଡ଼ିଶା | ୧୨,୮୮,୦୦୭ | ୯୧୨୪(+୫୩) | ୧୨,୭୮,୭୫୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




ନୂଆଦିଲ୍ଲୀରେ ମଙ୍ଗଳବାର 'ଆଜାଦୀ କୀ ଅମୃତ କାହାନିୟାଁ' ସଂକ୍ଷିପ୍ତ ଭିଡିଓ ସଂକଳନ ଶୁଭାରମ୍ଭ ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଦୁଇଥର ଏଭରେଷ୍ଟ ଆରୋହଣ କରିଥିବା ପ୍ରଥମ ମହିଳା ପର୍ବତାରୋହୀ ଅଂଶୁ ଜମସେନ୍‌ପାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବଢୁଛି ଅଲ୍‌ଟ୍ରାଭାଓଲେଟ ବିପଦ

- ମଧ୍ୟାହ୍ନରେ ପଦାକୁ ନ ଯିବାକୁ ପରାମର୍ଶ
- ବୌଦ୍ଧରେ ସର୍ବାଧିକ ୪୪.୫ ଡିଗ୍ରୀ
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ରାଜ୍ୟରେ ବେଳକୁ ବେଳ ତାତି ବଢ଼ିବାରେ ଲାଗିଛି। ସୂର୍ଯ୍ୟଙ୍କ ପ୍ରଖର କିରଣ ଅସହ୍ୟ ହେଉଛି। ପରିବେଶ ପ୍ରଦୂଷଣ ଏବଂ ସବୁଜ ବଳୟ ନଷ୍ଟ ଗ୍ରୀଷ୍ମର ପ୍ରକୋପକୁ ଆହୁରି ବଢ଼ାଇ ଦେଇଛି। ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଯୋଗୁ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସୂର୍ଯ୍ୟଙ୍କ ଅଲଟ୍ରାଭାଓଲେଟ ରଶ୍ମି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଛି। ପରିବେଶ ନଷ୍ଟ ହେବା ଯୋଗୁ ବାୟୁମଣ୍ଡଳର ଷ୍ଟ୍ରାଟୋସ୍ପିୟରରେ ଥିବା ଓଜୋନସ୍ତର ଦୁର୍ବଳ ହେବାରେ ଲାଗିଛି। ସୂର୍ଯ୍ୟଙ୍କଠାରୁ ଆସୁଥିବା ୦.୪ ମାଇକ୍ରନ ଅଲଟ୍ରାଭାଓଲେଟ ରଶ୍ମି ଷ୍ଟ୍ରାଟୋସ୍ପିୟରରେ ଥିବା ଓଜୋନସ୍ତରକୁ ଭେଦ କରି ମଧ୍ୟାହ୍ନରେ ଭୂପୃଷ୍ଠକୁ ଆସୁଛି। ଏପ୍ରିଲରୁ ଜୁନ୍ ମଧ୍ୟରେ ଅଲଟ୍ରାଭାଓଲେଟ ରଶ୍ମି ଭୂପୃଷ୍ଠକୁ ଆସିଥାଏ ବୋଲି ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥା ପକ୍ଷରୁ କୁହାଯାଇଛି। ବିଶେଷକରି ଏହି ସମୟରେ ସେହି ରଶ୍ମି ଦେହରେ ପଡ଼ିଲେ ଚର୍ମ କର୍କଟ ହେବା ସହ ବିଭିନ୍ନ ଚର୍ମ ରୋଗ ହେବାର ଆଶଙ୍କା ରହିଛି। ତେଣୁ ଦିନ ୧୨ଟାରୁ ୨ଟା ମଧ୍ୟରେ ପଦାରେ ନ ବୁଲିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଏଥିରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଗତ କିଛିଦିନ ହେବ ଜାରି ରହିଥିବା ପ୍ରଚଣ୍ଡ ଖରା ଏବଂ ଝାଞ୍ଜିପବନ ଦେହ ମୁଣ୍ଡକୁ ପୋଡ଼ି ପକାଉଛି। ଉପକୂଳରେ ତାତି ସାଙ୍ଗକୁ ଗୁଳୁଗୁଳି ଅସହ୍ୟ କରୁଛି। ଆସନ୍ତା ୪/୫ ଦିନ ତାତି ଆହୁରି ଅସହ୍ୟ ହେବ। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପାରଦ ୧ରୁ ୨ ଡିଗ୍ରୀ



ବଢ଼ିବା ସମ୍ଭାବନା ରହିଛି। ଏପରିକି କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀକୁ ମଧ୍ୟ ଛୁଇଁପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମଙ୍ଗଳବାର ରାଜ୍ୟର ୨୪ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରହିଛି। ସେଥିରୁ ୧୪ଟି ସ୍ଥାନରେ ପାରଦ ୪୨ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ୯ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବୌଦ୍ଧରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୩.୯, ସୋନପୁର ୪୩.୬, ଅନୁଗୋଳ ୪୩.୧, ବାରିପଦା ୪୩.୮, ସମ୍ବଲପୁର ୪୩.୧, ସୁନ୍ଦରଗଡ଼ ୪୩, ବଲାଙ୍ଗୀର ୪୩.୮, ଟିଟିଲାଗଡ଼ ୪୩.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ସର୍ବୋଚ୍ଚ ତାପମାତ୍ରା ୪୧.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୪୨.୩, ଭବାନୀପାଟଣା ୪୨, ରାୟଗଡ଼ା ୪୦.୧, ଭଦ୍ରକ ୪୧, ଯାଜପୁର ୪୧, ଢେଙ୍କାନାଳ ୪୦.୬, ଦେବଗଡ଼ ୪୨.୮, ବରଗଡ଼ ୪୨, ନୂଆପଡ଼ା ୪୧, ଖୋର୍ଦ୍ଧା ୪୨, ନୟାଗଡ଼ ୪୧ ଏବଂ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୪୧.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତାତି ଆହୁରି ସିଝେଇବ। ୨୭ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଅନୁଗୋଳ, ଦେବଗଡ଼ ଏବଂ ବଲାଙ୍ଗୀରରେ ଗ୍ରୀଷ୍ମ ପ୍ରବାହ ହେବ। ସେହିପରି ୨୮ ଓ ୨୯ ତାରିଖରେ ସମ୍ବଲପୁର, ସୋନପୁର, ବୌଦ୍ଧ ଏବଂ ଝାରସୁଗୁଡ଼ାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ୩୦ ତାରିଖରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ାରେ ପ୍ରବଳ ଗ୍ରୀଷ୍ମ ଲହରି ହେବ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏ ସମସ୍ତ ଜିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୩ କେଜି ସୁନା, ୨ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ଗୁଣପୁର,୨୬।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସହର କନ୍ୟକା ପରମେଶ୍ୱର ମନ୍ଦିର ସମ୍ମୁଖ ଏସ୍.ଏସ୍. ଜୁଏଲେରି ଦୋକାନ ମାଲିକ ଏସ୍.ବାବା ପ୍ରସାଦଙ୍କଠାରୁ ଦୁର୍ବୃତ୍ତମାନେ ୩ କେ.ଜି. ସୁନା ସହ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୂଚନାନୁଯାୟୀ, ବାବା ପ୍ରସାଦ ମଙ୍ଗଳବାର ସକାଳେ ଦୋକାନ ଖୋଲିବାକୁ ଆସିଥିଲେ। ଗାଡ଼ିରେ ଏକ ବ୍ୟାଗ୍‌ରେ ୩ କେଜି ସୁନା ସହ ୨ ଲକ୍ଷ ଟଙ୍କା ରଖି ଦୋକାନ ଖୋଲୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଆସି ଗାଡ଼ିରେ ଥିବା ବ୍ୟାଗ୍ ଝାମ୍ପି ନେଇ ସହଯୋଗୀଙ୍କ ସହ ବାଇକ୍‌ରେ ଚମ୍ପଟ୍ ମାରିଥିଲେ। ଏହି ଘଟଣା ସବୁ ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଖବରପାଇ ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସିସିଟିଭି ଫୁଟେଜକୁ ଆଧାରରେ ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି। ପୋଲିସ କେସ୍ ନଂ. ୮୭/୨୨ରେ ମାମଲା ରୁଜୁ କରିଛି।

# ଖାଦ୍ୟ ବିଷାକ୍ତ: ଭଉଣୀ, ଭାଇ ମୃତ

**ଗଞ୍ଜାମ,୨୬।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ହୁମା ଫାଣ୍ଡି ଅନ୍ତର୍ଗତ ଗଡ଼ହୁମା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଖାଦ୍ୟ ବିଷାକ୍ତ ହୋଇଯିବାରୁ ଭଉଣୀ ଭାଇ କିଛି ସମୟ ବ୍ୟବଧାନରେ ଆଖିବୁଜି ଦେଇଛନ୍ତି। ସେମାନେ ହେଲେ ଗଡ଼ହୁମା ଗ୍ରାମ ରାମକୃଷ୍ଣ ମହାରଣାଙ୍କ ଝିଅ ପ୍ରିୟାଂଶୀ(୫) ଓ ପୁଅ ରୁଦ୍ର(୨)। ଶିଶୁ ଦ୍ୱୟଙ୍କ ମୃତ୍ୟୁ ପରେ ମା' କୋଳଶୂନ୍ୟ ହୋଇଯାଇଛନ୍ତି। ଏତେବଡ଼ ଘଟଣାକୁ ସହି ନ ପାରି ସେ ଅସୁସ୍ଥ ହୋଇପଡ଼ିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ରାମକୃଷ୍ଣ ସୈନ୍ୟବାହିନୀରେ ଚାକିରି କରୁଥିବାରୁ ଗୁଜରାଟରେ ରୁହନ୍ତି। ସ୍ତ୍ରୀ ସୁନିତା ଝିଅପୁଅଙ୍କୁ ନେଇ ଘରେ ରହୁଥିଲେ। ସୋମବାର ସକାଳେ ଶିଶୁ ଦ୍ୱୟ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ଗଞ୍ଜାମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସୁସ୍ଥ ହୋଇ ସେମାନେ ଘରକୁ ଫେରିଥିଲେ। ପୁଣି ସେଦିନ ରାତିରେ ଶିଶୁମାନେ ଭାତ ନ ଖାଇ କ୍ଷୀର ପିଇ ଶୋଇ ପଡ଼ିଥିଲେ। ମଙ୍ଗଳବାର ସକାଳ ୫ଟାରେ ଉଠିବା ପରେ ଉଭୟ ଭଉଣୀ ଭାଇଙ୍କର ବାନ୍ତି ହୋଇଥିଲା। ସଙ୍ଗେ ସଙ୍ଗେ ସେମାନଙ୍କୁ ପରିବାର ଲୋକେ ଗଞ୍ଜାମ ମେଡିକାଲ ନେଇଥିଲେ। ରାସ୍ତାରେ ପୁଅ ରୁଦ୍ର ଆଖି ବୁଜିଥିବା ବେଳେ କିଛି ସମୟ ପରେ ଝିଅ ପ୍ରିୟାଂଶୀର ମଧ୍ୟ ମୃତ୍ୟୁ ଘଟିଥିବା ଶିଶୁଙ୍କ ଜେଜେବାପା ଗୋବିନ୍ଦ କହିଛନ୍ତି। ତେବେ ଖାଦ୍ୟ ବିଷାକ୍ତ ହେବାରୁ ଶିଶୁଙ୍କ ମୃତ୍ୟୁ ହୋଇଥିବା ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ବନୋଜ କାନ୍ତ କର ସୂଚନା ଦେଇଛନ୍ତି। ଶିଶୁ ଦ୍ୱୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ହୁମ୍ମା ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀ କହିଛନ୍ତି। ହୁମା ପୋଲିସ ସହ ରମ୍ଭା ଥାନାଧିକାରୀ ଦୀପ୍ତି ରଞ୍ଜନ ବେହେରା ଉକ୍ତ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

# ଏମ୍‌ପି କୋଟାରେ ନାମଲେଖା ରଦ୍ଦ

- କେନ୍ଦ୍ରୀୟ ବିଦ୍ୟାଳୟ ନାମଲେଖା ନିୟମରେ ପରିବର୍ତ୍ତନ
- ଏବେ ମାଗଣାରେ ପଢ଼ିବେ କୋଭିଡ୍ ଅନାଥ ପିଲା

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ନିୟମରେ କେନ୍ଦ୍ର ସରକାର ବଡ଼ ପରିବର୍ତ୍ତନ କରିଛନ୍ତି। ଏଣିକି ଏମ୍‌ପି କୋଟାରେ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ହୋଇପାରିବ ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ପୂର୍ବରୁ ଚାଲି ଆସୁଥିବା ଏମ୍‌ପି କୋଟାରେ ନାମଲେଖା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରାଯାଇଛି। ପୂର୍ବରୁ ଜଣେ ଏମ୍‌ପି ପ୍ରତିବର୍ଷ ଦୁଇଜଣ ପିଲାକୁ ନାମଲେଖା ପାଇଁ ସୁପାରିସ କରିପାରୁଥିଲେ। ୨୦୧୧ରେ ଏହି ସଂଖ୍ୟା ୫କୁ ବଢ଼ିଥିବାବେଳେ ୨୦୧୨ରେ ୬ ଏବଂ ୨୦୧୬ ଠାରୁ ଏହା ୧୦କୁ ବୃଦ୍ଧି ପାଇଥିଲା। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଆସୁଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ (କେଭିଏସ୍) ବିନା ପରୀକ୍ଷାରେ ସିଧାସଳଖ ନାମଲେଖା ପାଇଁ ନୂତନ ନିୟମ ଜାରି କରିଛି। ଏବେ ବିଭିନ୍ନ ବର୍ଗର ପିଲା ପ୍ରବେଶିକା ପରୀକ୍ଷା ବିନା ସିଧାସଳଖ ନାମ ଲେଖାଇପାରିବେ। ନିୟମାନୁସାରେ, କରୋନା କାରଣରୁ ଯେଉଁ ପିଲାମାନଙ୍କ ଉଭୟ ମାତାପିତାଙ୍କ ମୃତ୍ୟୁ ଘଟିଛି, କେନ୍ଦ୍ରୀୟ ବିଦ୍ୟାଳୟରେ ସେହି ପିଲାମାନଙ୍କ ନାମଲେଖା ଜିଲାପାଳଙ୍କ ସୁପାରିସ କ୍ରମେ କରାଯିବ ଏବଂ ନାମଲେଖା ପାଇଁ ଏହି ପିଲାଙ୍କଠାରୁ କୌଣସି ଫି' ଆଦାୟ କରାଯିବ ନାହିଁ। ଜିଲାପାଳ ପ୍ରତିବର୍ଷ କେନ୍ଦ୍ରୀୟ ବିଦ୍ୟାଳୟରେ ଏହି ବର୍ଗର ସର୍ବାଧିକ ୧୦ଜଣ ପିଲାଙ୍କୁ ନାମଲେଖା ପାଇଁ ସୁପାରିସ କରିପାରିବେ। ଏହା ସହିତ ଗୋଟିଏ ଶ୍ରେଣୀ ପାଇଁ ସର୍ବାଧିକ ୨ଜଣ ପିଲାଙ୍କୁ ସୁପାରିସ କରାଯାଇପାରିବ। କୋଭିଡ୍ ଅନାଥ କୋଟାରେ ନାମଲେଖା କରିଥିବା ପିଲାମାନେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ପଢ଼ିପାରିବେ। ପିଲାମାନଙ୍କ କମ୍ପ୍ୟୁଟର ଫଣ୍ଡ, ଟ୍ୟୁଶନ୍ ଫି' ସବୁକିଛି ଛାଡ଼ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପିଲାମାନେ ମଧ୍ୟ କୌଣସି ପରୀକ୍ଷା ବିନା ଏହି ବିଦ୍ୟାଳୟରେ ନାମ ଲେଖାଇପାରିବେ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଅନୁଯାୟୀ, ଯଦି କୌଣସି କେନ୍ଦ୍ରୀୟ କର୍ମଚାରୀଙ୍କ ଚାକିରି ସମୟରେ ମୃତ୍ୟୁ ହୋଇଯାଉଛି ସେମାନଙ୍କ ପିଲାମାନେ ମଧ୍ୟ ସିଧାସଳଖ ନାମ ଲେଖାଇପାରିବେ। ଯେଉଁ ଯବାନମାନେ ପରମବୀର ଚକ୍ର, ମହାବୀର ଚକ୍ର, ବୀର ଚକ୍ର, ଅଶୋକ ଚକ୍ର, କୀର୍ତ୍ତିଚକ୍ର, ଶୌର୍ଯ୍ୟ ଚକ୍ର, ସେନା ପଦକ, ନୌସେନା ପଦକ କିମ୍ବା ବାୟୁସେନା ପଦକ ପାଇଥିବେ ସେମାନଙ୍କ ପିଲାମାନେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟରେ ସିଧାସଳଖ ନାମଲେଖା ପାଇଁ ସୁଯୋଗ ପାଇବେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ସାଇସୌମ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଷା କଲେ ବେଳ ବୁଡ଼,**
**ଘର କଲେ ଭାଙ୍ଗେ ହାଡ଼।**

ଓଷା କରିବା ଲୋକ ଦିନତମାମ ନ ଖାଇ ନ ପିଇ ଆଉଟୁ ପାଉଟୁ ହେଉଥାଏ। ଠିକ୍ ସେହିପରି ଘର ତିଆରି କରିବାରେ କାମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶରୀର ଏବଂ ମନକୁ ଅଶେଷ ଯନ୍ତ୍ରଣା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓର ଉଣ୍ଡି ମାରିବ ହାତ,**
**ରଖିଲେ ରଖିବେ ଜଗନ୍ନାଥ।**

ଚୋରଙ୍କର ଚୋରି କରିବା ପାଇଁ ଭାଳେଣି। ସାଧାରଣତଃ ଚୋର ଚୋରି କଲାବେଳେ ଯେପରି ଅନ୍ୟ ହାତରେ ଧରା ପଡ଼ି ନ ଯାଏ ସେନେଇ ସେ ସଦାସର୍ବଦା ସତର୍କତା ଅବଲମ୍ବନ କରିଥାଏ। ଏପରିସ୍ଥଳେ ବେଳକାଳ ଦେଖି ସୁଯୋଗ ଉଣ୍ଡି ଚୋରି କରିବାକୁ ଉଦ୍ୟମ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପଦଯାତ୍ରାକୁ ଅନୁମତି ଦେଲାନି ପ୍ରଶାସନ

■ **ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବେ ଅପରାଜିତା**
■ **ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଉଛି**



ପୁରୀ ଅଫିସ,୨୬।୪

ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ ଓ ଶହେ ମିଟର ପରିଧି ମଧ୍ୟରେ ବ୍ୟାପକ ଖନନକୁ ବିରୋଧ କରି ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁରୀ ବଡ଼ଦାଣ୍ଡରେ ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନ ନେତୃତ୍ୱରେ ହେବାକୁ ଥିବା ପଦଯାତ୍ରାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ପ୍ରସ୍ତାବିତ ପଦଯାତ୍ରାକୁ ଅନୁମତି ଦେଇନାହାନ୍ତି। ଆଇନଶୃଙ୍ଖଳା ଦ୍ୱାହି ଦେଇ ଜିଲାପାଳ ପ୍ରସ୍ତାବକୁ ନାମଞ୍ଜୁର କରିଥିବା ସୂଚନା ମିଳିଛି। ଏ ନେଇ ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନର ଆବାହକ ବିନୟ ନୃସିଂହ ମହାପାତ୍ର କହିଛନ୍ତି, ପଦଯାତ୍ରା ପାଇଁ ପ୍ରଶାସନକୁ ଅନୁମତି ମଗାଯାଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଅନୁମତି ମିଳିନାହିଁ। ଏଣୁ ପଦଯାତ୍ରାରେ ଯୋଗଦେବାକୁ ଥିବା ଜଗନ୍ନାଥ ପ୍ରେମୀମାନଙ୍କୁ ଅନୁରୋଧ ସେମାନେ ପଦଯାତ୍ରା ଉଦ୍ଦେଶ୍ୟରେ ବୁଧବାର ଶ୍ରୀକ୍ଷେତ୍ର ଆସନ୍ତୁ ନାହିଁ। ପଦଯାତ୍ରା କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉଛି। ଏନେଇ ବୈଠକ କରି ଆଗାମୀ ସମୟରେ କେବେ ପଦଯାତ୍ରା କରାଯିବ ସେନେଇ ନିଷ୍ପତ୍ତି ନିଆଯିବ। ପ୍ରଶାସନଠାରୁ ଅନୁମତି ମିଳିବା ପରେ ପଦଯାତ୍ରା କରାଯିବ।

ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ମଧ୍ୟ ପଦଯାତ୍ରା କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇଥିଲା। ଏହାସହ ଅନେକ ଭକ୍ତ ଓ ଜଗନ୍ନାଥ ପ୍ରେମୀମାନେ ନିଜ ଆଡୁ ଏହି ପଦଯାତ୍ରାରେ ଆମ ସହ ଯୋଡ଼ିହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏମ୍‌ପି ଷଡ଼ଙ୍ଗୀ ବୁଧବାର ପୁରୀ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆସିବେ ବୋଲି ଟୁଇଟ୍ କରି ସ୍ପଷ୍ଟ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନର ଆବାହକ ବିନୟ ନୃସିଂହ ମହାପାତ୍ର ମଙ୍ଗଳବାର ଦ୍ୱିପ୍ରହରରେ ଜିଲାପାଳଙ୍କ ସହ ଲମ୍ବା ସମୟ ଧରି ଆଲୋଚନା କରିଥିଲେ। ଗଣତନ୍ତ୍ରରେ କାହାରି ସ୍ୱରକୁ ଚାପିଦେବା ସାମ୍ବିଧାନିକ ଅଧିକାରର ବିରୋଧାଭାଷ ଅଟେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆଇନତଃ ହେଉଛି ଅଥବା ବେଆଇନ ତାହା ଭିନ୍ନ ପ୍ରସଙ୍ଗ। ମାତ୍ର ସରକାରଙ୍କ କାର୍ଯ୍ୟକଳାପ ପ୍ରତି ଅସହମତି ଜଣାଇବାର ଅଧିକାର ସମସ୍ତଙ୍କ ପାଖରେ ରହିଛି। ଯେକେହି ନିଜ ମତ ରଖିବାରେ ଓ ସ୍ୱତନ୍ତ୍ର ଭାବେ ପଦଯାତ୍ରା କିମ୍ବା ରାଲି ଇତ୍ୟାଦି କରିବାକୁ ସମ୍ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର। ପୁରୀ ଜିଲାପାଳ ପଦଯାତ୍ରାକୁ ରୋକି ଗୋଟିଏ କଥା ସ୍ପଷ୍ଟ କରିଛନ୍ତି ଯେ ସରକାର ସମାଲୋଚନାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ବେଆଇନ ନିର୍ମାଣ ଚାଲୁଛି ଓ ଏହା ବିରୋଧରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାକୁ ମଧ୍ୟ ଦିଆଯାଉ ନାହିଁ ବୋଲି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି। ପଦଯାତ୍ରାକୁ ଅନୁମତି ନ ଦେଇ ଜଣେ ନାଗରିକଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି ବୋଲି ସେ କହିଛନ୍ତି। ସେହିଭଳି ପଦଯାତ୍ରାକୁ ରୋକିବା ପାଇଁ ସରକାର ଯୋଜନାବଦ୍ଧ ଭାବେ କାର୍ଯ୍ୟକ୍ରମ ହାତକୁ ନେଲେ। ପ୍ରଥମେ ଶ୍ରୀମନ୍ଦିର ସେବାୟତଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇ ପରିକ୍ରମା ପ୍ରକଳ୍ପ ସପକ୍ଷରେ ମାହୋଲ ପ୍ରସ୍ତୁତ କରାଗଲା। ଏହାପରେ ପ୍ରତିବାଦର ସ୍ୱରକୁ ଚାପିବା ପାଇଁ ପଦଯାତ୍ରାକୁ ଅନୁମତି ଦିଆଗଲା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି, ବିଗତ ଦିନରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ବିରୋଧ କରି ପୁରୀରେ ବଡ଼ଧରଣର ଦଙ୍ଗା ହୋଇଥିଲା। ୩ଶହରୁ ଊର୍ଦ୍ଧ୍ୱ ଲୋକେ ଗିରଫ ହୋଇଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବା ହେତୁ ଦଙ୍ଗାର ଆଶଙ୍କାକୁ ଅଣଦେଖା କରାଯାଇପାରିବ ନାହିଁ। ଏଣୁ ପଦଯାତ୍ରା ପାଇଁ ଅନୁମତି ଦିଆଯାଇ ନାହିଁ।

ପ୍ରଥମ ପୃଷ୍ଠାରୁ...

## ପେଷି ହେଉଛନ୍ତି...

ପାରିତ ସଂକଳ୍ପ ପ୍ରସ୍ତାବ ଅନୁଯାୟୀ ସ୍ୱାମୀନାଥନ କମିଶନ ସୁପାରିସକ୍ରମେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୨୯୪୦ ଟଙ୍କା ହେବା କଥା। ଅନ୍ୟପଟେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଘୋଷିତ ଧାନର ଏମ୍‌ଏସ୍‌ପି ଚଳିତବର୍ଷ କୁଇଣ୍ଟାଲ ପ୍ରତି ମାତ୍ର ୧୯୪୦ ଟଙ୍କା, ଯାହାକି ଗତ ୫ବର୍ଷ ତଳେ ବିଧାନସଭାରେ ପାରିତ ସଂକଳ୍ପ ପ୍ରସ୍ତାବ ଦରଠାରୁ ୧ହଜାର ଟଙ୍କା କମ୍। ଏହାସତ୍ତ୍ୱେ ଏହାକୁ କେନ୍ଦ୍ର ସରକାର ସ୍ୱାମୀନାଥନ କମିଶନ ସୂତ୍ର ମୁତାବକ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ବୋଲି ମିଥ୍ୟା ଦାବି କରୁଛନ୍ତି। ସେହିପରି ରାଜ୍ୟର ବିଜେଡି କେନ୍ଦ୍ର ବିରୋଧରେ ଆନ୍ଦୋଳନ କରିବ ବୋଲି ମିଥ୍ୟା ଦମ୍ଭୋକ୍ତି ଦେଖାଇ ନୀରବ ରହୁଛି ବୋଲି ଲିଙ୍ଗରାଜ କହିଥିଲେ।

ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ କହିଥିଲେ, ୨ବର୍ଷ ହେଲା ଉଷୁନା-ଅରୁଆ ଚାଉଳ ବିବାଦ ଆଳରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସଙ୍କୁଚିତ କରି ଚାଷୀକୁଳକୁ ସଙ୍କଟକୁ ଠେଲି ଦିଆଯାଇଛି। ଗତ ବର୍ଷ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଚଳିତବର୍ଷଠାରୁ ରାଜ୍ୟ ସରକାରଙ୍କ ସଂଗୃହୀତ ବଳକା ଉଷୁନା ଚାଉଳ କ୍ରୟ କରିବେ ନାହିଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି। ମାତ୍ର ସମାଧାନର ବାଟ ଫିଟାଇବା ବଦଳରେ ଏହି ବିବାଦ କେନ୍ଦ୍ର-ରାଜ୍ୟର ପତ୍ର ବିନିମୟରେ ସୀମିତ ରହିଛି। ଏହା କେନ୍ଦ୍ର-ରାଜ୍ୟ ସରକାରଙ୍କ ଏକ ମିଳିତ ଷଡ଼ଯନ୍ତ୍ର ବୋଲି ଆଶଙ୍କା ପ୍ରକାଶ ପାଇଥିବା ସେ କହିଛନ୍ତି। ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ସେ ଚେତାବନୀ ଦେଇଥିଲେ। ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ, ରମେଶ ପତି, ଚାଷୀନେତା ରମେଶ ମହାପାତ୍ର, ମହେଶ ପ୍ରଧାନ, ଭଞ୍ଜନ ବାରିକ, ସୁରେନ୍ଦ୍ର ମେହେର, ସରୋଜ ପ୍ରଧାନ, ସୁଦାମ ପାତ୍ର, ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୧୨୦ ଆସନ...

ଅନୁଗତଙ୍କୁ କେତେକ ଜାତୀୟ ସଂସ୍ଥାର ନିର୍ଦ୍ଦେଶକ ଭାବେ ଚୟନ କରି ସେ ବସାଇ ଦେଇଛନ୍ତି ବୋଲି ଦଳୀୟ ମହଲରେ ସମାଲୋଚନା ଚାଲିଛି। କେନ୍ଦ୍ରରେ ୮ ବର୍ଷ ହେଲା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଶାସନ କ୍ଷମତାରେ ରହି ବହୁ ରାଜ୍ୟରେ ନିଜର ସ୍ଥିତି ସୁଦୃଢ କରିପାରିଛି। ଓଡ଼ିଶାରେ ମଧ୍ୟ ଭାଜପା ଶୀର୍ଷ ନେତୃତ୍ୱ ଚାହିଁଲେ ବହୁ କିଛି କରିପାରନ୍ତେ। ହେଲେ ବ୍ୟବସାୟିକ ସ୍ୱାର୍ଥ ଯୋଗୁ ଦଳର କର୍ମୀ ଏବଂ ଚିନ୍ତାଧାରା ବଳିପଡିଯାଇଛି। ଉଦାହରଣ ସ୍ୱରୂପ, ପୁରୀରେ ହେବାକୁ ଥିବା ସରକାରୀ କାର୍ଯ୍ୟାନୁଷ୍ଠାନ ବିରୋଧରେ ରାଲିକୁ ହଠାତ୍ ବାତିଲ କରି ଦିଆଯାଇଛି। ବିଧିବଦ୍ଧ ଭାବେ ଭାଜପାର ଏହି କାର୍ଯ୍ୟରେ ବହୁ ଜଗନ୍ନାଥ ଭକ୍ତ କର୍ମୀ ଯୋଗଦେବାକୁ ଇଚ୍ଛୁକ ଥିଲେ। କୁହାଯାଉଛି, ଜିଲାପାଳ ଏହି ରାଲିକୁ ବନ୍ଦ କରିଦେଇଛନ୍ତି। ସତେ ଯେମିତି ରାଜନୈତିକ ବିରୋଧ ପାଇଁ ଜିଲା ପ୍ରଶାସନର ଅନୁମତି ଲୋଡାଯାଇଥାଏ। ଏଥିରୁ ବୁଝିବାକୁ ହେବ ଜିଲାପାଳ ଏତେବଡ ନିଷ୍ପତ୍ତି ନେବା ପୂର୍ବରୁ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ମହଲରୁ ଅନୁମତି ପାଇଥିବେ। ରାଜ୍ୟ ସରକାର ମଧ୍ୟ ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କେନ୍ଦ୍ରକୁ ସୂଚାଇଥିବେ। ରାଜ୍ୟବାସୀ ଭଲଭାବେ ଜାଣନ୍ତି ଓଡ଼ିଶା ମାମଲାରେ କେନ୍ଦ୍ରରୁ କିଏ ନିଷ୍ପତ୍ତି ଜଣାଇଥିବେ। ଏନେଇ ରବି ଦାସ ଆହୁରି କହିଛନ୍ତି, ଓଡ଼ିଶା ଭାଜପାରେ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଧର୍ମେନ୍ଦ୍ରଙ୍କ ଲୋକ। ହେଲେ ଓଡ଼ିଶାରେ କେବଳ ବିରୋଧୀ ଭୂମିକା ତୁଲାଇବା ଲାଗି ଲୋକଦେଖାଣିଆ ଭାବେ ଯାହା କରିବା କଥା ଭାଜପା ନେତାମାନେ ଚଳାଇଛନ୍ତି ବୋଲି ସେ କହିଛନ୍ତି।

ସେହିପରି ସାଧାରଣ ନିର୍ବାଚନ ପରେ ରାଜ୍ୟରେ ଭାଜପା ଯେଉଁଭଳି ରାଜ୍ୟ ସରକାରଙ୍କୁ ବିରୋଧ କରୁଛି ତାହା ଗାଁ ଗହଳିରେ ଯେପରି ରାମାୟଣ ନାଟକ ଚାଲେ ସମ୍ପୂର୍ଣ୍ଣ ସେମିତି ହେଉଛି ଅର୍ଥାତ୍ ଗାଁର ରାମାୟଣ ନାଟକରେ ଯିଏ ରାବଣ ଅଭିନୟ କରୁଥାଆନ୍ତି ସେ ନିଜ ହାତରେ ଥିବା ମିଛିମିଛିକା ଖଣ୍ଡାକୁ ଧରି ବାରମ୍ବାର ମଞ୍ଚ ଉପରେ ବୁଲାଇ ଏପାଖରୁ ସେପାଖ ଦୁଇ ଚାରିଥର ବୁଲିଯାଆନ୍ତି। ହେଲେ ସେହି ଖଣ୍ଡା ଆକ୍ରମଣ ପାଇଁ ନୁହେଁ। ଭାଜପା ନେତା ଓଡ଼ିଶାରେ ସେଇଭଳି ରାଜ୍ୟ ସରକାରଙ୍କ ବିରୋଧରେ ଲଢେଇ ଚଳାଇଛନ୍ତି। ନିକଟରେ ଶେଷ ହୋଇଥିବା ପଞ୍ଚାୟତ ଏବଂ ପୌର ନିର୍ବାଚନ ଫଳାଫଳରୁ ହିଁ ଏକଥା ସ୍ପଷ୍ଟ ହୋଇଯାଇଛି। ସାଧାରଣ ନିର୍ବାଚନ ପରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ୨ଟି ଉପନିର୍ବାଚନଠାରୁ ହିଁ ଭାଜପା ଶୀର୍ଷ ନେତୃତ୍ୱଙ୍କ ପ୍ରକୃତ ଆଭିମୁଖ୍ୟ କ୍ରମଶଃ କର୍ମୀମାନେ ବୁଝିଲେଣି। ପଞ୍ଚାୟତ ଓ ପୌର ନିର୍ବାଚନରେ ସେହି ନେତା ଥରୁଟିଏ ବି ଓଡ଼ିଶାରେ ପାଦ ପକାଇଲେ ନାହିଁ। କେବଳ ଭାଜପାର ଏହି ବଡ ନେତାମାନଙ୍କ ବ୍ୟବସାୟ ଲାଗି ଦଳର କର୍ମୀମାନଙ୍କୁ ବ୍ୟବହାର କରାଯାଉଥିବା ଆଲୋଚନା ହେଉଛି। ଯଦି କୌଣସିଠାରେ ବ୍ୟବସାୟରେ ଭାଜପା ଉପରିସ୍ଥ ନେତାଙ୍କୁ ଅସୁବିଧା ହୁଏ ତେବେ କିଛି ପ୍ରସଙ୍ଗ ଉଠାଇ ଭାଜପା କର୍ମୀମାନଙ୍କୁ ସରକାରଙ୍କ ବିରୋଧରେ ହୋହଲ୍ଲା କରିବାକୁ କହି ଦିଆଯାଉଛି। ଯେତେବେଳେ ନେତାଙ୍କ ସ୍ୱାର୍ଥ ପୂରଣ ହେଉଛି ଆନ୍ଦୋଳନ, ପ୍ରତିବାଦ ଆପେ ବନ୍ଦ ହୋଇଯାଉଥିବା ଦଳର କେତେଜଣ ନେତା ଏବେ କହୁଛନ୍ତି।

## ୨ଯାଏ ଉଚ୍ଚ...

ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟ ବନ୍ଦ ରଖିବାକୁ ରାଜ୍ୟ ସରକାର ସୋମବାର ନିଷ୍ପତ୍ତି ନେଇଥିଲେ। ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ଘରୋଇ ଓଡ଼ିଆ ଓ ଇଂଲିଶ ମିଡିୟମ ସ୍କୁଲ ଲାଗି ଏହି ନିୟମ ଲାଗୁ ହୋଇଛି। ମାତ୍ର ଏହି ସମୟ ମଧ୍ୟରେ ମାଟ୍ରିକ ଏବଂ ଯୁକ୍ତ୨ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭାଗର ସମସ୍ତ ନିର୍ଦ୍ଦେଶାଳୟକୁ ଅବଗତ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଗତ କିଛିଦିନ ହେବ ତାପମାତ୍ରା ଉପରମୁହାଁ ଥିବା ବେଳେ ଅଧିକାଂଶ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହୁଛି। ଆସନ୍ତା ୨୯ତରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ତେଣୁ ଏସବୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାମୟିକ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

## କରାଚୀ ବିଶ୍ୱବିଦ୍ୟାଳୟରେ...

କନ୍‌ଫୁସିୟସ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ହୁଆଙ୍ଗ ଗୁଇପିଙ୍ଗ୍, ଡିଙ୍ଗ ମୁପେଙ୍ଗ, ଚେନ୍ ସା ଏବଂ ପାକିସ୍ତାନୀ ଡ୍ରାଇଭର ଖଲିଦ। ଏହା ବ୍ୟତୀତ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ବେଲୁଚିସ୍ତାନରେ ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ବିଚ୍ଛିନ୍ନତାବାଦୀମାନେ ଏହାର ନାଗରିକଙ୍କୁ କ୍ରମାଗତ ଭାବେ ଟାର୍ଗେଟ କରିଆସୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ସାମାଜିକ ସ୍ତରରେ ବିଜ୍ଞ ବ୍ୟକ୍ତିମାନେ ଆପଣଙ୍କର ନିଃସ୍ୱାର୍ଥପର କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିବେ। କୌଣସି ପ୍ରକାରର ପ୍ରତିବନ୍ଧକ ନ ଥାଇ ମାଙ୍ଗଳିକ କାମ ସୁରୁଖୁରୁରେ ସମାପନ ହେବ। ଆଜି ଆବଶ୍ୟକତା ଅନୁସାରେ ଅର୍ଥର ଅଭାବ ରହିବ ନାହିଁ।

**ବୃଷ**
ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିରତା ବ୍ୟାହତ ହେବା ସୂଚନା ରହିଛି। ଆପଣଙ୍କ ପ୍ରତି ନିକଟ ସମ୍ପର୍କୀୟ ମାନେ ସହାନୁଭୂତି ପ୍ରକାଶ କରିବା ଫଳରେ କାମ ଅଟକି ରହିବ ନାହିଁ। ପ୍ରକାଶନ ତଥା ପ୍ରଶାସନିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ପାରିବାରିକ କ୍ଷେତ୍ରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ**
ସକାଳୁ କୌଣସି କାମ ଆରମ୍ଭ କରିବାକୁ ମନସ୍ଥ କରି ବନ୍ଧୁମାନଙ୍କ ପରାମର୍ଶ ନେଇପାରନ୍ତି। ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରନ୍ତୁ କିଛି ସମୟ ପରେ ସଫଳତା ମିଳିବ। ଆଜି ଆପଣ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

**କର୍କଟ**
ଆଜି ଯେଉଁ କାମ କରନ୍ତୁନା କାହିଁକି, କୌଣସିରେ ଅସୁବିଧା ରହିବ ନାହିଁ। ଅଭାବ ନ ଥିଲେ ମଧ୍ୟ ଜରୁରୀ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବେ। ଆଲୋଚନା, ପରିବହନ, ଲୋକସମ୍ପର୍କ, ସଭାସମିତି କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ସିଂହ**
ସାଧାରଣତଃ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଖୁସୀରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପାରିବାରିକ କ୍ଷେତ୍ରରେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯାହାକୁ ଯାହା କହିବେ ସେହି ବ୍ୟକ୍ତି କଦାପି ମନା କରିବ ନାହିଁ। କିନ୍ତୁ ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**କନ୍ୟା**
ଆଜି ଆପଣ ସଭାସମିତିରେ ସମ୍ମାନିତ ହେବେ, ସମ୍ମାନ ଓ ପ୍ରତିଷ୍ଠା ପାଇବେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି, ଫଳତଃ ଘରେ ଉଚ୍ଚବାଚ ଘଟିପାରେ। ନିର୍ମାଣ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ଆନୁଷ୍ଠାନିକ କାମରେ ଯୋଗଦେଲେ ସମ୍ମାନିତ ହେବେ।

**ତୁଳା**
କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପୂର୍ଣ୍ଣ ଶାନ୍ତିପ୍ରଦ ରହିବ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରେ କାମ ହାସଲ କରିବେ। ସଭାସମିତି, ଲେଖାପଢ଼ା, ଆଲୋଚନା, ଲୋକସମ୍ପର୍କ, ଆନୁଷ୍ଠାନିକ କାମରୁ ସୁଫଳ ପାଇବେ। କଚେରି ମାମଲା ମନ୍ଥର ହୋଇପାରେ, ଯାହା କି ସାମୟିକ ଦୁଶ୍ଚିନ୍ତା ବୃଦ୍ଧି କରିବ।

**ବିଛା**
ପଡ଼ୋଶୀଙ୍କ ସହ ବହୁଦିନର ମନାନ୍ତର ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଯିବ। ପାରିବାରିକ ଜୀବନ ଉଚିତ ବୁଝାମଣା ହେତୁ କୌଣସି ମତାନ୍ତର କିମ୍ବା ମନାନ୍ତର ହେବନାହିଁ। ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ଏକ ପ୍ରକାର ଭଲ ରହିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

**ଧନୁ**
ପରିସ୍ଥିତି ଯାହା ଥାଉନା କାହିଁକି,ନିଜେ ଭଲ ତ ଦୁନିଆ ଭଲ ନୀତିରେ ଦିନଟିକୁ କଟାଇବେ। ଅଭାବ ନ ଥିଲେ ମଧ୍ୟ ଅପବ୍ୟୟର ମାତ୍ରା ସୀମା ଟପିଯିବ। ବର୍ତ୍ତମାନ ସମୟ ସକାଶେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ବ୍ୟବସାୟରେ ଲାଭ ମିଳିବ କିନ୍ତୁ ଟେନ୍ସନ ପୂର୍ଣ୍ଣମାତ୍ରାରେ ରହି ମନକୁ ବ୍ୟତିବ୍ୟସ୍ତ କରାଇବ।

**ମକର**
ଅସମର୍ଥିତ ସୂତ୍ରରୁ ଆକସ୍ମିକ ଭାବରେ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି। ଶିକ୍ଷା,ଆଲୋଚନା, ଗଠନମୂଳକ କାମ, ଲେଖାପଢା କ୍ଷେତ୍ରରୁ ଶୁଭଫଳ ମିଳିବ। ପରିବାର ମଧ୍ୟରେ ନିଜର ମନର ଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେବେ ଏବଂ ଏକ ପ୍ରକାର ଖୁସି ରହିବେ।

**କୁମ୍ଭ**
ପରିବାରରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା ହେତୁ, କାମ ଠିକ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥା ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। ଗୃହ, ଭୂମି, କଚେରି ମାମଲା କିମ୍ବା ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ ମାତ୍ର ବିଶେଷ ଅସୁବିଧା ହେବ ନାହିଁ। ଜିଦ୍ ତ୍ୟାଗ କଲେ ଉପକୃତ ହେବେ ନତୁବା କଳହ ଭିତରକୁ ଟାଣି ହୋଇଯିବେ।

**ମୀନ**
ପରିବାରରୁ ଆଶାନୁରୂପ ସ୍ନେହ,ସହାନୁଭୂତି ପାଇବା କମି ଯାଇପାରେ। ଦେହରେ କୌଣସି ବଡ଼ ଧରଣର ରୋଗ ନ ଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସତ୍‌ସଙ୍ଗ ଓ ଧର୍ମ, ସାହିତ୍ୟ ଚର୍ଚ୍ଚା ଦିଗକୁ ମନ ବଳାଇବେ। କୃତି ଓ କୃତିତ୍ୱ ହେତୁ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।


# classifieds

**Everyday**
**0674-2580101, 2549302**



## SALE

Plot for sale at Chhatabar Per Sqft @299/-. 9583295832, 9937816565. D-201

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**5000sqft. (50ftX100ft.) premium commercial yellowzone, gharabari, stithiban single patta owner plot for sale with boundary & filling completed at Dhauli Square. Price Rs.-1,45,00000/- contact direct owner. 9040026465 (Babu Babu).** D-135

Plot for sale at Pitapalli NH-16 Side @900/-. 9583295832, 9937816565. D-200

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

**Duplex sale at Bhubaneswar @45lakhs and apartment@42lakhs. 9439206202.** D-73235

Ready to move 3BHK duplex with gated community, Gudiapokhari, Uttara. 7327043914. D-71981

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

ଭୁବନେଶ୍ୱର-ପୁରୀ ରୋଡ୍‌ରେ NHକୁ ଲାଗି 12000sqft. commercial plot ବିକ୍ରିହେବ। 7008833643. D-73240

House for immediate sale at Choudwar, Charbatia near Mahima Palace, land area in 3700sqft. with build up area 1575sqft. Two Bedroom, Two Halls, Pujaroom, Kitchen, Portico. Contact: 9937364257. D-217



**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252



Well furnished 2bedroom with common bathroom, 2 cup-board with storage (Car parking not available) for rent near Unit-8 DAV School. Rent-10500/-, 9438081503. D-73309

Singleroom furnished-4000/-, Singleroom attached Toilet, Kitchen- 5000/- plot-5 Kharvelnagar near Kesharitalkies, Bhubaneswar. 9238647661. D-71029

Halltype accommodation GF-500sqft., First Floor 1400sqft., Third Floor 1200sqft. available. Bapuji Nagar (12th lane). Contact: 9861082582. D-71983

2BHK flat with parking at Lingipur rent family. Contact: 7894381416. D-71496

Jagamara (Sidhi Vihar), 3BHK (Ground Floor) for rent. Mob: 9437963953. D-257

2BHK House with Car Parking is available at Palasuni. Contact 9425275445. D-226

1200sqft. well furnished Carpet area, Ground Floor at Pandav Nagar, near Tankapani road, Bhubaneswar for Office, Institution & Commercial purposes. Contact: 9861271966, 8260240271. D-70792

## ACCOMMODATION

Required 200sqft. Godown with RCC Roof in Bhubaneswar. 7205845077. D-70272

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Newly open full body massage ladies and gents. 8327740003. D-71890

Ayurvedic full body massage by experienced male/ female therapist. 7381172169. D-71493

**Relax, Refresh your body, mind at Saikrupa Spa with best therapies. 8984068077.** D-129

Take one hour any therapy @888 only, Jaydev Vihar. Call: 7852986810. D-71490

Newly open full body massage expert male/ female therapist. 7008713526. D-71497

All types body massage with high profile smart Lady room service available. 9142145769. D-71345

Newly open SPA positively health benifit with expert. Contact: 7749976301. D-71980

## AFFIDAVIT

ମୁଁ ଶ୍ରୀ ସ୍ନେହ ଶାରଳା ରାଉତରାୟ, ପିତା- କିଶୋର କୁମାର ରାଉତରାୟ, ଗ୍ରାମ- ବାଗଲପୁର, ପୋଷ୍ଟ- ସୁନ୍ଦରଗ୍ରାମ, ଜିଲ୍ଲା- କଟକ। ମୋର ନାମକୁ କଟକ ସଦର ମାଜିଷ୍ଟ୍ରେଟ୍ ପାଖରେ ସତ୍ୟପାଠ କରି ମୋର ନାମ ପରିବର୍ତ୍ତନ କରି ସ୍ନେହ ଶାରଳା ରାଉତରାୟରୁ ସ୍ନେହମ ଏସ. ରାଉତରାୟ କରିଅଛି। ଆଜିଠାରୁ ମୋ ନାମ ସରକାରୀ ବେସରକାରୀ ସ୍ତରରେ ସ୍ନେହମ ଏସ. ରାଉତରାୟ ରୂପେ ପରିଚିତ ହେଲି। ଧ-୨୫୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> କୃତଜ୍ଞତାର ଶୁଦ୍ଧ ଆଲୋକ ସର୍ବଦା ଆମ୍ଭମାନଙ୍କ ହୃଦୟରେ ପ୍ରଜ୍ୱଳିତ ରହିବା ଉଚିତ। ସେହି ଆଲୋକର ଉଷ୍ମତାରେ, ମାଧୁର୍ଯ୍ୟରେ ଓ ଉଜ୍ଜ୍ୱଳତାରେ ସବୁ ଅହଂକାର ଓ ଅଜ୍ଞାନ ମିଳେଇଯିବ। **–ଶ୍ରୀମା**

# ମସ୍କ: ମାନିବାକୁ ପଡ଼ିବ

ଟେସ୍‌ଲା ମାଲିକ, ସ୍ପେସ୍‌ଏକ୍ସ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଶ୍ୱର ସର୍ବବୃହତ୍ ଧନୀ ବ୍ୟକ୍ତି ଏଲନ୍ ମସ୍କ ଆମେରିକାଭିତ୍ତିକ ମାଇକ୍ରୋବ୍ଲଗିଂ ଓ ସୋସିଆଲ ନେଟ୍‌ୱର୍କିଂ ସର୍ଭିସ 'ଟୁଇଟର'କୁ ୪୪ ବିଲିୟନ ଡଲାରରେ କିଣିଛନ୍ତି। ଷ୍ଟକ୍ ବଜାରରେ ତାଲିକାଭୁକ୍ତ କମ୍ପାନୀ ମଧ୍ୟରେ ଏହି ଅଧିଗ୍ରହଣ ସର୍ବାଧିକ ମୂଲ୍ୟର ବୋଲି କୁହାଯାଉଛି। ୨୦୨୨ ଜାନୁୟାରୀରେ ସେ ଟୁଇଟର ଶେୟାର କିଣିବା ଆରମ୍ଭ କଲେ। ମାର୍ଚ୍ଚ ୧୪ ସୁଦ୍ଧା ତାଙ୍କ ପାଖରେ ଟୁଇଟରର ୫ ପ୍ରତିଶତ ଅଂଶଧନ ଥିଲା। ଏପ୍ରିଲ ୪ରେ ସେ ଉକ୍ତ ସଂସ୍ଥାର ୯.୨ ପ୍ରତିଶତ ଶେୟାର ରଖିଥିବା ବିଷୟ ଜଣାଇବା ସହ କମ୍ପାନୀର ଦ୍ୱିତୀୟ ବୃହତ୍ ଶେୟାରହୋଲ୍‌ଡର ହୋଇଥିଲେ। ଏବେ ତା'ର ସେ ସମ୍ପୂର୍ଣ୍ଣ ମାଲିକ ହୋଇଯାଇଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଅନୁକରଣ କରି ଆଉ କେହି ଯେମିତି ଟୁଇଟରର ଅଂଶଧନ କିଣିବାରେ ସଫଳ ହେବେ ନାହିଁ ସେଥିପାଇଁ ମସ୍କ ବହୁତ ଚତୁରତାର ସହିତ କମ୍ପାନୀକୁ ଶେୟାର ବଜାରରୁ କାଢ଼ିନେବେ ବୋଲି ଘୋଷଣା କରିଛନ୍ତି। ଭୂପୃଷ୍ଠରେ ପରିବହନ, ମହାକାଶରେ ପର୍ଯ୍ୟଟନ ଏବଂ ଏବେ ସୂଚନା ଓ ମତ ବିନିମୟ ମଞ୍ଚରେ ମାଲିକାନା ପାଇଯାଇଥିବା ମସ୍କଙ୍କୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା। ଉଲ୍ଲେଖଯୋଗ୍ୟ, ୨୦୦୬ରେ ବିଜ୍ ଷ୍ଟୋନ୍, ଜାକ୍ ଡୋର୍ସି, ନୋହ ଗ୍ଲାସଙ୍କ ଦ୍ୱାରା ମିଳିତ ଉଦ୍ୟମରେ ଟୁଇଟର ଆରମ୍ଭ ହୋଇଥିଲା। ଏହାର ମୁଖ୍ୟାଳୟ କାଲିଫର୍ନିଆର ସାନ୍‌ଫ୍ରାନ୍ସିସ୍କୋରେ ଥିବାବେଳେ ସମୁଦାୟ ୩୯୬.୫ ମିଲିୟନ ବ୍ୟବହାରକାରୀ ଅଛନ୍ତି।

ମସ୍କ ଟୁଇଟରକୁ କିଣିବା ପରେ ତାହାକୁ କି ରୂପ ଦେବେ ତା' ଉପରେ ଏବେ ବ୍ୟବହାରକାରୀଙ୍କ ନଜର। ସର୍ବଦା ଔଦ୍ୟୋଗିକ ଚିନ୍ତାଧାରାରେ ଅଭିନବତ୍ୱ ଆଣିବାରେ ପ୍ରୟାସ କରୁଥିବା ମସ୍କ ଅଧିକ ବ୍ୟକ୍ତିଙ୍କୁ ଆକୃଷ୍ଟ କରିବା ଲାଗି ଟୁଇଟରରେ ଅନେକ ନୂଆ ଫିଚର ଆଣିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ସୂଚନା ଦ୍ୱାରା ଶକ୍ତିଶାଳୀ ହେବାକୁ ଚାହୁଁଥିବା ବ୍ୟବହାରକାରୀଙ୍କ ପାଇଁ ଏଡିଟ୍ ବଟନ୍ ରହିଲେ ସେମାନେ ପୋଷ୍ଟିଂ କରିଥିବା ଟୁଇଟ୍‌କୁ ବଦଳାଇପାରିବେ। ଅର୍ଥାତ୍ ଟୁଇଟରରେ ଏଡିଟ୍ ବଟନ୍ ସୁବିଧା ଆସିପାରେ, ଯାହାକି ଏବେ ନାହିଁ। ଏଥିସହିତ ମସ୍କ ଅଭିବ୍ୟକ୍ତି ସ୍ୱାଧୀନତା ଓ ବିଚାରଧାରାକୁ ଅଧିକ ଗୁରୁତ୍ୱ ଦେବେ ବୋଲି କହୁଛନ୍ତି। ବାସ୍ତବରେ ଜଣେ ବ୍ୟକ୍ତିଙ୍କ ଅଧୀନକୁ ସଂସ୍ଥା ଚାଲିଗଲେ ସେ ତାହାକୁ କିଭଳି ପରିଚାଳନା କରିବେ ତାହା ତାଙ୍କ ଉପରେ ନିର୍ଭର କରୁଛି। ମସ୍କଙ୍କ ଟୁଇଟର ଅଧିଗ୍ରହଣକୁ ବିରୋଧ କରି ବ୍ରିଟିଶ ଅଭିନେତ୍ରୀ ଜମିଲା ଜମିଲ୍ ଏହି ପ୍ଲାଟଫର୍ମରୁ ବାହାରି ଯାଇଛନ୍ତି। ସେ କହିଛନ୍ତି, ଯେହେତୁ ଟୁଇଟର ଏକ ଘରୋଇ ମାଲିକାନାକୁ ଚାଲିଯାଇଛି ସେହି ଦୃଷ୍ଟିରୁ ଦେଖିଲେ ସେଥିରୁ ଭଲ ଆଶା କରାଯାଇପାରୁ ନାହିଁ। ସେହିପରି କେତେକ ମାନବ ଅଧିକାର ସଙ୍ଗଠନ ଟୁଇଟରର ମାଲିକାନା ପରିବର୍ତ୍ତନକୁ ପ୍ରତିବାଦ କରିଛନ୍ତି। ମସ୍କ ଯେଉଁ ଅଭିବ୍ୟକ୍ତି ସ୍ୱାଧୀନତା କଥା କହୁଛନ୍ତି, ତାହା ସମ୍ପୂର୍ଣ୍ଣ ଅଧିକାରକୁ ସୂଚାଉ ନାହିଁ। ବ୍ୟବହାରକାରୀଙ୍କ ସୁରକ୍ଷା ହେଉଛି ବଡ଼ କଥା ବୋଲି ମାନବ ଅଧିକାର କର୍ମୀ ଡେବରା ବ୍ରାଉନ୍ କହିଛନ୍ତି। ଏଥିସହିତ ଗତ ଦଶନ୍ଧି ମଧ୍ୟରେ ଟୁଇଟରକୁ ଅନେକ ସମୁଦ୍ର ପାର କରିବାକୁ ପଡ଼ିଛି। ବାକ୍ ସ୍ୱାଧୀନତାର ବହୁତ ଅର୍ଥ ରହିଛି, ଯାହାକୁ ଅପବ୍ୟବହାର କରିବା ପାଇଁ ପୃଥିବୀର ଅନେକ ନାଗରିକ ଓ ସରକାର ପ୍ରସ୍ତୁତ ହୋଇ ବସିଛନ୍ତି। ସେଥିପାଇଁ ଟୁଇଟରର ଆଭ୍ୟନ୍ତରୀଣ ନୀତି ଅନୁଯାୟୀ ପିଲାଙ୍କୁ ଯୌନ ନିର୍ଯାତନା ଦେବା ସମ୍ପର୍କରେ ଟୁଇଟ୍, ଘୃଣା ଏବଂ ବିଧିବଦ୍ଧ ସରକାରୀ ମିଥ୍ୟା ପ୍ରଚାର ଭଳି ବିଷୟ ଏହି ପ୍ଲାଟଫର୍ମରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହି ନୀତି ବଳରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୬ ଜାନୁୟାରୀ ୨୦୨୧ କ୍ୟାପିଟୋଲ ଆକ୍ରମଣ ପରେ ଟୁଇଟରରୁ ବାଦ୍ ଦିଆଯାଇଥିଲା। ହାସ୍ୟାସ୍ପଦ କଥା ହେଉଛି ଯେ, କୋଟିପତି ଟ୍ରମ୍ପ ନିଜର ଏକ ଭିନ୍ନ ପ୍ଲାଟ୍‌ଫର୍ମ ସୃଷ୍ଟି କରିଥିବା ସତ୍ତ୍ୱେ ତାହା ଟୁଇଟର ଭଳି ସଫଳତା ଓ ପ୍ରଭାବଶାଳୀ ହୋଇପାରି ନାହିଁ। ବିଗତ କିଛି ବର୍ଷ ହେବ ଦେଖାଯାଉଛି ଯେ, ଅନ୍ୟକୁ ଗାଳି ଦେବା, ଘୃଣାସୂଚକ ଉକ୍ତି ବ୍ୟବହାର କରିବା କାର୍ଯ୍ୟରେ ଅନେକେ ଟୁଇଟରକୁ ବ୍ୟବହାର କରୁଛନ୍ତି। ଏଥିସହିତ ଜନମତକୁ ପ୍ରଭାବିତ କଲାଭଳି ଟୁଇଟ୍ କରାଯାଇ ସରକାର ପରିବର୍ତ୍ତନ କରିଦିଆଯାଉଛି। ଏଭଳି ସ୍ଥଳେ ଜେଫ୍ ବେଜୋସ୍ ଏକ ଟୁଇଟ୍‌ରେ ପଚାରିଛନ୍ତି, ମସ୍କଙ୍କ ଟୁଇଟର ଚୁକ୍ତି ଚାଇନାର କଣ୍ଟେଣ୍ଟ ପଲିସି ବା ବିଷୟବସ୍ତୁ ସଂକ୍ରାନ୍ତ ନୀତିରେ ପରିବର୍ତ୍ତନ ଆଣିବାର ସଙ୍କେତ ଦେଉଛି କି। ଟୁଇଟର ମାଲିକାନା ବଦଳିବା ପରେ ଏହିଭଳି ଅନେକ ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଭାରତ ପରିପ୍ରେକ୍ଷୀରେ ଦେଖିଲେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ରାଷ୍ଟ୍ର ଉପରେ ଟୁଇଟର ପ୍ରଭାବ ଯଥେଷ୍ଟ ରହିବ। ଆଜିର ଟୁଇଟର ମାଲିକାନା ପରିବର୍ତ୍ତନ ଘୋଷଣା ପରେ ଭାରତର ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ତତ୍‌କ୍ଷଣାତ୍ ଘୋଷଣା କରିସାରିଲେଣି ଯେ, ଟୁଇଟର ମାଲିକଙ୍କ ଇଲେକ୍ଟ୍ରିକ୍ ଚାରିଚକିଆ ଗାଡ଼ି ଟେସ୍‌ଲାକୁ ଭାରତ ବଜାରକୁ ପ୍ରବେଶ କରିବାକୁ ଅତି ଶୀଘ୍ର ଦିଆଯିବ। ଉଲ୍ଲେଖଯୋଗ୍ୟ ଯେ, ଟେସ୍‌ଲାକୁ ଭାରତରେ ବିକ୍ରି କରିବାକୁ ଅନୁମତି ମିଳୁ ନ ଥିଲା। ତାହା ପରିବର୍ତ୍ତେ ଟାଟା କମ୍ପାନୀକୁ ଦେଶବ୍ୟାପୀ ପେଟ୍ରୋଲ ପମ୍ପ ଭଳି ଚାର୍ଜିଂ ଷ୍ଟେଶନ ସ୍ଥାପନ କରିବାକୁ ସରକାରୀ ଅନୁମୋଦନ ମିଳିଥିଲା। ଏହାଦ୍ୱାରା କେବଳ ଟାଟା କମ୍ପାନୀ ଏକମାତ୍ର ସୁବିଧା ପାଇପାରି ଥାଆନ୍ତା। ଏବେ ସେଥିରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଛାଡ଼ିଦିଆଗଲା, କାରଣ ଟୁଇଟରକୁ ଅସନ୍ତୁଷ୍ଟ କଲା ଭଳି କୌଣସି କାର୍ଯ୍ୟ ମୋଦି ସରକାର କରିବାକୁ ଚାହୁଁ ନ ଥିବା ଭଳି ଜଣାପଡ଼େ।

ଆଜିର ପ୍ରଯୁକ୍ତିଚାଳିତ ଆଧୁନିକ ପୃଥିବୀରେ ଖଣିଖାଦାନ ଏବଂ କଳକାରଖାନାଠାରୁ ସୂଚନା ଓ ତଥ୍ୟ ଶିଳ୍ପର ଚାହିଦା ଯଥେଷ୍ଟ ରହିଛି। ଏଲନ୍ ମସ୍କଙ୍କ ଦୂରଦୃଷ୍ଟିକୁ ମାନିବାକୁ ପଡ଼ିବ। ଭାରତ ସରକାର କିଭଳି ଭାବେ ପଟ ପରିବର୍ତ୍ତନ କରି ମସ୍କଙ୍କ ଟେସ୍‌ଲା କମ୍ପାନୀ ସମ୍ମୁଖରେ ସାଷ୍ଟାଙ୍ଗ ଆତ୍ମସମର୍ପଣ କଲା ତାହା ଅନେକଙ୍କୁ କୌତୂହଳପୂର୍ଣ୍ଣ ଲାଗିପାରେ, କିନ୍ତୁ ଏହା ଦର୍ଶାଉଛି ଆଧୁନିକ ସାମାଜିକ ଗଣମାଧ୍ୟମର ଲଗାମହୀନ କ୍ଷମତା।

# ବିନାଶ ପଥେ କଂଗ୍ରେସ

ମାସାଧିକ କାଳର କସରତ ପରେ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗଦେବାକୁ ମନା କରିଦେଇଛନ୍ତି। ଟୁଇଟରରେ ସେ ଏହାର କାରଣ ମଧ୍ୟ କହିଛନ୍ତି। କିଶୋର କହିଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଦ୍ୱାରା ଗଠିତ ଏମ୍ପାୱାର୍ଡ ଆକ୍ସନ ଗ୍ରୁପ୍ (ଇଏଜି)-୨୦୨୪ର ଏକ ଅଂଶବିଶେଷ ଭାବେ ସେ ଦଳରେ ସାମିଲ ହେବା ଏବଂ ନିର୍ବାଚନଗୁଡ଼ିକର ଦାୟିତ୍ୱ ନେବା ସମ୍ପର୍କିତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କଂଗ୍ରେସକୁ ତାଙ୍କ ଅପେକ୍ଷା ଅଧିକ ନେତୃତ୍ୱ ଓ ସାମଗ୍ରିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଏହାଦ୍ୱାରା ପରିବର୍ତ୍ତନକାରୀ ସଂସ୍କାର ଜରିଆରେ ଢାଞ୍ଚାଗତ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। କିଶୋରଙ୍କ ଏହି ଟୁଇଟ୍ ପରେ ଏଆଇସିସି ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲା କାଳବିଳମ୍ବ ନ କରି କଂଗ୍ରେସ ତାଙ୍କ ପ୍ରସ୍ତାବକୁ ପ୍ରଶଂସା କରୁଛି ବୋଲି କହିଛନ୍ତି।

ଭାରତର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସ ୧୩୭ ବର୍ଷରେ ପଦାର୍ପଣ କରିଥିବାବେଳେ ଏହାର ଶାସନ କେବଳ ରାଜସ୍ଥାନ ଓ ଛତିଶଗଡ଼ରେ ସୀମିତ ହୋଇଯାଇଛି। ଗୋଟିଏ ପରେ ଗୋଟିଏ ନିର୍ବାଚନରେ ଲଗାତର ପରାଜୟ କଂଗ୍ରେସକୁ ମୂଳରୁ ଦୁର୍ବଳ କରିଦେଲାଣି। ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଓ ଅନ୍ୟ ରାଜ୍ୟଗୁଡ଼ିକର ବିଧାନସଭା ଭୋଟରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କଂଗ୍ରେସକୁ ଏକ ବଳିଷ୍ଠ ନେତୃତ୍ୱର ଆବଶ୍ୟକତା ରହିଛି, ଯାହାକି ସୋନିଆ କିମ୍ବା ତାଙ୍କ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ପୁଅ ରାହୁଲ ଗାନ୍ଧୀଙ୍କଠାରେ କେବଳ ଦଳୀୟ ନେତା-କର୍ମୀ ନୁହନ୍ତି, ଦେଶବାସୀ ମଧ୍ୟ ଦେଖିବାକୁ ପାଉନାହାନ୍ତି। କଂଗ୍ରେସରେ ଆମୂଳଚୂଳ ନେତୃତ୍ୱ ପରିବର୍ତ୍ତନ ପାଇଁ ଅସନ୍ତୁଷ୍ଟ ଗୋଷ୍ଠୀ ଜି-୨୩ ଦାବି କରିଆସୁଛି। ତେଣୁ କିଶୋର ଏହାର ସୁଯୋଗ ନେଇ କଂଗ୍ରେସରେ ଏକ ବଡ଼ ଭୂମିକା ଖୋଜୁଥିଲେ। ଗାନ୍ଧୀ ପରିବାରରୁ ଜଣେ କଂଗ୍ରେସ ମଙ୍ଗ ଧରନ୍ତୁ, କିନ୍ତୁ ଜଣେ ଅଣଗାନ୍ଧୀଙ୍କୁ ଦଳର ଉପାଧ୍ୟକ୍ଷ କରାଯାଉ ବୋଲି ସେ ନିଜ ପାଇଁ ମୂଳଚାଲ କରୁଥିଲେ ବୋଲି ଦିଲ୍ଲୀ କଂଗ୍ରେସ ମହଲରେ ଆଲୋଚନା ହେଉଛି। ହେଲେ କଂଗ୍ରେସରେ ତାଙ୍କୁ ସେଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେବାକୁ ଏକ ବଡ଼ ଗୋଷ୍ଠୀ ବିରୋଧ କରିଥିବା ଜଣାପଡ଼ିଛି।

ଦେଖିବାକୁ ଗଲେ ପ୍ରଶାନ୍ତ କିଶୋର ଜଣେ ରାଜନେତା ନୁହନ୍ତି, ସେ ଜଣେ ରଣନୀତିକାର। ୨୦୧୪ ସାଧାରଣ ନିର୍ବାଚନରେ ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କ ପାଇଁ ଚାଏ ପେ ଚର୍ଚ୍ଚା ଏବଂ ଥ୍ରୀ ଡି ରାଲି ଭଳି ଅଭିନବ ମାର୍କେଟିଂ ତଥା ବିଜ୍ଞାପନ ଅଭିଯାନ ଚଳାଇ ଚର୍ଚ୍ଚାକୁ ଆସିଥିବା ବିହାରର ଏହି ବ୍ୟକ୍ତି ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପାଇଁ କାମ କରିଥିଲେ। ଜେଡିୟୁ ତାଙ୍କୁ ଉପାଧ୍ୟକ୍ଷ କରିଥିଲା। ହେଲେ ନୀତୀଶଙ୍କ ସହ ମତଭେଦ ପରେ ସେ ସକ୍ରିୟ ରାଜନୀତିରୁ ଓହରି ପୁଣି ରାଜନୈତିକ ବେପାରକୁ ଫେରିଥିଲେ। କିଶୋର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପାଇଁ ଗତ ବିଧାନସଭା ନିର୍ବାଚନରେ ସଫଳ ରଣନୀତି ପ୍ରସ୍ତୁତ କରି ଶାସକ ଦଳର ହ୍ୟାଟ୍ରିକ୍ ବିଜୟ ସୁନିଶ୍ଚିତ କରିଥିବାବେଳେ ତାଙ୍କ ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅନ୍ୟ ରାଜ୍ୟଗୁଡ଼ିକରେ କେତେକ ଆଞ୍ଚଳିକ ଦଳକୁ ଜିତାଇବା ଲାଗି ଆଲୋଚନା ଚଳାଇଥିଲା। ଏପ୍ରିଲ ୨୪ରେ ଆଇ-ପିଏସି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସହ ୨୦୨୩ ବିଧାନସଭା ନିର୍ବାଚନ ପାଇଁ ଚୁକ୍ତିବଦ୍ଧ ହୋଇଛି। କଂଗ୍ରେସ ଏହାକୁ 'କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟ୍ରେଷ୍ଟ' ବା 'ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ' ବୋଲି ବିଚାର କରି ପ୍ରଶାନ୍ତ କିଶୋରଙ୍କ ମୁଣ୍ଡରେ ଏକତରଫା ନିଜ ନିର୍ବାଚନୀ ରଣନୀତିର ବୋଝ ଲଦିଦେବାକୁ ଚାହୁଁଥିଲା। ହିସାବ ନ ଛିଣ୍ଡିବା ପରେ ସେ ମୁହଁ ମୋଡ଼ିଛନ୍ତି। କିଛିଦିନ ପୂର୍ବରୁ ପ୍ରଶାନ୍ତ କିଶୋର ନିର୍ବାଚନୀ ରଣନୀତିକାର ଭାବେ ଆଉ କାର୍ଯ୍ୟ କରିବେ ନାହିଁ ବୋଲି ଘୋଷଣା କରିଥିଲେ। ସମ୍ଭବତଃ ତାଙ୍କ ମହତ୍ତ୍ୱାକାଂକ୍ଷା ଆଉ 'କିଙ୍ଗ୍ ମେକର' ଭୂମିକା ନେବାକୁ ଅନୁମତି ଦେଇ ନ ଥିଲା। ତେବେ କଂଗ୍ରେସର କୁଣ୍ଠାବୋଧ ପରେ ପ୍ରଶାନ୍ତ କିଶୋର ବ୍ୟବସାୟିକ ଦୃଷ୍ଟିରୁ ଅଧିକରୁ ଅଧିକ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ପାଇଁ କାମ କରିବାକୁ ପସନ୍ଦ କରିଥାଇପାରନ୍ତି।

କଂଗ୍ରେସରେ ଚାଲିଆସିଥିବା ଧାରାକୁ ଦେଖିଲେ ବରିଷ୍ଠ ନେତାମାନଙ୍କୁ ଲଗାତର ହତାଦର କରାଯାଉଥିବାର ଅନେକ ନଜିର ରହିଛି। ଆସାମରେ ତରୁଣ ଗୋଗୋଇ ସରକାରଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ହିମନ୍ତ ବିଶ୍ୱଶର୍ମା କଂଗ୍ରେସରେ କୋଣଠେସା ହୋଇ ଶେଷରେ ଭାଜପାରେ ଯୋଗଦେଇଥିଲେ। ସର୍ବାନନ୍ଦ ସୋନୋୱାଲଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପରେ ଏବେ ଭାଜପା ଶାସିତ ଆସାମରେ ସେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସେହିପରି କ୍ୟାପ୍‌ଟେନ ଅମରିନ୍ଦର ସିଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଥିବାବେଳେ କଂଗ୍ରେସ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ପଦ ଛାଡ଼ିଥିଲେ। ପରବର୍ତ୍ତୀ ସମୟରେ ଅମରିନ୍ଦର ପଞ୍ଜାବ ଲୋକ କଂଗ୍ରେସ ନାମରେ ନୂଆ ଦଳ ଗଢ଼ି ଭାଜପା ସହ ମେଣ୍ଟ କରିଥିଲେ। ସେହିପରି ଗୁଜରାଟର ପଟିଦାର ନେତା ହାର୍ଦ୍ଦିକ ପଟେଲଙ୍କ ଭଳି ଯୁବ ପ୍ରତିଭାଙ୍କୁ ଦଳ ନିଜ ସହ ରଖିପାରୁ ନାହିଁ। ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଦିଲ୍ଲୀ ଯାଇଥିବା କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପୁରୁଖା ନେତାମାନେ ସୋନିଆ-ରାହୁଲଙ୍କୁ ଭେଟିବାର ସୁଯୋଗ ନ ପାଇ ନିରାଶ ହୋଇ ଫେରିଥାଆନ୍ତି। କଂଗ୍ରେସ କ୍ଷମତାରେ ନ ଥିଲେ ବି ପୂର୍ବ ମାନସିକତା ଛାଡ଼ିପାରୁ ନାହିଁ। ଏଥିଯୋଗୁ କଂଗ୍ରେସ ଛାଡୁଥିବା ନେତାମାନେ ଦଳ ପ୍ରତି ନକାରାତ୍ମକ ମନ୍ତବ୍ୟ ଦେଉଥିବା ଦେଖିବାକୁ ମିଳିଥାଏ। ଏଥିରୁ ବୁଝାପଡୁଛି ଯେ, କଂଗ୍ରେସ ନିଜକୁ ଭାଜପାର ରାଜନୈତିକ ବିକଳ୍ପ ଭାବେ ଆଉ ଦେଖିପାରୁ ନାହିଁ। ଦୁଃଖର ବିଷୟ ମୁଖ୍ୟ ବିରୋଧୀ ଦଳ ଭାବେ ଜାଗା ମାଡ଼ି ଅନ୍ୟ କୌଣସି ଦଳକୁ ମଧ୍ୟ ବାଟ ଛାଡୁନାହିଁ।

# ଅପାରଦର୍ଶୀ ନିଲାମି ପ୍ରକ୍ରିୟା



ଶ୍ରୀଗିରୀଶ ଜଳିହାଳ

ଗରିବ ଓ ସଶସ୍ତ୍ର ବଳକୁ ଡାଲି ଯୋଗାଇ ଦେବା ଲାଗି କେନ୍ଦ୍ର ସରକାରଙ୍କ ୪,୬୦୦ କୋଟି ଟଙ୍କା ମୂଲ୍ୟର ନିଲାମି ପ୍ରକ୍ରିୟା କେତେକ ବଡ ମିଲ୍ ମାଲିକଙ୍କୁ ଲାଭ ଦେବାକୁ ଅନୁଚିତ ଉପାୟରେ ପ୍ରବନ୍ଧିତ କରାଯାଇଥିଲା ବୋଲି ନ୍ୟାଶନାଲ ପ୍ରଡକ୍ଟିଭିଟି କାଉନ୍‌ସିଲ ବା ଜାତୀୟ ଉତ୍ପାଦକତା ପରିଷଦ ଦର୍ଶାଇଛି। ଉକ୍ତ ପରିଷଦର ଅଧ୍ୟକ୍ଷ ହେଉଛନ୍ତି ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଓ ଏହା ୧୧ ଅକ୍ଟୋବର, ୨୦୨୧ରେ ଏହାର ପ୍ରାରମ୍ଭିକ ସିଦ୍ଧାନ୍ତ ଉପସ୍ଥାପିତ କରିଥିଲା ଏବଂ ଏହା ରିପୋର୍ଟର୍ସ କଲେକ୍ଟିଭ୍‌ର ହସ୍ତଗତ ହୋଇଥିଲା। ଏକ ସ୍ୱୟଂଚାଳିତ ସରକାରୀ ଗବେଷଣା ସଂସ୍ଥା ଭାବେ କାଉନ୍‌ସିଲ ଅପରିଷ୍କୃତ ଡାଲିକୁ ପ୍ରୋସେସିଂ ବା ଖାଦ୍ୟ ଉପଯୋଗୀ କରି ଯୋଗାଇ ଦେବାର କ୍ଷମତା ଥିବା ମିଲର୍‌ମାନଙ୍କୁ ଚୟନ ଲାଗି ଅନୁସୃତ ନିଲାମି ପ୍ରକ୍ରିୟା ଉପରେ ଅନୁଧ୍ୟାନ କରିଥିଲା। ଜାଣିବାକୁ ପାଇଥିଲା ଯେ, ନିଲାମିର ସର୍ତ୍ତଗୁଡ଼ିକ ସରକାରଙ୍କୁ ଉଚିତ ମୂଲ୍ୟରୁ ବହୁ ଅଧିକରେ ନିମ୍ନ ଗୁଣବତ୍ତା ଡାଲି ଦେଇ ଠକିବା ସହ ତାହାକୁ ଖୋଲା ବଜାରରେ ଅଧିକ ମୂଲ୍ୟରେ ବିକ୍ରି କରି ଲାଭ କରିବାକୁ ଅନୁମତି ଦେଇଛି। କୃଷି ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାଶନାଲ ଏଗ୍ରିକଲ୍‌ଚର କୋଅପରେଟିଭ ମାର୍କେଟିଂ ଫେଡେରେଶନ(ଏନ୍‌ଏଏଫ୍‌ଇଡି ବା ନାଫେଡ୍) ଏହି ନିଲାମି ପଦ୍ଧତି ବିକାଶ କରିଥିଲା ଓ ମିଲରମାନଙ୍କୁ ପ୍ରଚୁର ଲାଭ ଦେବାରେ ସାହାଯ୍ୟ କରିଥିଲା ବୋଲି କାଉନ୍‌ସିଲ ଜାଣିବାକୁ ପାଇଥିଲା। ଏହି ପଦ୍ଧତି କିଭଳି ଗରିବମାନଙ୍କ ପାଇଁ ଉଦ୍ଦିଷ୍ଟ ବହୁ ଟନ୍ ଡାଲି ଠକିବା ଲାଗି ମିଲରମାନଙ୍କୁ ଅନୁମତି ଦେଇଥିଲା,ତାହାକୁ ମଧ୍ୟ ପ୍ରାରମ୍ଭିକ ଅନୁସନ୍ଧାନରେ ରିପୋର୍ଟର୍ସ କଲେକ୍ଟିଭ୍ ଲୋକଲୋଚନକୁ ଆଣିଥିଲା। ଆରଟିଆଇରେ ଆମେ ପାଇଥିବା କାଉନ୍‌ସିଲର ପ୍ରାଥମିକ ନିଷ୍କର୍ଷ ଯାହା ଥିଲା,ତାହା ଆମ ରିପୋର୍ଟକୁ ନିଶ୍ଚିତ କରିଥିଲା। କଲେକ୍ଟିଭ ଦର୍ଶାଏ ଯେ, ଅକ୍ଟୋବର ୨୦୨୧ରେ କାଉନ୍‌ସିଲ ପ୍ରଦାନ କରିଥିବା ତଥ୍ୟକୁ ସରକାର ଅଣଦେଖା କରିଛନ୍ତି। ଏହି ରିପୋର୍ଟ ପ୍ରଦାନ କରିବାର ପର ଦୁଇ ମାସରେ ସେହି ଏକା ନିଲାମି ପଦ୍ଧତିରେ ୮୭୫.୪୭ କୋଟି ଟଙ୍କାର ୧୩୭,୫୦୯ ମେଟ୍ରିକ ଟନ୍ ଡାଲି ପ୍ରୋସେସିଂ ପାଇଁ ନିଲାମ କରିବା ଲାଗି ସରକାର ନାଫେଡ୍‌କୁ ଅନୁମତି ଦେଇଥିଲେ। କିନ୍ତୁ କଲେକ୍ଟିଭ ତଥ୍ୟ ପ୍ରକାଶ ପାଇବା ପରେ ନାଫେଡ୍ ଏବେ କଲ୍ୟାଣକାରୀ ଯୋଜନା ସକାଶେ ଡାଲି ପ୍ରୋସେସିଂ ବନ୍ଦ କରିଦେଇଛି।



୨୦୧୫ରେ ଡାଲି ସଙ୍କଟରୁ ମୁକ୍ତି ପାଇବା ଲାଗି ସରକାର କୃଷକମାନଙ୍କୁ ଅଧିକ ଡାଲି ଉତ୍ପାଦନ କରିବାକୁ ପ୍ରୋତ୍ସାହିତ କରି ସେମାନଙ୍କଠାରୁ ଡାଲି କିଣିବା ସକାଶେ ପ୍ରତିଶ୍ରୁତି ଦେଇଥିଲେ। ପରେ ଗଚ୍ଛିତ ଡାଲି ପରିମାଣ ବଢ଼ିବା ଯୋଗୁ ୨୦୧୭ରେ ନାଫେଡ୍ ପ୍ରୋସେସିଂ ହେଉଥିବା ଡାଲିକୁ ଆଉ ଗଚ୍ଛିତ ନ କରି ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଉପଭୋକ୍ତାଙ୍କୁ କମ୍ ମୂଲ୍ୟରେ ଦେବାକୁ ପ୍ରସ୍ତାବ ଦେଇଥିଲା। ଏଥିପାଇଁ ନାଫେଡ ଏକ ନିଲାମି ପ୍ଲାଟଫର୍ମ ଗଠନ କଲା। ଏଥିରେ ମିଲର୍‌ମାନେ କଞ୍ଚା ଡାଲିକୁ ପ୍ରୋସେସିଂ କରି ରାଜ୍ୟଗୁଡ଼ିକୁ ଯୋଗାଇ ଦେବା ଲାଗି ନିଲାମ ଜିତି ଚୁକ୍ତିଭୁକ୍ତ ହେବାର ବ୍ୟବସ୍ଥା କରାଯାଇଥିଲା। ହେଲେ ନାଫେଡ୍ ଏକ ବିଚିତ୍ର ବ୍ୟବସ୍ଥା ପ୍ରବର୍ତ୍ତନ କରି କିଭଳି କିଛି ମିଲର୍‌ମାନଙ୍କ ସପକ୍ଷରେ ଚୁକ୍ତି କରିଛି, ତାହା କଲେକ୍ଟିଭ ଡିସେମ୍ବର ୨୦୨୧ରେ ଲୋକଲୋଚନକୁ ଆଣିଥିଲା। ନାଫେଡ୍ ମିଲର୍‌ମାନଙ୍କୁ ଡାଲି ପ୍ରୋସେସିଂ କରିବାକୁ ସବୁଠୁ ଅଧିକ ଆଉଟ ଟର୍ନ ରେସିଓ ( ମିଲ୍ ପାଉଥିବା ଅପରିଷ୍କୃତ ଡାଲି ଓ ଏଥିରୁ ପ୍ରୋସେସିଂ ପରେ ଶେଷରେ ମିଳୁଥିବା ଖାଇବା ଉପଯୋଗୀ ଡାଲିର ଅନୁପାତ- ଓଟିଆର) ପ୍ରସ୍ତୁତ କରିବାକୁ କହିଥିଲା। କିନ୍ତୁ ଏହା ନହେବା ଯୋଗୁ ମିଲର୍‌ମାନେ ଏହାଦ୍ୱାରା କିଭଳି ପ୍ରଚୁର ଲାଭ କରିଥିଲେ ତାହା କଲେକ୍ଟିଭ ପ୍ରକାଶ କରିଥିଲା। କିନ୍ତୁ ମିଲର୍‌ମାନେ ଏହାଦ୍ୱାରା କିଭଳି ପ୍ରଚୁର ଲାଭ କରିଥିଲେ ତାହା କଲେକ୍ଟିଭ ପ୍ରକାଶ କରିଥିଲା। ବାସ୍ତବରେ ନାଫେଡ୍‌ର ନିଲାମରେ ଜଣେ ମିଲର୍ ନିଲାମ ନେଇପାରିବା ଭଳି ଓଟିଆର୍ ଉପରେ ସର୍ବନିମ୍ନ ସୀମା ନ ଥିଲା।

୨୦୧୮ରୁ ନାଫେଡ ସରକାରୀ ସ୍ତରରେ ଏଭଳି ଅବିଶ୍ୱସନୀୟ ଓ ଅପାରଦର୍ଶୀ ନିଲାମି ପ୍ରକ୍ରିୟା ଚଳାଇଆସୁଛି। ପୀୟୂଷ ଗୋଏଲଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଗରିବୀ କଲ୍ୟାଣ ଅନ୍ନ ଯୋଜନାରେ ଡାଲି ଯୋଗାଇ ଦେବା ଲାଗି ଏହି ନିଲାମୀ ପଦ୍ଧତିକୁ ଲାଗୁ କରାଯାଉଥିଲା। ଏବଂ ଯେଉଁ ନ୍ୟାଶନାଲ ପ୍ରଡକ୍ଟିଭିଟି କାଉନ୍‌ସିଲ ଏବେ ଏହି ପଦ୍ଧତିର ତ୍ରୁଟି ବାହାର କରିଛି ତାହାର ମୁଖ୍ୟ ଭାବେ ବି ରହିଛନ୍ତି ଗୋୟଲ। ପ୍ରୋସେସିଂ ଡାଲିର ଓଟିଆର୍ ସିଷ୍ଟମ ନିରୁତ୍ସାହଜନକ ହୋଇପାରେ ଏବଂ ବିଭିନ୍ନ ପ୍ରକାର ଡାଲି ଲାଗି ନିର୍ଦ୍ଦିଷ୍ଟ ଗୁଣବତ୍ତା ସହ ଏକ ଏକକ ଓଟିଆର ସ୍ଥିର କରାଯାଇପାରେ ବୋଲି କାଉନସିଲ ପ୍ରସ୍ତାବ ଦେଇଥିଲା। ଡାଲିର ନିଲାମଧାରୀଙ୍କୁ ଚୟନ କରିବା ଲାଗି ସହ ନିର୍ଦ୍ଦିଷ୍ଟ ଗୁଣବତ୍ତା ମାନ ଏବଂ ଏକ ମାନକ ପ୍ରକ୍ରିୟା ଏବଂ ରାଜକୋଷକୁ ଅନୁକୂଳ ହେବା ଭଳି ନିଲାମି ପଦ୍ଧତି ସ୍ଥିର କରିବା ଲାଗି ସୁପାରିସ କରିଥିଲା। ହେଲେ ନାଫେଡ୍ ଦ୍ୱାରା ଗୃହୀତ ଏବକାର ପଦ୍ଧତିରେ ମିଲରମାନେ ପ୍ରସ୍ତୁତ କରୁଥିବା ଓଟିଆରକୁ ଏକ ଆନ୍ତଃ କମିଟି ଦ୍ୱାରା ସ୍ୱୀକୃତି ମିଳୁଛି। ଏହି କମିଟିର ସବିଶେଷ ତଥ୍ୟ ଗୁପ୍ତ ରଖାଯାଉଛି। ଆରଟିଆଇ ମାଧ୍ୟମରେ ତଥ୍ୟ ପାଇବାକୁ ଚେଷ୍ଟା କରାଗଲେ କୋର୍ଟ ଅର୍ଡରର ଦୃଷ୍ଟାନ୍ତ ଦେଇ ନାଫେଡ୍ ଦ୍ୱାରା ବାଧା ସୃଷ୍ଟି କରାଯାଉଛି। କେବଳ କେତେକ ବଡ଼ ଡାଲି ମିଲର୍ ନାଫେଡ୍‌ର ଡାଲି ମିଲିଂ ପ୍ରକ୍ରିୟାରେ ଜଡ଼ିତ ରହିଛନ୍ତି ବୋଲି ଏହା ପ୍ରକାଶ କରିଛି। ମିଲିଂ ବିଜ୍‌ନେସରୁ କେତେକ ଛୋଟ ବ୍ୟବସାୟୀଙ୍କୁ ବାଦ ଦିଆଯାଇଥିବାରୁ ଏହା ନାଫେଡ୍‌କୁ ଦାୟୀ କରିଛି। ଏବକାର ମିଲିଂ ପରିମାଣ ୧୦୦ ମେଟ୍ରିକ ଟନ୍ ରଖାଯାଇଥିବାରୁ ତାହା ଛୋଟ ଡାଲି ମିଲରଙ୍କୁ ମିଲିଂ କାର୍ଯ୍ୟରେ ଭାଗ ନେବାରେ ବାଧା ଦେଉଛି। ଏଣୁ ଏହାକୁ କମାଇ ୨୫ ଟନ ଧାର୍ଯ୍ୟ କରିବା ଲାଗି ନାଫେଡକୁ ଏହା ସୁପାରିସ କରିଛି। କିନ୍ତୁ ଏପ୍ରିଲ ୨୦୧୮ ପରଠାରୁ ଓଟିଆର ଆଧାରରେ ବିଭିନ୍ନ ଡାଲିକୁ ନେଇ କରାଯାଇଥିବା ନିଲାମୀ ପ୍ରକ୍ରିୟାରେ ଛୋଟ ବ୍ୟବସାୟୀଙ୍କ ସଂଖ୍ୟା କମ୍ ରହିଥିବା ନାଫେଡ୍‌ର ନିଲାମି ଲେଖାଗାରରୁ କଲେକ୍ଟିଭ ଜାଣିପାରିଛି। କେବଳ ବୃହତ ବ୍ୟବସାୟୀଙ୍କୁ ଅନୁମତି ଦେଇ ନାଫେଡ ଛୋଟ ମିଲରମାନଙ୍କ ବାଟ ବନ୍ଦ କରିଦେଇଛି। ଡାଲି କିଣାଠାରୁ ଆରମ୍ଭ କରି ଯୋଗାଣ ଯାଏ ଗୁଣବତ୍ତା ଯାଞ୍ଚ ପ୍ରକ୍ରିୟା ଦୁର୍ବଳ ରହିଥିଲା ବୋଲି କାଉନ୍‌ସିଲ ଜାଣିବାକୁ ପାଇଥିଲା। ନାଫେଡ୍ ଏପ୍ରିଲ ୨୦୨୦ରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟକୁ କହିଥିଲା ଯେ, ଭଣ୍ଡାର ଗୃହରେ ଗଚ୍ଛିତ ଡାଲି ଫାଷ୍ଟ ଇନ୍ , ଫାଷ୍ଟ ଆଉଟ ନିୟମରେ ବିକ୍ରି କରିବ। କିନ୍ତୁ ଏହାକୁ ଠିକ ଭାବେ ପାଳନ କରି ନ ଥିଲା ।

୧୧ ଫେବୃୟାରୀ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ କେବଳ ଅପରିଷ୍କୃତ ଡାଲି ଦେବା ଲାଗି ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶ କଲ୍ୟାଣକାରୀ ଯୋଜନାରେ କେବଳ ଡାଲି ଯୋଗାଣ କଥା ଚିନ୍ତା କରିଛି। ନାଫେଡ କିନ୍ତୁ ସମାନ ପ୍ରକାର ନିଲାମି ପଦ୍ଧତିରେ ଗତ ୪ ବର୍ଷର ସଶସ୍ତ୍ର ବଳକୁ ୫୮୦ କୋଟି ଟଙ୍କା ମୂଲ୍ୟର ପ୍ରକ୍ରିୟାକୃତ ଡାଲି ଯୋଗାଇବା ବାବଦରେ କିଛି ପ୍ରକାଶ କରିନାହିଁ। ଦ୍ୱିତୀୟରେ ଏହି ନିର୍ଦ୍ଦେଶରେ ପ୍ରକୃତରେ ନିଲାମି ପଦ୍ଧତିକୁ ବନ୍ଦ କରାଯାଇନାହିଁ। ଏଥିରୁ ବୁଝାପଡୁଛି ଯେ, ରାଜ୍ୟଗୁଡ଼ିକୁ ଯଦି ଡାଲି ଆବଣ୍ଟନ କରାଯାଏ,ତେବେ ସେମାନେ ଡାଲି ମିଲିଂ ଓ ଯୋଗାଣ କ୍ଷେତ୍ରରେ ଉପଯୋଗ କରିପାରିବେ। ଶେଷରେ ଏହା କେବଳ ନାଫେଡ ଦ୍ୱାରା ଡାଲି ମିଲିଂ ପ୍ରକ୍ରିୟାକୁ ବନ୍ଦ କରିଛି, ଅନ୍ୟଗୁଡ଼ିକୁ ନୁହେଁ।

**ସଦସ୍ୟ, ରିପୋର୍ଟର୍ସ କଲେକ୍ଟିଭ୍**

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଏପ୍ରିଲ ୧୯୯୭**

- ପୂର୍ବ ଜେରୁଜେଲମରେ ଇସ୍ରାଏଲର ଇହୁଦୀ ବସତି ନିର୍ମାଣକୁ ବିରୋଧ କରି ମିଳିତ ଜାତିସଂଘ ସାଧାରଣ ପରିଷଦରେ ଗୃହୀତ ପ୍ରସ୍ତାବକୁ ଇସ୍ରାଏଲର ପ୍ରତ୍ୟାଖ୍ୟାନ।
- ଫିଲିପାଇନ୍ସର ଦକ୍ଷିଣାଞ୍ଚଳର କୋଟାବାଟୋ ସହରର ଏକ ୬ ମହଲା ବିଶିଷ୍ଟ ହୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୬ ଜଣଙ୍କର ମୃତ୍ୟୁ।
- ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଚରିତ୍ର ଅଭିନେତା ହମିଦ ଅଲ୍ଲୀ ମୁରାଦଙ୍କ ୮୬ ବର୍ଷ ବୟସରେ ପରଲୋକ।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 5 | | | | | 9 |
| | | | | | | 6 | 5 | |
| 3 | 8 | | | | 6 | 7 | | 4 |
| | | 2 | | | | | 1 | |
| | | | 2 | | | 8 | | |
| | 4 | | | | | | 3 | |
| 8 | | | 4 | | 1 | | | |
| | 7 | | | 6 | 5 | 9 | | |
| 4 | 3 | | | | 2 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 1 | 3 | 9 | 5 | 6 | 2 |
| 3 | 2 | 1 | 7 | 6 | 5 | 8 | 4 | 9 |
| 5 | 9 | 6 | 8 | 2 | 4 | 3 | 7 | 1 |
| 6 | 4 | 9 | 3 | 8 | 7 | 1 | 2 | 5 |
| 7 | 1 | 3 | 9 | 5 | 2 | 6 | 8 | 4 |
| 2 | 8 | 5 | 6 | 4 | 1 | 7 | 9 | 3 |
| 9 | 5 | 8 | 4 | 1 | 6 | 2 | 3 | 7 |
| 4 | 3 | 2 | 5 | 7 | 8 | 9 | 1 | 6 |
| 1 | 6 | 7 | 2 | 9 | 3 | 4 | 5 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମିଳୁନି ବିଶୁଦ୍ଧ ପାନୀୟଜଳ

ମହାଶୟ,

ଗ୍ରୀଷ୍ମ ବଢ଼ିବାରେ ଲାଗିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତରେ । ଗ୍ରାମାଞ୍ଚଳକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ସରକାର ଯୋଜନା ପରେ ଯୋଜନା କରୁଥିବା ବେଳେ ଅଦୂରଦର୍ଶୀ ବିଭାଗୀୟ ଅଧିକାରୀମାନଙ୍କ ଦୁର୍ନୀତିଖୋର ମନୋଭାବରୁ ତାହାର ସଫଳ ରୂପାୟନ ହେଉନାହିଁ। ତାତି ବଢ଼ି ଚାଲିଥିବା ବେଳେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଶତାଧିକ ଗ୍ରାମରେ ହିତାଧିକାରୀମାନେ ପାନୀୟଜଳ ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗାଁଗୁଡ଼ିକରେ ଥିବା ଗଭୀର ନଳକୂପଗୁଡ଼ିକ ଅଚଳ ହୋଇ କେଉଁଠି ଗୋଳିଆପାଣି ତ ଆଉ କେଉଁଠି ଲୁହାଗୁଣ୍ଡ ମିଶାପାଣି ବାହାରୁଛି। ଫଳରେ ଲୋକମାନେ ଶୁଦ୍ଧ ପାନୀୟଜଳ ଟୋପାଏ ପାଇବାରୁ ବଞ୍ଚିତ ହେଉଛନ୍ତି। ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ଅଧାଲୋକ ପାଣି ପାଉନାହାନ୍ତି। ରାଜ୍ୟ ସରକାର ଜଳ ହିଁ ଜୀବନ ଡାକରା ଦେଇ ଜଳ ମିଶନ ନାଁରେ ବାହାବା ନେଉଥିବାବେଳେ ପାଣି ଟୋପେ ପାଇଁ ଗ୍ରାମବାସୀ ଯେଭଳି ଡହଳବିକଳ ହେଉଛନ୍ତି ତାହା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ଏବେବି ଅନେକ ଗ୍ରାମରେ ପାନୀୟଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ବିଭାଗୀୟ ମନ୍ତ୍ରୀ ଓ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଛି।

**–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ସରକାର କିଛିହେଲେ କରନ୍ତୁ

ମାଙ୍କଡ଼ଙ୍କ ଉପଦ୍ରବ ଅସହ୍ୟ ହେଲାଣି। ଚାଷୀକୁଳ ତ୍ରାହି ତ୍ରାହି ଡାକିଲେଣି। ବିଶେଷକରି ଉପକୂଳବର୍ତ୍ତୀ ଜିଲାରେ ଏହି ସମସ୍ୟା ଅତି ଉତ୍କଟ ଓ ଅସହ୍ୟ। ବାଡ଼ିବଗିଚା ଓ ଖେତରେଏମାନେ ଯେତିକି ପନିପରିବା ଖାଉଛନ୍ତି ଅଧିକ ନଷ୍ଟକରି ଦେଉଛନ୍ତି। ସଜନା ଓ ଅମୃତଭଣ୍ଡା ଗଛ ଲୋପ ପାଇଗଲାଣି।। କଦଳୀ ଚାଷର ପ୍ରଭୂତ କ୍ଷତି କରୁଛନ୍ତି। ନଡ଼ିଆ ଗଛର ଚଅଁର ଓ ଆମ୍ବ ମଧ୍ୟ ବାଦ୍ ପଡୁନାହିଁ। ଚାଷୀମାନେ ଆଉ ଫଳ ଓ ପନିପରିବା ଚାଷ କରିବାକୁ ଆଗ୍ରହ ଦେଖାଉନାହାନ୍ତି। ବାଡ଼ିବଗିଚା ପଡ଼ିଆ ପଡ଼ିଲାଣି। କେବଳ ଏତିକି ନୁହେଁ ଛାତ ଉପରେ ତାଣ୍ଡବ କରୁଛନ୍ତି। ଫୁଲକୁଣ୍ଡ ଭାଙ୍ଗିବା, ଟିଭି ଆଣ୍ଟିନା ଭାଙ୍ଗିବା, ତାର ଛିଣ୍ଡାଇବା, ଲୁଗାପଟା ଚିରିବା ଏମାନଙ୍କର ମୁଖ୍ୟ କାମ ହେଲାଣି। ସାଧାରଣ ଲୋକଙ୍କୁ କାମୁଡ଼ି କ୍ଷତବିକ୍ଷତ କରୁଛନ୍ତି। ମାଙ୍କଡ଼ଙ୍କ ବଂଶବୃଦ୍ଧି ତୀବ୍ର ବେଗରେ ବଢୁଛି। ଗତ ୨/୩ ବର୍ଷରେ ଏମାନଙ୍କ ସଂଖ୍ୟା ବହୁତ ବଢ଼ିଗଲାଣି। ସଂଖ୍ୟା ଯେତେ ବଢୁଛି, ଉତ୍ପାତ ସେତେ ବଢୁଛି। ଏମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ। ଜଙ୍ଗଲ ବିଭାଗ ହାତ ଟେକି ଦେଇଛି। ମାଙ୍କଡ଼ଙ୍କ ଉତ୍ପାତ ଲୋକଙ୍କର ପ୍ରମୁଖ ସମସ୍ୟା। ଏହାକୁ ସରକାର ଗମ୍ଭୀରତାର ସହ ନେଇ କିଛି ହେଲେ କରନ୍ତୁ। ଏହା ନ ହେଲେ ଚାଷୀକୁଳ ସର୍ବସ୍ୱାନ୍ତ ହୋଇଯିବେ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

ସେ ହାସ ପରେ ଚିର ଦେବା ପାଇଁ ବୋଲି କାଳି
ମରଣ ଆସେ ଧୀରେ
ସଜନିରେ ପାଦ ଚାଳି!
ବଧିର କରି ଦେଇ ସକଳର ଶରବଣ
ତିଆରି ସବୁ ଦୟା
ଆସେ ମହା ଆବରଣ।

-(ମରଣ ପାଳି)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏଇ ଭାରତରେ

ମହାଭାରତରେ ଏକଲବ୍ୟଙ୍କ ଗୁରୁଦକ୍ଷିଣା ସମ୍ପର୍କରେ ଆମେ ଜାଣିଛେ। ଏବେ ପଞ୍ଜାବରେ ଏହାର ଏକ ଉଦାହରଣ ସୃଷ୍ଟି କରିଛନ୍ତି କେତେଜଣ ଖେଳାଳି। କ୍ରୀଡ଼ାକୁ ଜୀବନ୍ତ ରଖିବା ପାଇଁ ଶହ ଶହ ଅନ୍ତର୍ଜାତୀୟ କବାଡ଼ି ଖେଳାଳିଙ୍କୁ ତାଲିମ ଦେଇଥିବା କୋଚ ରେସଲର ସେବୁ ଦାରଗାବାଦଙ୍କୁ ଦକ୍ଷିଣା ଦେବାକୁ ଖେଳାଳିମାନେ ଅଣ୍ଟା ଭିଡ଼ିଛନ୍ତି। କାନାଡାର କୈଲଗରିରେ ରହୁଥିବା ଗୁରୁବେଜ ସିଂ ମାନ ରେସଲରଙ୍କ ଗାଁରେ ପହଞ୍ଚି ଏକ ବିଳାସପୂର୍ଣ୍ଣ ଘର ନିର୍ମାଣ ପାଇଁ ତାଙ୍କୁ ଏକ ଲକ୍ଷ ଟଙ୍କାର ଗୁରୁଦକ୍ଷିଣା ପ୍ରଦାନ କରିଛନ୍ତି। ପରେ ଦେଶ ଓ ବିଦେଶରେ ରହୁଥିବା କବାଡ଼ି ଖେଳାଳିମାନେ କୋଚ୍ ସେବୁଙ୍କ ଘର ନିର୍ମାଣ ପାଇଁ ଟଙ୍କା ଜମା କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେମାନେ ୧୫ ଲକ୍ଷ ଟଙ୍କା ଜମା କରିଛନ୍ତି। ଗୁରୁବେଜ ସିଂ କହିଛନ୍ତି, ପଞ୍ଜାବକୁ ଶହ ଶହ କବାଡ଼ି ଖେଳାଳି ଦେଇଥିବା ସେବୁ ରେସଲରଙ୍କ ଘର ନିର୍ମାଣ ଲାଗି ଅନ୍ତର୍ଜାତୀୟ କବାଡି ଖେଳାଳି ଅମୃତପାଲ ସିଂ ଅର୍ଲିଭନ୍ନଙ୍କ ସହଯୋଗରେ ଆରମ୍ଭ ହୋଇଛି। ଗୁରୁବେଜ ସିଂ କହିଛନ୍ତି ଯେ ଯେତେବେଳେ ସେବୁ କାନାଡାରେ କବାଡ଼ି ଖେଳିବାକୁ ଯାଇଥିଲେ, ସେତେବେଳେ ତାଙ୍କୁ କାନାଡାରେ ରହିବାର ଅଫର ମଧ୍ୟ ମିଳିଥିଲା। ମାତ୍ର ସେ କାନାଡାରେ ରହିବା ପରିବର୍ତ୍ତେ ନିଜ ଦେଶକୁ ଫେରି ପଞ୍ଜାବର ଯୁବକମାନଙ୍କୁ କବାଡ଼ି ତାଲିମ ଦେଇଥିଲେ। କବାଡ଼ି କୋଚ୍ ସେବୁ କହିଛନ୍ତି ଯେ ବିଦେଶରେ ରହୁଥିବା କବାଡ଼ି ଖେଳାଳିମାନେ ତାଙ୍କର ବିଳାସପୂର୍ଣ୍ଣ ଘର ନିର୍ମାଣ କାର୍ଯ୍ୟକୁ ଦ୍ରୁତ ଗତିରେ କରୁଛନ୍ତି। ସେ ଗର୍ବିତ ଯେ ତାଙ୍କ ଦ୍ୱାରା ପ୍ରସ୍ତୁତ କବାଡ଼ି ଖେଳାଳିମାନେ ବର୍ତ୍ତମାନ ବିଦେଶରେ ରହି ଦେଶ ପାଇଁ ଗୌରବ ଆଣୁଛନ୍ତି। ସେ କହିଛନ୍ତି, ସମୟ ସମୟରେ ସରକାର କବାଡ଼ି ଖେଳାଳିଙ୍କ ପ୍ରତି ଦୃଷ୍ଟି ନେଉନାହାନ୍ତି। ଯେଉଁଥିପାଇଁ ଖେଳାଳିମାନେ ନିରାଶ ହେଉଛନ୍ତି। ଘର ନିର୍ମାଣରେ ଗୁରୁବେଜ ସିଂଙ୍କ ବ୍ୟତୀତ ଅନ୍ତର୍ଜାତୀୟ ଖେଳାଳି ମଣିନ୍ଦର ଚକକି ରାମଦାସ, ଗୁରୁଜନ୍ତ ଖୌରା, ସିମର, ତେଜବୀର ସିଂ ସରପଞ୍ଚ, ରେସଲର ରାଜିନ୍ଦର ସିଂ ପ୍ରମୁଖ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ଜୁନ୍ ୧୬ରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ

ବାରିପଦା ଅଫିସ,୨୬।୪: ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଆଗାମୀ ଜୁନ ୧୬ରୁ ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିବ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିୟମିତ ପରିଚାଳନା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍.ଜଗଜ୍ୟାନନ୍ଦଙ୍କ କାର୍ଯ୍ୟାଳୟ ଚିଠିନଂ. ୧୩୭୪ରୁ ଏହି ସୂଚନା ମିଳିଛି। ସେହିପରି ଅଭୟାରଣ୍ୟ ମଧ୍ୟରେ ଥିବା ସମସ୍ତ ଇକୋ-ଟୁରିଜିମ୍‌ଗୁଡ଼ିକ ମଧ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

### କକାଙ୍କୁ ରକ୍ଷା କରିବାକୁ ଯାଇ ଝିଆରୀ ଲହୁଲୁହାଣ

ବିନିକା,୨୬।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଥାନା ଭଣ୍ଡାର ଗ୍ରାମପଞ୍ଚାୟତ



ଅନ୍ତର୍ଗତ ତୁଲିମାଳ ଗାଁରେ ମଙ୍ଗଳବାର ସାମାନ୍ୟ କଥାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି । ଛବି ବାଗଙ୍କ ୫ ବର୍ଷର ଶିଶୁକନ୍ୟା ରାସ୍ତାରେ ଶୌଚ ହେବାକୁ ନେଇ ଗ୍ରାମର ବନବାସ ବାଗ ଓ ମଙ୍ଗଲୁ ବାଗଙ୍କ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏହି ସମୟରେ ଭଣ୍ଡାର ହାଇସ୍କୁଲକୁ ଆଡ୍‌ମିଟ କାର୍ଡ ଆଣିବାକୁ ଯାଉଥିବା ବନବାସ ବାଗଙ୍କ ଝିଅ ସ୍ୱାଗତିକା ବାଗ ଆକ୍ରମଣର ଶିକାର ହୋଇଛନ୍ତି। କକା ଛବିଙ୍କୁ ସୁରକ୍ଷା ଦେବାକୁ ଯାଇ ମଙ୍ଗଲୁଙ୍କ ପରିବାର ସଦସ୍ୟଙ୍କ ଆକ୍ରମଣରେ ସ୍ୱାଗତିକାଙ୍କ ନାକ ଓ ମୁହଁ ଫାଟିଛି। ବିନିକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସ୍ୱାଗତିକା ୧୦ମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡିଛି। ଏ ସମ୍ପର୍କରେ ବିନିକା ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ବନବାସଙ୍କ ଅଭିଯୋଗ ଅନୁଯାୟୀ ମଙ୍ଗଲୁ ବାଗ, ହାଡୁ ବାଗ, ପ୍ରଫୁଲ୍ଲ ବାଗ, ପଞ୍ଚା ବାଗ, ପଦ୍ମା ବାଗ, ଉମା ବାଗ, ପୁଷ୍ପାଞ୍ଜଳି ତାଣ୍ଡିଆ ଓ ଶୁକ୍ରୁବାରୀ ବାଗ ପ୍ରମୁଖ ଛବିଙ୍କ ଉପରେ ଆକ୍ରମଣ କରିଛନ୍ତି। ସେହିପରି ମଙ୍ଗଲୁଙ୍କ ଅଭିଯୋଗ କ୍ରମେ ବନବାସୀ, ଛବି ବାଗ ଓ ସେମାନଙ୍କ ପରିବାର ବର୍ଗଙ୍କ ନାମରେ ମାମଲା ରୁଜୁ ହୋଇଛି।

### ୩ ଶିକାରୀ ଗିରଫ: ବନ୍ଧୁକ ଜବତ

**ସବୁଜ ବାହିନୀ କର୍ମଚାରୀଙ୍କୁ ଗୁଳିମାଡ଼ ଘଟଣା**

ଉଦଳା,୨୬।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଅନ୍ତର୍ଗତ ଡୁକୁରା ରେଞ୍ଜର ଭଞ୍ଜବସା ଅଞ୍ଚଳରେ ଗତ ୨୧ ତାରିଖରେ ପାଟ୍ରୋଲିଂ କରୁଥିବା ବେଳେ ସବୁଜ ବାହିନୀ କର୍ମଚାରୀଙ୍କୁ ଗୁଳିମାଡ଼ ଘଟଣାରେ ଉଦଳା ପୋଲିସ ୩ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭଜ ସିଂ, ଛାଟିଆ ସିଂ ଏବଂ ରାଲିଆ ସିଂ। ଗୁଳିମାଡ଼ ଘଟଣା ପରେ ମୁଖ୍ୟ ଅଭିଯୁକ୍ତ ଭଜ ଘଟଣାସ୍ଥଳରେ ନିଜର ମୋବାଇଲ୍ ଛାଡ଼ି ଚାଲିଯାଇଥିଲେ। ସେହି ଫୋନ୍‌କୁ ଜବତ କରି ପୋଲିସ ତଦନ୍ତ କରିବା ସହ ୩ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ସାଇକେଲ ବଲ୍, ଛୁରୀ ଆଦି ଜବତ ହୋଇଛି। ଘଟଣା ଦିନ ଅଭିଯୁକ୍ତମାନେ ଦୁଇଟି କୁଟୁରା ଶିକାର କରିଥିବା ବେଳେ ବନ କର୍ମଚାରୀଙ୍କୁ ଦେଖି ସେମାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଫଳରେ ସବୁଜ ବାହିନୀ କର୍ମଚାରୀ ସୁନାରାମ ସିଂ ଗୁରୁତର ହୋଇଥିଲେ। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଡିସ୍‌ନାଲ ଏସ୍‌ପି ଉମାଶଙ୍କର ମହାରଣା ସୂଚନା ଦେଇଛନ୍ତି।

### ନବନିର୍ବାଚିତ ପୌରାଧ୍ୟକ୍ଷ, ଏନ୍‌ଏସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୬।୪(ବ୍ୟୁରୋ): "ଆମ ଉପରେ ଆସ୍ଥା ପ୍ରକଟ କରି ଲୋକମାନେ ଗୁରୁଦାୟିତ୍ୱ ଅର୍ପଣ କରିଛନ୍ତି। ଲୋକଙ୍କ ପାଖକୁ ଯାଆନ୍ତୁ ଏବଂ ମୂଳ ସମସ୍ୟା ଚିହ୍ନଟକରି ସମାଧାନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ସମସ୍ତ ନବନିର୍ବାଚିତ ପୌରାଧକ୍ଷ ଏବଂ ଏନ୍‌ଏସି ଅଧ୍ୟକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନବନିର୍ବାଚିତ ପୌରାଧକ୍ଷ ଏବଂ ଏନ୍‌ଏସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସମୀର କହିଛନ୍ତି, ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ସହରାଞ୍ଚଳ ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ପାଇଁ ସେ ପରାମର୍ଶ ଦେଇଛନ୍ତି।

# ୨୦୨୪ ସୁଦ୍ଧା ୧୫ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବ

**ଜଳ ସମ୍ପଦ ବିଭାଗର ରୂପାନ୍ତର ପଦକ୍ଷେପ**

ଭୁବନେଶ୍ୱର,୨୬।୪(ବ୍ୟୁରୋ)

୨୦୨୪ ସୁଦ୍ଧା ରାଜ୍ୟରେ ୧୫ଟି ପ୍ରମୁଖ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ସେଥିମଧ୍ୟରୁ ଚଳିତ ବର୍ଷ ୪ଟି, ୨୦୨୩ରେ ୪ଟି ଏବଂ ୨୦୨୪ରେ ୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ରୂପାନ୍ତର ଶୃଙ୍ଖଳାର ପ୍ରଥମ ବୈଠକରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ବିଭାଗର ରୂପାନ୍ତର ପଦକ୍ଷେପ (ଟ୍ରାନ୍ସଫର୍ମେଶନାଲ ଇନିସିଏଟିଭ) ସମ୍ପର୍କରେ ଏକ ଉପସ୍ଥାପନା କରି ଏହି ସୂଚନା ଦେଇଛନ୍ତି। ଏହିସବୁ ପ୍ରକଳ୍ପରେ ପ୍ରଯୁକ୍ତିବିଦ୍ୟା, ଟିମ୍ ୱାର୍କ, ଦାୟିତ୍ୱବାନ ପୁନର୍ବାସ ନୀତି, ଶ୍ରମିକ କଲ୍ୟାଣ ଆଦିର ସଫଳ ପ୍ରୟୋଗ କରାଯାଇଛି। ଏହାଦ୍ୱାରା ଓଡିଶାର ଜଳସମ୍ପଦ କ୍ଷେତ୍ରରେ ଏକ ରୂପାନ୍ତର ଆସିପାରିବ ବୋଲି ସେ କହିଛନ୍ତି।

ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା କ୍ଷେତ୍ରରେ ୫-ଟି କାର୍ଯ୍ୟକ୍ରମର ସଫଳ ପ୍ରୟୋଗ କରି ବହୁଦିନର ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗର ପ୍ରଶଂସା କରିଛନ୍ତି। ଅନ୍ୟସବୁ ବିଭାଗ ଏଭଳି ଅଭିନବ ପ୍ରୟୋଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବଲାଙ୍ଗୀର, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲାର ଜିଲାପାଳମାନେ ସେଠାରେ ଚାଲିଥିବା ଜଳସେଚନ ପ୍ରକଳ୍ପଗୁଡିକରେ ବିସ୍ଥାପନ ପ୍ରକ୍ରିୟାକୁ କିପରି ତ୍ୱରାନ୍ୱିତ କରାଯାଇଛି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚନା, ପର୍ଯ୍ୟାଲୋଚନା, ସମ୍ବେଦନଶୀଳ ବ୍ୟବସ୍ଥା ଓ ଲୋକଙ୍କ ଭିତରେ ଭରସା ସୃଷ୍ଟି କରିଆରେ ବିସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

ଏହି ଉପସ୍ଥାପନରେ ଦେଓ ପ୍ରକଳ୍ପ, ଲୋୟର ସୁକଟେଲ ପ୍ରକଳ୍ପ, ସୁବର୍ଣ୍ଣରେଖା, କାନୁପୁର, ଛେଳିଗଡ, ରେଙ୍ଗାଲି ଦକ୍ଷିଣ କେନାଲ, ରେଙ୍ଗାଲି ବାମ କେନାଲ ଏବଂ ଆହୁରି ଅନେକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରୟୋଗ ଯଥା- ଭୂତଳ ପାଇପ୍ ଲାଇନ୍ ବ୍ୟବସ୍ଥାର ପ୍ରୟୋଗ, ଜିଓ ସିନ୍ଥେଟିକ୍ ମ୍ୟାଟ୍ରେସ ଲାଇନିଂ, ସ୍କାଡା, ସ୍ୱୟଂକ୍ରିୟ ଜଳ ପରିଚାଳନା ଆଦି ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଇଞ୍ଜିନିୟରିଂ ଜ୍ଞାନକୌଶଳ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ ତୁରନ୍ତ ନିଷ୍ପତ୍ତି ଓ ଟିମ୍ ୱାର୍କ, ଦାୟିତ୍ୱବାନ ପୁନର୍ବାସ, ସମ୍ବେଦନଶୀଳ ଯୋଗାଯୋଗ ସମ୍ପର୍କରେ ଉପସ୍ଥାପନା ରଖାଯାଇଥିଲା।

ପ୍ରାରମ୍ଭିକ ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀ ସାଧାରଣ ଜୀବନରେ ସବୁବେଳେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ସ୍ୱଚ୍ଛତାର ସହ ଅଭିନବ ଉପାୟରେ ରାଜ୍ୟର ବିକାଶ ପାଇଁ ପଦକ୍ଷେପ ନେଲେ, ମୁଖ୍ୟମନ୍ତ୍ରୀ ସବୁବେଳେ ତାଙ୍କର ସହଯୋଗ ଓ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ପାଣ୍ଡିଆନ କହିଥିଲେ। ବଲାଙ୍ଗୀର ଜିଲାର ବିଭିନ୍ନ ଜଳସେଚନ ପ୍ରକଳ୍ପଗୁଡିକ ଯେଭଳି ଭାବେ ଅଗ୍ରଗତି କରୁଛି, ଆଗାମୀ ୨-୩ ବର୍ଷ ମଧ୍ୟରେ ଏହା ଏକ ଶସ୍ୟଶ୍ୟାମଳା ଜିଲାର ପ୍ରସିଦ୍ଧି ଅର୍ଜନ କରିବ ବୋଲି ସେ କହିଥିଲେ। ବୈଠକରେ ଯାଜପୁର ଜିଲାରେ ୫-ଟି ସ୍କୁଲ ରୂପାନ୍ତରର ସହଯୋଗ ନେଇ ସ୍କୁଲଗୁଡିକରେ ମିଶନ ଶକ୍ତିର ମହିଳାମାନଙ୍କୁ ଅଭିନବ ଉପାୟରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ବୈଠକରେ ଅର୍ଥମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ଜଳସମ୍ପଦ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## ଜୁନ୍ ସୁଦ୍ଧା ଜୟପୁରରୁ ଉଡ଼ିବ ବିମାନ

**ପ୍ରଥମେ ଜୟପୁରରୁ ଭୁବନେଶ୍ୱର, ବିଶାଖାପାଟଣା**

ଜୟପୁର,୨୬।୪ (ନି.ପ୍ର.)

ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଉଡାନ ଯୋଜନାରେ କୋରାପୁଟ ଜିଲା ଜୟପୁର ବିମାନବନ୍ଦରରୁ ବିମାନ ଉଡିବ। ପ୍ରଥମ ପର୍ଯ୍ୟାୟରେ ଜୟପୁରରୁ ଭୁବନେଶ୍ୱର, ବିଶାଖାପାଟଣାକୁ ବିମାନ ଉଡିବ। ମଙ୍ଗଳବାର ୨ଦିନିଆ କୋରାପୁଟ ଜିଲା ଗସ୍ତରେ ଆସିଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଏୟାରପୋର୍ଟ ସ୍ଥିତି ପରଖିବା ବେଳେ ଜୟପୁରଠାରେ ଏହି ସୂଚନା ଦେଇଛନ୍ତି। ପ୍ରଥମେ ୯ ସିଟ୍ ବିଶିଷ୍ଟ ବିମାନ ପରେ ବଡ ବିମାନ ଚଳାଚଳ କରିବ। ଉଡାନ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡ୍ ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

ସକାଳ ୮.୪୫ରେ ବିଶାଖାପାଟଣାରୁ ବାହାରି ସେ କୋରାପୁଟ ଜିଲା ଚାଟୁଆରେ ପହଞ୍ଚି ସେଠାରେ ସମୀକ୍ଷା କରିବା ପରେ ନନ୍ଦପୁର ବ୍ଲକର ଦ୍ରୁବ ଗ୍ରାମରେ କଫି ନର୍ସରି, ମିଶନ ଶକ୍ତିକେନ୍ଦ୍ର, ପାଡୁଆ ହାଇସ୍କୁଲ, ମେଡିକାଲ ପରିଦର୍ଶନ କରିଥିଲେ। ପରେ ନନ୍ଦପୁରରୁ ଜୟପୁର ଫେରି ଏୟାରପୋର୍ଟରେ ଅଧିକାରୀମାନଙ୍କ ସହ ବିମାନବନ୍ଦର କାର୍ଯ୍ୟ ସମୀକ୍ଷା କରିଥିଲେ। ଏୟାରପୋର୍ଟରେ ସିସି ଟିଭି, ଏଚ୍‌ଏଚ୍‌ଏମ୍‌ଡି, ଡିଏଫ୍‌ଏମ୍‌ଡି, ଏକ୍ସରେ ବ୍ୟାଗ୍ ମେଶିନ, କାର୍ ପାର୍କିଂ, ଯାତ୍ରୀ ପ୍ରବେଶ ଓ ପ୍ରସ୍ଥାନ ପଥ, ବାଉଣ୍ଡି ୱାଲ ସହ ପେରିମିଟର ରୋଡ, ଲାଇଟ, ଟ୍ରାଫିକ କଣ୍ଟ୍ରୋଲ ଆଦିର ସମୀକ୍ଷା କରିଥିଲେ। ଏହି ସମୟରେ କୋରାପୁଟ ଜିଲାପାଳ ଅହମ୍ମଦ ଅବଦୁଲ ଅଖତାର, ପିଡି ହେମକାନ୍ତ ସାୟ, ଏଟିସି ଭୁବନେଶ୍ୱର ସରୋଜ ସାହୁ, ବିମାନସେବା ଅଧିକାରୀ ଅରୁଣ ସିଂ, ରାସ୍ତା ଓ ଗୃହ ବିଭାଗ ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ପିଏ ଆଇଟିଡିଏ ଗୋପୀନାଥ ସାରକା, ତହସିଲଦାର ପ୍ରଧାନ ଟୁଲିଆମ୍ମା, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ସେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଦର୍ଶନ ସହ ପାଇନ ରିର୍ସଟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ବିଏସ୍‌ଏଫ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ, ଡଗ୍ ଶୋ



ଡଗ୍ ଶୋ'ରେ ଏକ କୁକୁର ରଣକୌଶଳ ପ୍ରଦର୍ଶନ କରୁଛନ୍ତି।



ବିଏସ୍‌ଏଫ୍ ପକ୍ଷରୁ ବିଭିନ୍ନ ଯୁଦ୍ଧ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଉଛି।

- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ହୋଇଥିଲା କାର୍ଯ୍ୟକ୍ରମ
- ୫ କୁକୁର ପ୍ରଦର୍ଶନ କଲେ ବିଭିନ୍ନ ରଣକୌଶଳ

ଜୟପୁର ୨୬।୪(ନି. ପ୍ର.)

ଦେଶର ସୁରକ୍ଷା ନେଇ ବ୍ୟବହୃତ ହେଉଥିବା ବିଭିନ୍ନ ଅସ୍ତ୍ରଶସ୍ତ୍ର ସମ୍ପର୍କରେ ଜ୍ଞାନ ଆହରଣ ଲାଗି କୋରାପୁଟ ବିଏସ୍‌ଏଫ୍ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ସହ ଡଗ୍ ଶୋ। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅସ୍ତ୍ରଶସ୍ତ୍ର ସହ ଦେଶର ସୁରକ୍ଷା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ଉପକରଣ ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। ଏଥିରେ ଛୋଟ ଯୁଦ୍ଧ ହତିଆର, ଆସଲ୍ଟ ରାଇଫଲ, ହେଣ୍ଡ ଗ୍ରେନେଡ, ଅଣ୍ଡର ବେରଲ ଗ୍ରେନେଡ ଲଞ୍ଚର, ମୋର୍ଟର୍ସ, ଲାଇଟ ମେଶିନ ଗନସ, ମିଡିୟମ ମେଶିନ ଗନ୍‌ସ, ହ୍ୟାଣ୍ଡ ହେଲ୍‌ଡ ମେଟଲ ଡିଟେକଟର, ଥର୍ମାଲ ଇମେଜିଂ ଡିଭାଇସ, ଲାଇଟ ଭିଜନ ଇକ୍ୟୁପମେଣ୍ଟ ଆଦି ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ କଲେଜ ପରିସରରେ ଏକ ଡଗ୍ ଶୋ ମଧ୍ୟ ଆୟୋଜିତ ହୋଇଥିଲା। ୫ଟି କୁକୁର ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିଥିଲେ। ବିଏସ୍‌ଏଫ୍ ଯବାନମାନେ କିପରି ଦେଶକୁ ସୁରକ୍ଷା ଦେଉଛନ୍ତି ଏବଂ କୁକୁରମାନଙ୍କୁ କିପରି ସିକ୍ୟୁରିଟି ଫୋର୍ସ ଭାବେ ତାଲିମ ମିଳିଛି ସେନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଓ ଡଗ୍ ଶୋ' ଦ୍ୱାରା ଛାତ୍ରୀଛାତ୍ର ବିଏସ୍‌ଏଫ୍‌କୁ ନେଇ ଯେପରି ନିଜ କ୍ୟାରିୟର କରିପାରିବେ ସେନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ, ୧୫୧ ବିଏସ୍‌ଏଫ୍ ବାଲାଲିୟନର କମାଣ୍ଡାଣ୍ଟ ଅଜୟ କୁମାର, ପ୍ରଥମ ଓଡ଼ଶା ଇନ୍‌ଫାଣ୍ଟ୍ରି କମ୍ପାନୀର କର୍ନେଲ ନବୀନ ପରାଶର, କଲେଜ ଅଧ୍ୟକ୍ଷ ଗୋପାଳ ହାଲ୍‌ଦାର, ଡିଆଇଜି ମଦନ ଲାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଠିକା କାମ ପାଇଁ ପୂର୍ବତନ ୱାର୍ଡମେମ୍ବରଙ୍କୁ ହତ୍ୟା

**ଭୋଜି କରିବାକୁ ଘରୁ ଡାକି ନେଇଥିଲେ**

କେନ୍ଦୁଝର, ୨୬।୪(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅଧୀନ ବାଉରିପଦା ପଞ୍ଚାୟତ ମନୋହରପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ। ଭୋଜି କରିବାକୁ ଘରୁ ଡାକିନେଇ ଜଣେ ପୂର୍ବତନ ୱାର୍ଡମେମ୍ବରଙ୍କୁ ଲୁହା ଛଡ଼ରେ ପିଟି ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡରେ ୪ଜଣ ଯୁବକ ସମ୍ପୃକ୍ତ ଥିଲେ ମଧ୍ୟ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା ଆରମ୍ଭ କରିଛି। ଠିକା କାମକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଛି ବୋଲି କେନ୍ଦୁଝର ଏସ୍‌ଡିପିଓ ପି.ଜେ. ଟପୋ କହିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୧୬୬/୨୨)ରୁଜୁ କରି ଅନ୍ୟ ଜଣଙ୍କୁ ଧରିବାକୁ ଉଦ୍ୟମ କରୁଛି। ମୃତକ ହେଲେ ମନୋହରପୁର ଗ୍ରାମର ଭାଗ୍ୟଧର ଘଣା।

ସୂଚନା ଅନୁଯାୟୀ, ୪ଜଣ ଯୁବକ ପ୍ରଥମେ ଭାଗ୍ୟଧରଙ୍କୁ ଫୋନ କରି ରାତି ସାଢେ ୧୦ଟା ବେଳେ ମନୋହରପୁର ନିକଟ ବିଲରେ ଚିଙ୍ଗୁଡ଼ିଚାଷ ପାଇଁ ଖୋଳାଯାଇଥିବା ପୋଖରୀ ପାର୍ଶ୍ୱକୁ ଭୋଜି ବାହାନାରେ ଡାକିଥିଲେ। ସେହି ଯୁବକମାନେ ସେଠାରେ ଏକ କାର୍‌ରେ ପହଞ୍ଚିଥିଲେ। ଭାଗ୍ୟଧର ମଧ୍ୟ ବାଇକ୍‌ରେ ତାଙ୍କ ସାହିର ତରଣୀସେନ ଦେହୁରୀଙ୍କୁ ଧରି ସେଠାରେ ପହଞ୍ଚିଥିଲେ। ପ୍ରଥମେ ୨ଜଣ ଯୁବକଙ୍କ ସହ ଭାଗ୍ୟଧର ଓ ତରଣୀ ମିଶି ମଦ ପିଇଥିଲେ। ଏହାର ସୁଯୋଗ ନେଇ ଅନ୍ୟ ୨ ଯୁବକ କାର୍‌ରୁ ଲୁହାଛଡ ବାହାର କରିଥିଲେ। ତରଣୀ ଏହା ଜାଣିପାରି ଭାଗ୍ୟଧରଙ୍କୁ ପଳାଇବା ଲାଗି କହିଥିଲେ ମଧ୍ୟ ସେ ଯୁବକମାନଙ୍କ କବଳରୁ ମୁକୁଳିପାରି ନ ଥିଲେ। ତରଣୀ ଖସିଆସି ବିଶ୍ୱନାଥପୁର ଗ୍ରାମରେ ପହଞ୍ଚି ଲୋକଙ୍କୁ ଏହି ଘଟଣା ବିଷୟରେ ଜଣାଇଥିଲେ। ଲୋକେ ସଦର ଥାନାକୁ ଜଣାଇଥିଲେ। ସଦର ଥାନା ଏସ୍‌ଆଇ ସୂର୍ଯ୍ୟକାନ୍ତ ପାତ୍ରଙ୍କ ସହ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ଆକ୍ରମଣକାରୀ ଯୁବକମାନେ ଭାଗ୍ୟଧରଙ୍କ ମୁଣ୍ଡ ପଛପଟକୁ ଲୁହାଛଡ଼ରେ ପିଟି ପିଟି ହତ୍ୟା କରି ଫେରାର ହୋଇଯାଇଥିଲେ। ପୋଲିସ ଲୁହାଛଡ଼ ଜବତ କରିଛି। ଉଲ୍ଲେଖଯୋଗ୍ୟ, ମୃତ ଭାଗ୍ୟଧରଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି।

## କୋଟିପତି ଜିଆର୍‌ଏସ୍ ଗିରଫ, ସ୍ତ୍ରୀଙ୍କ ନାଁରେ ମାମଲା

- ସୋମବାର ଏକକାଳୀନ ୬ ସ୍ଥାନରେ ଚଢ଼ାଉ ହୋଇଥିଲା
- ଆୟଠୁ ୩୮୩ % ଅଧିକ ସମ୍ପତ୍ତି

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଭୁବନେଶ୍ୱର ଇଞ୍ଜଣା ଗ୍ରାମପଞ୍ଚାୟତ(ପୂର୍ବରେ କଳାରାହାଙ୍ଗ ପଞ୍ଚାୟତ)ର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ବାବୁଲି ଚରଣ ପଢ଼ିହାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠୁ ୩୮୩ ଶତକଡ଼ା ଅଧିକ। ବାବୁଲିଙ୍କ ନିକଟରୁ ଠାବ କରାଯାଇଥିବା ସମ୍ପତ୍ତି ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରୁବାରୁ ଭିଜିଲାନ୍ସ ତାଙ୍କ ନାମରେ ଏକ ମାମଲା(ନଂ.୯/୨୦୨୨) ରୁଜୁ କରି ମଙ୍ଗଳବାର ଗିରଫ କରିଛି। ଏଥିସହ ତାଙ୍କ ସ୍ତ୍ରୀଙ୍କ ନାମରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ଗିରଫ ପରେ ବାବୁଲିଙ୍କୁ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବାବୁଲି ୨୦୦୮ ମାର୍ଚ୍ଚ ୧ରେ ଜିଆର୍‌ଏସ୍ ଭାବେ ଯୋଗ ଦେଇଥିଲେ। ଏଯାବତ୍ ତାଙ୍କ ଚାକିରି ନିୟମିତ ହୋଇ ନ ଥିବାବେଳେ ବାବୁଲି ସ୍ୱୀକାର କରିଥିବାବେଳେ ସେ ମାସିକ ୮ ହଜାର ୫୦୦ ଟଙ୍କା ଦରମା ପାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ତାଙ୍କ ବିରୋଧରେ ଏକାଧିକ ଦୁର୍ନୀତି ଅଭିଯୋଗ ଆସିବା ପରେ ଭିଜିଲାନ୍ସ ଟିମ୍ ସୋମବାର ଭୁବନେଶ୍ୱର ରଘୁନାଥପୁରସ୍ଥିତ ପୈତୃକ ଘର ସମେତ ୬ଟି ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କଟକ ବେଲ୍‌ଗଛିଆରେ ଗୋଟିଏ ଓ ଭୁବନେଶ୍ୱରରେ ୫୮ ପ୍ଲଟ୍, ଭୁବନେଶ୍ୱର ରଘୁନାଥପୁର ମାଉସୀ ମା' ମନ୍ଦିର ନିକଟରେ ୧.୨୪ କୋଟିର ଗୋଟିଏ ୩ ମହଲା କୋଠା ସମେତ ଏକାଧିକ କୋଠା ଠାବ ହୋଇଥିଲା। ସେହିପରି ତାଙ୍କ ଘରୁ ୮.୮୫ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ସୁନା ଓ ରୁପା ଗହଣା, ଘରୋଇ ଆସବାବପତ୍ର, ନଗଦ ଟଙ୍କା ମିଳିଥିଲା। ଅନ୍ୟପକ୍ଷରେ ବାବୁଲି ଏନେଇ ଗଣମାଧ୍ୟମକୁ କହିଛନ୍ତି, ମୋ ରୋଜଗାର ହ୍ୱାଇଟ୍, କିଛି ବେଆଇନ୍ କାମ କରିନାହିଁ ବୋଲି କହିଛନ୍ତି।

## ନିରଞ୍ଜନଙ୍କ ଜାମିନ ଆବେଦନ ଖାରଜ

**କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା**

ଭଦ୍ରକ ଅଫିସ, ୨୬।୪

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ମାମଲାରେ ଗିରଫ ହୋଇ ଭଦ୍ରକ ଜେଲରେ ଥିବା ଅଭିଯୁକ୍ତ ନିରଞ୍ଜନ ସେଠୀଙ୍କ ଜାମିନ ଆବେଦନକୁ ମଙ୍ଗଳବାର ଭଦ୍ରକ ଜିଲା ଜଜ୍ ଖାରଜ କରିଛନ୍ତି। ପୂର୍ବରୁ ଚାନ୍ଦବାଲି କୋର୍ଟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିରଞ୍ଜନଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ପରେ ନିରଞ୍ଜନଙ୍କ ଓକିଲ ରମଣୀକାନ୍ତ ପଟ୍ଟନାୟକ ପ୍ରାଥମିକ ଭାବେ ଦିଆଯାଇଥିବା ଏତଲାରେ ନିରଞ୍ଜନଙ୍କ ନାମ ନ ଥିବାରୁ ତାଙ୍କୁ ଜାମିନରେ ଛାଡ଼ିବାକୁ ନିବେଦନ କରିଥିଲେ। କ୍ରାଇମବ୍ରାଞ୍ଚ ଦ୍ୱାରା ଏହି ମାମଲାର ତଦନ୍ତ ଚାଲୁଥିବାରୁ ଜିଲା ଜଜ୍ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବା ଜଣାଯାଇଛି। ଅପରପକ୍ଷରେ ପରମେଶ୍ୱର ରାଉତ, ଭାଗ୍ୟଧର ନାୟକ, ବିବେକ ନାୟକ, କୃଷ୍ଣଚନ୍ଦ୍ର ନାୟକଙ୍କ ଜାମିନ ଆବେଦନ ମଙ୍ଗଳବାର କୋର୍ଟରେ ଶୁଣାଣି ଥିବା ବେଳେ କ୍ରାଇମବ୍ରାଞ୍ଚ ସିଡି ନ ଦେବାରୁ ପରବର୍ତ୍ତୀ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି।

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ଗତ ଫେବୃୟାରୀ ୭ ତାରିଖରେ ଭଦ୍ରକ ଜିଲା ପଳାଶପୁର ଗ୍ରାମର ଏକ ବାହାଘର ଶୁଟିଂ ସାରି ନାଲଗୁଣ୍ଡା ଛକରେ ଅପେକ୍ଷା କରିଥିବା ବେଳେ ଶର୍ମିଷ୍ଠା ଓ ତାଙ୍କ ସହଯୋଗୀ ତାଙ୍କୁ ଅପହରଣ କରି ଭୁବନେଶ୍ୱର ଦୟାଲ ଆଶ୍ରମରେ ହତ୍ୟା କରିଥିଲେ। ଏହି ଘଟଣାରେ ମାର୍ଚ୍ଚ ୨୧ ତାରିଖରେ ନିରଞ୍ଜନ ସେଠୀଙ୍କୁ ପୋଲିସ ଗିରଫ କରିଥିଲା।

## ଉତ୍ତରପ୍ରଦେଶରୁ ଆନ୍ତଃ ରାଜ୍ୟ ନିଶାମାଫିଆ ଗିରଫ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଭ୍ୟାନ୍‌ରୁ ୮୧୦ କେଜି ଗଞ୍ଜେଇ ଜବତ ମାମଲାରେ ୱାଣ୍ଟେଡ୍ ଥିବା ଜଣେ ଆନ୍ତଃ ରାଜ୍ୟ ନିଶାମାଫିଆ ଉତ୍ତରପ୍ରଦେଶର ଆଗ୍ରାରୁ ଧରାପଡ଼ିଛନ୍ତି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ କୋରାପୁଟ ପୋଲିସର ଏକ ମିଳିତ ଟିମ୍ ଶନିବାର ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ଆଗ୍ରା ଜିଲା ଏତମାଦ୍‌ପୁର ଥାନା ଅଧୀନ ଅଗୱାରଖାସ ଗ୍ରାମର ଶିବନାଥ ସିଂ। ଗିରଫ ପରେ ତାଙ୍କୁ ଆଗ୍ରା ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ୫ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡ ପାଇଁ ଅନୁମତି ଦେବା ପରେ ଶିବନାଥଙ୍କୁ ଓଡ଼ିଶା ଅଣାଯାଉଛି। କୋରାପୁଟ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ତାଙ୍କୁ ହାଜର କରାଯିବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି।



ଅଭିଯୁକ୍ତ ଶିବନାଥ ସିଂ

ସୂଚନା ଅନୁଯାୟୀ, ୨୦୨୧ ଅଗଷ୍ଟ ୭ ତାରିଖରେ କୋରାପୁଟ ଜିଲାର ମାଛକୁଣ୍ଡ ପୋଲିସ ଏକ ଗଞ୍ଜେଇ ଭର୍ତ୍ତି ଭ୍ୟାନକୁ ଜବତ କରିବା ସହ ଉତ୍ତରପ୍ରଦେଶର ଦୁଇଜଣଙ୍କୁ ଗିରଫ କରିଥିଲା। ଯାଞ୍ଚ ବେଳେ ଭ୍ୟାନ୍‌ରୁ ୮୧୦ କେଜିର ଗଞ୍ଜେଇ ମିଳିଥିଲା। ସମ୍ପୃକ୍ତ ଦୁଇଜଣଙ୍କୁ ପଚରାଉଚରା ବେଳେ ଶିବନାଥ ତାଙ୍କ ଭ୍ୟାନରେ ଗଞ୍ଜେଇ ଚାଲାଣ ପାଇଁ ପଠାଇଥିବା କହିଥିଲେ। ମାଛକୁଣ୍ଡ ପୋଲିସ ମାମଲା (ନଂ. ୬୧/୨୧) ରୁଜୁ କରି ଶିବନାଥଙ୍କୁ ଧରିବାକୁ ତଦନ୍ତ ଜାରି ରଖିଥିଲା। ଓଡ଼ିଶା ପୋଲିସ ତାଙ୍କୁ ଖୋଜାଖୋଜି କରୁଥିବା ଖବର ପାଇ ଶିବନାଥ ଫେରାର ହୋଇଯାଇ ଥିଲେ। କୋରାପୁଟ ପୋଲିସ ଶିବନାଥଙ୍କ ଠିକଣା ଆଣି ତାଙ୍କ ସମ୍ପର୍କରେ ସୂଚନା ଦେବାକୁ ଏତମାଦ୍‌ପୁର ପୋଲିସକୁ କହିଥିଲା। କୋରାପୁଟ ପୋଲିସ ଏସ୍‌ଟିଏଫ୍‌ର ସହାୟତାରେ ଶିବନାଥଙ୍କୁ କାବୁ କରିଥିଲା।

# ଗଞ୍ଜେଇ ର୍‍ୟାକେଟ୍‌ର ମୁଖ୍ୟ ଖଳନାୟକ ଦିବ୍ୟାଙ୍ଗ

- ୩ ବିଳାସପୂର୍ଣ୍ଣ କୋଠା, ଗୋଟିଏ ଦାମୀ ପ୍ଲଟ
- ବାଜ୍ୟାପ୍ତ ହେବ ସମ୍ପତ୍ତି

ସମ୍ବଲପୁର,୨୬।୪(ବ୍ୟୁରୋ)

ଜଣେ ଦିବ୍ୟାଙ୍ଗ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣର କିଙ୍ଗପିନ୍। ହୁଇଲ୍ ଚେୟାର ବ୍ୟବହାର କରୁଥିବା ଏହି ବ୍ୟକ୍ତି ଜଣକ ଗଞ୍ଜେଇ ଚୋରା ବେପାର କରି ୭ ବର୍ଷରେ କୋଟିପତି। ନିଜ ନାମରେ ତଥା ଶଳା, ସ୍ତ୍ରୀ ଓ ସମ୍ପର୍କୀୟଙ୍କ ନାମରେ ସମ୍ବଲପୁରରେ ରହିଛି ୩ ବିଳାସପୂର୍ଣ୍ଣ କୋଠା ଓ ଦାମୀ ପ୍ଲଟ। ଦିବ୍ୟାଙ୍ଗ ହୋଇ ମଧ୍ୟ ଅଳ୍ପ ଦିନରେ ଧନୀ ହେବାର ସ୍ୱପ୍ନ ନେଇ ଆପରାଧିକ କାର୍ଯ୍ୟରେ ଲିପ୍ତ ହୋଇ ଶେଷରେ ପୋଲିସ ପଞ୍ଝାରେ ପଡ଼ିଯାଇଛନ୍ତି। ମଙ୍ଗଳବାର ଜିଲା ପୋଲିସ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଏକ ର୍‍ୟାକେଟକୁ ଧରିବାରେ ସକ୍ଷମ ହୋଇଛି। ଏହି ର୍‍ୟାକେଟରେ ୭ ଜଣ ଅଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ କିଙ୍ଗପିନ୍ ଜଣେ ଦିବ୍ୟାଙ୍ଗ ବୋଲି ଜଣାଯାଇଛି। ସେ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ପୁଟିବନ୍ଧ ଶ୍ରୀରାମନଗରର ସୁଶାନ୍ତ କୁମାର ଲେଙ୍କା (୪୪)। ଅନ୍ୟ ଅଭିଯୁକ୍ତମାନେ ହେଲେ ଦିବ୍ୟାଙ୍ଗ ଅଭିଯୁକ୍ତଙ୍କ ଶଳା ସୁଶାନ୍ତ ଲେଙ୍କା (୩୫), ବୌଦ୍ଧ ଜିଲାର ଉଦୟ କୁମାର ପ୍ରଧାନ ଓ ଲମ୍ବାକାନୀ ଗ୍ରାମର ଅନନ୍ତ ଦେହୁରୀ, ମଧ୍ୟପ୍ରଦେଶ ଜବଲପୁରର ସଞ୍ଜୟ କୁମାର ଗିରି, ମହାରାଷ୍ଟ୍ର ଗୋଣ୍ଡିଆ ଅଞ୍ଚଳର ଭାବନା ଅଲି ସେହେରା (୨୭), ବୌଦ୍ଧ ଜିଲାର ସପ୍ଲାୟର ଗିରିଶ ଖଟୁଆ (୩୨)। ଅଭିଯୁକ୍ତମାନଙ୍କ ଠାରୁ ଏକ ଦାମୀ କାର (ନଂ ଓଡି୦୫-ଟି ୩-୯୯୯୨), ପିକଅପ୍ ଭ୍ୟାନ (ନଂ ଓଡି ୧୭-୦୧୧୭), ଏକ ବୋଲେରୋ (ନଂ ଓଡି ୩୧-ଏଚ- ୨୬୯୨), ନଗଦ ୨୨୫୦ ଟଙ୍କା, ୭ ମୋବାଇଲ, ଓଜନ ମେଶିନ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଛନ୍ତି ଦିବ୍ୟାଙ୍ଗ ସୁଶାନ୍ତ ପୁଟିବନ୍ଧରେ ରହି ଶାସନ ଥାନା ଗଣ୍ଡପାଲି ଗ୍ରାମରେ ଏକ ଗୋଦାମ କରିଥିଲେ। ସେଠାରେ କେଜିକିଆ ପ୍ୟାକେଟ କରାଯାଇ ଏହା ଚାଲାଣ କରାଯାଉଥିଲା। କିଲୋ ପ୍ରତି ୩ ହଜାର ଟଙ୍କାରେ ଗଞ୍ଜେଇ କିଣି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହେଉଥିଲା। ପ୍ରତି କେଜି ପିଛା ପ୍ରାୟ ୭ ହଜାର ଟଙ୍କାର ଲାଭ ମିଳୁଥିଲା। ୮ ବର୍ଷ ହେବ ଏହି ର୍‍ୟାକେଟ କାମ କରି ଆସୁଛି। ସ୍ଥାନୀୟ ଅଞ୍ଚଳରେ ଗଞ୍ଜେଇ ବିକ୍ରି କରୁ ନ ଥିବାରୁ କାହାରି ନଜରରେ ସେମାନେ ଆସୁ ନ ଥିଲେ। ଗଞ୍ଜେଇ କାରବାର ପାଇଁ ଦାମୀ କାରଗୁଡିକ ବ୍ୟବହାର କରୁଥିଲେ। ଅଭିଯୁକ୍ତ ସୁଶାନ୍ତ ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ କୋଠା ଓ ପ୍ଲଟ ରହିଛି। ନିୟମ ଅନୁସାରେ ସମ୍ପତ୍ତି ବାଜ୍ୟାପ୍ତ ହେବା ନେଇ ପ୍ରକ୍ରିୟା କରାଯିବ ବୋଲି ଏସ୍‌ପି କହିଥିଲେ।



ସମ୍ବଲପୁର ଜିଲା ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ।

## ସଂକ୍ଷେପରେ

### ମନ୍ତ୍ରୀପଡ଼ାର ଚନ୍ଦନ ପୋଖରୀ ଟ୍ରଷ୍ଟ ବୋର୍ଡକୁ ଫେରିଲା

**କେନ୍ଦ୍ରାପଡା ଅଫିସ,୨୬।୪:** ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଚନ୍ଦନ ପୋଖରୀ ଡେରାବିଶ ବ୍ଲକ ବିଜେ ପ୍ରତିମା ଶ୍ରୀଗୋପୀନାଥଜୀଉଙ୍କ ନାମରେ ଦୀର୍ଘଦିନ ହେବ ରହିଥିଲା। ଏହି ପୋଖରୀର ମାଲିକାନା ଶ୍ରୀଜୀଉଙ୍କ ନାମକୁ ସୋମବାର ଫେରିଛି। ଏ ସମ୍ପର୍କରେ ଶ୍ରୀଜୀଉଙ୍କ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ଯେ, ଚନ୍ଦନ ପୋଖରୀ ଦୀର୍ଘଦିନ ଧରି ବିଜେ ପ୍ରତିମାଙ୍କ ତତ୍ତ୍ୱାବଧାନରେ ଥିବା ବେଳେ ଏହାର ଉନ୍ନତିକରଣ ହୋଇପାରୁ ନ ଥିଲା। ଏଥିପାଇଁ ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ଶ୍ରୀଗୋପୀନାଥଜୀଉଙ୍କ ପରିଚାଳନା କମିଟି ସହ ଏଣ୍ଡାମେଣ୍ଟ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଲୋଚନା ହୋଇଥିଲା। ଶେଷରେ ଚନ୍ଦନ ପୋଖରୀକୁ ୨୦ ଲକ୍ଷ ଟଙ୍କା ଦେଇ ବିକ୍ରି କବଲାରେ ଶ୍ରୀବଳଦେବଜୀଉ ଟ୍ରଷ୍ଟ ବୋର୍ଡକୁ ଫେରାଇ ଅଣାଯାଇଛି।

### ଭଲ ଶିକ୍ଷକଙ୍କ ଦର୍ଶନରେ ପିଲା ପ୍ରଭାବିତ ହୋଇଥାନ୍ତି



**ଆଳି,୨୬।୪(ଡି.ଏନ.ଏ.):** ଯେଉଁ ଶିକ୍ଷକ ଶ୍ରେଣୀ ଗୃହରେ ଭଲ ଭାବେ କେବଳ ପାଠ ପଢ଼ାନ୍ତି, ସେମାନଙ୍କୁ ଆମେ ଭଲ ଶିକ୍ଷକ କହି ପାରିବା ନାହିଁ। ଦୀର୍ଘଦିନ ଧରି ସେମାନଙ୍କର ଅଭିଜ୍ଞତାରୁ ଶିକ୍ଷକମାନେ ଶ୍ରେଣୀ ଗୃହରେ ପିଲାମାନଙ୍କୁ ଭଲ ପାଠ ପଢ଼ାଇ ପାରିବେ। କିନ୍ତୁ ଯେଉଁ ଶିକ୍ଷକ ନିଜ ଅଭିଜ୍ଞତାକୁ ସେଥିରେ ମିଶାଇ ତାହାକୁ ଦିଗ୍‌ଦର୍ଶନର ରୂପ ଦେଇପାରନ୍ତି ଆଉ ତାହା ଦ୍ୱାରା ପିଲାମାନେ ପ୍ରଭାବିତ ହୋଇଥାନ୍ତି। ସେହି ଶିକ୍ଷକ ହିଁ ଉତ୍ତମ ଶିକ୍ଷକ। ସେଭଳି ଜଣେ ଶିକ୍ଷକ ଥିଲେ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ। ଆଳି ନିଆଳସ୍ଥିତ ଦାସଙ୍କ ୧୧ ତମ ଶ୍ରାଦ୍ଧ ଦିବସରେ ମଙ୍ଗଳବାର ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍, ଶିକ୍ଷକ ନେତା ତଥି ବାମପନ୍ଥୀ ନେତା କାଳୀପ୍ରସାଦ ନାୟକ ଏହା କହିଛନ୍ତି। ଦିବଂଗତ ଶିକ୍ଷାବିତ୍ ଦାସଙ୍କ ଏକାଦଶ ଶ୍ରାଦ୍ଧୋତ୍ସବରେ ଗୌରାଙ୍ଗ ସ୍ମୃତି କମିଟିର ସଭାପତି କେଶବ ଚରଣ ବେହେରା ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ସଭାପତି ପ୍ରଭାକର ପଲାଇ, ସମ୍ମାନିତ ଅତିଥି ଭାବେ ରାଜକନିକା ଯାଦବ ମହାସଭା ନେତା ମନୋଜ ପରିଡା ଓ ଅମୃତ ମଣୋହିର ପୂର୍ବତନ ସରପଞ୍ଚ କୁଳମଣି ମଲ୍ଲିକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ପ୍ରେମୀ ମଧୁସୂଦନ ଦାସ, ଗୋବିନ୍ଦ ଚନ୍ଦ୍ର ନନ୍ଦ, ବନମାଳୀ ସେନାପତି, ମନୋଜ ଦାସ, ଅମୂଲ୍ୟ କୁମାର ବେହେରା, ବିଜୟ ମହାକୁଡ଼, କରୁଣାକର ପଣ୍ଡା, ଶୈଳେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦୁଇଜଣ ବିଶିଷ୍ଟ ଶିକ୍ଷାବିତ ଧରଣୀଧର ବେହେରା ଓ ବାସୁଦେବ ମଲ୍ଲିକଙ୍କୁ ଉତ୍ତରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଗୌରାଙ୍ଗ କୁଞ୍ଜ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସ୍ୱର୍ଗତ ଦାସଙ୍କ ପୁତ୍ର ଅବକାଶ ଯାଦବ, ସାମାଜିକ କର୍ମୀ ପ୍ରଭାତ ଦାସ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଖରିଫ ଚାଷ ପୂର୍ବରୁ କେନାଲ ସଫା ଦାବି

**କେନ୍ଦ୍ରାପଡ଼ା ଅଫିସ, ୨୬।୪**

- ଦଳରେ ଭର୍ତ୍ତି ହୋଇଛି କେନ୍ଦ୍ରାପଡ଼ା କେନାଲ
- ଶେଷମୁଣ୍ଡରେ ପହଞ୍ଚୁନି ପାଣି



ସଫା ହେଉ ନ ଥିବାରୁ କେନ୍ଦ୍ରାପଡ଼ା କେନାଲରେ ଦଳ ଭର୍ତ୍ତି ହୋଇ ରହିଛି।

ଓଡ଼ିଶାର ସର୍ବପ୍ରାଚୀନ କେନ୍ଦ୍ରାପଡ଼ା କେନାଲରେ ୧୮୬୯ ମେ' ୨୯ରେ ପ୍ରଥମଥର ପାଇଁ ପାଣି ଛଡା ଯାଇଥିଲା। ଜଗତପୁର ନିକଟସ୍ଥ ବିରୂପା ନଦୀରୁ ଏହି କେନାଲ ବାହାରି ପଟ୍ଟାମୁଣ୍ଡାଇ, ଜମ୍ବୁ, ଗୋବରୀ ଆଦି କେନାଲକୁ ପାଣି ଯୋଗା ଯାଉଥିଲା। ଏହି କେନାଲରେ ଜଳସେଚନ ବ୍ୟତୀତ ଡଙ୍ଗା ଯୋଗେ ପଣ୍ୟ ପରିବହନ କରାଯାଉଥିଲା। ୧୯୩୦-୩୧ରେ ପଣ୍ୟ ପରିବହନ ମାହାସୁଲ ବାବଦ ବିଭିନ୍ନ ଲକ୍‌ଠାରେ ୮୫ ହଜାରରୁ ଅଧିକ ଟଙ୍କା ଆଦାୟ ହୋଇଥିବା ତଥ୍ୟ କୁହେ। ନଅଙ୍କ ଦୁର୍ଭିକ୍ଷରୁ ବର୍ତ୍ତିବା ପାଇଁ ଖୋଳା ଯାଇଥିବା ଏହି ଐତିହ୍ୟ ସମ୍ପନ୍ନ ସୁନାବ୍ୟା କେନାଲ ଏବେ ମୃତ ପ୍ରାୟ ହୋଇଛି। ଏହାର ଉନ୍ନତୀକରଣ କରାଯାଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ଦର୍ଶାଯାଉଥିଲେ ମଧ୍ୟ ଦଳ ଭର୍ତ୍ତି ଯୋଗୁ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ଫଳରେ ଆଗାମୀ ଖରିଫ ଫସଲ ଏଥିରେ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ନେଇ ଏକ ଦାବିପତ୍ର ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି।

କେନ୍ଦ୍ରାପଡ଼ା ବ୍ଲକ କଂସାର ଗାଁର ନିରଞ୍ଜନ ପରିଡା, ଦେପୁରା ଗାଁର ଜଗଦୀଶ ପତି, କୃଷକ ନେତା ଗୟାଧର ଧଳ, ବିଧୁଭୂଷଣ ମହାପାତ୍ର ପ୍ରମୁଖ କହିଛନ୍ତି, ଇତିହାସ ପାଲଟି ଯାଉଥିବା କେନ୍ଦ୍ରାପଡ଼ା କେନାଲର ଅତୀତ ଖୁବ୍ ସମୃଦ୍ଧ ଥିଲା। ୧୮୬୬ର ନଅଙ୍କ ଦୁର୍ଭିକ୍ଷ ପରେ ଏହି କେନାଲ ଖୋଳାଯାଇଥିଲା। ଜଳସେଚନ ସହ ନୌବାଣିଜ୍ୟରେ ସହଯୋଗ ଦେଉଥିଲା। ମହାନଦୀ ବ୍ୟାରେଜର ବାମପଟୁ ଆରମ୍ଭ ହୋଇ ଜମ୍ବୁ ପର୍ଯ୍ୟନ୍ତ ଯାଇଥିବା ଏହି କେନାଲର ଲମ୍ବ ୨୪୧ କି.ମି.। କେନାଲ ପାଣିରେ ପ୍ରାରମ୍ଭରେ ଜିଲାର ୧୧,୯୩୮ ହେକ୍ଟର ଚାଷ ଜମିକୁ ଜଳସେଚନ ହେଉଥିଲା। ସେହିପରି ଏହି କେନାଲରୁ ଜଳ ଆହରଣ କରି ଗୋବରୀ କେନାଲ, ଗୋବରୀ ସମ୍ପ୍ରସାରିତ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଜରିଆରେ ପ୍ରାୟ ୨୯ ହଜାର ହେକ୍ଟର ଅଞ୍ଚଳରେ ଚାଷ ହେଉଥିଲା। ଜିଲା ଗଠନ ପୂର୍ବରୁ ଏହି ଜଳସେଚନ କ୍ଷମତାକୁ ଧାର୍ଯ୍ୟ କରି ଜିଲାର ସ୍ୱତ୍ୱବାନ ଚାଷୀଙ୍କଠାରୁ ଅଦ୍ୟାବଧି ଜଳକର ଆଦାୟ ହେଉଛି। ତେବେ ଏହି କେନାଲରେ ବର୍ଷ ବର୍ଷ ଧରି ରହିଥିବା ଦଳକୁ କଢ଼ାଯିବାର ବ୍ୟବସ୍ଥା କରାଯାଉନାହିଁ। ଫଳରେ ଜଳସେଚନ ବ୍ୟବସ୍ଥା ଫେଲ ମାରିଛି। ଏହା ଏବେ ମଶା, ମାଛିଙ୍କ ଉତ୍ପତ୍ତିସ୍ଥଳ ହୋଇ ଜଳବାହିତ ରୋଗର କାରଣ ସାଜିଛି। ଆବର୍ଜନା ପରିପୂର୍ଣ୍ଣ ଯୋଗୁ ସାପଙ୍କ ଏହା ବାସସ୍ଥଳୀ ପାଲଟିଛି। କେନାଲରେ ଜଳସେଚନ ବାଧାପ୍ରାପ୍ତ ହୋଇଥିବାରୁ ଆଗାମୀ ଖରିଫ ଧାନ ଚାଷ ପ୍ରଭାବିତ ହେବ। ତୁରନ୍ତ କେନାଲ ମଧ୍ୟରୁ ଦଳ ସଫା ବ୍ୟବସ୍ଥା କରିବାକୁ କୃଷକ ନେତାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ କେନାଲର ଉନ୍ନତୀକରଣ ହେଉଛି। ଗଣ୍ଡାକିଆରୁ ଅଳଭା ପର୍ଯ୍ୟନ୍ତ ନବୀକରଣ ସରିଛି। ଖୁବ୍‌ଶୀଘ୍ର କେନ୍ଦ୍ରାପଡ଼ା କେନାଲର ନବୀକରଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି।

### ଡେରାବିଶରେ ଗ୍ରୀଷ୍ମ ପ୍ରବାହ: ଜନଜୀବନ ଅସ୍ତବ୍ୟସ୍ତ

**ଡେରାବିଶ,୨୬।୪(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସପ୍ତାହ ହେଲା ଜାରି ରହିଛି। ଦିନରେ ସର୍ବାଧିକ ତାପମାତ୍ର ୪୦ ଡିଗ୍ରୀରୁ ଅଧିକ ରହୁଥିବାରୁ ସାଧାରଣ ଜୀବନଯାତ୍ରା ଉପରେ ଏହାର ପ୍ରଭାବ ପକାଇଛି। ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ବିଦ୍ୟାଳୟ ଓ କଲେଜଗୁଡ଼ିକ ଛୁଟି ଘୋଷଣା କରାଯାଇଛି। ତେବେ ଏହି ଗ୍ରୀଷ୍ମପ୍ରବାହରେ କୌଣସି ପଞ୍ଚାୟତ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲା ଯାଇନାହିଁ। ଫଳରେ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏ ବିଷୟରେ ବିଡିଓ ଗୋପବନ୍ଧୁ ଭୋସଗାରଙ୍କୁ ପଚାରିବାରେ ଜଳଛତ୍ର କେନ୍ଦ୍ର ନାମରେ ବହୁ ସ୍ଥାନରେ ମିଥ୍ୟା ବିଲ୍ କରାଯାଉଥିବା ଅଭିଯୋଗ ପାଇବା ପରେ ଦୁଇବର୍ଷ ହେବ ଏହି କେନ୍ଦ୍ରଗୁଡ଼ିକୁ ବନ୍ଦ କରାଯାଇଛି। ବ୍ଲକ କଟକ-ଚାନ୍ଦବାଲି ରାଜରାସ୍ତା ଦେଇ କେନ୍ଦ୍ରାପଡ଼ା ଆସୁଥିବା ବସ୍‌ଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ ଚଳାଚଳ ବନ୍ଦ ରଖିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ପ୍ରଶାସନିକ ସ୍ତରରେ ସାଧାରଣ ଲୋକଙ୍କୁ ସଚେତନତା ସୃଷ୍ଟି କରିବାକୁ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ କୁମାର ଚନ୍ଦ୍ର ବଳ ଦାବି କରିଛନ୍ତି।

# ଶତାବ୍ଦୀର ମୂକସାକ୍ଷୀ ଲୁଣିଲୁଣିଆ ଗଛ

**ମହାକାଳପଡ଼ା, ୨୬।୪ (ଡି.ଏନ.ଏ.)**

- ବୟସର ଅପରାହ୍ନରେ ପଥିକଙ୍କୁ ଦେଉଛି ଛାୟା
- ଡଙ୍ଗା ଦୁର୍ଘଟଣାରେ ୧୮ ବ୍ୟବସାୟୀଙ୍କ ସମାଧିସ୍ଥଳ ହୁଲୁହୁଲିଆବାଙ୍କ



ଗୁପ୍ତଗିରି ନଦୀ କୂଳରେ ମୁକସାକ୍ଷୀ ପାଲଟିଥିବା ଲୁଣି ଲୁଣିଆ ଗଛ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳ କୋଟିଳା ଗ୍ରାମ ସନ୍ନିକଟ ମହାନଦୀର ଶାଖା ଗୁପ୍ତଗିରି ନଦୀରେ ହୁଲୁହୁଲିଆବାଙ୍କ ନିକଟରେ ଶହେ ବର୍ଷରୁ ଊର୍ଦ୍ଧ୍ୱହେବ ଦଣ୍ଡାୟମାନ ହୋଇ ରହିଛି ଲୁଣିଲୁଣିଆ ଗଛ। ଏହିଠାରେ ଏକ ପାଲଟଣା ଡଙ୍ଗା ଦୁର୍ଘଟଣାରେ ୧୮ ବ୍ୟବସାୟୀଙ୍କ ସମେତ ନୌଚାଳକଙ୍କ ମୃତ୍ୟୁ ଘଟିଥିଲା ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳେ।

୧୯୨୦ ମସିହାର ଘଟଣା। ଏହି ଅଞ୍ଚଳ ସମ୍ପୂର୍ଣ୍ଣ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଥିଲା। ଜଙ୍ଗଲ ମଧ୍ୟରେ ଦେଇ ଏକ ନଦୀ ପ୍ରବାହିତ ହେଉଥିଲା। ଜଙ୍ଗଲରେ ବାଘ, ହେଟା, ମିରିଗ, ବାର୍‌ହା ଦେଖାଯାଉଥିଲେ। ଶିକାରୀ ଭୟରେ ଜୀବଜନ୍ତୁମାନେ ଲୁଚିଛପି ଆସି ନଦୀରୁ ପାଣି ପିଉଥିଲେ। କେବେ କେବେ ଶିକାରୀମାନେ ମଧ୍ୟ ଜଙ୍ଗଲରେ ଲୁଚିଛପି ଜନ୍ତୁଙ୍କୁ ଶିକାର କରୁଥିଲେ। ନଦୀ ମଧ୍ୟରେ କୁମ୍ଭୀର ଭୟ ଓ ଜଙ୍ଗଲ ମଧ୍ୟରେ ବାଘର ଭୟ ଯୋଗୁ ଶିକାରୀଙ୍କ ଜୀବନ ମଧ୍ୟ ଯାଉଥିଲା ବୋଲି ବହୁ ଲୋକକଥା ଶୁଣିବାକୁ ମିଳେ। ସମୟ ବଦଳିଛି ଘଞ୍ଚ ଜଙ୍ଗଲ ଓ ବିରଳ ବନ୍ୟଜନ୍ତୁ ଲୋପ ପାଇଛନ୍ତି। ସେଦିନ ଗୁପ୍ତରେ ବନ୍ୟଜନ୍ତୁ ପାଣି ପିଉଥିବା ନଦୀର ନାମ ଗୁପ୍ତଗିରି ରହିଛି। ଏହି ଗୁପ୍ତଗିରି ନଦୀ କୂଳରେ ସେ ଦିନର ମୂକ ସାକ୍ଷୀ ପାଲଟି ଥିବା ଲୁଣି ଲୁଣିଆ ଗଛ ଦଣ୍ଡାୟମାନ ହୋଇ ଠିଆ ହୋଇଛି। ଏହି ଗଛର ଫଳ କିଛି ମିଠା, ଖଟା ଓ ଲୁଣି ଲାଗୁ ଥିବାରୁ ସେ ସମୟରେ ବନ୍ୟଜନ୍ତୁ ଓ ମଣିଷଙ୍କ ପ୍ରିୟ ଫଳ ପାଲଟି ଥିଲା।

ସଡ଼କପଥର ବହୁ ପୂର୍ବରୁ ଏହି ନଦୀ ଗୁପ୍ତରେ ପ୍ରବାହିତ ହୋଇଥିବାରୁ ଯାତାୟାତ ପାଇଁ ଜଳପଥ ହିଁ ଭରସା ଥିଲା। ନଦୀର ଜଳ ବର୍ଷ ସାରା ଲୁଣି ହୋଇଥିବାରୁ ଅଞ୍ଚଳରେ ଚାଷ ବାସରେ ସମସ୍ୟା ଦେଖାଦେଉଥିଲା। ଲୋକମାନେ ବାଧ୍ୟ ହୋଇ ଜଙ୍ଗଲ ଜାତ ପଦାର୍ଥ ଓ ନଦୀରୁ କଙ୍କଡ଼ା ମାଛ ଧରି ଜୀବିକା ନିର୍ବାହ କରୁଥିଲେ। ଏହି ନଦୀ ଜଳ ପଥରେ ସ୍ଥାନୀୟ ଧୀବରମାନେ ମାଛ ଧରିବା ସହ ଜଙ୍ଗଲ କାଠ ତଥା ରାଇ, ବନୀ, ସୁନ୍ଦରୀ, ହେନ୍ତାଳ(ରୁଅ) ଓ ମହୁ, ଚୂନ ମାରିବା ପାଇଁ ସାମୁଦ୍ରିକ ଶାମୁକାକୁ ଆଦି କଞ୍ଚା ମାଲ ଭାବେ ସଂଗ୍ରହ କରୁଥିଲେ। ଏହାକୁ ବିକ୍ରିବଟା ପାଇଁ ନଦୀପଥରେ କଟକ, ଚାନ୍ଦବାଲି, କୁଜଙ୍ଗ ଆଦି ଅଞ୍ଚଳକୁ ଡଙ୍ଗା ସାହାଯ୍ୟରେ ଯାତାୟାତ କରିଥାନ୍ତି ବୋଲି ଶୁଣିବାକୁ ମିଳେ। ଦିନକର ଘଟଣା ବିକ୍ରିବଟା ସାରି ଗୁପ୍ତଗିରି ନଦୀ ପଥରେ ବ୍ୟବସାୟୀମାନେ ଫେରୁଥିଲେ। ଏହି ସମୟରେ ପ୍ରବଳ ଝଡ଼ ତୋଫାନ ଯୋଗୁ ପାଲ ଟଣା ଡଙ୍ଗାଟି ଭାରସାମ୍ୟ ହରାଇ ହଠାତ ଓଲଟି ପଡ଼ିଥିଲା। ନଦୀର ପ୍ରଖର ସ୍ରୋତ ଯୋଗୁ ୧୮ ବ୍ୟବସାୟୀଙ୍କ ସମେତ ଡଙ୍ଗା ଚାଳକ ଭାସି ଯାଇ ମୃତ୍ୟୁବରଣ କରିଥିଲେ ବୋଲି ସ୍ଥାନୀୟ କୋଟିଳା ଗାଁର ଦୀନବନ୍ଧୁ ରାଉତ (୯୨), ଦିବାକର ଗୋଛାୟତ (୯୫) ପ୍ରମୁଖ ତାଙ୍କ ବାପା ଓ ଜେଜେ ବାପାଙ୍କଠାରୁ ଶୁଣିଥିବା କଥା କହିଛନ୍ତି। ସେ ସବୁକୁ ମୁକ ସାକ୍ଷୀ ଭାବେ ଦେଖିଥିବା ଲୁଣି ଲୁଣିଆ ଗଛ ଏବେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଇତିମଧ୍ୟରେ ବିତିଯାଇଛି ଅନେକ ବର୍ଷ। ଘଟଣା ଦୁର୍ଘଟଣା ମଧ୍ୟରେ ଏହି ମୁକ ସାକ୍ଷୀ ଥିବା ଗଛଟିର ଶାଖା ପ୍ରଶାଖା ଭାଙ୍ଗିଛି। ତଥାପି ଆଜି ବୟସର ଅପରାହ୍ନରେ ଶୀତଳ ଛାୟା ପ୍ରଦାନ କରିବା ସହ ପଥିକଙ୍କ ଭୋକ ମେଣ୍ଟଉଛି। ବନ ବିଭାଗ ପକ୍ଷରୁ ଏହି ଗଛର ରକ୍ଷଣାବେକ୍ଷଣ ଓ ମଞ୍ଜି ସଂଗ୍ରହ କରି ନୂତନ ଚାରା ସୃଷ୍ଟି କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ପୂର୍ବତନ ୱାର୍ଡେନଙ୍କ ମନ୍ତବ୍ୟକୁ ନେଇ ଛାତ୍ରୀଙ୍କ ହୋହାଲ୍ଲା




**କେନ୍ଦ୍ରାପଡ଼ା ଅଫିସ, ୨୬।୪**

- ଛାତ୍ରୀ ହଷ୍ଟେଲରେ ଦୁର୍ବୃତ୍ତଙ୍କ ଚୋରି ଘଟଣା
- କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ହଷ୍ଟେଲରେ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଝରକା ବାଟେ ଟଙ୍କା, ମୋବାଇଲ ଚୋରି କରି ନେଇଥିଲେ। ଶୋଇଥିବା ଜଣେ ଛାତ୍ରୀଙ୍କ ପୋଷାକକୁ ବ୍ଲେଡରେ କାଟି ଦେଇଥିଲେ। ଏ ନେଇ ଅଭିଯୋଗ ପରେ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ପକ୍ଷରୁ ତଦନ୍ତ ଚାଲିଛି। ହେଲେ ପୂର୍ବତନ ୱାର୍ଡେନ ଛାତ୍ରୀଙ୍କୁ ଦେଇଥିବା ମନ୍ତବ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଦେହ ଦେଖାଇ ଶୋଇଲେ ଏପରି କାର୍ଯ୍ୟ ଦୁର୍ବୃତ୍ତ କରିବାକୁ ସାହସ ପାଉଛନ୍ତି ବୋଲି ସେ ମନ୍ତବ୍ୟ ଦେଇଥିଲେ। ଯାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ମଙ୍ଗଳବାର ଛାତ୍ରୀମାନଙ୍କ ପକ୍ଷରୁ ହୋହଲ୍ଲା କରାଯାଇଥିଲା। ଘଟଣାର ତଦନ୍ତ ଓ ୱାର୍ଡେନ ପରିବର୍ତ୍ତନ ନେଇ ଛାତ୍ରୀମାନଙ୍କୁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେବା ପରେ ପାଟିତୁଣ୍ଡ ଥମିଥିଲା। ଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ରବିବାର ରାତି ପ୍ରାୟ ୨ଟା ବେଳେ କେତେଜଣ ଦୁର୍ବୃତ୍ତ ପାଚେରି ଡେଇଁ ହଷ୍ଟେଲର ଝରକାଗୁଡ଼ିକ ଭାଙ୍ଗି ଦେଇଥିଲେ। ଝରକା ନିକଟରେ ଥିବା ମୋବାଇଲ, ଚାର୍ଜର, ୨୫୦୦ ଟଙ୍କା ଆଦି ଲୁଟି ନେଇଥିଲେ। ଏଥିସହ ହଷ୍ଟେଲର ଏକ ରୁମ୍‌ରେ ଶୋଇଥିବା ଜଣେ ଛାତ୍ରୀଙ୍କ ଇନରକୁ ଏକ ବ୍ଲେଡ ଯୋଗେ କାଟି ଦେଇଥିଲେ। ଏ ନେଇ ଛାତ୍ରୀମାନେ ହଷ୍ଟେଲ ୱାର୍ଡେନଙ୍କୁ ଅଭିଯୋଗ କରିଥିଲେ। ସେ ଉତ୍ତ୍ୟକ୍ତ ହୋଇ କହିଥିଲେ, କେବଳ ଇନର ପିନ୍ଧି କାହିଁକି ଶୋଉଥିଲ, ଦେହ ଦେଖାଇ ଶୋଇଲେ ଏପରି ହେବ। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ପରେ ତଦନ୍ତ ହୋଇଛି। ଏଥିସହ ୱାର୍ଡେନଙ୍କୁ ବଦଳି କରାଯାଇ ନୂଆ ୱାର୍ଡେନ ଭାବେ ମିନତିପ୍ରଭା ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ଛାତ୍ରୀଙ୍କୁ ପୂର୍ବତନ ୱାର୍ଡେନଙ୍କ ମନ୍ତବ୍ୟ ସମ୍ପର୍କିତ ଅଭିଯୋଗକୁ ନେଇ କଲେଜ ପକ୍ଷରୁ ଏକ କମିଟି ଗଠନ କରାଯାଇ ତଦନ୍ତ ଚାଲିଛି।

# ବଡ଼ମଙ୍ଗରାଜପୁର ଗ୍ରାମକୁ ନଦୀପାଣି ଭରସା

**କେନ୍ଦ୍ରାପଡ଼ା ଅଫିସ,୨୬।୪**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବଡମଙ୍ଗରାଜପୁର ଗ୍ରାମବାସୀ ଏବେ ନଦୀ ପାଣିକୁ ଭରସା କରିଛନ୍ତି। ପାନୀୟ ଜଳ ପ୍ରକଳ୍ପ ଓ ଗ୍ରାମର ନଳକୂପ ଖରାପ ଯୋଗୁ ଏପରି ସ୍ଥିତି ଉପୁଜିଛି। ଏପରି ଅଭିଯୋଗ ନେଇ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଗୋଲକ ଚନ୍ଦ୍ର ସାହୁ କହିଛନ୍ତି ଯେ, କୁରୁଜଙ୍ଗା ଗାଁରେ ଏକ ଜଳ ଅମଳ ପ୍ରକଳ୍ପ ହୋଇଥିଲା। ତେବେ ଏହି ପ୍ରକଳ୍ପଟି ଯାନ୍ତ୍ରିକ ତ୍ରୁଟି ଯୋଗ ଅଚଳ ହୋଇପଡ଼ିଛି। ସେହିପରି ଏକମାତ୍ର ଟିଉବୱେଲରୁ ଲୁଣିଆ ପାଣି ବାହାରୁ ଥିବାରୁ ଏହା ପାନୀୟ ଜଳ ପାଇଁ ଉପଯୋଗୀ ହେଉନାହିଁ। ପିଇବା ପାଇଁ ଏବେ ନଦୀ ଜଳ ଭରସା ପାଲଟିଛି। ତୁରନ୍ତ ପ୍ରକଳ୍ପର ଯାନ୍ତ୍ରିକ ତ୍ରୁଟି ସୁଧାରିଲେ ଗ୍ରାମବାସୀଙ୍କ ଜଳସଙ୍କଟ ସ୍ଥିତି ସୁଧୁରିବ। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ନ ମିଳିବାରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ରମେଶ ଚନ୍ଦ୍ର ବେହେରା, ଶ୍ରୀଚରଣ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ, ନାଉକୋଣା ବିଜୟୀ

**ରାଜନଗର, ୨୬।୪(ଡି.ଏନ.ଏ.)**

ବାସନ୍ତୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରାଜନଗର ବ୍ଲକ କୁରୁଣ୍ଟି ପଂଚାୟତ ଚକ୍ରଧରପୁର ଖେଳପଡିଆରେ ସାହାଡା ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ପକ୍ଷରୁ ଏହା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ମ୍ୟାଚ ନିଗମାନନ୍ଦ କ୍ରିକେଟ କ୍ଲବ ବାହାରଗଡ ଓ ଓଁ ନମଃ ଶିବାୟ କ୍ରିକେଟ କ୍ଲବ ନାଉକୋଣା ମଧ୍ୟରେ ହୋଇଥିଲା। ପ୍ରଥମେ ବାହାରଗଡ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ବାହାରଗଡର ଅଧିନାୟକ ରାଜା ୪୮ ରନ ସଂଗ୍ରହ କରିଥିଲେ। ନାଉକୋଣା ଦଳ ୧୦.୩ ଓଭରରେ ୩ ଉଇକେଟରେ ହରାଇ ଆବଶ୍ୟ ୧୪୦ ରନ୍ ସଂଗ୍ରହ କରି ନେଇଥିଲା। ନାଉକୋଣାର ସିପୁ ୪୬ ରନ ସଂଗ୍ରହ କରିବା ସହ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଟୁର୍ଣ୍ଣାମେଣ୍ଟକୁ ମେଜର ଗଗନ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ସୁଶାଂ କୁମାର ରାଉତ, ପୂର୍ବତନ ସରପଞ୍ଚ ଜ୍ଞମର କୁମାର ସ୍ୱାଇଁ, ସାମାଜିକ କର୍ମୀ ହିମାଂଶୁ ପାଣି, ପୂର୍ବତନ ନାଏବ ସରପଞ୍ଚ ପ୍ରଭାତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିରଞ୍ଚି ନାରାୟଣ ପରିଡା, ଅଗ୍ରଜ କୁମାର ବେହେରା, ରାଜେଶ ଲେଙ୍କା, ଅନୁଜ ବେହେରା, ସୁମନ୍ତ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଅତିଥିମାନେ ଖେଳକୁ ଉଦ୍‌ଘାଟନ କରୁଛନ୍ତି।

# ଚାଷ ଅନୁକୂଳକୁ ନେଇ ଆଶଙ୍କାରେ ଚାଷୀ

**ପଟ୍ଟାମୁଣ୍ଡାଇ, ୨୬।୪(ସ୍ୱ.ପ୍ର.)**

- ଦିନ କେଇଟା ପରେ ଅକ୍ଷୟ ତୃତୀୟା
- ଗତବର୍ଷ ଉଜୁଡ଼ିଛି ଖରିଫ, ରବି ଫସଲ
- ଆର୍ଥିକ ଅନଟନରେ କାଳ କାଟୁଛନ୍ତି ଚାଷୀକୁଳ



ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଷ ଜମି ପଡିଆ ପଡିଥିବା ବେଳେ ଗୋରୁ ଚରୁଛନ୍ତି।

ଆଉ ଦିନ କେଇଟା ପରେ ଅକ୍ଷୟ ତୃତୀୟା। ଏହି ଦିନ ଚାଷୀମାନେ କୃଷି କାର୍ଯ୍ୟର ଅନୁକୂଳ କରିଥାନ୍ତି। ମା' ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରି ଜମିରେ ଚାଷ ଅନୁକୂଳ କରାଯିବା ସହ ହଳ କରାଯାଏ। ରଜ ଉତ୍ସବ ପାଳନ ପରେ ଚାଷୀ କ୍ଷେତରେ ତଳିପକା କାର୍ଯ୍ୟ ଆରମ୍ଭ ହୁଏ। କିନ୍ତୁ ଚଳିତବର୍ଷ ଚାଷ ଅନୁକୂଳକୁ ନେଇ ଆଶଙ୍କାରେ ଦିନ କାଟୁଛି ଚାଷୀକୂଳ। ଗତବର୍ଷ ଖରିଫ ଋତୁ ଆରମ୍ଭରୁ ସ୍ୱଳ୍ପ ବୃଷ୍ଟି କାରଣରୁ ରୁଆପୋତା ପାଇଁ ଚାଷୀ ପକାଇଥିବା ତଳି ପ୍ରଚଣ୍ଡ ରୌଦ୍ର ତାପରେ ଜଳି ନଷ୍ଟ ହୋଇଯାଇଥିଲା। ଚାଷୀ ବହୁ କଷ୍ଟ କରି ବ୍ୟାଙ୍କ ଋଣ ଓ ଗାଁ ସାହୁକାରଙ୍କଠାରୁ କରଜ ଆଣି ପୁଣି ତଳି ପକାଇ ବିଳମ୍ବରେ ରୁଆପୋତା କାର୍ଯ୍ୟ କରିଥିଲେ। ସ୍ୱଳ୍ପ ବୃଷ୍ଟି କାରଣରୁ ଅଣଜଳସେଚିତ ବହୁ ଚାଷଜମିରେ ରୁଆପୋତା କାର୍ଯ୍ୟ ହୋଇପାରି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଭଲ ବର୍ଷା ହେବା କାରଣରୁ ଯେଉଁ ସବୁ ଚାଷ ଜମିରେ ତଳି ରୁଆପୋତା ହୋଇଥିଲା, ସେଥିରେ ଭଲ ଫସଲ ଫଳି ଥିବାରୁ ଚାଷୀକୂଳ ଆନନ୍ଦରେ ଆତ୍ମହରା ହୋଇପଡିଥିଲା। କିନ୍ତୁ ଲଗାତର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଧାନ ବିଲରେ ଭଲ ଫସଲ ଫଳିଥିଲେ ହେଁ ୭୦ ଭାଗରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଯାଇଥିଲା। କରଜ କରି ଫସଲ କରିଥିବା ଚାଷୀକୂଳ ହତାଶ ହୋଇପଡିଥିଲେ। ଏବେ ଚାଷୀ ଆର୍ଥିକ ଅନଟନରେ କାଳ କାଟୁଥିବା ଦେଖିବାକୁ ମିଳିଛି।

ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ବହୁ ପରିଶ୍ରମ କରି ଚାଷୀ ୨୦ରୁ ୩୦ ଭାଗ ଧାନ ଚାଷଜମିରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ହେଲେ ସେଗୁଡିକୁ କୃଷି ସମବାୟ ଅଧୀନରେ ଖୋଲା ଯାଇଥିବା ମଣ୍ଡିରେ ମିଲ ମାଲିକମାନେ ଧାନର ମାନ ଠିକ୍ ନ ଥିବା କହି କିଣିବାକୁ ଅମଙ୍ଗ ହୋଇଥିଲେ। ଅନ୍ୟପକ୍ଷରେ ମୁନାଫାଖୋର ବ୍ୟବସାୟୀମାନେ କୁଇଣ୍ଟାଲ ପିଛା ୮ ଶହରୁ ହଜାର ଟଙ୍କା ମୂଲ୍ୟରେ ଧାନ କିଣିବାରୁ ଧାନ ରୁଆପୋତାଠାରୁ ଅମଳ ପର୍ଯ୍ୟନ୍ତ ଚାଷରେ ଖର୍ଚ୍ଚ କରିଥିବା ବ୍ୟାପକ ଅର୍ଥ ଭରଣା କରିବାରେ ଚାଷୀ ସକ୍ଷମ ହୋଇନଥିଲା। ଅନ୍ୟପକ୍ଷରେ ଚଢା ଦାମରେ ସାର, କୀଟନାଶକ ଔଷଧ କିଣିବାଠାରୁ ଆରମ୍ଭ କରି ଧାନ ଅମଳ ପର୍ଯ୍ୟନ୍ତ ବ୍ୟାପକ ଅର୍ଥ ବ୍ୟୟ କରି ଚାଷୀକୂଳ ସର୍ବସ୍ୱାନ୍ତ ହୋଇପଡିଛନ୍ତି। ପୁଣି ଧାନ ଫସଲ ହରାଇଥିବା ଚାଷୀମାନେ ରବିଋତୁରେ ବ୍ୟାପକ ଜମିରେ ମୁଗ, ବିରି ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷ କରିଥିଲେ। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ଓ କାଳିମୁଖୀ ଏବଂ ଲାଙ୍ଗୁଡି ପୋକ ଫସଲ ସବୁ ଖାଇ ନଷ୍ଟ କରିଦେଲେ। ଧାନ ଚାଷର କ୍ଷତି ଭରଣା ପାଇଁ ଆଶା ବାନ୍ଧିଥିବା ଚାଷୀ ବେଡି ଉପରେ କୋରଡା ମାଡ ସଦୃଶ ଫସଲ ହରାଇ ଅଣ୍ଟା ସଳଖିବା ସମ୍ଭବ ହୋଇ ପାରି ନ ଥିଲା। ଏପରିସ୍ଥଳେ ଚଳିତ ବର୍ଷ ଖରିଫ ଋତୁ ଆରମ୍ଭ ହେବାକୁ ଆଉ ଅଳ୍ପଦିନ ବାକିଥିବାବେଳେ ସମସ୍ତ ପ୍ରତିକୂଳ ପରିବେଶକୁ ସାମନା କରି ଫସଲ କରିବାକୁ ଚାଷୀ ନିକଟରେ ସମ୍ବଳ ନାହିଁ। ଏଣୁ ବିଲରେ ରୁଆପୋତା କରିବାକୁ ବିହନ କିଣିବା, ଜମିକୁ ଚାଷ କରିବାକୁ ଟ୍ରାକ୍ଟର କିମ୍ବା ପାୱାରଟିଲର ଭଡା ଦେବା ସହ ଚଢା ମୂଲ୍ୟରେ ସାର ଓ କୀଟନାଶକ ଔଷଧ କିଣିବା ଚାଷୀମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ରାଜ୍ୟ ସରକାର କୃଷି ବିଭାଗ ମାଧ୍ୟମରେ ମାଗଣାରେ ଉନ୍ନତମାନର ବିହନ ଓ ସବ୍‌ସିଡିରେ ସାର, କୀଟନାଶକ ଔଷଧ ଯୋଗାଇ ଦିଅନ୍ତୁ। ଏଥିସହ ବର୍ଷାଦିନ ପୂର୍ବରୁ ସମସ୍ତ ମୁଖ୍ୟ କେନାଲ ଓ ଶାଖା କେନାଲ, ପାଇନାଳୀଗୁଡ଼ିକୁ ସଫେଇ କରିବା ସଙ୍ଗେ ସଙ୍ଗେ ଉଠାଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବାର ବନ୍ଦୋବସ୍ତ କରିବାକୁ ତ୍ୱରିତ ପଦକ୍ଷେପ ନିଅନ୍ତୁ। ଏ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳ ଅଳପୁଅର ଉପେନ୍ଦ୍ର ନାୟକ, ସର୍ବେଶ୍ୱର ଧଳ, ଗଗନ ମହାଳିକ, ବଦ୍ୟାଧର ଧଳ, ତରଡିପାଳର ହିମାଂଶୁ ବିଶ୍ୱାଳ, ଅଜୟ ବିଶ୍ୱାଳ, ଭରତ ଦାଶ, ଅମୃତମଣୋହୀ ଉଲ୍ଲାସ ମଲ୍ଲିକ, କଳ୍ପତରୁ ମଲ୍ଲିକ, ସଞ୍ଜୟ ମଲ୍ଲିକ, କୁଳମଣି ମଲ୍ଲିକ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

## ୨ୟ ଦିନରେ ଶେୟାର ବଜାରରେ ବୃଦ୍ଧି

ମୁମ୍ବାଇ: ସପ୍ତାହର ୧ମ କାରବାର ଦିନରେ ଶେୟାର ବଜାର ଲାଲ୍ ସଙ୍କେତରେ ବନ୍ଦ ହେବା ପରେ ୨ୟ ଦିନ ଅର୍ଥାତ୍ ମଙ୍ଗଳବାର ଶେୟାରବଜାରରେ ବୃଦ୍ଧି ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସମୟରେ ସେନ୍ସେକ୍ସରେ ୭୭୬.୭୨ ପଏଣ୍ଟ (୧.୩୭%) ଏବଂ ନିଫ୍ଟିରେ ୨୪୬.୮୫ ଅଙ୍କ (୧.୪୬%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୭,୩୫୬.୬୧ ଇଣ୍ଡେକ୍ସ ଏବଂ ୧୭,୨୦୦.୮୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୮୮୬ଟି ଶେୟାରରେ ବୃଦ୍ଧି ଏବଂ ୧୪୮୨ ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଥିଲା।

## ସଂକ୍ଷେପରେ

### ଜେଏସ୍‌ଏଲ୍‌କୁ ଆଉ ଏକ ସଫଳତା

ନୂଆଦିଲ୍ଲୀ,୨୬।୪ : ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ ଜିନ୍ଦଲ ଷ୍ଟେନ୍‌ଲେସ (ହିସାର) ଲିମିଟେଡ୍‌ର ମିଶ୍ରଣ ପ୍ରକ୍ରିୟା ଆଉ ଏକ ସଫଳତା ସହ ମାଇଲ ଖୁଣ୍ଟ ଅତିକ୍ରମ କରିଛି। ନିୟାମକ ଆବଶ୍ୟକତା ଅନୁଯାୟୀ ୨ କମ୍ପାନୀ ମଧ୍ୟରେ ବ୍ୟବସ୍ଥାପକ ଯୋଜନାକୁ ବହୁ ସଂଖ୍ୟାରେ ଅନୁମୋଦନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଦୃଷ୍ଟି ଦେଇ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ବହୁତ ଖୁସୀ ଯେ ଆମର ଅଂଶୀଦାର ଓ କ୍ରେଡିଟରମାନେ ଜେଏସ୍‌ଏଲ୍- ଜେଏସ୍‌ଏଚ୍‌ଏଲ୍ ମିଶ୍ରଣ ପାଇଁ ଯୋଜନାକୁ ଅନୁମୋଦନ କରିଛନ୍ତି। ଏହା ହେଉଛି ସେମାନଙ୍କ ଆତ୍ମବିଶ୍ୱାସର ଏକ ସାକ୍ଷ୍ୟ ଯେ ଏହି ମିଶ୍ରଣ ଉଭୟ କମ୍ପାନୀ ହିତ ପାଇଁ ଉଦ୍ଦିଷ୍ଟ। ଆମେ ପରବର୍ତ୍ତୀ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ଉଦ୍ୟମ ଜାରି ରଖିବୁ ଏବଂ ଏଚ୍‌୧ଏଫ୍‌ୱାଇ ୨୩ ସୁଦ୍ଧା ମିଶ୍ରଣକୁ ସମ୍ପୂର୍ଣ୍ଣ କରିବୁ।

### ହୋଲ୍‌ସିମ୍ ସିମେଣ୍ଟକୁ କିଣିବ ଆଦାନୀ ଗ୍ରୁପ୍

ନୂଆଦିଲ୍ଲୀ,୨୬।୪ : ଭାରତରେ ଅମ୍ବୁଜା ଓ ଏସିସି ସିମେଣ୍ଟର ପ୍ୟାରେଣ୍ଟ କମ୍ପାନୀ ହୋଲ୍‌ସିମ୍ ଲିମିଟେଡ୍ ନିଜର ସିମେଣ୍ଟ ବ୍ୟବସାୟକୁ ବନ୍ଦ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ବର୍ତ୍ତମାନ ଏହାକୁ କିଣିବା ପାଇଁ ଆଦାନୀ ଗ୍ରୁପ୍ ଆଗ୍ରହ ପ୍ରକାଶ କରିଛି। ବ୍ଲୁମ୍‌ବର୍ଗର ରିପୋର୍ଟ ଅନୁସାରେ ଆଦାନୀ ଗ୍ରୁପ୍ ଭାରତରେ ହୋଲ୍‌ସିମ୍ ମିଲିଟେଡ୍‌ର ବ୍ୟବସାୟ ଅଧିଗ୍ରହଣ କରିବା ପାଇଁ କଥାବାର୍ତ୍ତାକୁ ଆଗକୁ ବଢାଇଛି। ଏଥିପାଇଁ ନିକଟ ଭବିଷ୍ୟତରେ ଆଦାନୀ ଗ୍ରୁପ୍ ଏକ ବୁଝାମଣା ସ୍ୱାକ୍ଷର କରିପାରେ। ତେବେ ବର୍ତ୍ତମାନ ସୁଦ୍ଧା ଏହା ଉପରେ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ ଏବଂ କଥାବାର୍ତ୍ତା ବନ୍ଦ ମଧ ହୋଇନାହିଁ ବୋଲି ଆଦାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ସହ ଅନ୍ୟ କେତେକ କମ୍ପାନୀ ମଧ ଏହାର କ୍ରୟ ପାଇଁ ଆଗ୍ରହ ଦେଖାଇଥିବା ଜଣାପଡିଛି।

# ନେଟ୍ ପ୍ରତ୍ୟକ୍ଷ କର ସଂଗ୍ରହରେ ୪୯.୦୨% ବୃଦ୍ଧି

ଭୁବନେଶ୍ୱର,୨୬।୪




ଦେଶର ବିକାଶ ଓ ଭିତ୍ତିଭୂମି ପାଇଁ ରାଜସ୍ୱର ଆବଶ୍ୟକତା ରହିଛି। ଉକ୍ତ ରାଜସ୍ୱର ସିଂହ ଭାଗ ଦେଶବାସୀଙ୍କ ଠାରୁ ଟିକସ ଆକାରରେ ଆଦାୟ କରାଯାଏ। ଚଳିତ ଆର୍ଥିକ ବର୍ଷ ଆରମ୍ଭ ହୋଇଯାଇଥିବାରୁ ଗତ ଆର୍ଥିକ ବର୍ଷର ଟିକସ ସଂଗ୍ରହ ସମ୍ପର୍କରେ ଏକ ସମୀକ୍ଷା ଓ ଉପସ୍ଥାପନ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ପକ୍ଷରୁ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବୋର୍ଡ ପକ୍ଷରୁ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଖବରଦାତା ସମ୍ମିଳନୀ କରାଯାଇ ବିଭାଗର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ବୋର୍ଡର ଅଧ୍ୟକ୍ଷ ଜେ.ବି.ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉକ୍ତ ସମୀକ୍ଷା ଓ ଉପସ୍ଥାପନ କାର୍ଯ୍ୟ କରାଯାଇଥିଲା। ବିଶେଷ କରି ଆର୍ଥିକ ବର୍ଷ ୨୦୨୧-୨୨ ରେ ପୂର୍ବ ବର୍ଷ ଅର୍ଥାତ୍ ୨୦୨୦-୨୧ ଅପେକ୍ଷା ନେଟ୍ ପ୍ରତ୍ୟକ୍ଷ କର ସଂଗ୍ରହରେ ୪୯.୦୨% ଅଭିବୃଦ୍ଧି ଘଟିଥିବା ମହାପାତ୍ର ମତବ୍ୟକ୍ତ କରିଥିଲେ। ଗତ ଆର୍ଥିକ ବର୍ଷରେ ୧୪,୦୯,୬୪୦.୮୩ କୋଟି ଟଙ୍କାର ନେଟ୍ ପ୍ରତ୍ୟକ୍ଷ କର ସଂଗ୍ରହ ହୋଇଥିବା ବେଳେ ୨୦୨୦-୨୧ରେ ଏହି କ୍ଷେତ୍ରରେ ୯,୪୫,୯୩୪.୩୪ କୋଟି ଟଙ୍କା ସଂଗୃହୀତ ହୋଇଥିବା କୁହାଯାଇଛି। ସେହିଭଳି କୋଭିଡ୍ ପୂର୍ବ ଆର୍ଥିକ ବର୍ଷ ୨୦୧୯-୨୦ରେ ସଂଗୃହୀତ ହୋଇଥିବା ୧୦,୫୦,୬୮୦.୫୬ କୋଟି ଟଙ୍କାର ନେଟ୍ ପ୍ରତ୍ୟକ୍ଷ କର ତୁଳନାରେ ଗତ ବର୍ଷ ୩୪.୧୬% ଅଭିବୃଦ୍ଧି ଘଟିଛି। ଅପରପକ୍ଷରେ ଆର୍ଥିକ ବର୍ଷ ୨୦୨୧-୨୨ରେ ୧୬,୩୪,୪୫୪.୯୫ କୋଟି ଟଙ୍କାର ମୋଟ୍ ପ୍ରତ୍ୟକ୍ଷ କର ସଂଗ୍ରହ (ରିଫଣ୍ଡ ବ୍ୟବସ୍ଥିତ କରିବା ପୂର୍ବରୁ)ର ପୂର୍ବ ବର୍ଷ ସଂଗୃହୀତ ୧୨,୩୧,୨୭୦.୫୨ କୋଟି ଟଙ୍କା ତୁଳନାରେ ୩୨.୭୫% ଅଭିବୃଦ୍ଧି ଦର୍ଶାଉଛି। ସେହିପରି ୨୦୧୯-୨୦ରେ ସଂଗୃହୀତ ୧୨,୩୪୨୫୮.୪୨ କୋଟି ଟଙ୍କା ତୁଳନାରେ ଏହା ୩୨.୪୨% ଅଭିବୃଦ୍ଧି ଦର୍ଶାଇଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ୨,୨୪,୮୧୪.୧୨ କୋଟି ଟଙ୍କାର ରିଫଣ୍ଡ ୨.୪୩ କୋଟି ଆୟକରଦାତାଙ୍କୁ ଫେରସ୍ତ ଦିଆଯାଇଛି। ଆୟକର ବିଭାଗ ପକ୍ଷରୁ ଓଡ଼ିଶା କ୍ଷେତ୍ର ପାଇଁ ନିର୍ଦ୍ଧାରିତ ବଜେଟ ସଂଗ୍ରହ ଲକ୍ଷ୍ୟ ଅତିକ୍ରମ ହୋଇଯାଇଛି। ୨୦୨୧-୨୨ ପାଇଁ ନିର୍ଦ୍ଧାରିତ ୧୪ ହଜାର କୋଟି ଟଙ୍କାର ବଜେଟ ସଂଗ୍ରହ ପରିପେକ୍ଷୀରେ ଓଡ଼ିଶା କ୍ଷେତ୍ର ୧୫,୪୮୧ କୋଟି ଟଙ୍କାର ବଜେଟ୍ ସଂଗ୍ରହ କରିଛି। ଏହି ସଂଗ୍ରହ ପରିମାଣ ଦିଆଯାଇଥିବା ଲକ୍ଷ୍ୟର ୧୧୦.୫୭% ରହିଛି। ଗତ ଆର୍ଥିକ ବର୍ଷରେ ବଜେଟ ସଂଗ୍ରହ ୨୦୨୦-୨୧ ତୁଳନାରେ ୫୨.୫୦% ଅଧିକ ଥିଲା। ଏହି ପରିମାଣ ମୋଟ୍ ରାଜସ୍ୱର ୫୩% ରହିଛି। ଅନ୍ୟମାନଙ୍କ ମଧ୍ୟରେ ସିସିଆଇଟି ପରିଣିତ ସିଂହ ସଚ୍ଚଦେବ, ସୁରଭି ଆଲୁଆଲିୟାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଜୁଲାଇରୁ 'ଆକାଶ ଏୟାର'

ନୂଆଦିଲ୍ଲୀ,୨୬।୪




ଭାରତର ଜଣାଶୁଣା ବ୍ୟବସାୟୀ ରାକେଶ ଝୁନ୍‌ଝୁନ୍‌ୱାଲାଙ୍କ ସମର୍ଥିତ କମ୍ପାନୀ 'ଆକାଶ ଏୟାର' ନିଜର ବ୍ୟବସାୟିକ ଉଡ଼ାଣ ଚଳିତ ବର୍ଷ ଜୁନ୍ ମାସ ବଦଳରେ ଜୁଲାଇରେ ଆରମ୍ଭ କରିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଆକାଶ ଏୟାରର ମୁଖ୍ୟ ପରିଚାଳନା ଅଧିକାରୀ ବିନୟ ଦୁବେ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପର୍ଯ୍ୟାୟକ୍ରମେ ଆମେ ଏୟାରଲାଇନ ଉଡ଼ାଣ ସେବାକୁ ଆରମ୍ଭ କରିବାର ତାରିଖ ପାଖକୁ ଯାଉଛୁ। ଏପରିକି ଚଳିତ ବର୍ଷ ଜୁଲାଇରେ ଏହାର ବ୍ୟବସାୟିକ କାର୍ଯ୍ୟ ଆରମ୍ଭ ଲକ୍ଷ୍ୟ ରଖିଛି। ୨୦୨୨ଜୁନ୍ ମଧ୍ୟରେ କମ୍ପାନୀ ତା'ର ପ୍ରଥମ ବିମାନ ଡେଲିଭରି ପାଇବା ପାଇଁ ଆଶା କରୁଛୁ। ବିନୟ ଦୁବେ କମ୍ପାନୀର ସଂସ୍ଥାପକ ଓ ପ୍ରବନ୍ଧ ନିର୍ଦ୍ଦେଶକ ଦାୟିତ୍ୱରେ ମଧ ରହିଛନ୍ତି। ସେ କହିଛନ୍ତି, ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ୧୮ଟି ବିମାନ ଉଡ଼ାଇବାର ଯୋଜନା ବଳବତ୍ତର ରହିଛି। ସୂଚନାଥାଉକି, ବିନୟ ଦୁବେ ମାର୍ଚ୍ଚ ୨୬ ତାରିଖ ଏକ ବିମାନ ଚଳାଚଳ କାର୍ଯ୍ୟକ୍ରମରେ କହିଥିଲେ, ଆକାଶ ଏୟାର ଲାଇନ ଜୁନ୍‌ରେ ନିଜର ବ୍ୟବସାୟିକ ଉଡ଼ାଣ ଆରମ୍ଭ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଓ ଯୋଜନା ପ୍ରସ୍ତୁତ କରୁଛି। ଝୁନ୍‌ଝୁନ୍‌ୱାଲା ଓ ବିମାନ ଉଡ଼ାଣ କ୍ଷେତ୍ରରେ ଜଣାଶୁଣା ଆଦିତ୍ୟ ଘୋଷଙ୍କ ସମର୍ଥିତ ଆକାଶ ଏୟାରକୁ ବ୍ୟବସାୟିକ ଉଡ଼ାଣ ଆରମ୍ଭ କରିବା ପାଇଁ ୨୦୨୧ ଅଗଷ୍ଟ ପ୍ରଥମ ସପ୍ତାହରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରୁ ଆପତ୍ତି ବିହୀନ ପ୍ରମାଣପତ୍ର ମିଳିଥିଲା।

# ଏଲ୍‌ଆଇସି ଆଇପିଓର ମୂଲ୍ୟ ଧାର୍ଯ୍ୟ

ନୂଆଦିଲ୍ଲୀ,୨୬।୪

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ମଙ୍ଗଳବାର ଏହାର ପ୍ରାଇସ୍ ବ୍ୟାଣ୍ଡ ଧାର୍ଯ୍ୟ କରାଯାଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନିଗମର ପ୍ରାଇସ୍ ବ୍ୟାଣ୍ଡ ଶେୟାର ପିଛା ୯୦୨ରୁ ୯୪୯ଟଙ୍କା ଧାର୍ଯ୍ୟ ହୋଇଛି। କେନ୍ଦ୍ର ସରକାର ଏହି ଇସ୍ୟୁରେ ୩.୫% ଅଂଶଧନ ବିକ୍ରି କରିବେ। ନିଗମର ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ) ଚଳିତ ବର୍ଷ ମେ' ୪ରେ ଖୋଲିବ ଏବଂ ୪ଦିନ ପରେ ଅର୍ଥାତ୍ ୯ ତାରିଖରେ ବନ୍ଦ ହୋଇଯିବ। ଏଲ୍‌ଆଇସିର ଇସ୍ୟୁ ଦରରେ ପଲିସିଧାରକମାନଙ୍କୁ ୬୦ ଟଙ୍କାର ରିହାତି ପ୍ରଦାନ କରାଯିବ। ଏହାଛଡ଼ା ଖୁଚୁରା ନିବେଶକାରୀ ଏବଂ କର୍ମଚାରୀଙ୍କୁ ଇସ୍ୟୁ ଦରରେ ୪୫ଟଙ୍କା ରିହାତି ମିଳିବ। ଏଲ୍‌ଆଇସି ପକ୍ଷରୁ ଫେବୃୟାରୀରେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ଜମା କରାଯାଇଥିଲା। ପ୍ରଥମେ ସରକାର ଏଥିରେ ୫% ଅଂଶଧନ ବିକ୍ରି ପାଇଁ ଯୋଜନା କରିଥିବା ବେଳେ ବର୍ତ୍ତମାନ ଏହାକୁ ହ୍ରାସ କରି ୩.୫% କରି ଦେଇଛନ୍ତି। ଏଲ୍‌ଆଇସି ବୋର୍ଡ ପକ୍ଷରୁ ଏପ୍ରିଲ ୨୩ରେ ଏହାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ବର୍ତ୍ତମାନ ସରକାର ଏଥିରେ ୨୧,୦୦୦ କୋଟି ଟଙ୍କାର ଅଂଶଧନ ବିକ୍ରି କରିବେ। ଏହି ହିସାବରେ କମ୍ପାନୀର ମୋଟ୍ ଭାଲ୍ୟୁଏଶନ ୬ଲକ୍ଷ କୋଟି ରହିଛି।

# ୨ୟ ଇଭି ଲଞ୍ଚ୍ କରିବ ହ୍ୟୁଣ୍ଡାଇ

ନୂଆଦିଲ୍ଲୀ,୨୬।୪

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତୀୟ ଇଲେକ୍ଟ୍ରିକ୍ କାର୍ (ଇଭି) ବଜାରରେ ଆଇଓନିକ୍-୫ ପ୍ରବେଶ କରାଇବାର ଯୋଜନା ରଖିଛି। ଏ ସମ୍ପର୍କରେ ମଙ୍ଗଳବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ଗାଡ଼ିର ଦାମ୍ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଏହି ମଡେଲ ଭାରତୀୟ ବଜାରରେ ହ୍ୟୁଣ୍ଡାଇ କମ୍ପାନୀର ୨ୟ ଇଭି ମଡେଲ୍ ହେବ। ଏହା ପୂର୍ବରୁ କମ୍ପାନୀ ପକ୍ଷରୁ ଏସ୍‌ୟୁଭି କୋନାର ବଜାର ପ୍ରବେଶ ହୋଇଛି।

# ଇଣ୍ଡସ୍‌ଇଣ୍ଡ ସହ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କର ସହବନ୍ଧନ

ଭୁବନେଶ୍ୱର, ୨୬।୪

ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଓ ଇଣ୍ଡସଇଣ୍ଡ ବ୍ୟାଙ୍କ ମଧ୍ୟରେ ନିକଟରେ ସହବନ୍ଧନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଧ ଉଭୟ ବ୍ୟାଙ୍କର ମିଳିତ ସହଯୋଗରେ ଏକ ଫିକ୍ସଡ ଡିପୋଜିଟ (ଏଫ୍‌ଡି) ସେବାରର ଶୁଭାରମ୍ଭ କରାଯାଇଛି। ଫଳରେ ଗ୍ରାହକମାନେ ବର୍ତ୍ତମାନ ଏୟାରଟେଲ ଥ୍ୟାଙ୍କ୍ସ ଆପ୍‌ରେ ଏକ ସୁବିଧାଜନକ ଡିଜିଟାଲ ଯାତ୍ରା ମାଧ୍ୟମରେ ୫୦୦ଟଙ୍କାରୁ ଆରମ୍ଭ କରି ୧,୯୦,୦୦୦ଟଙ୍କା ପର୍ଯ୍ୟନ୍ତର ଫିକ୍ସଡ ଡିପୋଜିଟ ବୁକ୍ କରିପାରିବେ। ଏହି ସହବନ୍ଧିତା ସହ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସଞ୍ଚୟ ଖାତାର ଗ୍ରାହକମାନେ ୬.୫% ପ୍ରତି ବର୍ଷ ପର୍ଯ୍ୟନ୍ତର ସୁଧ ହାର ପାଇବେ ଏବଂ ବରିଷ୍ଠ ନାଗରିକମାନେ ସମସ୍ତ ଫିକ୍ସଡ ଡିପୋଜିଟ ଉପରେ ୦.୫% ଅତିରିକ୍ତ ସୁଧ ପାଇବେ। ଏହାର ଗ୍ରାହକମାନେ ୧,୨ କିମ୍ବା ୩ ବର୍ଷର ଏକ ସ୍ଥାୟୀ ଅବଧି ପାଇଁ ଏକାଧିକ ଏଫ୍‌ଡି ବୁକ୍ କରିପାରିବେ।

ଏ ସମ୍ପର୍କରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ଚିଫ୍ ଅପରେଟିଂ ଅଫିସର ଗଣେଶ ଅନନ୍ତ ନାରାୟଣ କହିଛନ୍ତି, ଗ୍ରାହକଙ୍କୁ ସୁବିଧାଜନକ ପେମେଣ୍ଟ ବ୍ୟାଙ୍କ ସହିତ ଏକ ଫିକ୍ସଡ ଡିପୋଜିଟ ସୁବିଧାର ଆବଶ୍ୟକତା ରହିଥିଲା। ସେହିଭଳି ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ଷ୍ଟ୍ରାଟେଜି ହେଡ୍ ଚାରୁ ମାଥୁର କହିଛନ୍ତି, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ଏକାଧିକ ଟଚ୍ ପଏଣ୍ଟରେ ଗ୍ରାହକଙ୍କ ସହ ଯୋଗାଯୋଗ କରିବାକୁ ଆମେ କ୍ରମାଗତ ଭାବେ ଆମର ପ୍ରଯୁକ୍ତିଗତ କୌଶଳ ଉପରେ ଧ୍ୟାନ ଦେଇଥାଉ ଏହାକୁ ଧ୍ୟାନରେ ରଖି ଆମେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସହ ସହବନ୍ଧିତା କରିଛୁ।

## ଫୁରସତ୍




# ଜୁନ୍‌ରେ ପଡ଼ିବ ହାତଗଣ୍ଠି

**ହାଇଦ୍ରାବାଦ:** ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ବୁଲବୁଲି ନାୟିକା ନୟନତାରା ଆସନ୍ତା ଜୁନ୍ ମାସରେ ବାହାହେବା ନେଇ ଖବର ପ୍ରକାଶ ପାଇଛି। ବାହାଘର ନେଇ ବର୍ତ୍ତମାନ ସୁଦ୍ଧା ନୟନତାରା କି ବୟଫ୍ରେଣ୍ଡ ବିଗ୍ନେଶଙ୍କ ତରଫରୁ କୌଣସି ପ୍ରକାର ସୂଚନା ଦିଆଯାଇ ନାହିଁ। ଜୁନ୍‌ରେ ନୟନତାରାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'କାଠୁ ଭାକୁଲା ରେଣ୍ଡୁ କାଦ୍ଦଲ' ରିଲିଜ୍ ହେବାର ଯୋଜନା ରହିଛି। ଅନ୍ୟପଟେ କୁହାଯାଉଛି ଯେ, ବୟଫ୍ରେଣ୍ଡ ତଥା ତାମିଲ ଫିଲ୍ମ ନିର୍ଦ୍ଦେଶକ ବିଗ୍ନେଶ ନିଜର ଆଗାମୀ ଫିଲ୍ମ 'ଏକେ୬୨'ର ଶୁଟିଂ ଆରମ୍ଭ କରିବା ପୂର୍ବରୁ ନୟନତାରାଙ୍କୁ ବାହା ହେବାକୁ ଚାହୁଁଛନ୍ତି। ଦୀର୍ଘଦିନ ଧରି ନୟନତାରା ଓ ବିଗ୍ନେଶ ପରସ୍ପରଙ୍କୁ ଡେଟ୍ କରୁଛନ୍ତି। କେରଳରେ ଜନ୍ମ ଗ୍ରହଣ କରିଥିବା ନୟନତାରା ୨୦୦୩ରୁ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ କାର୍ଯ୍ୟ କରୁଛନ୍ତି। ଏହି ୩୭ ବର୍ଷୀୟା ଅଭିନେତ୍ରୀ ଜଣକ ପୂର୍ବରୁ ଅଭିନେତା ପ୍ରଭୁ ଦେବାଙ୍କ ପ୍ରେମରେ ପଡ଼ିଥିଲେ। ଦୁହେଁ ବାହା ହେବା ପାଇଁ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ସେମାନଙ୍କ ସମ୍ପର୍କରେ ଫାଟ ପଡ଼ିଥିଲା, ଯାହାପରେ ନୟନତାରା ବିଗ୍ନେଶଙ୍କ ସହ ନୂଆ ସମ୍ପର୍କ ଆରମ୍ଭ କରିଥିଲେ।

# ଡିପ୍ଲୋମାଧାରୀଙ୍କ ଛତୁଚାଷ

**ଥିରୁଭାନନ୍ତପୁରମ:** କେରଳର ଜିଥୁ ଥୋମାସ ଓ ତାଙ୍କ ମା ଲିନା ଥୋମାସ। ଦିନ ଥିଲା ଦିନକୁ ଗୋଟିଏ ଛତୁ ପ୍ୟାକେଟ ବିକ୍ରି କରିବା ତାଙ୍କର ଲକ୍ଷ୍ୟ ଥିଲା। ଆଉ ଏବେ ଦିନକୁ ଶହ ଶହ ଛତୁ ପ୍ୟାକେଟ ବିକ୍ରି କରି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। କେରଳର ଜଣେ ସଫଳ ଛତୁ ବ୍ୟବସାୟୀ ହୋଇଛନ୍ତି ଏହି ମା' ପୁଅ। ଦିନକୁ ୪୦ ହଜାର ଟଙ୍କା ଏମାନଙ୍କ ରୋଜଗାର। ଜିଥୁ ପଦାର୍ଥ ବିଜ୍ଞାନରେ ବ୍ୟାଚେଲର ଡିପ୍ଲୋମା ସାଙ୍ଗକୁ ସୋସିଆଲ ୱାର୍କରେ ଡିପ୍ଲୋମା କରିଛନ୍ତି। ଚାଷ ବିଷୟରେ ସେତେ ଜ୍ଞାନ ନ ଥିଲେ ସୁଦ୍ଧା ଛତୁଚାଷ କରିବା ପାଇଁ ତାଙ୍କ ମନରେ ଆଗ୍ରହ ଆସିଥିଲା। ମାତ୍ର ୧୯ ବର୍ଷ ବୟସରେ ଜିଥୁ ଛତୁ ଚାଷ ଆରମ୍ଭ କରିଥିଲେ। ଦିନକୁ ଦିନ ଛତୁର ଚାହିଦା ବୃଦ୍ଧି ପାଇବା ଦେଖି ବ୍ୟବସାୟକୁ ଆଗକୁ ନେବାକୁ ଚାହୁଁଥିଲେ ସେ। ଏଥିରେ ତାଙ୍କୁ ସହଯୋଗ କରୁଥିଲେ ମା' ଲିନା ଥୋମାସ। ଉନ୍ନତ ଜ୍ଞାନକୌଶଳରେ କିଭଳି ଭାବେ ଛତୁ ଉତ୍ପାଦନ ସହଜ ହେବ ସେ ନେଇ ଜିଥୁ ଇଣ୍ଟନେଟ ସହାୟତାରେ ସର୍ଚ୍ଚ କରିବା ଆରମ୍ଭ କଲେ। ଏହାପରେ ଲିନା ମସ୍‌ରୁମ୍ ନାମରେ ଫାର୍ମ ତିଆରି କରି ଛତୁ ଉତ୍ପାଦନ କରିବାରେ ଲାଗିପଡ଼ିଲେ ଜିଥୁ। ସେ ଦୈନିକ ୨୦୦ କିଲୋଗ୍ରାମ ଛତୁ ଉତ୍ପାଦନ କରୁଥିବାବେଳେ ପାଖାପାଖି ୧୦୦ ଜଣ ଦୋକାନୀ ପ୍ରତ୍ୟେକ ଦିନ ଜିଥୁଙ୍କ ଫାର୍ମରୁ ଛତୁ କିଣୁଛନ୍ତି। ନିଜେ ଅର୍ଥ ରୋଜଗାର କରିବା ସାଙ୍ଗକୁ ଏକାଧିକ ଲୋକଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି ଜିଥୁ।



# ବିଶ୍ୱର ସବୁଠୁ ବୟସ୍କା ସିଷ୍ଟର ଆଣ୍ଡ୍ରେ



**ପ୍ୟାରିସ:** ଫ୍ରାନ୍ସର ନନ୍ ସିଷ୍ଟର ଆଣ୍ଡ୍ରେ ବିଶ୍ୱର ବୟସ୍କା ସୂଚୀରେ ନିଜ ନାମ ସାମିଲ କରିଛନ୍ତି। ସେ ୧୯୦୪ ଫେବୃୟାରୀ ୧୧ରେ ଫ୍ରାନ୍ସରେ ଜନ୍ମ ଗ୍ରହଣ କରିଥିଲେ। ବର୍ତ୍ତମାନ ଆଣ୍ଡ୍ରେଙ୍କୁ ୧୧୮ ବର୍ଷ ବୟସ। ତେବେ ଆଣ୍ଡ୍ରେ ବିଶ୍ୱର ବୟସ୍କା ଭାବେ ପରିଗଣିତ ହେବା ପରେ ବେଶ୍ ଖୁସି ଥିବା କହିଛନ୍ତି। ବୟସର ଉପରାନ୍ତେ ଆଣ୍ଡ୍ରେ ନିଜ ଦୃଷ୍ଟିଶକ୍ତି ହରାଇ ବସିଥିବାବେଳେ ସେ ଏବେ ସୁସ୍ଥ ଅଛନ୍ତି। ବିଶ୍ୱର ସବୁଠାରୁ ବୟସ୍କା ମହିଳା କାନେ ତାନାକା ୧୧୯ ବର୍ଷ ବୟସରେ ପ୍ରାଣ ହରାଇବା ପରେ ଆଣ୍ଡ୍ରେ ବର୍ତ୍ତମାନ ବିଶ୍ୱର ବୟସ୍କା ଭାବେ ପରିଗଣିତ ହୋଇଛନ୍ତି। ୧୯୦୩ ଜାନୁୟାରୀ ୨ରେ ଜାପାନରେ ସେ ଜନ୍ମ ହୋଇଥିଲେ। ୨୦୧୯ରେ ତାନାକା ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡର ଅଧିକାରିଣୀ ହୋଇଥିଲେ।

# ୮ ବର୍ଷର କୁନି କାର୍ ଡ୍ରାଇଭର



**କରାଚୀ:** ପାକିସ୍ତାନର ଜଣେ ୮ ବର୍ଷ ବୟସର ବାଳକ ବିଚକ୍ଷଣ ଭାବେ କାର୍ ଚଲାଉଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଆୟନଙ୍କୁ ଯେତେବେଳେ ୬ ବର୍ଷ ହୋଇଥିଲା ସେତେବେଳୁ ସେ କାର୍ ଚଲାଇବା ଆରମ୍ଭ କରିଛନ୍ତି। ଆୟନ ଗାଡ଼ି ଚଲାଉଥିବାର ଭିଡିଓ ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଛାଡ଼ିବା ପରେ ସୋସିଆଲ ମିଡିଆ ୟୁଜର ଏହାକୁ ଶେୟାର କରିବା ଆରମ୍ଭ କରିଥିଲେ। ଜାରି ଭିଡିଓରେ ଆୟନ ବିନା ସିଟ୍ ବେଲ୍ଟ ବାନ୍ଧି ଗାଡ଼ି ଚଲାଉଥିବା ଦେଖିବାକୁ ମିଳିଛି। ଫର୍ଚୁନରକୁ ଛାଡ଼ି ଆୟନ ସବୁ ପ୍ରକାର କାର୍ ଚଳାଇ ପାରିବେ ବୋଲି କହିଛନ୍ତି। ତେବେ ଆୟନଙ୍କ କାର ଚଳାଇବା କୌଶଳ ସୋସିଆଲ ମିଡିଆ ୟୁଜରମାନଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି। ଆୟନ ଆଣ୍ଡ ଅରିବା ଶୋ' ନାମରେ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ରହିଛି, ଯେଉଁଥିରେ ଆୟନ ଗାଡି ଚଳାଇବା ସାଙ୍ଗକୁ ବିଭିନ୍ନ ମନୋରଞ୍ଜନକାରୀ ଭିଡିଓ ସେ ଏଥିରେ ଅପ୍‌ଲୋଡ୍ କରିଛନ୍ତି।

# ଇ- ସ୍କୁଟରକୁ ଗଧ ପିଠିରେ ବାନ୍ଧି ସହର ପରିକ୍ରମା

**ମୁମ୍ବାଇ:** ଗଧ ପଛରେ ଇ-ସ୍କୁଟରକୁ ବାନ୍ଧି ସହର ସାରା ବୁଲିଲେ ମହାରାଷ୍ଟ୍ରର ସଚିନ ଗୀତେ। ଖବରଟି ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ ଏହା ସତ। ବର୍ତ୍ତମାନ ସମୟରେ ତେଲ ଦର ବୃଦ୍ଧି କାରଣରୁ ଇଲେକ୍ଟ୍ରିକ୍ ଯାନର ଚାହିଦା ବଢ଼ିବାରେ ଲାଗିଛି, ଯାହାପାଇଁ ଗ୍ରାହକମାନେ ଏବେ ଇ-ଯାନ ପ୍ରତି ଆକୃଷ୍ଟ ହେବାରେ ଲାଗିଛନ୍ତି। ମାତ୍ର ୧ ମାସ ପୂର୍ବରୁ ସଚିନ ଓଲା କମ୍ପାନୀର ଏକ ଇ-ସ୍କୁଟର କିଣିଥିଲେ। କିଛିଦିନ ଚଲାଇବା ପରେ ସ୍କୁଟରଟି ଖରାପ ହୋଇଯାଇଥିଲା। ସଚିନ ଏ ନେଇ କମ୍ପାନୀ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହାପରେ ସଚିନ ଗାଡ଼ିକୁ ଏକ ଗଧ ପିଠିରେ ବାନ୍ଧି ସହର ସାରା ବୁଲିଥିଲେ। ଗତବର୍ଷ ସେପ୍ଟେମ୍ବରରେ ସଚିନ ଇ-ସ୍କୁଟର କିଣିବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ମାସରେ ତାଙ୍କ ପାଖରେ ସ୍କୁଟର ପହଞ୍ଚିଥିଲା। ମାତ୍ର ୬ ଦିନ ସ୍କୁଟର ଚଳାଇବା ପରେ ଏହା ଖରାପ ହୋଇଯାଇଥିଲା। ଏ ନେଇ ସେ ଏକାଧିକ ଥର କମ୍ପାନୀ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ଏହାର ସମାଧାନ ହୋଇପାରି ନ ଥିଲା।




# ୩୦ ବର୍ଷ ଧରି ଶୌଚାଳୟରେ ଖାଦ୍ୟ ପ୍ରସ୍ତୁତି

**ରିୟାଧ:** ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୩୦ ବର୍ଷ ଧରି ସାଉଦି ଆରବର ଏକ ରେଷ୍ଟୁରାଣ୍ଟର ଶୌଚାଳୟରେ ସିଙ୍ଗଡ଼ା ସାଙ୍ଗକୁ ଅନ୍ୟ ସବୁ ଜଳଖିଆ ତିଆରି ହେଉଥିଲା। ସ୍ଥାନୀୟ ଗଣମାଧ୍ୟମ ଗଲ୍ଫ ନ୍ୟୁଜ୍‌ରେ ପ୍ରକାଶିତ ଖବର ଅନୁସାରେ ଜେଦ୍ଦାହ ମ୍ୟୁନିସିପାଲଟି ଏହାର ସୂଚନା ପାଇବା ପରେ ଉକ୍ତ ରେଷ୍ଟୁରାଣ୍ଟରେ ଚଢ଼ାଉ କରିବା ସହ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଏହାକୁ ବନ୍ଦ ନିର୍ଦ୍ଦେଶ ଦେଇଛି। ଖାଦ୍ୟ ପ୍ରସ୍ତୁତ ହେଉଥିବା ସ୍ଥାନରେ ଅଳିଆ ସାଙ୍ଗକୁ ମୂଷାଙ୍କ ଚଳପ୍ରଚଳ ଚାଲିଥିବାବେଳେ ରେଷ୍ଟୁରାଣ୍ଟରେ କାମ କରୁଥିବା ଲୋକଙ୍କର କୌଣସି ପ୍ରକାର ହେଲ୍‌ଥ କାର୍ଡ ନ ଥିବା ଅଭିଯୋଗ କରାଯାଇଛି।

## ସଂକ୍ଷେପରେ

### ପାରାଦୀପ ବନ୍ଦର ଭିତରେ ପୁଣି କୋଇଲା ଚୋରି ଅଭିଯୋଗ

**ପାରାଦୀପ, ୨୬।୪(ସ୍ୱ.ପ୍ର.):** କିଛିଦିନର ବ୍ୟବଧାନ ପରେ ପୁଣି ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଆମଦାନୀ ଭିତ୍ତିକ କୋଇଲା ଚୋରି ହୋଇଛି। ଏନେଇ ପାରାଦୀପ ଆଦର୍ଶ ଥାନାରେ ମଙ୍ଗଳବାର ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୨୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚୋରି କୋଇଲାର ମାନ ଓ ଗୁଣବତ୍ତା ପରୀକ୍ଷା ପାଇଁ ଖଣି ବିଭାଗକୁ ପଠାଯାଇଛି ବୋଲି ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି। ଏନେଇ ୨ କୋଇଲା ବୋଝେଇ ଟ୍ରକକୁ ପୋଲିସ ଅଟକ ରଖିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଆମଦାନୀକାରୀ ସଂସ୍ଥା, ଷ୍ଟିଭେଡର୍ସ, ଟ୍ରକ ମାଲିକ ସଂଘ ପ୍ରତିନିଧି ପ୍ରମୁଖ ନିଜ ଭିତରେ ଘଟଣାର ସମାଧାନ କରିବା ପାଇଁ ପ୍ରୟାସ ଚଳାଇଥିବା ଜଣାପଡିଛି। ଗତବର୍ଷ ନଭେମ୍ବରରେ ଏପରି କୋଇଲା ଚୋରିବେଳେ ୨୮ ଟ୍ରକ ଜବତ ହୋଇଥିଲା। ଏହି ଅଭିଯୋଗରେ ୧୦ ଜଣ ଗିରଫ ହୋଇଥିଲେ। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ସେହି ଘଟଣାରେ ୨ଟି କମ୍ପାନୀ କଳା ତାଲିକାଭୁକ୍ତ ହୋଇଥିଲା। ଏବେ ପୁଣି ସେହିଭଳି ଘଟଣା ତଦନ୍ତ ପରିସରକୁ ଆସିଛି।

### ଡମ୍ଫର ଧକ୍କାରେ ଆହତ ଛାତ୍ରୀଙ୍କ ମୃତ୍ୟୁ

**ଧର୍ମଶାଳା,୨୬।୪(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଷ୍ଟାଡିୟମ ନିକଟରେ ସୋମବାର ଡମ୍ଫର ଧକ୍କାରେ ଆହତ ହୋଇଥିବା ଆଦର୍ଶ ବିଦ୍ୟାଳୟର ୨ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ଉଭୟ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ମୃତ ଛାତ୍ରୀ ଜଣକ ଏହି ଥାନା ପାଟପୁର ପଞ୍ଚାୟତ ଖରିପଡ଼ିଆ ଗ୍ରାମର ବିଦ୍ୟାଧର ବେହେରାଙ୍କ ଝିଅ ପ୍ରଦୀପ୍ତା ବେହେରା(୧୩) ବୋଲି ଜଣାପଡ଼ିଛି। ଜାରକାସ୍ଥିତ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରଦୀପ୍ତା ବେହେରା ଓ କୁଆଖିଆ ଥାନା ମୁଗପାଳ ଅଞ୍ଚଳର ଅନୁଶ୍ରୀ ଗୁଇଁ ସୋମବାର ପୂର୍ବାହ୍ନ ୧୧ଟାରେ ସ୍କୁଲ୍ ଛୁଟିପରେ ସାଇକଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଷ୍ଟାଡିୟମ ନିକଟରେ ଏକ ଡମ୍ଫର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

### ତାଳ ଗଛ ଗଣ୍ଡି ପଡ଼ି କଟାଳିଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୬।୪(ଡି.ଏନ.ଏ.):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରାହାଳ ଗ୍ରାମରେ ଗଛ ପଡ଼ି ଜଣେ କଟାଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁଲୁକା ଗ୍ରାମର ଦୁର୍ଯ୍ୟୋଧନ ମଳିକ(୬୫)। ମଙ୍ଗଳବାର ଏହି ଥାନା ଅନ୍ତର୍ଗତ ରାହାଳ ଗ୍ରାମର ପାଟ ମଝିରେ ଏକ ତାଳ ଗଛକୁ ସେହି ଗ୍ରାମର ଭାଗବତ ସେଠୀ ଓ ଭୁଲୁକା ଗ୍ରାମର ଦୁର୍ଯ୍ୟୋଧନ ମଲ୍ଲିକ କାଟୁଥିଲେ। ଏହି ସମୟରେ ଗଛର ଏକ ଗଣ୍ଡି ଛିଟିକି ଦୁର୍ଯ୍ୟୋଧନଙ୍କ ଉପରେ ପଡ଼ିଥିଲା। ସେ ଗୁରୁତର ହେବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଲଘୁ ଖଣିଜ ଚୋରାଚାଲାଣ ରୋକିବାକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୨୬।୪**

ଜଗତ୍‌ସିଂହପୁର ଜିଲାର ରାଜସ୍ୱ ସମୀକ୍ଷା ବୈଠକ ମଙ୍ଗଳବାର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟଜିତ୍ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ଖାରି ପାଣିରେ ମାଛ ଚାଷ ସମ୍ବନ୍ଧୀୟ ଲିଜ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ମାତ୍ର କାର୍ଯ୍ୟକାରୀ ହୋଇ ନ ଥିବା ଲିଜକୁ ଅଗ୍ରାଧିକାର ଭିତ୍ତିରେ କରିବାକୁ ସେ ତହସିଲଦାରମାନଙ୍କୁ କହିଥିଲେ। ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗ ଶୁଣାଣି କରି ଏହା ଉପରେ ତ୍ୱରିତ ନ୍ୟାୟୋଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀମାନଙ୍କୁ ନିଜ କାର୍ଯ୍ୟାଳୟରେ ଅଧିକ ସ୍ୱଚ୍ଛତା ଆଣିବାକୁ ପରାମର୍ଶ ଦେଇଥିଲେ। ବାଲିକୁଦା, ଜଗତସିଂହପୁର ଓ ଏରସମା ତହସିଲଦାରଙ୍କୁ ସାତ ଦିନ ମଧ୍ୟରେ ସମସ୍ତ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ କରି ଠିକ ସମୟରେ ପଟ୍ଟା ପ୍ରଦାନ



ଆଭାସୀ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଗତ୍‌ସିଂହପୁର, ନାଉଗାଁ ଓ ତିର୍ତ୍ତୋଲ ତହସିଲଦାରଙ୍କୁ ଜୁନ ୩୦ ମଧ୍ୟରେ ଏ ସମ୍ବନ୍ଧିତ ସମସ୍ତ ବନ୍ଦୋବସ୍ତ ମାମଲାର ଫଇସଲା କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ୩୦ ଲଘୁ ଖଣିଜ ଉତ୍ସରୁ ମାତ୍ର ୨ଟି ଲଘୁ ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହୋଇଛି, ଅବଶିଷ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସେ କହିଥିଲେ। ତିର୍ତ୍ତୋଲ, ନାଉଗାଁ ଓ ବିରିଡି ତହସିଲଦାରଙ୍କୁ ସେମାନଙ୍କ ତହସିଲର ଅଧିକ ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଥିଲା। ଲଘୁ ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ ହୋଇଥିଲା। ଏସବୁ ଖଣିଜର ଚୋରା ଚାଲାଣ ସମୟରେ ଚଢ଼ାଉ ବେଳେ ଅଧିକାରୀମାନଙ୍କୁ ସୁରକ୍ଷା ଦେବାକୁ ବୈଠକରେ ସ୍ଥିର କରାଯାଇଥିଲା। ତହସିଲଦାରମାନଙ୍କୁ ପୋଲିସ ସହ ଭଲ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଥିଲା। କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ ନିଷ୍ପତ୍ତି ହୋଇଥିଲା । ପାରାଦୀପ ଚଣ୍ଡିଖୋଲ ଅର୍ଥନୈତିକ କରିଡର ନିମନ୍ତେ ତ୍ୱରିତ ଜମି ଅଧିଗ୍ରହଣ ପାଇଁ ସାହୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସରକାରୀ ପ୍ରକଳ୍ପରେ ଜମି ଅଧିଗ୍ରହଣ କରି ଦାଖଲଖାରଜ ମାମଲାରେ ପଟ୍ଟା ସଂଶୋଧନ କରି ଜମି ହସ୍ତାନ୍ତରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୫ ଉଚ୍ଚ ବିଦ୍ୟାଳୟକୁ ଏପ୍ରିଲ ୩୦ ସୁଦ୍ଧା ସଂଶୋଧିତ ଜମି ପଟ୍ଟା ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲ। ଏତଦ୍‌ବ୍ୟତୀତ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ଏପ୍ରିଲ ୩୦ ସୁଦ୍ଧା ଅତିରିକ୍ତ ଜିଲାପାଳଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଜମି ପଟ୍ଟା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୂତନ ରାଜସ୍ୱ ନିରୀକ୍ଷକଙ୍କ ବାସଭବନ ତଥା କାର୍ଯ୍ୟାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିବାକୁ କୁହାଯାଇଥିଲା। ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷା ଓ ସଂରକ୍ଷଣ କରିବାକୁ ସାହୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ନିୟମିତ ସମୀକ୍ଷା ବୈଠକ କରାଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରାଥମିକତା ଉପରେ ଗୁରୁତ୍ୱାରୋପ କରି ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ କହିଥିଲେ। ଅନ୍ୟମାମାନଙ୍କ ମଧ୍ୟରେ ଏହି ଆଭାସୀ ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ବିଭାଗର ବହୁ ବରିଷ୍ଠ ଅଧିକାରୀ, ଆଇଜିଆର, ଭୂ ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ,ଏନ୍‌ଆଇସିର ବରିଷ୍ଠ ଅଧିକାରୀ, ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

**ଜଗତ୍‌ସିଂହପୁର ଜିଲା ରାଜସ୍ୱ ସମୀକ୍ଷା ବୈଠକ**

- ପାରାଦୀପ ଚଣ୍ଡିଖୋଲ ଅର୍ଥନୈତିକ କରିଡର ନିମନ୍ତେ ତ୍ୱରିତ ଜମି ଅଧିଗ୍ରହଣ
- ଏପ୍ରିଲ ୩୦ସୁଦ୍ଧା ୫-ଟି ଉଚ୍ଚ ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ
- ଦାଖଲଖାରଜ ଓ ଘରବାରି ମାମଲାର ତ୍ୱରିତ ଫଇସଲା ପାଇଁ ନିର୍ଦ୍ଦେଶ

### ସରବା ଗାଁରୁ ହରିଣ ଉଦ୍ଧାର



**କୁଜଙ୍ଗ,୨୬।୪ (ଡି.ଏନ୍.ଏ.)**

କୁଜଙ୍ଗ ବନାଞ୍ଚଳ ଅର୍ନ୍ତଗତ ଏରସମା ବ୍ଲକର ସରବା ଗାଁରୁ ମଙ୍ଗଳବାର ଏକ ଅଣ୍ଡିରା ଚିତ୍ରା ହରିଣ ଉଦ୍ଧାର ହୋଇଛି। ସକାଳେ ଗ୍ରାମରେ ଉକ୍ତ ହରିଣକୁ ବୁଲୁଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଖବରପାଇ ନୂଆଗାଁ ବନପାଳ ଜ୍ଞାନପ୍ରକାଶ ମହାନ୍ତି, ବନରକ୍ଷୀ ନିରଞ୍ଜନ ମଣ୍ଡଳ ଓ ଅନ୍ୟାନ୍ୟ ବନ କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରି ସାହାଡାବେଦୀ ପ୍ରସ୍ତାବିତ ଜଙ୍ଗଲରେ ଛାଡିଦେଇଥିଲେ।

# ‘ଜୈବିକ ପ୍ରଣାଳୀରେ ଚାଷ କର’



କୃଷି ମେଳାରେ ଯୋଗଦେଇଥିବା ଅତିଥିମାନେ।

**ତିର୍ତ୍ତୋଲ ,୨୬।୪ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର (ଜଗତସିଂହପୁର) ଏବଂ ଆତ୍ମା କମିଟି(ଜଗତସିଂହପୁର) ମିଳିତ ପ୍ରୟାସରେ କୃଷି ବିଜ୍ଞାନ କେନ୍ଦ୍ର କ୍ୟାମ୍ପସରେ ମଙ୍ଗଳବାର ଏକ କୃଷି ମେଳା ତଥା ବୈଜ୍ଞାନିକ ଓ କୃଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୈବିକ କୃଷି, କୃଷି ଯାନ୍ତ୍ରିକୀକରଣ, ଡାଲି ଜାତୀୟ ଓ ତୈଳବୀଜ ଜାତୀୟ ଫସଲ ଚାଷ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡକ୍ଟର ବିଶ୍ୱରଞ୍ଜନ ପଟ୍ଟନାୟକ ଯୋଗଦେଇ ରାସାୟନିକ ସାର, କୀଟନାଶକ ବଦଳରେ ଜୈବିକ ପ୍ରଣାଳୀରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସହ ଅଧିକ ଚାଷୀ ଯୋଗ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା, ଆଶିଷ କୁମାର ମହାନ୍ତି, ପ୍ରଦୀପ୍ତ ମାଝି ,ସରିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବୈଜ୍ଞାନିକ ଦ୍ୱାରିକା ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟସ୍ତରର ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ସହାୟତା

**ଜଗତ୍‌ସିଂହପୁର ଅଫିସ, ୨୬।୪**

୨୦୨୧-୨୨ରେ ଜାତୀୟସ୍ତରରେ ଅନୁଷ୍ଠିତ ହୁଇଲ୍ ଚେୟାର ଫେନସିଙ୍ଗରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ଆଣିଥିବା ଉଦୀୟମାନ ଦିବ୍ୟାଙ୍ଗ କ୍ରୀଡାବିତ୍ ହେଉଛନ୍ତି ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ। ନିକଟସ୍ଥ ଓଡ଼ିଶା ଗଡ଼ରେ ଜନ୍ମିତ ପ୍ରଫୁଲ୍ଲ ଶତପ୍ରତିଶତ ଭିନ୍ନକ୍ଷମ। କିନ୍ତୁ ନିଜର ନିଷ୍ଠା ଓ କଠିନ ପରିଶ୍ରମ ଯୋଗୁ ଜଣେ ସଫଳ କ୍ରୀଡାବିତ୍ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ସଫଳତାକୁ ପାଥେୟ କରି ସେ ମେ ମାସ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା ଅନ୍ତର୍ଜାତୀୟ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏନେଇ ଆବଶ୍ୟକ ଖେଳ ସାମଗ୍ରୀ ଓ ଗସ୍ତ ଖର୍ଚ୍ଚ ନେଇ ସେ ଚିନ୍ତିତ ଥିଲେ। ତେଣୁ ସେ ଜିଲାପାଳଙ୍କ ସହାୟତା ଲୋଡିଥିଲେ। ମଙ୍ଗଳବାର ଅପରାହ୍ନରେ ଜିଲାପାଳ ପାରୁଲ ପଟାୱରୀ ତାଙ୍କ



ଅନୁରୋଧ ରକ୍ଷା କରି ସିଏସ୍‌ଆର୍ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଅନ୍ତର୍ଜାତୀୟ ବିଶ୍ୱକପ୍‌ରେ ପ୍ରଫୁଲ୍ଲଙ୍କ ସଫଳତା କାମନା କରିଛନ୍ତି।

### ସହକାରୀ ସମବାୟ ନିବନ୍ଧକଙ୍କୁ ତଦନ୍ତ ନିର୍ଦ୍ଦେଶ

#### ଧାନ ବିକି ଚାଷୀ ଟଙ୍କା ନ ପାଇବା ଘଟଣା

**କଟକ ସଦର,୨୬।୪(ଡି.ଏନ୍.ଏ.)**

ସରକାର ଗତ ମାର୍ଚ୍ଚ ୩୧ ତାରିଖରୁ ଖରିଫ ଧାନ କ୍ରୟ ବନ୍ଦ କରିଦେଇଛନ୍ତି। ହେଲେ ସେହି ସମୟରୁ ଧାନ ବିକ୍ରି କରି କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ପାଇ ନାହାନ୍ତି ବୋଲି କନ୍ଦରପୁର କୃଷକ ସେବା ସମବାୟ ସମିତିର କେତେଜଣ ଚାଷୀ ଖାଦ୍ୟ, ଯୋଗାଣ ଓ ଖାଉଟୀ ବ୍ୟାପାର ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ବିଭାଗ ପକ୍ଷରୁ କଟକ ଜିଲା ସହକାରୀ ସମବାୟ ନିବନ୍ଧକ ଅନୀମା ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାରୁ ପ୍ରକାଶ, ୪୦ରୁ ଊର୍ଦ୍ଧ୍ୱ ଚାଷୀ ମାର୍ଚ୍ଚ ୩୧ ତାରିଖରେ ଧାନ ବିକ୍ରି କରିଥିଲେ। ହେଲେ ୭ ଦିନ ପରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିଲା ନାହିଁ। ଫଳରେ ସେମାନେ ସମବାୟ ସମିତିକୁ ଯାଇ ଏ ସମ୍ପର୍କରେ ପଚାରିଥିଲେ। ସରକାରଙ୍କର ୱେବ୍‌ସାଇଟ୍ ବନ୍ଦ ହୋଇଯାଇଥିବାରୁ ଟଙ୍କା ମିଳିଲା ନାହିଁ। ତେଣୁ ୧୯୪୦ ଟଙ୍କା ପରିବର୍ତ୍ତେ ୧୪୫୦ ଟଙ୍କା ନେବା ପାଇଁ ସମିତି ପକ୍ଷରୁ କୁହାଯାଉଛି। ଏହାର ଶୀଘ୍ର ତଦନ୍ତ କରାଯିବ ବୋଲି ସହକାରୀ ସମବାୟ ନିବନ୍ଧକ ବେହେରା କହିଛନ୍ତି।

# ବିଚ୍ଛିନ୍ନାଞ୍ଚଳ ମିଶ୍ରଣରେ କୃଷ୍ଣଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ

**କଟକ ଅଫିସ, ୨୬।୪**

**ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ**

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଓଏମ୍‌ପି ଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତୀ ନିକଟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରି କହିଥିଲେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିପ୍ରେମୀ। ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଏଥିରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ବୃନ୍ଦାବନ ସାହୁ, ପୂର୍ବତନ ଡିଆଇପିଆର୍‌ଓ ଅଶୋକ



କୁମାର ଷଡ଼ଙ୍ଗୀ, କାହ୍ନୁଚରଣ ପାଣିଗ୍ରାହୀ, ଡା. ନୀଳାଦ୍ରି ପଣ୍ଡା, ପ୍ରଦୀପ୍ତ ମହାନ୍ତି, ରମାକାନ୍ତ ମହାପାତ୍ର, ବ୍ରଜ କିଶୋର ନନ୍ଦ, ମଦନ ମୋହନ ରାଉତ, ବିଚିତ୍ରାନନ୍ଦ ମିଶ୍ର, ଡ. ବସନ୍ତ କୁମାରୀ ନନ୍ଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ଇଂ. ଆକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ। ସେହିପରି କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଓଏମ୍‌ପି ଛକସ୍ଥିତ କୃଷ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଥିଲା। ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ମହମ୍ମଦ କମାରୁଲ୍ ହୁସେନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କିଶୋର କୁମାର ମହାନ୍ତି, ଡ. ବସନ୍ତ ନନ୍ଦ ପ୍ରମୁଖ ଯୋଗଦେଇ କୃଷ୍ଣଚନ୍ଦ୍ରଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବିହଙ୍ଗରାଜ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଅନନ୍ତ ଆଶ୍ରମ ହେଲା ମିଶନ ଶକ୍ତି ଗୃହ

**କଟକ ସଦର,୨୬।୪(ଡି.ଏନ୍.ଏ.)**

କିଶନନଗର ତହସିଲ ଅନ୍ତର୍ଗତ କମରପଦା ମୌଜାର ଅନାବାଦୀ ଜମିରେ ନିର୍ମିତ ଅନନ୍ତ ଆଶ୍ରମକୁ ବ୍ଲକ ପକ୍ଷରୁ ମରାମତି କରାଯାଇ ମିଶନ ଶକ୍ତି ଗୃହରେ ପରିଣତ କରାଯାଇଛି। ୨୦୧୫ରେ ଏହାକୁ ସିଲ୍ କରାଯାଇଥିଲା। ଏହା ପୂର୍ବରୁ ଆଶ୍ରମର ମହନ୍ତ ବାଉରୀବନ୍ଧୁ ବାରିକଙ୍କ ନାମରେ ନଂ. ୩୪୩/୨୦୧୫-୨୦୧୬ରେ ଏକ ଅବରୋଧ ମାମଲା କରାଯାଇ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଥିଲା। ଏହାଛଡା ଆଶ୍ରମକୁ ଭାଙ୍ଗି ଦେବା ପାଇଁ ମଧ୍ୟ ସର୍ତ୍ତ ରଖାଯାଇଥିଲା। କାରଣ ଆଶ୍ରମ ଓ ତତ୍‌ସଂଲଗ୍ନ ପୋଖରୀ, ବଗିଚା କମରପଦା ମୌଜା ଖାତା ନଂ. ୪୯୪, ୪୯୬ ଓ ୪୯୮, ପ୍ଲଟ୍ ନଂ. ୭୩, ୭୪, ୭୫, ୮୦ ଓ ୮୧ର ମୋଟ୍ ୬୭ ଡିସିମିଲ ଜମିରେ ଥିଲା। କେନ୍ଦ୍ରାପଡା ଜିଲା ସାରଥି ବାବାଙ୍କ ବାରିମୂଳ ଆଶ୍ରମ ଘଟଣାକୁ ନେଇ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ସିଲ୍ କରାଯାଇଥିଲା। ଏହି ଆଶ୍ରମ ତହସିଲଦାରଙ୍କ ଅଧୀନରେ ଥିବାବେଳେ କିଏ ବିଡିଓଙ୍କୁ ହସ୍ତାନ୍ତର କଲା ସେ କଥା ଜାଣନ୍ତି ନାହିଁ ବୋଲି ତହସିଲଦାର ଇନ୍ଦିରା ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏହି ମିଶନ ଶକ୍ତି ଗୃହର ଜମି ସଂକ୍ରାନ୍ତରେ ଜାଣିବା ପାଇଁ ବିଦାୟୀ ବ୍ଲକ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା ପତ୍ରସଂଖ୍ୟା ୫/୩।୧।୨୨ରେ ବିଡିଓଙ୍କୁ ଜଣାଇଥିଲେ। ଆଶ୍ରମ ଗୃହର କାଗଜପତ୍ର ସଂକ୍ରାନ୍ତରେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପଚାରିବାରୁ ପ୍ରତିକ୍ରିୟା ଦେବା ପାଇଁ ମନା କରିଥିଲେ।

### ଭାଜପାରୁ ବହିଷ୍କୃତ ୩ କର୍ମୀଙ୍କ ପୁନର୍ବିଚାର ପାଇଁ ଆବେଦନ

**ପାରାଦୀପ, ୨୬।୪(ସ୍ୱ.ପ୍ର.)**

ପାରାଦୀପ ମଣ୍ଡଳ ଭାଜପାର ପ୍ରମୁଖ ୪ ଜଣ କର୍ମୀଙ୍କୁ କିଛି ଦିନ ତଳେ ଦଳରୁ ବହିଷ୍କାର କରାଯାଇଥିଲା। ସେମାନେ ହେଲେ ଅଜିତ ଦାସ, ଶୈଳେନ୍ଦ୍ରି ସେନାପତି, ଅରୁଣ ସ୍ୱାଇଁ ଓ କୈଳାସ ସାହୁ। ଦଳର ଶୃଙ୍ଖଳା ଭଙ୍ଗ ଓ ବିଶୃଙ୍ଖଳା ପାଇଁ ଏପରି ପଦକ୍ଷେପ ନିଆଯାଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଥିଲେ। ବହିଷ୍କୃତ ୪ ଜଣଙ୍କ ମଧ୍ୟରୁ ୩ ଜଣ ମଙ୍ଗଳବାର ଏପରି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବା ପାଇଁ ନିବେଦନ କରିଛନ୍ତି। ସେମାନେ ହେଲେ ଅଜିତ, ଶୈଳେନ୍ଦ୍ରି ଓ ଅରୁଣ। ଏଥିରେ ସେମାନେ ୧ଟି ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ଏଥିସହ ପାରାଦୀପର ଜଣେ ପ୍ରମୁଖ ନେତାଙ୍କ ନାମରେ ଅଭିଯୋଗ କରିଛନ୍ତି।

# ଆୟୁଷ୍ମାନ ଭାରତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

**କୁଜଙ୍ଗ,୨୬।୪(ଡି.ଏନ୍.ଏ.)**

କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ପ୍ରସନ୍ନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାସ ଯୋଗଦେଇ ଡେଙ୍ଗୁ, ମ୍ୟାଲେରିଆ ଆଦି ମଶା ବାହିତ ରୋଗରୁ କିପରି ରକ୍ଷା ପାଇବ ଓ ପରିବେଶ ସୁରକ୍ଷା ପ୍ରତି ସଚେତନ ରହିବା ସେନେଇ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଡିପିଏମ ଚକ୍ରଧର ଜେନା, ଡିଏମ୍‌ଆର୍‌ସିଏଚ୍ ସୁକାନ୍ତ ପ୍ରଧାନ, ବରିଷ୍ଠ ସହାୟକ ତନ୍ମୟ ବାରିକ, ବିପିଏମ



ସ୍ୱାସ୍ଥ୍ୟମେଳାରେ ଖୋଲାଯାଇଥିବା ବିଭିନ୍ନ ଚିକିତ୍ସା ଷ୍ଟଲ।

ମନୋଜ ରଞ୍ଜନ ନାୟକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନ୍ଧ୍ୟାବତୀ ସାହୁ, ସିଡିପିଓ ତନୁପ୍ରଭା ବେଉରା ଓ କୁଜଙ୍ଗ ସରପଞ୍ଚ ବନ୍ଦୀତା ଦାସ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଡେଙ୍ଗୁ, ମ୍ୟାଲେରିଆ ଆଦି ମଶା ବାହିତ ରୋଗରୁ କିପରି ନିଜକୁ ରକ୍ଷାକରିବା ଓ ପରିବେଶ ସୁରକ୍ଷାପ୍ରତି ସଚେତନ ରହିବା ସେନେଇ ପରାମର୍ଶ ଦିଆଯାଇଥିଲା। ମେଳାରେ ମେଳାରେ ୬୬୭ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିଶୁ, ଭେଷଜ, ସ୍ତ୍ରୀ ଓ ପ୍ରସୂତିରୋଗ, ଚର୍ମ, ଦନ୍ତ, ଗଳା, ନାସା, ଅସ୍ଥିଶଲ୍ୟ ଓ ଅସ୍ତ୍ରୋପଚାର ବିଭାଗ ଡାକ୍ତରମାନେ ଯୋଗଦେଇ ରୋଗୀ ଚିକିତ୍ସା କରିବା ସହ ନିଃଶୁଳ୍କ ଔଷଧ ବଣ୍ଟନ କରିଥିଲେ।

# ରୂପାନ୍ତରିତ ବିଦ୍ୟାଳୟ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ଗରଦପୁର ବ୍ଲକ**

**ଅଧିକାରୀଙ୍କ ସହ ଅନୁଧ୍ୟାନ କଲେ ବ୍ଲକ ଅଧ୍ୟକ୍ଷ**

**ପାଟକୁରା,୨୬।୪ (ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ୫-ଟି ଅଧୀନରେ ବିଦ୍ୟାଳୟଗୁଡିକର ରୂପାନ୍ତରିତ କାର୍ଯ୍ୟ କରାଯାଉଛି। ଫଳରେ ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ର ସହରାଞ୍ଚଳରେ ଚାଲୁଥିବା ଉଚ୍ଚମାନର ଶିକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିବେ ନାହିଁ। ସେମାନଙ୍କୁ ଗ୍ରାମାଞ୍ଚଳରେ ଉଚ୍ଚମାନର ଶିକ୍ଷା ବ୍ୟବସ୍ଥା ଉପଲବ୍ଧ ହେବ। ଏଥିପାଇଁ ସରକାର ଅନେକ ବିଦ୍ୟାଳୟରେ ବିପୁଳ ପରିମାଣର ଅର୍ଥରାଶି ବିନିଯୋଗ କରି ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ



ବିଭାଗୀୟ ଅଧିକାରୀଙ୍କ ସହିତ ଅଧ୍ୟକ୍ଷ ଆଲୋଚନା କରୁଛନ୍ତି।

ପ୍ରଶାସନିକ ଅବହେଳା ପାଇଁ ଯୋଜନାର ସୁଫଳ ଠିକ୍ ଭାବେ ଉପଲବ୍ଧ ହେଉନାହିଁ। କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକର ତଳକୁସୁମା ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ଓ ରାଏସର ବିଦ୍ୟାଳୟରେ ରୂପାନ୍ତରିତ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ପ୍ରହରାଜ ମଙ୍ଗଳବାର ଏହି ଦୁଇଟି ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ତାଙ୍କ ସହ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ଚିନାରା, କନିଷ୍ଠ ଯନ୍ତ୍ରୀ ଶ୍ୱେତପଦ୍ମା ମହାନ୍ତି, ଶୁଭଶ୍ରୀ ସ୍ୱାଇଁ ଯାଇଥିଲେ। ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଦେଖିବାକୁ ପାଇଥିଲେ। ସିମେଣ୍ଟ କାର୍ଯ୍ୟ ହେବା ପରେ କ୍ୟୁରିଙ୍ଗ ହେଉ ନ ଥିବା ଓ ସିମେଣ୍ଟ ଭାଗ କମ୍ ରହୁଥିବା ଦେଖିବାକୁ ପାଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଅଧ୍ୟକ୍ଷ ପ୍ରହରାଜ ନିର୍ମାଣ ହୋଇଥିବା କାମର ମାନ ବଢ଼ାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଳସୁଧା ସମିତିସଭ୍ୟା ନର୍ଗୀସ ବିବି ଓ ସରପଞ୍ଚ ପ୍ରଭାତ ନଳିନୀ ଯେନା ଏବଂ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କ ସହିତ ସେ ଆଲୋଚନା କରିଥିଲେ। ପ୍ରକଳ୍ପ ନିର୍ମାଣରେ ସରକାରୀ ଅର୍ଥର ଠିକ୍‌ବିନିଯୋଗ ହେବା ଉପରେ ପରାମର୍ଶ ଦେଲେ।

# ମହିଳା ଏଏସ୍‌ଆଇ, କନଷ୍ଟେବଳ ନିଲମ୍ବିତ

**ଥାନାରୁ ଅଭିଯୁକ୍ତ ଚମ୍ପଟ ମାମଲା**

ଡେଲାଙ୍ଗ,୨୬।୪(ଡି.ଏନ.ଏ.)

ପୁରୀ ଜିଲା ଡେଲାଙ୍ଗ ଥାନାରୁ ସୋମବାର ରାତିରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିଲା। ଏନେଇ ମଙ୍ଗଳବାର ପୁରୀ ଏସ୍‌ପି କନୱର ବିଶାଳ ସିଂ ଉକ୍ତ ଥାନାର ଏଏସ୍‌ଆଇ ପଦ୍ମିନୀ ସାହୁ ଏବଂ କନଷ୍ଟେବଳ ରୋଜାଲିନ ବାକ୍ସାଙ୍କୁ ନିଲମ୍ବନ କରିଛନ୍ତି। ଘଟଣା ଅନୁଯାୟୀ, ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ତରବୋଇ ଗ୍ରାମରେ ସୋମବାର ମେଳଣ ଚାଲିଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିଥିବା ବେଳେ ଉଭୟ ପକ୍ଷଙ୍କ ଅଭିଯୋଗ ଅନୁଯାୟୀ ପୃଥକ ୨ଟି ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଗୋଟିଏ ଗୋଷ୍ଠୀର ମୁଖ୍ୟ ଅଭିଯୁକ୍ତ କାଳିଆ ମାଝିଙ୍କୁ ପୋଲିସ ପିପିଲିର ବାଜପୋଇ ଗ୍ରାମରୁ ଧରିଥିଲା। ଅଭିଯୁକ୍ତ କାଳିଆଙ୍କୁ ସୋମବାର ସନ୍ଧ୍ୟା ୫ଟାରେ ପୋଲିସ ଗିରଫ କରି ଥାନାରେ ରଖିଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଡେଲାଙ୍ଗ ଥାନା ଆଇଆଇସି ଅନିଲ ମହାନ୍ତିଙ୍କ ସମେତ ପୋଲିସର ୨ଟି ଟିମ ବିଭିନ୍ନ ସ୍ଥାନରେ ଚଢାଉ କରିବା ପାଇଁ ଯାଇଥିଲେ। ତେବେ ଥାନାରେ ଏଏସ୍‌ଆଇ ପଦ୍ମିନୀ ସାହୁ ଓ ମହିଳା କନଷ୍ଟେବଳ ରୋଜାଲିନ ବାକ୍ସାଙ୍କ ହେପାଜତରେ ହାଜତରେ କାଳିଆଙ୍କୁ ରଖାଯାଇଥିଲା। ହେଲେ ରାତିରେ ହାଜତରେ ଗରମ ହେବା ସହ ମୁଣ୍ଡ ଯନ୍ତ୍ରଣା ହେଉଛି ବୋଲି ଅଭିଯୁକ୍ତ କାଳିଆ କହିବା ସହିତ ଚିତ୍କାର କରିଥିଲା। ଏଏସ୍‌ଆଇ ସାହୁଙ୍କ ନିର୍ଦ୍ଦେଶକ୍ରମେ ମହିଳା କନଷ୍ଟେବଳ ଅଭିଯୁକ୍ତଙ୍କୁ କାଳିଆଙ୍କୁ ହାଜତ ବାହାରକୁ ଆଣି ବସାଇଥିଲେ। କିଛି ସମୟ ପରେ ସୁଯୋଗ ଦେଖି ମହିଳା ଏଏସ୍‌ଆଇଙ୍କୁ ଧକ୍କା ମାରି ଥାନାରୁ ଅଭିଯୁକ୍ତ ଚମ୍ପଟ ମାରିଥିଲା। ପରେ ଅନ୍ୟ ପୋଲିସ କର୍ମଚାରୀମାନେ ପହଞ୍ଚି ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପାଇ ନ ଥିଲେ। ଅନ୍ୟପଟେ ଏହି କଥା ମଙ୍ଗଳବାର ପ୍ରଚାର ହେବା ପରେ ବ୍ରାହ୍ମଣ ତରବୋଇ ଗ୍ରାମର ଶତାଧିକ ଲୋକ ଥାନା ସମ୍ମୁଖରେ ଆସି ଅଭିଯୁକ୍ତଙ୍କୁ ତରୁନ୍ତ ଗିରଫ କରିବା ଦାବିରେ ହୋହଲ୍ଲା କରିଥିଲେ। ଖବରପାଇ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ୨ ପ୍ଲାଟୁନ ଫୋର୍ସ ସହିତ ପହଞ୍ଚି ଲୋକଙ୍କୁ ବୁଝାଇବା ସହ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ‘ମହାରାଜା କୃଷ୍ଣଚନ୍ଦ୍ର ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା’

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ଓଡ଼ିଶାରେ ଶିକ୍ଷା ପ୍ରସାରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରମୁଖ ଭୂମିକା ରହିଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଜନସେବା, ସ୍ୱଦେଶପ୍ରୀତି ଓ ସୁଶାସନ ନିମନ୍ତେ ସେ ଚିରସ୍ମରଣୀୟ। ଏହାକୁ ଓଡ଼ିଆ ଜାତି କୃତଜ୍ଞତାର ସହ ସ୍ୱୀକାର କରିବ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ପାରଳା ଗଜପତି ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସୂଚନାଭବନରେ ଅନୁଷ୍ଠିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ମତବ୍ୟକ୍ତ କରିଛନ୍ତି। ମହାରାଜା କୃଷ୍ଣଚନ୍ଦ୍ରଙ୍କୁ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଭାବେ ଅଭିହିତ କରି ରାଜ୍ୟର ବିକାଶରେ ତାଙ୍କ ଭୂମିକା ସମ୍ପର୍କରେ ବାଚସ୍ପତି ଆଲୋକପାତ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ପାରଳା ମହାରାଜାଙ୍କୁ ବିକାଶ ଓ ସ୍ୱାଭିମାନର ପ୍ରତୀକ ଭାବରେ ଉଲ୍ଲେଖ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ‘ଉତ୍କଳ ପ୍ରସଙ୍ଗ’ ଓ ‘ଓଡ଼ିଶା ରିଭ୍ୟୁ’ର ସମ୍ପାଦକ ଡ. ଲେନିନ



କାର୍ଯ୍ୟକ୍ରମକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଶ୍ରଦ୍ଧାଞ୍ଜଳି

ମହାନ୍ତି ମହାରାଜାଙ୍କ କୃତୀ ଓ କୀର୍ତ୍ତି ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଗିରୀଶ ପ୍ରସାଦ ସ୍ୱାଇଁ ଯୋଗଦେଇ ପାରଳା ମହାରାଜାଙ୍କ ବ୍ୟକ୍ତିତ୍ୱ ଓ ଗୁଣାବଳୀ ଆଲୋଚନାପୂର୍ବକ ତାଙ୍କୁ ଓଡ଼ିଶା ଇତିହାସର ଜଣେ ଦୁର୍ଲଭ ପୁରୁଷ ଭାବରେ ଚିତ୍ରଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ ମହାରାଜା କୃଷ୍ଣଚନ୍ଦ୍ରଙ୍କୁ ଦେଶଭକ୍ତ ରାଜନୀତିଜ୍ଞ ତଥା ପ୍ରଜାବତ୍ସଳ ସୁଶାସକ ଭାବେ ବର୍ଣ୍ଣନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ମହାରାଜାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱରସୁଧା ଅନୁଷ୍ଠାନର ଶିଳ୍ପୀବୃନ୍ଦ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୂଚନା ଅଧିକାରୀ ପ୍ରମିଳା ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ପାରଳା ଗଜପତି ବିକାଶ ମଞ୍ଚ ସଭାପତି ରାସବିହାରୀ ମହାନ୍ତି ଧନ୍ୟବାଦ ଦେଇଥିଲେ । ଦିଗପହଣ୍ଡିର ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ଶିଳ୍ପୀମାନଙ୍କ ଦ୍ୱାରା ସଖୀ ନାଚ ଓ ଘୁଡୁକି ନାଚ ପରିବେଷଣ କରାଯାଇଥିଲା ।



ନବୀନ ନିବାସସ୍ଥିତ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଡିଇଓଙ୍କୁ ଶିକ୍ଷୟିତ୍ରୀ ସ୍ୱାମୀଙ୍କ ଆକ୍ରମଣ

- **ଗିରଫ ଶିକ୍ଷକ ଦମ୍ପତି କୋର୍ଟ ଚାଲାଣ**
- **୪ ମାସ ହେଲା ଧାରଣା ଦେଇଥିଲେ ସ୍ତ୍ରୀ-ସ୍ୱାମୀ**

ବ୍ରହ୍ମପୁର ଅଫିସ,୨୬।୪

ବ୍ରହ୍ମପୁରଠାରେ ଥିବା ଗଞ୍ଜାମ ଜିଲା ଶିକ୍ଷାଧିକାରୀ (ଡିଇଓ) ବିନିତା ସେନାପତିଙ୍କୁ କାର୍ଯ୍ୟାଳୟ ଭିତରେ ଜଣେ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ମଙ୍ଗଳବାର ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଡିଇଓ ଗୁରୁତର ଆହତ ହୋଇଛନ୍ତି। ଦୀର୍ଘ ମାସ ହେବ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରାଯାଇଥିବାରୁ ତାଙ୍କ ସ୍ୱାମୀ ରାଗି ଯାଇ ଏଭଳି କାଣ୍ଡ ଭିଆଇଛନ୍ତି। ଆହତ ଡିଇଓଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିପରି ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଶାନ୍ତିଲତା ସାହୁ ଓ ତାଙ୍କ ସ୍ୱାମୀ ସୁମନ ସାହୁ। ମାମଲା ନଂ ୧୦୧/୨୨ରେ ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଜିଲା ବେଲଗୁଣ୍ଠା ବାଳିକା ହାଇସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଶାନ୍ତିଲତାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆସିବା ପରେ ଗତ ଜୁଲାଇରେ ଡିଇଓ ସେନାପତି ସେଠାକୁ ଯାଇ ତଦନ୍ତ କରିଥିଲେ। ଶିକ୍ଷୟିତ୍ରୀ କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କ ଦରମା ବନ୍ଦ କରାଯାଇଥିଲା। ଏହା ପରେ ଶିକ୍ଷୟିତ୍ରୀ ଜଣଙ୍କ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ସେହିପରି ଦରମା ବନ୍ଦ ପ୍ରତିବାଦରେ ଡିସେମ୍ବରରୁ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ଧାରଣା ଦେଇଥିଲେ। ଆଜକୁ ୪ ମାସ ହେବ ଶାନ୍ତିଲତା ଓ ତାଙ୍କ ସ୍ୱାମୀ ସୁମନ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିଥିଲେ। ମଙ୍ଗଳବାର ମଧ୍ୟ ଉଭୟ ଧାରଣାରେ ବସିଥିଲେ। ହେଲେ ଅପରାହ୍ନ ପ୍ରାୟ ୨ଟା ୩୦ ବେଳେ ଡିଇଓ ସେନାପତି ଖାଇବାକୁ ଘରକୁ ଯିବାବେଳେ ଶାନ୍ତିଲତା ଓ ତାଙ୍କ ସ୍ୱାମୀ କାର୍ଯ୍ୟାଳୟ ଭିତରେ ତାଙ୍କୁ ଅଟକାଇଥିଲେ। କିଛି ସମୟ କଥାବାର୍ତ୍ତା ହେବା ପରେ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ହଠାତ୍ ଉତ୍‌କ୍ଷିପ୍ତ ହୋଇ ଡିଇଓଙ୍କ ମୁହଁକୁ ମୁଥ ମାରିଥିଲେ। ଏଥିରେ ଡିଇଓଙ୍କ ନାକ ଏବଂ ଓଠ ଫାଟି ଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କାର୍ଯ୍ୟାଳୟରେ ଉପସ୍ଥିତ ଥିବା କର୍ମଚାରୀମାନେ ଡିଇଓଙ୍କୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀଙ୍କୁ କାବୁ କରିଥିଲା। ସେହିପରି ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ, ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆକ୍ରମଣ ଘଟଣାକୁ ନେଇ ଡିଇଓ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁମନ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ଡିଇଓ କହିଛନ୍ତି। ଏପଟେ ଏହି ଘଟଣାର ପ୍ରତିବାଦ କରି ଡିଇଓଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇବାକୁ ଦାବି କରିଛନ୍ତି।

# ମନୋଜ ଦାସ ଅନ୍ତର୍ଜାତୀୟ ପୁରସ୍କାର ନିୟମାବଳୀରେ ପରିବର୍ତ୍ତନ

- **ଇଂଲିଶ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଭାରତୀୟ ସାହିତ୍ୟିକଙ୍କୁ ପୁରସ୍କାର ଦିଆଯିବ**
- **ମନୋଜ-କିଶୋର ସାହିତ୍ୟ ପ୍ରତିଭା ପୁରସ୍କାର ରାଶି ୨ ଲକ୍ଷ ଟଙ୍କାକୁ ବୃଦ୍ଧି**
- **ମନ୍ମଥ-ମନୋଜ ସ୍ମାରକୀ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ସାରସ୍ୱତ ସାଧକ ସ୍ୱର୍ଗତ ମନୋଜ ଦାସଙ୍କ ସ୍ମୃତିରେ ‘ମନୋଜ ଦାସ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର’ ପ୍ରଦାନ କରାଯିବ ବୋଲି ୨୦୨୧ ମେ’ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଏବଂ ଏହାର ନିୟମାବଳୀ ମଧ୍ୟ ପ୍ରକାଶିତ ହୋଇଥିଲା। ତେବେ ବିଭିନ୍ନସ୍ତରରେ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ସଂଗ୍ରହ କରାଯାଇ ଏହି ପୁରସ୍କାର ନିୟମାବଳୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଇଂଲିଶ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡ଼ିଆ ସାହିତ୍ୟିକମାନଙ୍କୁ ଅନ୍ତର୍ଜାତୀୟ ପୁରସ୍କାର ରାଶି ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ନୂତନ ନିଷ୍ପତ୍ତି ଅନୁଯାୟୀ ଇଂଲିଶ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଭାରତୀୟ ସାହିତ୍ୟିକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଯୁବପିଢ଼ିଙ୍କ ମଧ୍ୟରେ ଉଭୟ ଇଂଲିଶ ଓ ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ପ୍ରତିବର୍ଷ ହାଇସ୍କୁଲ ସ୍ତରରେ ଇଂଲିଶ ଓ ଓଡ଼ିଆରେ ମୌଳିକ ରଚନା ପାଇଁ ‘ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ’ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିନିମନ୍ତେ ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଗୋଟିଏ ଗୋଟିଏ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ନୂତନ ନିଷ୍ପତ୍ତି ଅନୁଯାୟୀ ଉଭୟ ଇଂଲିଶ ଓ ଓଡ଼ିଆ ଗଳ୍ପ ବିଭାଗରେ ରାଜ୍ୟସ୍ତରରେ ପ୍ରଥମ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ୩୦ ହଜାର ଟଙ୍କା, ଦ୍ୱିତୀୟ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ୨୦ ହଜାର ଟଙ୍କା ଏବଂ ତୃତୀୟ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବା ସହ ମନୋଜ ଦାସଙ୍କ ପୁସ୍ତକ, ତୈଳଚିତ୍ର, ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ। ପ୍ରଥମ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ଜଣଙ୍କୁ, ଦ୍ୱିତୀୟ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ୨ ଜଣଙ୍କୁ ଓ ତୃତୀୟ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ୩ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିନିମନ୍ତେ ପ୍ରତିବର୍ଷ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ସେହିପରି ମନୋଜ ଦାସଙ୍କ ପରିବାର ସଦସ୍ୟମାନଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଜନ୍ମସ୍ଥାନ ବାଲେଶ୍ୱର ଜିଲା ଶଙ୍ଖାରୀ ଗ୍ରାମରେ ଥିବା ତାଙ୍କର ପୈତୃକ ବାସଭବନକୁ ହାତକୁ ନେବେ ଏବଂ ତାହାକୁ ପ୍ରଥିତଯଶା ଭ୍ରାତୃଦ୍ୱୟ ପ୍ରଫେସର ମନ୍ମଥ ନାଥ ଦାସ ଓ ମନୋଜ ଦାସଙ୍କ ନାମରେ ‘ମନ୍ମଥ-ମନୋଜ ସ୍ମାରକୀ’ ଭାବେ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେଠାରେ ଉଭୟ ମନ୍ମଥ ନାଥ ଦାସ ଓ ମନୋଜ ଦାସଙ୍କ ଦ୍ୱାରା ଇତିହାସ ଓ ସାହିତ୍ୟ ଉପରେ ଲିଖିତ ସମସ୍ତ ପୁସ୍ତକକୁ ରଖାଯାଇ ଏକ ଲାଇବ୍ରେରି ସ୍ଥାପନ କରାଯିବ। ବାସଭବନ ପରିସରରେ ଥିବା ମନ୍ଦିରର ସଂରକ୍ଷଣ ମଧ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ତାଙ୍କ ପରିବାର ତରଫରୁ ଆବଶ୍ୟକ ପୈତୃକ ଜମି ଓ ଘର ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ପାରଳାଖେମୁଣ୍ଡି ଡିଏଫ୍‌ଓଙ୍କ ବଦଳି

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସଂଗ୍ରାମ କେଶରୀ ବେହେରାଙ୍କର ବଦଳି ହୋଇଛି। ତାଙ୍କୁ ଅନୁଗୋଳ ଓଏଫ୍‌ଆର୍‌ସି ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ୪ଜଣ ବନ ଅଧିକାରୀଙ୍କ ଅଦଳବଦଳ ହୋଇଛି। ଏ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏମାନଙ୍କ ମଧ୍ୟରେ ସଂଗ୍ରାମ ରହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସଂଗ୍ରାମ ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଫସିଯାଇଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଏମ୍.ଯୋଗଜୟାନନ୍ଦଙ୍କୁ ଅନୁଗୋଳ ଆର୍‌ସିସିଏଫ୍, ଅଶୋକ କୁମାରଙ୍କୁ ବାରିପଦା ଆର୍‌ସିସିଏଫ୍ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫିଲ୍ଡ ଡାଇରେକ୍ଟର ଭାବେ ବଦଳି କରାଯାଇଛି। ବ୍ରହ୍ମପୁର ଡିଏଫ୍‌ଓ ଅମ୍ଲାନ ନାୟକ ନିଜ ପଦବୀରେ ରହିବା ସହ ପାରଳାଖେମୁଣ୍ଡି ଅତିରିକ୍ତ ଡିଏଫ୍‌ଓ ଦାୟିତ୍ୱ ତୁଲାଇବେ।

# ‘ସ୍ୱର୍ଗର ସନ୍ଧାନରେ’ ମନୋଜ ଦାସ



ବିଜୟ ନାୟକ

ସ୍ୱର୍ଗ ମଣିଷର କମନୀୟ କଳ୍ପନାର ଏକ ଚାରୁଚିତ୍ରପଟ। ଜାତି, ଜାତୀୟତା, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରାୟ ସବୁ ବିଶ୍ୱବାସୀଙ୍କ ଚେତନାରେ ଏମନ୍ତ କଳ୍ପଲୋକଟିଏ ଅଧିଷ୍ଠିତ, ଯେଉଁଠି ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି, ବିଷାଦ ଓ ଅବସାଦର ସ୍ଥାନ ନାହିଁ। ପ୍ରାୟ ସମସ୍ତଙ୍କର ପୁଣି ବିଶ୍ୱାସ ଯେ ଦେବତାମାନଙ୍କ ଆବାସ ଉପଯୋଗୀ ସେହି ଦିବ୍ୟ ସାମ୍ରାଜ୍ୟକୁ ଯିବା ପାଇଁ ଦେବତ୍ୱ ଓ ଦିବ୍ୟତ୍ୱ ଲାଭ ଅବଶ୍ୟମ୍ଭାବୀ।

ମନୋଜ ଦାସ ପରିବେଶିତ ‘ଉପକଥା ଶତକ’ର ଜଣେ ଚରିତ୍ର ବ୍ରଜଭୂମଣ୍ଡଳରେ ସ୍ୱର୍ଗ ଅଛି କି ନାହିଁ ବୋଲି ପ୍ରଶ୍ନ କରିବାରୁ “ମୋର ପ୍ରଥମ ଶିଷ୍ୟ ହେମଚନ୍ଦ୍ର ତ ସ୍ୱର୍ଗରେ ହିଁ ରହେ”, ଗୁରୁଦେବ ଉତ୍ତର ଦେଲେ। ତହୁଁ ବ୍ରଜର ଇଚ୍ଛା ହେଲା ସ୍ୱର୍ଗକୁ ଯିବା ପାଇଁ। ଆଶ୍ରମର ଜନୈକ ଅଭିଜ୍ଞ ସେବକ ହେମଚନ୍ଦ୍ରଙ୍କ ଠିକଣା ବତାଇବାକୁ ସକ୍ଷମ ହେଲା। ବ୍ରଜ କାଳବିଳମ୍ବ ନ କରି ସ୍ୱର୍ଗ ଅଭିମୁଖେ ଯାତ୍ରା ଆରମ୍ଭ କଲା। କଙ୍କରିତ ଗିରିପଥ, ଘଞ୍ଚ ଅରଣ୍ୟାନି ଅତିକ୍ରମ କରି ସେ ଏକ ଉପତ୍ୟକାରେ ପହଞ୍ଚିଲା, କିନ୍ତୁ ଉପତ୍ୟକାର ସୌନ୍ଦର୍ଯ୍ୟରେ ଆଦୌ ବିମୋହିତ ହୋଇପାରିଲା ନାହିଁ। ସେହି ମାମୁଲି ଉପତ୍ୟକାର ସରୋବର ସମୀପରେ ଅବସ୍ଥିତ ଆଶ୍ରମକୁ ଯାଇ ସେ ହେମଚନ୍ଦ୍ରଙ୍କୁ ଭେଟିବାର ସୌଭାଗ୍ୟ ଲାଭ କଲା। ମାତ୍ର ସପ୍ତାହଟିଏ ପରେ ସେ ସ୍ୱଆଶ୍ରମ ପ୍ରତ୍ୟାବର୍ତ୍ତନ କଲା। ଗୁରୁ ଏକଥା ଜାଣି ବିସ୍ମିତ ହେଲେ। କହିଲେ, “ହେମଚନ୍ଦ୍ର ସ୍ୱର୍ଗ ଭିତରେ ନୁହେଁ, ସ୍ୱର୍ଗ ହେମଚନ୍ଦ୍ର ଭିତରେ ଥାଏ।” ମଣିଷ ସମାଜର ମାନବତ୍ୱରୁ ଦିବ୍ୟତ୍ୱ ଆଡ଼କୁ ଉତ୍ତରଣ ଶ୍ରୀଅରବିନ୍ଦ ଦର୍ଶନର ମର୍ମକଥା। ତଦୁପରି ପର୍ଯ୍ୟବସିତ ଅନେକ ମନୋଜୀୟ ରଚନା ସେହି ଦିବ୍ୟତ୍ୱ ଅନ୍ୱେଷଣର ବାଙ୍ମୟ ପରିପ୍ରକାଶ।

ଛାତ୍ର ଜୀବନରୁ ବାମପନ୍ଥୀ ଦର୍ଶନରେ ଅନୁପ୍ରାଣିତ ମନୋଜ ଦାସଙ୍କ ମନରେ ଥିଲା ମଣିଷ ପ୍ରତି ଅପ୍ରମିତ ସମ୍ବେଦନଶୀଳତା। ସେହି ସମ୍ବେଦନଶୀଳତା ବିପ୍ଳବ ରଞ୍ଜିତ ହୋଇ ତାଙ୍କର ଆଦ୍ୟ ସୃଷ୍ଟି ସମୂହକୁ କରିଥିଲା ଶକ୍ତ ଓ ଶାଣିତ। ୧୯୬୩ ମସିହାରେ ତାଙ୍କ ଜୀବନ ବିପରୀତମୁଖୀ ହେଲା। ମଣିଷର ସୁଖ ଅନୁସନ୍ଧାନୀ ମନୋଜ ମଣିଷର ଦିବ୍ୟତ୍ୱ ଅନ୍ୱେଷଣରେ ମଗ୍ନ ହେଲେ। ପଣ୍ଡିଚେରି ଆଶ୍ରମରେ ଅବସ୍ଥାନ କଲାପରେ ତାଙ୍କ ଜୀବନରେ ସଂଘଟିତ ହୋଇଥିଲା ଏହି ଅଭୂତପୂର୍ବ ବିବର୍ତ୍ତନ। ମନୋଜୀୟ ସମ୍ବେଦନଶୀଳତା ଆଧ୍ୟାତ୍ମିକତାରେ ରୂପାନ୍ତରିତ ହୋଇଥିବାବେଳେ ତାଙ୍କ ସାମ୍ୟବାଦୀ ଚିନ୍ତା ଭିନ୍ନ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ, ଏପରିକି ତାଙ୍କ ସଂଗ୍ରାମ ସମର୍ପଣରେ ପରିଣତ ହୋଇଥିଲା।

ମନୋଜ ଦାସଙ୍କ କେତୋଟି ମାତ୍ର ଦୃଷ୍ଟାନ୍ତକାରୀ ଗଳ୍ପ ବା ଉପନ୍ୟାସର କଥା ପଢ଼ୁ। ‘ଲକ୍ଷ୍ମୀର ଅଭିସାର’ ତାଙ୍କର ଏକ ବିଶ୍ୱବିଦିତ ଗଳ୍ପ। ୧୯୮୩ ମସିହାରେ



ପ୍ରଥମ ଶ୍ରାଦ୍ଧ ଦିବସ ଉପଲକ୍ଷେ

ଆମେରିକାର ଲଙ୍ଗ ଆଇଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ‘କନ୍‌ଫ୍ରଣ୍ଟେସନ୍’ ପତ୍ରିକାରେ ଏହା ସ୍ଥାନିତ ହୋଇଥିଲା। ଠାକୁର ଘରେ ପଶି କଦଳୀ ଖାଇଥିବାରୁ ପୂଜକଠାରୁ ଗାଳି ଶୁଣି କୁନିଝିଅଟି କ’ଣ ଜୀବନ ଧରି ରହିପାରିଥା’ନ୍ତା। କିନ୍ତୁ କୁନିଝିଅର ମୃତ୍ୟୁରେ କଠୋର ହୃଦୟସମ୍ପନ୍ନ ପୁରୋହିତ ହୃଦୟରେ ଯେଉଁ ପଶ୍ଚାତ୍ତାପର ଆର୍ଦ୍ରତା, ତା’ର ତୁଳନା ନାହିଁ। ପରଜନ୍ମରେ ଜିହ୍ୱାହୀନ ହୋଇ ଜନ୍ମ ହେବା ପାଇଁ ପୁରୋହିତର ପ୍ରାର୍ଥନା ତା’ ଭିତରେ ଥିବା କୋମଳ ମଣିଷଟିର ସନ୍ଧାନ ଦିଏ।

‘ମଧୁବନର ମେୟର’ ଗଳ୍ପଟି ସେମିତି ଖୁବ୍ ପ୍ରସିଦ୍ଧ। ଆମେରିକାର ଇଲିନୋଇସ୍ ବିଶ୍ୱବିଦ୍ୟାଳୟର ମୁଖପତ୍ର ‘ଏସେଣ୍ଟ’ରେ ତାହା ୧୯୭୫ ମସିହାରେ ପ୍ରକାଶିତ ହୋଇଥିଲା। ମଧୁବନର ମେୟର ଯେପରି ନିର୍ବସ୍ତ୍ର ହୋଇ ନୌକାରେ ରାତ୍ରିଯାପନ କରୁଛନ୍ତି, ସେପରି ବ୍ୟଙ୍ଗ ମନୋଜୀୟ ଶୈଳୀର ଏକାନ୍ତ ନିଜସ୍ୱ। କିନ୍ତୁ ସେ ବ୍ୟଙ୍ଗ ଭିତରେ କି ସହାନୁଭୂତି! ପ୍ରଭାତରେ ଗୋଟେ ଛୋଟ ଝିଅ ସୌଜନ୍ୟରୁ ବସ୍ତ୍ର ପାଇ ସେ କୂଳକୁ ଆସି ଭାବୁଛନ୍ତି, ସହରକୁ ଫେରି ପ୍ରଥମେ ବୃଦ୍ଧ ଅଧ୍ୟାପକଙ୍କୁ ଯାଇ କହିବେ ଯେ ଗତ ରାତିରେ ସେ ସାବାଳକ ହେଲେ। ଅହମିକା ଆଢୁଆଳରେ କି ନିଷ୍ପାପ ଆତ୍ମାଟିଏ ଥାଏ। ସବୁ ଆତ୍ମା ଯେମିତି ଦିବ୍ୟତା ଆଡ଼କୁ ଉନ୍ମୁଖ। ‘ଅପହୃତ ଟୋପିର ରହସ୍ୟ’ଠାରୁ ‘ବ୍ୟାଘ୍ରାରୋହଣ’ ପୁଣି ‘ଓଟ’ ପର୍ଯ୍ୟନ୍ତ ବିଭିନ୍ନ ଗଳ୍ପ ଶ୍ଳେଷ ଓ କଟାକ୍ଷରେ ପରିପୂର୍ଣ୍ଣ। କିନ୍ତୁ ସେସବୁ ଯେ ମାନବୀୟ ସମ୍ବେଦନଶୀଳତାରେ ସିକ୍ତ!

‘ଅମୃତ ଫଳ’ ତାଙ୍କର ଏକ କାଳଜୟୀ ସୃଷ୍ଟି। ଲେଖକଙ୍କ ଭାଷାରେ ତାହା ‘ପ୍ରାୟୋପନ୍ୟାସ’। ଉଜ୍ଜୟିନୀର ରାଜା ଭର୍ତ୍ତୃହରିଙ୍କ ଜୀବନ ଓ ବୈରାଗ୍ୟ ଉପରେ ଆଧାରିତ ଏହି ଉପନ୍ୟାସ। ‘ଅମୃତ ଫଳ’ ଚଣ୍ଡ ମୁନିଙ୍କଠାରୁ ପ୍ରାପ୍ତ ହୋଇଥିଲେ ରାଜା ଭର୍ତ୍ତୃହରି ଯାହା ଅନନ୍ତ ଯୌବନର ପ୍ରତିଶ୍ରୁତି। ସେ ଫଳଟିକୁ ରାଜା ଦେଲେ ନିଜ ପ୍ରିୟରାଣୀ ସିନ୍ଧୁମତୀଙ୍କୁ, ସିନ୍ଧୁମତୀ ଦେଲେ ସେ ଭଲପାଉଥିବା ଜଣେ ଯୁବ ରାଜକର୍ମଚାରୀଙ୍କୁ, ରାଜକର୍ମଚାରୀ ତାକୁ ଅର୍ପଣ କଲେ ରାଜନର୍ତ୍ତକୀକୁ। ରାଜନର୍ତ୍ତକୀ ତାହାକୁ ପୁଣି ଉପହାର ଦେଲେ ରାଜାଙ୍କୁ। ଫଳ ତା’ର ଉତ୍ସ ପାଖକୁ ଫେରିଗଲା। ରାଜପଦ ତ୍ୟାଗ କରିବା ପାଇଁ ଏହି ଘଟଣାକ୍ରମ ଥିଲା ଯଥେଷ୍ଟ, ରାଜା ଭର୍ତ୍ତୃହରିଙ୍କ ପାଇଁ। ରାଜା ଭର୍ତ୍ତୃହରି ଓ ଶିଳ୍ପପତି ଅମରନାଥ ଏହି ଦୁଇ ଚରିତ୍ରଚିତ୍ରଣ ସମାନ୍ତରାଳ ଭାବରେ ଗତି କରିଛି ଉପନ୍ୟାସରେ। କିନ୍ତୁ ଏହି ତଥାକଥିତ ଘୃଣ୍ୟ ଘଟଣାଚକ୍ର ଭିତରେ ଦିବ୍ୟତାର ଅନ୍ୱେଷଣ କରିଛନ୍ତି ମନୋଜ ଦାସ।

ଶ୍ରୀଅରବିନ୍ଦ ଯେମିତି ଦିବ୍ୟଜୀବନର କଥା କହନ୍ତି ମହାତ୍ମା ଗାନ୍ଧୀ ତାହାହିଁ କହନ୍ତି ଭିନ୍ନ ଭାବରେ: “ଏ ପଏଟ୍ ଇଜ୍ ୱାନ୍ ହୁ କ୍ୟାନ୍ କଲ୍ ଫୋର୍ଥ ଦ ଗୁଡ୍ ଲ୍ୟାଟେଣ୍ଟ ଇନ୍ ଦ ହ୍ୟୁମାନ୍ ବ୍ରେଷ୍ଟ।” ତାଙ୍କ ଆତ୍ମଜୀବନୀର ‘ଗୋଟିଏ ବହିର କୁହୁକ’ ଶୀର୍ଷକ ଅଧ୍ୟାୟରେ ମହାତ୍ମା ଏହା ଉଲ୍ଲେଖ କରିଛନ୍ତି। ଦିବ୍ୟତା ହେଉ କି ହେଉ ଦେବତ୍ୱ, ଭଲପଣ ହେଉ କି ହେଉ ସକାରାତ୍ମକ ଦୃଷ୍ଟି- ଏସବୁ ମଣିଷ ଭିତରେ ଥାଏ। କବି ହିଁ ତାକୁ ଆବିଷ୍କାର କରେ। ମନୋଜ ଦାସଙ୍କ ପ୍ରତିଟି ରଚନା ମଣିଷ ଭିତରେ ଥିବା ସେହି ସ୍ୱର୍ଗ ବା ଦିବ୍ୟତ୍ୱ ବା ଭଲପଣ- ତାକୁ ଆବିଷ୍କାର କରିବା ଦିଗରେ ଗୋଟିଏ ଗୋଟିଏ ମହନୀୟ ସୋପାନ।

ବି.ଜେ.ବି. ନଗର, ଭୁବନେଶ୍ୱର
ମୋ: ୯୪୩୭୧୪୩୮୯୬

# ସାପକାମୁଡ଼ା ମୃତ୍ୟୁ ରୋକିବାକୁ ଏମ୍ସ କରିବ ଗବେଷଣା

- **ଭୁବନେଶ୍ୱରରେ ପାଇଲଟ୍ ପ୍ରକଳ୍ପ ଭାବେ କାର୍ଯ୍ୟ ଆରମ୍ଭ ହେବ**
- **ପ୍ରାଥମିକ ପର୍ଯ୍ୟାୟ ଅଧ୍ୟୟନରେ ସାମିଲ ହେବେ ୪ଶହ ପରିବାର**

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ଓଡ଼ିଶାରେ ସାପ କାମୁଡ଼ାଜନିତ ମୃତ୍ୟୁ ସଂଖ୍ୟା ବର୍ଷକୁ ପ୍ରାୟ ୮୦୦ ଥିବାବେଳେ ଏହାକୁ କମାଇବା ପାଇଁ ରାଜ୍ୟ ସଂଘର୍ଷ କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସର୍ପାଘାତକୁ ଅବହେଳିତ ଟ୍ରପିକାଲ୍ ରୋଗ ବୋଲି ଘୋଷଣା କରିଛି। ସାପକାମୁଡ଼ା ଭଳି ଏକ ଜନସ୍ୱାସ୍ଥ୍ୟ ସମସ୍ୟାରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ମୃତ୍ୟୁହାରରେ ଉନ୍ନତି ଆଣିବା ପାଇଁ ଲୋକଙ୍କ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ସାପକାମୁଡ଼ା ଜନିତ ମୃତ୍ୟୁହାର ହ୍ରାସ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱର ଏମ୍ସ ଏକ ଗବେଷଣାମୂଳକ ଅଧ୍ୟୟନ ଆରମ୍ଭ କରିବ। ଏମ୍ସର ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗ ତରଫରୁ ଚଳିତ ଋତୁରେ ମଣିଷ-ସାପ ବିବାଦର ମୁକାବିଲା ପାଇଁ ଏହି ଗବେଷଣା କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ପାଇଲଟ୍ ପ୍ରକଳ୍ପ ଭାବେ ଭୁବନେଶ୍ୱର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ପ୍ରାୟ ୪୦୦ ପରିବାରକୁ ଏହି ଗବେଷଣାମୂଳକ ଅଧ୍ୟୟନରେ ସାମିଲ କରାଯିବ। ପରବର୍ତ୍ତୀ ସମୟରେ ଏହା ସମଗ୍ର ରାଜ୍ୟରେ କରାଯିବାକୁ ଯୋଜନା ରହିଥିବା ଏମ୍ସର ଫରେନସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରଫେସର ତଥା ଏହି ଗବେଷଣାର ମୁଖ୍ୟ ଅନୁସନ୍ଧାନକାରୀ ଡା. ସୁଦୀପ୍ତ ରଞ୍ଜନ ସିଂହ ସୂଚନା ଦେଇଛନ୍ତି। ଡା. ସିଂହ ଏହି ଷ୍ଟଡିର ଚିଫ୍ ଇନଭେଷ୍ଟିଗେଟର ଥିବାବେଳେ ବିଭାଗୀୟ ପ୍ରଫେସର ତଥା ମୁଖ୍ୟ ଡା. ମନୋଜ କୁମାର ମହାନ୍ତି କୋ-ଇନଭେଷ୍ଟିଗେଟର ଅଛନ୍ତି। ସ୍ନେକ ହେଲ୍ପଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏହି ଅଧ୍ୟୟନ ପାଇଁ ରିସର୍ଚ୍ଚ କୋର୍ଡିନେଟର ଭାବେ କାମ କରିବେ। ଏହି ଅଧ୍ୟୟନ ପାଇଁ ସ୍ନେକ ହେଲ୍ପଲାଇନର ୧୦ ଜଣ ସ୍ୱେଚ୍ଛାସେବୀଙ୍କୁ ସୋମବାର ନମୁନା ସଂଗ୍ରହର ପଦ୍ଧତି ବିଷୟରେ ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗର ବିଶେଷଜ୍ଞମାନେ ତାଲିମ ଦେଇଥିଲେ। ସୂଚନାଯୋଗ୍ୟ, ଏହି ଗବେଷଣା ପାଇଁ ପୂର୍ବରୁ ଅନୁମୋଦନ ମିଳିଥିଲେ ମଧ୍ୟ କରୋନା କାରଣରୁ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିଲା।


**CLASSIFIED DISPLAY** — ALL EDITION - B/W (Everyday)

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ**



**୰ରଂଜିତା ଜେନା**
ଆବିର୍ଭାବ: ୦୫।୧୨।୧୯୩୬
ତିରୋଧାନ: ୦୮।୦୫।୨୦୨୧

ବାପା ଚାଲିଗଲେ, ଆମେ ତୁମର ମୁହଁକୁ ଦେଖି ବଞ୍ଚି ଚାଲିଥିଲୁ। କିନ୍ତୁ ତୁମେ ଅପ୍ରତ୍ୟାଶିତ ଭାବରେ ଆମ୍ଭକୁ ଛାଡ଼ି ଚାଲିଗଲ। ଯାହା ଆମକୁ ବହୁତ ବ୍ୟଥିତ କରୁଛି। ଏହା ମଧ୍ୟରେ ବର୍ଷେ ପୂରିଗଲା, ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠାକୁ ସ୍ମରଣ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ପ୍ରଦାନ କରନ୍ତୁ, ଏହା ହିଁ ମହାପ୍ରଭୁଙ୍କ ନିକଟରେ ଗୁହାରି ।

ଇତି: ହତଭାଗ୍ୟ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୫୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶୋଭାବତୀ ସୁନ୍ଦରାୟ**
ଶିଶୁପାଳଗଡ଼, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୬
ତିରୋଧାନ: ୧୬।୦୪।୨୦୨୨

ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ଛାଡ଼ି ଚାଲିଗଲେ। ଆପଣଙ୍କର ସ୍ମୃତି ଆମର ଚିର ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁଅ: ବସନ୍ତ କୁମାର ସୁନ୍ଦରାୟ, ବୋହୂ, ନାତି, ନାତୁଣୀ, ସୁନ୍ଦରାୟ ପରିବାରବର୍ଗ ।
ଧ-୨୫୫

# ଖରାଦିନେ କୁକୁଡ଼ାଙ୍କ ଯତ୍ନ



ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ। ମାଟିହାଣ୍ଡିରେ ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଅର୍ଥାତ୍ ମଧ୍ୟାହ୍ନ ୧୨ରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ । ୨ମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପ୍ରାଣୀଚିକିତ୍ସକଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ। କୁକୁଡ଼ା ଓ ବତକଙ୍କ କକ୍ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ସକାଶେ କକ୍ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ ।

# ମହୁଚାଷ ସମୟରେ..

ମହୁବାକ୍ସଗୁଡ଼ିକୁ ଗଛ ତଳ ଛାଇ ଜାଗାରେ ରଖନ୍ତୁ, ନହେଲେ ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ଯାଞ୍ଚ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭–୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



# ଡାଲିଜାତୀୟ ଫସଲରେ ଜଳ ପରିଚାଳନା



ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉକୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବାର ଆଶଙ୍କା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.)କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ ଲାଗି ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଷ୍ଟାକ୍କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

# ପ୍ରାଣୀ ଚିକିତ୍ସା ସେବାର ସୁଦୃଢ଼ୀକରଣ



ଡା. ବୀରକିଶୋର ପରିଡ଼ା

ମଣିଷର ଜୀବନ ଧାରଣରେ ପ୍ରାଣୀ ସମ୍ପଦର ଗୁରୁତ୍ୱକୁ ଉପଲବ୍ଧିକରି ୨୦୦୧ ମସିହାରୁ ସମଗ୍ର ବିଶ୍ୱରେ ପାଳିତ ହୋଇଆସୁଅଛି 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ'। ପ୍ରତିବର୍ଷ ଏପ୍ରିଲ ମାସର ଶେଷ ସପ୍ତାହର ଶେଷ ଶନିବାର ଏହି ଦିବସ ପାଳନ କରାଯାଇଥାଏ। ବିଶ୍ୱର ପ୍ରାଣୀ ଚିକିତ୍ସା ଅନୁଷ୍ଠାନ ଏବଂ ପ୍ରାଣୀ ଚିକିତ୍ସକମାନେ ସମାଜ ପ୍ରଗତିରେ ପ୍ରାଣୀମାନଙ୍କ ଅବଦାନ ସହିତ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବ୍ରତୀ ଥିବା ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ଦିବସ ପାଳନ ହୋଇଆସୁଅଛି। ପ୍ରତିବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସା ସଂଘ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଙ୍ଗଠନ ବା ଓଆଇଇର ମିଳିତ ଆନୁକୂଲ୍ୟରେ ପ୍ରାଣୀ ଚିକିତ୍ସା ଦିବସର ବିଭିନ୍ନ ବିଷୟବସ୍ତୁ ବା ବାର୍ତ୍ତା ନିର୍ଦ୍ଧାରିତ ହୋଇଥାଏ । ଚଳିତ ବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ମୁଖ୍ୟ ବାର୍ତ୍ତା ହେଲା – 'ପ୍ରାଣୀ ଚିକିତ୍ସା ସେବାର ସୁଦୃଢ଼ୀକରଣ'। ଉଭୟ ପ୍ରାଣୀ ଓ ମନୁଷ୍ୟର ସ୍ୱାସ୍ଥ୍ୟରକ୍ଷା ସହିତ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଅତୁଳନୀୟ । ଏଭଳି ଜୀବନ ସୁରକ୍ଷା ବା ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟରେ ବ୍ରତୀ ଥିବା ପ୍ରାଣୀ ଚିକିତ୍ସକଙ୍କ ଭୂମିକାକୁ ଲୋକଲୋଚନକୁ ଆଣିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଆମ ଜୀବନ ଜୀବିକା ସହିତ ପ୍ରାଣୀ ସମ୍ପଦ ଓତପ୍ରୋତ ଭାବେ ଜଡ଼ିତ। ମାନବ ସଭ୍ୟତାର କ୍ରମବିକାଶ ସହ ବିଭିନ୍ନ ପଶୁପକ୍ଷୀଙ୍କୁ ଗୃହପାଳିତ ପ୍ରାଣୀ ଭାବେ ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ଗୋରୁ , ମଇଁଷି, ଛେଳି,ମେଣ୍ଢା, କୁକୁଡ଼ା, ଘୁଷୁରି ଆଦି ପ୍ରାଣୀ ଅନ୍ୟତମ। ଏହି ପ୍ରାଣୀମାନେ ବିଭିନ୍ନ କୃଷି ବର୍ଜ୍ୟ ପଦାର୍ଥ ଯଥା – ନଡ଼ା କୁଟା, କୁଣ୍ଡା, ଚୋକଡ଼, ପିଡ଼ିଆ, ବିରି,ମୁଗ ବୋଟି ସହିତ ସବୁଜଘାସ ଓ ପତ୍ର ଆଦି ଖାଦ୍ୟ ରୂପେ ବ୍ୟବହାରକରି ଆମକୁ ବହୁ ମୂଲ୍ୟଭିତ୍ତିକ ପ୍ରାଣିଜ ପୁଷ୍ଟିସାର ଖାଦ୍ୟ ଯଥା – ଦୁଗ୍ଧ, ମାଂସ, ଅଣ୍ଡା ଆଦି ପ୍ରଦାନ କରିଥାନ୍ତି। ଫଳରେ ଜଣେ ଚାଷୀ ତାଙ୍କ ପରିଶ୍ରମରେ ଉତ୍ପାଦିତ ସମସ୍ତ କୃଷିଜାତ ପଦାର୍ଥକୁ ସମ୍ପୂର୍ଣ୍ଣ ବିନିଯୋଗକରି ଦି ପଇସା ରୋଜଗାର କରିବାରେ ସକ୍ଷମ ହୋଇଥାନ୍ତି। ବିଭିନ୍ନ ପଶୁ ପକ୍ଷୀ ପାଳନ ମାଧ୍ୟମରେ ଅନେକ ଯୁବତୀ ଯୁବକ ଆତ୍ମନିର୍ଭରଶୀଳ ହେବାରେ ସକ୍ଷମ ହୋଇପାରୁଛନ୍ତି। ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ସେବାର ସୁଦୃଢ଼ୀକରଣ ନିମନ୍ତେ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି । ଏଥିସହିତ ରାଜ୍ୟରେ ପ୍ରାଣୀ ଚିକିତ୍ସକମାନଙ୍କ ସଂଖ୍ୟା ୧୧୦୭ରୁ ୧୯୧୦ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ ବିଭାଗର ପୁନର୍ବିନ୍ୟାସ ଓ ପ୍ରବେଶ ସ୍ତରରେ ପ୍ରଥମ ଶ୍ରେଣୀ ପଦବୀ ସୃଷ୍ଟି କରାଯାଇପାରିଛି । ସେଥିପାଇଁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ସଚିବ ଏବଂ ନିର୍ଦ୍ଦେଶକଙ୍କ ପଦକ୍ଷେପ ଯୋଗୁ ଏହା ସମ୍ଭବପର ହୋଇପାରିଛି । ଓଡ଼ିଶା ପ୍ରାଣୀ ଚିକିତ୍ସା ସେବାସଂଘର ଉଲ୍ଲେଖନୀୟ ଅବଦାନ ସହିତ ପ୍ରାଣୀ ଚିକିତ୍ସକମାନଙ୍କର ଅନବରତ ଉଦ୍ୟମ ଯୋଗୁ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇପାରିଛି ।





ରାଜ୍ୟରେ ପ୍ରତ୍ୟେକ ବ୍ଲକର ଅପହଞ୍ଚ ବା ଦୁର୍ଗମ ଅଞ୍ଚଳରେ ପ୍ରାଣୀ ଚିକିତ୍ସା ସେବା ଉପଲବ୍ଧ ପାଇଁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା କାର୍ଯ୍ୟ କରୁଅଛି । ଗୋସମ୍ପଦର ବିକାଶ ନିମନ୍ତେ ରାଷ୍ଟ୍ରବ୍ୟାପୀ କୃତ୍ରିମ ପ୍ରଜନନ, ଜାତୀୟ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପ୍ରାଣୀ ବୀମା ଯୋଜନା, ତୃଣ ଉନ୍ନୟନ ଯୋଜନା, ନୂତନ ଗୋଶାଳା ନିର୍ମାଣ ସହିତ ପୁରାତନ ଗୋଶାଳାଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଣ, ଦେଶୀ ପ୍ରଜାତିର ବଳଦ ଗାଈଙ୍କ ସଂରକ୍ଷଣ ଓ ବିକାଶ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସେହିପରି ରାଜ୍ୟ ଯୋଜନା ଅଧୀନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଛେଳି ମେଣ୍ଢା ପାଳନ, ମାଂସଳ ଓ ଅଣ୍ଡାଦିଆ କୁକୁଡ଼ା ପାଳନ ଆଦି ନିମନ୍ତେ ସରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଯୁବୋଦ୍ୟୋଗୀମାନଙ୍କୁ ୫ଶହ ଟିକିଆ ମାଂସଳ କୁକୁଡ଼ା ପାଳନ ନିମନ୍ତେ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ସେହିପରି ପ୍ରାଣୀ ପାଳକମାନଙ୍କ ଆର୍ଥିକ ସୁଦୃଢ଼ୀକରଣ ନିମନ୍ତେ ଗୋପାଳନ, କୁକୁଡ଼ା ପାଳନ, ଛେଳି ଓ ମେଣ୍ଢା ପାଳନ ଆଦି କ୍ଷେତ୍ରରେ କିଷାନ କ୍ରେଡିଟ୍ କାର୍ଡ ଦେବାର ବ୍ୟବସ୍ଥା ହୋଇଛି । ଏଥିରେ ପ୍ରାଣୀଙ୍କ ଖାଦ୍ୟ, ଚିକିତ୍ସା, ଗୃହ ମରାମତି, ଘାସଚାଷ, ବୀମାକରଣ ଆଦି ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଙ୍କରୁ ରିହାତି ସୁଧରେ ଋଣ ପାଇବା ନିମନ୍ତେ ସରକାର ବ୍ୟବସ୍ଥା କରିଛନ୍ତି । ତେଣୁ ଏହିସବୁ କାର୍ଯ୍ୟକାରୀ ହେବା ଫଳରେ ଆମ ରାଜ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ଆଦି ବୃଦ୍ଧି ସହିତ ଚାଷୀ ତଥା ପ୍ରାଣୀପାଳକଙ୍କ ଆୟ ବୃଦ୍ଧିକୁ ଦ୍ୱିଗୁଣିତ କରାଯାଇପାରିଛି। ସେଥିପାଇଁ ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀ ଚିକିତ୍ସା ସେବାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରାଣୀ ଚିକିତ୍ସାଳୟ ଓ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରଗୁଡ଼ିକର ଭିତ୍ତିଭୂମିର ବିକାଶ ସହିତ ଏଗୁଡ଼ିକର ଆଧୁନିକୀକରଣ ନିମନ୍ତେ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିସହିତ ପ୍ରତ୍ୟେକ ବ୍ଲକ ସ୍ତରରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ସମ୍ବନ୍ଧୀୟ ସମସ୍ତ ସୂଚନା ବା ତଥ୍ୟ ଡିଜିଟାଲ ପ୍ରଣାଳୀ ମାଧ୍ୟମରେ ଆଦାନ ପ୍ରଦାନ ନିମନ୍ତେ ବ୍ଲକ ପ୍ରାଣୀ ଚିକିତ୍ସକ ପଦବୀ ଆଦି ସୃଷ୍ଟି କରାଯାଇଛି। ଏହି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ପ୍ରତ୍ୟେକ ଜିଲା ଓ ରାଜ୍ୟ ସ୍ତରରେ ସରକାର ପ୍ରାଣୀପାଳକ ଏବଂ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ଉତ୍ସାହିତ କରିବା ନିମନ୍ତେ କୃତ୍ରିମ ପ୍ରଜନନ, ଟିକାକରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଆଧାରକରି ପୁରସ୍କୃତ ବା ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଫଳରେ ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ନିୟୋଜିତ ପ୍ରାଣୀ ପାଳକ ଓ ବିଭାଗୀୟ ଡାକ୍ତରମାନେ ଅଧିକ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ଏହା ଆମ ରାଜ୍ୟକୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହିତ ଚାଷୀ ତଥା ପ୍ରାଣୀ ପାଳକମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଆଶା ।

"ପ୍ରତିବର୍ଷ ଏପ୍ରିଲ ମାସ ଶେଷ ସପ୍ତାହର ଶେଷ ଶନିବାର ପାଳନ ହୋଇଥାଏ 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..."

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

# ଚାଷୀଙ୍କ ପାଇଁ...



- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଏବଂ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।
- ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।
- ମୁଗ, ବିରି ଲାଗି ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।
- ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।
- ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକର ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରଡିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଧାନରେ ରୋଗପୋକ ଦମନ



ଧାନ ଚାଷକରିବା ସମୟରେ ରୋଗପୋକ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଠିକ୍ ସମୟରେ ଏଗୁଡ଼ିକୁ ଦମନ କରିପାରିଲେ ଭଲ ଅମଳ ମିଳେ। ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲିଟର କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮–୧୦ ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ଲାଗି ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ–୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଫଳଚାଷ

(ଶେଷ ଭାଗ)

ସ୍ଥାନ ନିରୂପଣ ହେଲା ପରେ ସେଠାରେ ଥିବା ବୁଦା ଓ ଅନାବନା ଗଛକୁ ସଫାକରି ଜମିକୁ ଭଲ ଭାବରେ ଚାଷକରି ସମତଳ କରାଯିବା ପ୍ରୟୋଜନ। ସବୁଜ ଓ କାଗଜକଳ ମଇଳା ପ୍ରୟୋଗ କରି ମାଟିରେ ମିଶାଇ ଦିଆଯାଏ। ଫଳରେ ମାଟି ଅମ୍ଳୀୟ ନ ରହି ଫସଲକୁ ଆବଶ୍ୟକ ଅଣୁସାର ପ୍ରାପ୍ତି ହୋଇଥାଏ। ଦୋରସା, ମଟାଳ, ଦୋରସା ଓ ଲୋହିତ ମୃତ୍ତିକାରେ ଫଳ ଚାଷ ଭଲ ହୋଇଥାଏ। ଫଳଗଛ ଚେରର ଶାଖା ଓ ପ୍ରଶାଖା ମୃତ୍ତିକା ଭିତରେ ବହୁତ ବିସ୍ତାର କରିଥାଏ। ଚିକିଟା ମାଟିରେ ଚେର ବେଶି ବଢ଼ିପାରେ ନାହିଁ। ଚିକିଟା ମାଟି ଅପେକ୍ଷା ଲଘୁ ମୃତ୍ତିକାରେ ଖତସାରର ପ୍ରୟୋଗ ଅଧିକ ହୋଇଥାଏ। ଜମିରେ ଖତ ସବୁ ସ୍ଥାନରେ ପ୍ରୟୋଗ କରି ଚାଷ କରିବା ଭଲ। ମାତ୍ର ପିଡ଼ିଆ ପ୍ରୟୋଗ ଆଗରୁ ହେଲେ ଗଛକୁ ଯଥା ସମୟରେ ପୋଷକ ମିଳିଥାଏ।

ଗଛରେ ଫୁଲ ଧରି ଆସୁଥିବା ସମୟରେ ପାରିପାର୍ଶ୍ୱିକ ଅବସ୍ଥା (ସ୍ଥାନର ଉତ୍ତାପ, ବୃଷ୍ଟି, ପବନର ବେଗ ଇତ୍ୟାଦି) ଗଛର ଫୁଲ, ପରାଗ ସଙ୍ଗମ ଓ ଫଳ ଧରିବା ପ୍ରକ୍ରିୟାକୁ ଯଥେଷ୍ଟ ପରିମାଣରେ ପ୍ରଭାବିତ କରିଥାଏ। ଅଧିକ ଉତ୍ତାପର ପ୍ରଭାବରେ ପରାଗରେଣୁ ସକ୍ରିୟ ହୋଇ ନ ଥାଏ ଏବଂ ଗର୍ଭ ଶୀର୍ଷ ଶୀଘ୍ର ଶୁଖିଯିବା ଫଳରେ ଗର୍ଭ ଶୀର୍ଷରେ ପରାଗରେଣୁ ଲାଗିପାରେ ନାହିଁ ତଥା ସଙ୍ଗମ କରାଉଥିବା କୀଟପତଙ୍ଗଗୁଡ଼ିକର କ୍ରିୟାକଳାପ ବାଧାପ୍ରାପ୍ତ ହୁଏ। ଗଛରେ ଫୁଲ ଫୁଟୁଥିବା ସମୟରେ ବର୍ଷା, ଫୁଲ କଢ଼ ଧରିବାରେ ପ୍ରଧାନ ଅନ୍ତରାୟ ହୋଇଥାଏ। ବର୍ଷା ଦ୍ୱାରା ପରାଗରେଣୁ ଧୋଇହୋଇଯାଏ। କେତେକ କ୍ଷେତ୍ରରେ ବାୟୁ ପ୍ରବାହ ପରାଗ ସଙ୍ଗମରେ ସାହାଯ୍ୟ କରିଥାଏ। ଉଦାହରଣ–ନଡ଼ିଆ, ଆମ୍ବ। ଅନ୍ୟ ସବୁ କାରଣ ମଧ୍ୟରେ ପରାଗସଙ୍ଗମକାରୀ କୀଟପତଙ୍ଗର କାର୍ଯ୍ୟକଳାପ ଫଳ ଧରିବାରେ ଯଥେଷ୍ଟ ପରିମାଣରେ ସହାୟକ ହୋଇଥାଏ।



**ବଂଶବିସ୍ତାର :** ପୃଥକୀକରଣ ଉପାୟରେ କଦଳୀଗଛର ବଂଶବୃଦ୍ଧି ମୁଖ୍ୟତଃ ରାଇଜୋମ୍ ଓ ସୁଆରୁ ହୋଇଥାଏ। ସେହିପରି ସପୁରିର ପୁଆ ଅଫ୍‌ସେଟ୍ ଏବଂ ଶିଖାରୁ ବଂଶବିସ୍ତାର ଘଟିଥାଏ। ମାଟି କଲମୀ ବା ଲେୟରିଂ ଓ ଗ୍ରାଫ୍‌ଟିଂ ଦ୍ୱାରା ବିଭିନ୍ନ ଫଳଗଛର ବଂଶବିସ୍ତାର କରାଯାଇଥାଏ। କାଣ୍ଡ କଲମୀ ଉପାୟରେ ମାଟିରେ ପୋତାଯାଇଥିବା ଅଂଶରୁ ଯେଉଁ ଚେର ବାହାରେ, ସେଥିରୁ ବଂଶବିସ୍ତାର ହୋଇଥାଏ। ବହୁ ସମୟରେ ଫଳଚାରା ଗଛକୁ ସହଜ ଓ ସୁବିଧାରେ ପରିଚାଳନା, ରକ୍ଷଣାବେକ୍ଷଣ, ଯତ୍ନ, ରୋଗପୋକ ପରିଚାଳନା, ନିଜର ଆବଶ୍ୟକତା ପୂରଣ ସହ ଚାରା ଗଛଗୁଡ଼ିକୁ କୁଣ୍ଡରେ ରଖି ବିକ୍ରି କରି ଭଲ ରୋଜଗାର କରାଯାଇପାରୁଛି। ଏଥିରେ ବିଭିନ୍ନ ପ୍ରକାର ଚାରା ଉତାରି ତାହାର ଯତ୍ନ, ଆବଶ୍ୟକ ଦେଖି କଲମୀ କରି ପଲିଥିନ୍ ବା ନର୍ସରି ବେଡ୍‌ରେ ରୋପଣ କରାଯାଏ।

**ଫଳବଗିଚା ସମ୍ପର୍କରେ କିଛି କଥା:** ନିର୍ଦ୍ଧାରିତ ସ୍ଥାନରୁ ଅଦରକାରୀ, ଅନାବନା ଘାସବୁଦା ଓ ଗଛଗୁଡ଼ିକୁ କାଟି ପରିଷ୍କାର କରି ଜମିକୁ ସମତଳ କରି ଚାଷ କରାଯାଏ। ପାହାଡ଼ିଆ ସ୍ଥାନରେ ଜମିର ଉଚ୍ଚାନିଚା ଅନୁଯାୟୀ ଭାଗ ଭାଗ କରି କ୍ଷେତ୍ର ପ୍ରସ୍ତୁତ କରାଯାଏ। ବଗିଚାର ଚଲାପଥ, ରାସ୍ତା ଓ କୋଠା ପ୍ରଥମେ ତିଆରି କରାଯାଏ। ଜଳସେଚନ ଓ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଦରକାର। ବଗିଚାର ପ୍ରବେଶ ପଟରେ ଚିରସବୁଜ ଫଳଗଛ ରହି ଫାଟକକୁ ଚାହିଁଲେ ବଗିଚାଟି ସୁନ୍ଦର ଦିଶୁଥିବା ଦରକାର। ଛୋଟ ଫଳଗଛଗୁଡ଼ିକୁ ବଗିଚାର ସାମ୍ନା ପଟକୁ ଓ ଡେଙ୍ଗା ଗଛଗୁଡ଼ିକୁ ପଛ ପଟକୁ ଲଗାଇବା ଦରକାର। ଅଧିକ ପାଣି ଚାହୁଁଥିବା ଗଛ (ଯଥା କଦଳୀ, ନଡ଼ିଆ ଇତ୍ୟାଦି) ଜଳର ଉତ୍ସ ଆଡ଼କୁ ଲଗାଯାଏ। ଯେଉଁ ସବୁ ଫଳ ଏକା ସମୟରେ ପାଚିଥାଏ, ସେସବୁକୁ ଏକ ସ୍ଥାନରେ ଲଗାଯାଏ। ଅଧିକ ଖତ, ସାର ଲୋଡୁଥିବା ଗଛକୁ ଉର୍ବରିଆ ସ୍ଥାନରେ ଲଗାଯାଏ। ପରାଗସଙ୍ଗମ ଫଳଗଛକୁ ଏକା ସ୍ଥାନରେ ଲଗାଯାଏ। ଫଳଗଛ ମଧ୍ୟରେ ଆବଶ୍ୟକ ଦୂରତା ରହିବା ଦରକାର। ଉର୍ବରିଆ ମାଟିରେ ଅଧିକ ଦୂରତାରେ ଗଛ ଲଗାଯାଏ। ବଗିଚା କରିବା ପୂର୍ବରୁ ବାଡ଼ର (କଣ୍ଟାବାଡ଼ ହୋଇଥିଲେ ମିତବ୍ୟୟୀ ହୋଇପାରିବ) ବ୍ୟବସ୍ଥା କରିବା ଦରକାର। ନର୍ସରିକୁ ଜଳ ସ୍ଥାନ ନିକଟରେ ରଖାଯାଏ। ଫଳଚାରା ବିଶ୍ୱସ୍ତ ସୂତ୍ରରୁ ସଂଗ୍ରହକରି ବା ଉତାରି ଅବସ୍ଥାକୁ ଖାପ ଖୁଆଉଥିବା କିସମ ଲଗାଇବା ଦରକାର।

–ଡ. ପରେଶ କୁମାର ପଣ୍ଡା
ବ୍ଲକ୍ କୃଷି ଅଧିକାରୀ, ଯାଜପୁର
ମୋ : ୭୨୦୫୦୯୬୦୮୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୭/୨୦୨୨ Bhubaneswar, Wednesday, April 27/ 2022

## ସଂକ୍ଷେପରେ

### ଇଟାଲି ଅଧିନାୟକ ଚିଏଲିନିଙ୍କ ଅବସର ସୂଚନା

ରୋମ,୨୬।୪(ଏପି): ଇଟାଲି ଫୁଟ୍‌ବଲ ଦଳର ଅଧିନାୟକ ଜିଓର୍ଜିଓ ଚିଏଲିନି ଜାତୀୟ ଦଳରୁ ଅବସର ଯୋଜନା ଘୋଷଣା କରିଛନ୍ତି। ଆସନ୍ତା ଜୁନ ୧ ତାରିଖରେ ଲଣ୍ଡନଠାରେ ଆର୍ଜେଣ୍ଟିନା ବିପକ୍ଷରେ ହେବାକୁ ଥିବା ମ୍ୟାଚ୍ 'ଫାଇନାଲାଇଜିମା' ପରେ ସେ ଅନ୍ତର୍ଜାତୀୟ ଫୁଟ୍‌ବଲରୁ ସନ୍ୟାସ ନେବେ ବୋଲି ପ୍ରକାଶ କରିଛନ୍ତି। ''ଯଦି ମୁଁ ଫର୍ମରେ ଥାଏ, ତେବେ ମୁଁ ୱେମ୍ବଲେଠାରେ ଖେଳିବି। ଯେଉଁଠାରେ ମୁଁ ମୋ କ୍ୟାରିୟରରେ ଶୀର୍ଷକୁ ଛୁଇଁଥିଲି, ସେଠାରେ ଜାତୀୟ ଦଳରୁ ବିଦାୟ ନେବି। ଏବେ ଠାରୁ ଚଳିତ ସିଜନ ଶେଷ ପର୍ଯ୍ୟନ୍ତ ମୁଁ ସବୁ କିଛିର ମୂଲ୍ୟାଙ୍କନ କରିବି। କ'ଣ ମୋ ପାଇଁ ଭଲ, ସେ ସମ୍ପର୍କରେ ପରିବାର ସହ ଆଲୋଚନା କରିବି'' ବୋଲି ଚିଏଲିନି କହିଛନ୍ତି। ୩୭ ବର୍ଷୀୟ ଖେଳାଳି ଜାତୀୟ ଦଳ ଲାଗି ଆଗାମୀ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଜନା କରିଥିଲେ। କିନ୍ତୁ କାତାରରେ ହେବାକୁ ଥିବା ମେନ ଇଭେଣ୍ଟ ଲାଗି ଇଟାଲି ଯୋଗ୍ୟତା ହାସଲ କରିବାରେ ବିଫଳ ହେବାରୁ ସେ ତାଙ୍କ ଯୋଜନାରେ ପରିବର୍ତ୍ତନ କରିଛନ୍ତି। ଚିଏଲିନି ଇଟାଲି ପାଇଁ ୧୧୬ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି, ଯାହାକି ୬ଷ୍ଠ ସର୍ବାଧିକ।

### ସାତ୍ତ୍ୱିକ-ଚିରାଗଙ୍କ ବିଜୟ ଅଭିଯାନ

ମାନିଲା(ଫିଲିପାଇନ୍ସ),୨୬।୪: ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ବିଜୟ ସହ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ଦୁହେଁ ପ୍ରତିପକ୍ଷ ଯୋଡ଼ିକୁ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ବିଶ୍ୱର ୭ ନଂ ଏବଂ ତୃତୀୟ ସିଡ୍ ଭାରତୀୟ ଯୋଡ଼ି ୨୧-୧୩, ୨୧-୯ ଗେମ୍‌ରେ ଥାଇଲାଣ୍ଡର ଆପଲକ ଗାଟେରହଙ୍ଗ ଓ ନାଟ୍‌ଚାନନ୍ ତୁଲମୋକଙ୍କୁ ମାତ୍ର ୨୭ ମିନିଟ୍‌ରେ ପରାସ୍ତ କରିଥିଲେ। ସାତ୍ତ୍ୱିକ-ଚିରାଗ ପରବର୍ତ୍ତୀ ରାଉଣ୍ଡରେ ଜାପାନର ଆକିରୋ କୋଗା ଓ ତାଇଚି ସାଇଟୋଙ୍କୁ ଭେଟିବେ। ଇଶାନ ଭାଟନାଗର ଓ ତନୀଶା କ୍ରାଷ୍ଟୋଙ୍କ ଯୋଡ଼ି ମିକ୍ସଡ୍ ଡବଲ୍ସ ବର୍ଗରେ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଭାରତୀୟ ଯୋଡ଼ି ହଂକଂର ଲ ଚେଉକ ହିମ ଓ ୟଙ୍ଗ ଏନ୍‌ଗା ଟିଙ୍ଗଙ୍କୁ ୨୧-୧୫, ୨୧-୧୭ ଗେମ୍‌ରେ ହରାଇ ଦେଇଥିଲେ।

### ପୂର୍ବତନ ମହିଳା ହକି ଅଧିନାୟିକା ଏଲଭେରାଙ୍କ ପରଲୋକ



ବେଙ୍ଗାଲୁରୁ, ୨୬।୪ (ପି.ଟି.): ଭାରତୀୟ ମହିଳା ହକି ଦଳର ପୂର୍ବତନ ମହିଳା ଅଧିନାୟିକା ଏଲଭେରା ବ୍ରିଟୋଙ୍କ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କର ବାର୍ଦ୍ଧକ୍ୟଜନିତ ସମସ୍ୟା ରହିଥିଲା। ପ୍ରସିଦ୍ଧ ବ୍ରିଟୋ ଭଉଣୀ ତ୍ରୟ (ଅନ୍ୟ ଦୁଇଜଣ ହେଲେ ରୀତା ଓ ମାଏ) ୧୯୬୦ରୁ ୧୯୬୭ ପର୍ଯ୍ୟନ୍ତ ଘରୋଇ ହକିରେ ପ୍ରଭାବ ବିସ୍ତାର କରିଥିଲେ। ଏଲଭେରା ସେମାନଙ୍କ ମଧ୍ୟରେ ଜ୍ୟେଷ୍ଠ ଥିଲେ। ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ କର୍ଣ୍ଣାଟକ ୭ ଥର ଜାତୀୟ ଟାଇଟଲ ହାସଲ କରିଥିଲା। ସେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ଜାପାନ ବିପକ୍ଷରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ୧୯୬୫ରେ ଏଲଭେରା ଦ୍ୱିତୀୟ ମହିଳା ହକି ଖେଳାଳି ହିସାବରେ ଅର୍ଜୁନ ପୁରସ୍କାର ପାଇଥିଲେ। ତାଙ୍କ ପୂର୍ବରୁ ଆନି ଲୁମସଡେନ୍ ୧୯୬୧ରେ ପ୍ରଥମ ମହିଳା ଖେଳାଳି ଭାବେ ଅର୍ଜୁନ ପୁରସ୍କାର ଲାଭ କରିଥିଲେ। ଏଲଭେରା ତାଙ୍କ ଭଉଣୀମାନଙ୍କ ଭଳି ଅବିବାହିତ ଥିଲେ। ତାଙ୍କ ବିୟୋଗରେ ହକି ଇଣ୍ଡିଆ ତରଫରୁ ଏହାର ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗମବାମ୍ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବିଜୟ ସହ ଶୀର୍ଷରେ ରାଜସ୍ଥାନ

ପୁଣେ, ୨୬।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୨୯ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)କୁ ପରାସ୍ତ କରିଛି। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୪୪ ରନ କରିଥିଲା। ଆର୍‌ସିବି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୩ ଓଭରରେ ୧୧୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ବ୍ୟାଟରଙ୍କ ଦାୟିତ୍ୱହୀନ ପ୍ରଦର୍ଶନ ଯୋଗୁ ବାଙ୍ଗାଲୋର ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଫାଫ୍ ଡୁ'ପ୍ଲେସି ସର୍ବାଧିକ ୨୩ ରନ କରିଥିଲେ। ନାମୀ ବ୍ୟାଟରଙ୍କ ମଧ୍ୟରେ ବିରାଟ କୋହଲି ମାତ୍ର ୯ ରନ କରିଥିବାବେଳେ ଗ୍ଲେନ ମ୍ୟାକ୍ସୱେଲ ଖାତା ଖୋଲିପାରି ନ ଥିଲେ। ୬ ରନ କରି ଦୀନେଶ କାର୍ତ୍ତିକ ରନ୍‌ଆଉଟ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ରାଜସ୍ଥାନ ପକ୍ଷରୁ କୁଲଦୀପ ସେନ ମାତ୍ର ୨୦ ରନ ବିନିମୟରେ ୪ଟି ଉଇକେଟ ନେଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ୩ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଉଇକେଟ ନେଇଥିଲେ। ଏହି ବିଜୟ ସହ ରାଜସ୍ଥାନ ମୋଟ ୧୨ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୯ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଥିବା ଆର୍‌ସିବି ୫ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିଲା ଆର୍‌ସିବି। ଅଧିନାୟକଙ୍କ ନିଷ୍ପତ୍ତିକୁ ବୋଲରମାନେ ଉଚିତ ସାବ୍ୟସ୍ତ କରି ରାଜସ୍ଥାନର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦେବଦତ୍ତ ପଡିକାଲ ୭, ବ୍ୟାଟିଂ କ୍ରମରେ ଉପରେ ଆସିଥିବା ରବିଚନ୍ଦ୍ରନ ଅଶ୍ୱିନ ୧୭ ଓ ଇନ୍‌ଫର୍ମ ବ୍ୟାଟର ଜୋଶ୍ ହାଜେଲଉଡ୍ ୮ ରନ କରି ଆଉଟ ହେବାରୁ ୩୩ ରନ ମଧ୍ୟରେ ୩ ଉଇକେଟ ହରାଇ ରାଜସ୍ଥାନ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ମିଡିଲ ଅର୍ଡରରେ ଅଧିନାୟକ ସଞ୍ଜୁ ସାମସନ (୨୭ ରନ, ୨୧ ବଲ, ୧ ଚୌକା, ୩ ଛକା) ଓ ଡାରିଲ ମିଚେଲ (୧୬ ରନ) ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ତେବେ ରିୟାନ ପରାଗଙ୍କ ଦାୟିତ୍ୱପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ରାଜସ୍ଥାନ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପରାଗ ୩ ଚୌକା ଓ ୪ ଛକା ସହାୟତାରେ ୫୬ ରନକରି ଅପରାଜିତ ରହିଥିଲେ। ଶେଷ ଭାଗରେ ଶିମରନ ହେଟମେର ୩, ଟ୍ରେଣ୍ଟ ବୋଲ୍ଟ ୫ ଓ ପ୍ରସିଦ୍ଧ କ୍ରିଷ୍ଣା ୨ ରନକରି ପ୍ୟାଭିଲିୟନ ଫେରିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ଜୋଶ୍ ହାଜେଲଉଡ୍ ସବୁଠାରୁ ପ୍ରଭାବୀ ବୋଲିଂ କରି ନିଜ ୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୯ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଏହା ମଧ୍ୟରେ ବଟଲରଙ୍କ ପ୍ରାଇଜ୍ ଉଇକେଟ ସାମିଲ ଥିଲା। ମହମ୍ମଦ ସିରାଜ ଓ ୱାନିନ୍ଦୁ ହସରଙ୍ଗା ମଧ୍ୟ ୨ଟି ଲେଖାଏ ଉଇକେଟ ପାଇଥିଲେ। ହର୍ଷଲ ପଟେଲଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



ଅର୍ଦ୍ଧଶତକ ହାସଲ ଅବସରରେ ରିୟାନ ପରାଗ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**
ଗୁଜରାଟ ଟାଇଟାନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୪/୮ (ରିୟାନ ପରାଗ-୫୬*, ସଞ୍ଜୁ ସାମସନ-୨୭, ଜୋଶ୍ ହାଜେଲଉଡ୍-୨/୧୯, ମହମ୍ମଦ ସିରାଜ-୨/୩୦, ୱାନିନ୍ଦୁ ହସରଙ୍ଗା-୨/୨୩, ହର୍ଷଲ ପଟେଲ-୧/୩୩)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୩ ଓଭରରେ ୧୧୫/ଅଲ୍‌ଆଉଟ (ଫାଫ୍ ଡୁ'ପ୍ଲେସି-୨୩, କୁଲଦୀପ ସେନ୍-୪/୨୩, ରବିଚନ୍ଦ୍ରନ ଅଶ୍ୱିନ-୩/୧୭, ପ୍ରସିଦ୍ଧ କ୍ରିଷ୍ଣା-୨/୨୩)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୬ | ୨ | ୧୨ | +୦.୫୬୧ |
| ଗୁଜରାଟ ଟାଇଟାନ୍ସ | ୭ | ୬ | ୧ | ୧୨ | +୦.୩୯୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୬୯୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୮ | ୫ | ୩ | ୧୦ | +୦.୩୩୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୫୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୪ | ୪ | ୮ | -୦.୪୧୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | +୦.୭୧୫ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୦୮୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୦.୫୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୦ | ୮ | ୦ | -୧.୦୦୦ |

## ସିଏସ୍‌କେକୁ ଶକ୍ତ ଧକ୍କା

**ମୁମ୍ବାଇ,୨୬।୪:** ଚଳିତ ସିଜନରେ ଏପର୍ଯ୍ୟନ୍ତ ସଂଘର୍ଷ କରୁଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଆହତ ଖେଳାଳିଙ୍କ ତାଲିକାରେ ଯୋଡ଼ି ହୋଇଛନ୍ତି ଅଲରାଉଣ୍ଡର ମୋଇନ ଅଲି। ସେ ଆଗାମୀ କିଛି ମ୍ୟାଚ୍ ପାଇଁ ଉପଲବ୍ଧ ହେବେ ନାହିଁ। ଗୋଇଠି ଜନିତ ଆହତ ସମସ୍ୟା କାରଣରୁ ତାଙ୍କୁ ଏକ ସପ୍ତାହ ବିଶ୍ରାମ ଦରକାର।

# ପୁନିତଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୨୬।୪
(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ତୃତୀୟ ଦିବସରେ ମଙ୍ଗଳବାର ଓଡ଼ିଶାକୁ ଆଉ ଏକ ବ୍ରୋଞ୍ଜ ପଦକ ମିଳିଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୁନିତ ଚନ୍ଦ୍ର ସାହୁ ପୁରୁଷ ଭାରୋତ୍ତୋଳନର ୯୬ କେଜି ବର୍ଗରେ ଏହି ସଫଳତା ପାଇଛନ୍ତି। ପୁନିତ ମୋଟ ୨୮୫ (ସ୍ନାଚ୍‌ରେ ୧୧୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୭୦) କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ପୁନିତ ସମ୍ପ୍ରତି କିଟ୍‌ରେ ବିଏସ୍‌ସି (କମ୍ପ୍ୟୁଟର ସାଇନ୍ସ) ପ୍ରଥମ ବର୍ଷର ଛାତ୍ର। ଦ୍ୱିତୀୟ ଦିବସରେ ସୋମବାର କିଟ୍‌ର ମୋତି ଜାନି ମହିଳା ୫୯ କେଜି ଭାରୋତ୍ତୋଳନରେ ରୌପ୍ୟ ପଦକ ପାଇଥିଲେ। ରବିବାର ପ୍ରଥମ ଦିବସରେ ଏହି ବିଶ୍ୱବିଦ୍ୟାଳୟର ସ୍ନେହା ସୋରେନ ମହିଳା ୪୯ କେଜି ବର୍ଗରେ ମୋଟ ୧୬୧ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ୬୧ କେଜି ବର୍ଗରେ ରାଜେନ୍ଦ୍ର ମୁଦୁଲି ୨୩୮ କେଜି ଉଠାଇବା ସହ ବ୍ରୋଞ୍ଜ ପଦକ ପାଇଥିଲେ। ଏହା ବ୍ୟତୀତ ମହିଳା ୫୫ କେଜି ବର୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରମିଳା କିର୍ସାନୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ରାୟ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ରୌପ୍ୟ ପଦକ ହାସଲ କରିଛନ୍ତି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**



ପଦକ ସହ ପୁନିତ ଚନ୍ଦ୍ର ସାହୁ।

# ନବରଙ୍ଗପୁର, ନୂଆପଡ଼ା, ଗଜପତି ବିଜୟୀ

ଭୁବନେଶ୍ୱର,୨୬।୪
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ୩ ମ୍ୟାଚ୍‌ରେ ନବରଙ୍ଗପୁର, ନୂଆପଡ଼ା ଓ ଗଜପତି ବିଜୟୀ ହୋଇଛନ୍ତି। ସୁକେଶ କେ. ହୀରାଙ୍କ ଅଲରାଉଣ୍ଡିଂ ପ୍ରଦର୍ଶନ ଯୋଗୁ ନବରଙ୍ଗପୁର ବିଜୟୀ ହୋଇଥିବା ବେଳେ ଗୌରବ କେ. ରାଉତ ଏବଂ ଚାପାଲା ଗଣେଶଙ୍କ ୫ ଉଇକେଟ ସଫଳତା ବଳରେ ଯଥାକ୍ରମେ ନୂଆପଡ଼ା ଓ ଗଜପତି ମ୍ୟାଚ୍ ଜିତି ନେଇଛନ୍ତି।

ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାରାଦୀପ ପକ୍ଷରୁ ଧାର୍ଯ୍ୟ ୨୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ନବରଙ୍ଗପୁର ୩୪.୪ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ଶେକ ଏ. ରିଆଜ (୫୮*) ଏବଂ ପୁର୍ଣ୍ଣ ଚନ୍ଦ୍ର ମାଝି (୫୫) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ୪ ଉଇକେଟ ନେଇଥିବା ସୁକେଶ କେ ହୀରା(୫୨) ବ୍ୟାଟରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଲୋ ସ୍କୋରିଂ ରୋମାଞ୍ଚକ ମ୍ୟାଚ୍‌ରେ ନୂଆପଡ଼ା ୧୮ ରନ୍‌ରେ କନ୍ଧମାଳକୁ ହରାଇ ଦେଇଛି। ପ୍ରୟାଶ କେ ସିଂଙ୍କ ୮୭ ରନ୍‌ର ପାଳି ସତ୍ତ୍ୱେ ନୂଆପଡ଼ା ୧୭୯ ରନ୍‌ରେ ସୀମିତ ରହିଥିଲା। ବୋଲିଂରେ କନ୍ଧମାଳ ପାଇଁ ନୀଳକମଳ ବେହେରା ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଗୌରବ କେ ରାଉତ(୬ ଉଇକେଟ)ଙ୍କ ଘାତକ ବୋଲିଂ ଯୋଗୁ କନ୍ଧମାଳ ୪୫.୨ ଓଭରରେ ୧୬୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସନ୍‌ସାଇନ ଗ୍ରାଉଣ୍ଡରେ ଗଜପତି ୧୨୦ ରନ୍‌ରେ ମାଲକାନଗିରିକୁ ହରାଇ ଦେଇଛି। ଗଜପତି ୨୬.୪ ଓଭରରେ ୧୫୯ ରନ୍ କରିଥିବା ବେଳେ ମାଲକାନଗିରି ମାତ୍ର ୧୨.୩ ଓଭରରେ ୩୯ ରନ୍‌ରେ ସୀମିତ ରହିଥିଲା। ବିଜୟୀ ଦଳ ପାଇଁ ଚାପାଲା ଗଣେଶ ୫ ଉଇକେଟ ସଫଳତା ହାତେଇଥିଲେ।

**କଳାହାଣ୍ଡି କପ୍**

# ଆରାଫତଙ୍କୁ ୩ ବର୍ଷିଆ ଚୁକ୍ତି ପ୍ରସ୍ତାବ ଦେଇଥିଲେ ଶାହରୁଖ

ନୂଆଦିଲ୍ଲୀ,୨୬।୪

୨୦୦୮ରୁ ଆରମ୍ଭ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବେ ବିଶ୍ୱର ସବୁଠୁ ସଫଳତମ ଓ ଲୋକପ୍ରିୟ ଫ୍ରାଞ୍ଚାଇଜ ଭିତ୍ତିକ ଟି୨୦ ପ୍ରତିଯୋଗିତା ହୋଇପାରିଛି। ପାକିସ୍ତାନ ଛଡ଼ା ଅନ୍ୟ ସମସ୍ତ ଦେଶରେ ଖେଳାଳିମାନେ ଏଥିରୁ ମୋଟା ଅଙ୍କର ଅର୍ଥ ଆୟ କରୁଛନ୍ତି। ୨୦୦୮ ନଭେମ୍ବରରେ ୨୬/୧୧ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଖେଳାଳିଙ୍କୁ ଆଇପିଏଲରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଉ ନାହିଁ। ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର ୟାସିର ଆରାଫତ ନିକଟରେ ତାଙ୍କ ୟୁଟ୍ୟୁବ ଚ୍ୟାନେଲ କ୍ରିକେଟ ଡେନରେ କହିଛନ୍ତି, କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମାଲିକ ଶାହରୁଖ ଖାନ ୨୦୦୯ରେ ବ୍ୟକ୍ତିଗତ ଭାବେ ମୋତେ ତାଙ୍କ ଫ୍ରାଞ୍ଚାଇଜରେ ଯୋଗ ଦେବାକୁ ପ୍ରସ୍ତାବ ଦେଇଥିଲେ। ପିସିବି ଆଇପିଏଲର ପ୍ରଥମ ସଂସ୍କରଣ ପାଇଁ ଖେଳାଳିଙ୍କ ନାମକୁ ଚୂଡ଼ାନ୍ତ କରିଥିଲା। ଦୁର୍ଭାଗ୍ୟ କଥା ହେଲା ମୁଁ ସେମାନଙ୍କ ମଧ୍ୟରେ ନ ଥିଲି ଏବଂ ଖେଳିପାରି ନ ଥିଲି। ''୨୦୦୮ରେ କାଉଣ୍ଟି କ୍ରିକେଟରେ ମୁଁ କେଣ୍ଟ ପାଇଁ ଖେଳୁଥିଲି। ସେଠାକୁ ଭାରତରୁ କେକେଆରର ସ୍କାଉଟ୍ ଦଳ ଆସିଥିଲେ। ସେମାନେ ମୋତେ ଏକ ମ୍ୟାଚ୍ ବେଳେ ଭେଟିଥିଲେ। ଶାହରୁଖ ଚାହୁଁଥିଲେ ମୁଁ ତାଙ୍କ ଦଳ ପାଇଁ ଖେଳେ। ପ୍ରଥମେ ମୁଁ ଏହାକୁ ମଜାକ ଭାବିଥିଲି। କାରଣ ଶାହରୁଖ କ'ଣ ପାଇଁ ଚୁକ୍ତି ସମ୍ପର୍କୀତ ଆଲୋଚନା ପାଇଁ ଅନ୍ୟ ଜଣଙ୍କୁ ପଠାଇବେ। ସେମାନେ ମୋତେ ଏକ କାର୍ଡ ଦେଇ ମୋତେ ଯୋଗାଯୋଗ କରିବା ପାଇଁ ବ୍ୟକ୍ତିଗତ ତଥ୍ୟ ନେଇଥିଲେ। କିଛି ସପ୍ତାହ ପରେ ମୋତେ ଏକ ଇମେଲ ଆସିଥିଲା, ସେଥିରେ ମୁଁ ସେମାନଙ୍କ ସହ ଯୋଗାଯୋଗ କରି ନଥିବାରୁ ସେମାନେ ସମାଲୋଚନା କରିଥିଲେ। ପରେ ସେମାନେ ପୁଣି ଥରେ ୩ ବର୍ଷିଆ ଚୁକ୍ତି ପ୍ରସ୍ତାବ ଦେବା ସହ ଶାହରୁଖ ମୋତେ ଫୋନ କରି ସ୍ୱାଗତ କରିଥିଲେ। ତା' ପରେ ମୁମ୍ବାଇରେ ବିସ୍ଫୋରଣ ଘଟିଥିଲା। ଯାହା ଫଳରେ ପାକିସ୍ତାନ ଖେଳାଳିଙ୍କୁ କଦାପି ପ୍ରତିଯୋଗିତାରେ ଭାଗ ନେବାକୁ ଦିଆଯାଇ ନ ଥିଲା'' ବୋଲି ନିଜ ୟୁଟ୍ୟୁବ ଚ୍ୟାନେଲରେ ଆରାଫତ କହିଛନ୍ତି।

## ୱିମ୍ବେଲଡନ ଖେଳିପାରିବେ ନୋଭାକ୍ ଜୋକୋଭିଚ୍

**ଲଣ୍ଡନ, ୨୬।୪ (ପି.ଟି.):** ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ୱିମ୍ବେଲଡନରେ ତାଙ୍କ ଟାଇଟଲ ବଜାୟ ରଖିବା ଲାଗି ଅନୁମତି ମିଳିବ। କାରଣ ବର୍ତ୍ତମାନ ଇଂଲଣ୍ଡରେ ପ୍ରବେଶ ପାଇଁ କୋଭିଡ ଟିକା ନେଇଥିବା ଆଉ ବାଧ୍ୟତାମୂଳକ ନୁହେଁ ବୋଲି ଅଲ୍ ଇଂଲଣ୍ଡ କ୍ଲବ ମୁଖ୍ୟ କାର୍ଯ୍ୟନିର୍ବାହୀ ସାଲି ବୋଲ୍ଟନ ମଙ୍ଗଳବାର ପ୍ରକାଶ କରିଛନ୍ତି। କୋଭିଡ୍ ଟିକା ନେଇ ନ ଥିବାରୁ ଜୋକୋଭିଚ୍ ଗତ ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନରେ ଭାଗ ନେଇପାରି ନ ଥିଲେ। ୧୧ ଦିନ ଧରି ଆଇନଗତ ଯୁଦ୍ଧ ପରେ ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷ ତାଙ୍କୁ ପ୍ରତ୍ୟର୍ପଣ କରିଥିଲେ।

# ଜାତୀୟ କ୍ୟାମ୍ପ ପାଇଁ ୩୩ ଖେଳାଳି ମନୋନୀତ

ଜାମସେଦପୁର, ୨୬।୪ (ପି.ଟି.)

ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ୧୭ବର୍ଷରୁ କମ୍ ମହିଳା ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଲାଗି ଜାତୀୟ କୋଚିଂ କ୍ୟାମ୍ପ ଆୟୋଜନ କରାଯାଇଛି। ଏଥିଲାଗି ଭାରତୀୟ ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଥୋମାସ ଡେନର୍ବି ୩୩ ଜଣିଆ ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଚଳିତବର୍ଷ ପ୍ରାରମ୍ଭରେ ୧୮ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିୟନଶିପ୍ ଟାଇଟଲ ଜିତିଥିବା ଦଳର ୧୨ଜଣ ଖେଳାଳି। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଅକ୍ଟୋବରରେ ଖେଳାଯିବ। ଏହି ମେଗା ଟୁର୍ନାମେଣ୍ଟର ଡ୍ର' ଜୁନ୍ ୧୪ରେ ଜୁରିଚ୍‌ଠାରେ ହେବ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

**୩୩ ଜଣିଆ ଖେଳାଳି ତାଲିକା-** ଗୋଲକିପର: ମୋନାଲିସା ଦେବୀ, ଅଞ୍ଜଳୀ ମୁଣ୍ଡା, ହେମପ୍ରିୟା ସେରମ, କିଶାମ ମେଲୋଡି ଚାନୁ। ଡିଫେଣ୍ଡର: ସାଲିମା କୁମାରୀ, ସୁଧା ଅଙ୍କିତା ତିର୍କୀ, ଅଷ୍ଟାମ୍ ଓରାଓଁ, ପୂର୍ଣ୍ଣିମା କୁମାରୀ, ଜୁଲିଆ ଦେବୀ ୟାନଗ୍ଲେମ, ଭୂମିକା ଭାରତ ମାନେ, କାଜଲ, ବର୍ଷିକା, କାଜଲ ଡି'ସୋଜା, ଏନ୍‌ଗାସେପମ ପିଙ୍କୁ ଦେବୀ, ହେମାମ୍ ସିଲ୍‌କୀ ଦେବୀ। ମିଡ୍ ଫିଲ୍ଡର: ପାୟଲ, କଲ୍ପନା, ଶୈଳଜା, ମୋଇରାଙ୍ଗଥେମ୍ ଅମ୍ବିକା ଦେବୀ, ଆର. ମଧୁମତୀ, ଲୋକ୍‌ଟଙ୍ଗ୍‌ବାମ୍ ଶିଲା ଦେବୀ, ବାବିନା ଦେବୀ, ଗ୍ଲାଡିସ୍ ଜୋନୁନ୍‌ସାଙ୍ଗୀ, ଶୁଭାଙ୍ଗୀ ସିଂ ଓ ନୀତୁ ଲିଣ୍ଡା। ଫରୱାର୍ଡ: ନେହା, ଲାବଣ୍ୟ, ଅନୀତା କୁମାରୀ, ରେଶ୍‌ମା, ବିନୋଥିନୀ, ଧର୍ଶନୀ, ଲାଇଶ୍ରାମ୍ ରେଜିୟା ଦେବୀ, ଲିଣ୍ଡା କୋମ୍ ସର୍ଟୋ।



ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ଖେଳାଳି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଡମ୍ପର ଧକ୍କାରେ ଆହତ ଛାତ୍ରୀଙ୍କ ମୃତ୍ୟୁ

**ଧର୍ମଶାଳା,୨୬।୪(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଷ୍ଟାଡିୟମ ନିକଟରେ ସୋମବାର ଡମ୍ପର ଧକ୍କାରେ ଆହତ ହୋଇଥିବା ଆଦର୍ଶ ବିଦ୍ୟାଳୟର ୨ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ଉଭୟ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ମୃତ ଛାତ୍ରୀ ଜଣକ ଏହି ଥାନା ପାଟପୁର ପଞ୍ଚାୟତ ଖରିପଡ଼ିଆ ଗ୍ରାମର ବିଦ୍ୟାଧର ବେହେରାଙ୍କ ଝିଅ ପ୍ରଦୀପ୍ତା ବେହେରା(୧୩) ବୋଲି ଜଣାପଡ଼ିଛି। ଜାରକାସ୍ଥିତ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରଦୀପ୍ତା ବେହେରା ଓ କୁଆଖିଆ ଥାନା ମୁଗପାଳ ଅଞ୍ଚଳର ଅନୁଶ୍ରୀ ଗୁଇଁ ସୋମବାର ପୂର୍ବାହ୍ନ ୧୧ଟାରେ ସ୍କୁଲ୍ ଛୁଟିପରେ ସାଇକଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଷ୍ଟାଡିୟମ ନିକଟରେ ଏକ ଡମ୍ପର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଅନୁଶ୍ରୀ ଏବେ ଚିକିତ୍ସାଧୀନ ଅଛନ୍ତି।

### ଶ୍ରମିକ ଦିବସ ପାଳନ ପ୍ରସ୍ତୁତି ବୈଠକ

**କାଳିଆପାଣି,୨୬।୪(ଡି.ଏନ.ଏ.):** କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ଖଣି କର୍ମଚାରୀଙ୍କୁ ନେଇ ମେ'୧ ତାରିଖରେ ଶ୍ରମିକ ଦିବସ ପାଳନ କରାଯିବ। ଏନେଇ ଶ୍ରମିକ ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟାଟା ଷ୍ଟିଲମାଇନିଂ, ଇମ୍ଫା, ବାଲେଶ୍ୱର ଆଲଏଜ, ଜିନ୍ଦଲ ଓ ଫେଙ୍କର ବେଦାନ୍ତ ଖଣିର ପ୍ରତିନିଧିମାନେ ସାମିଲ ହୋଇଥିଲେ। କରୋନା ମହାମାରୀ କାରଣରୁ ୨ ବର୍ଷ ଧରି ଶ୍ରମିକ ଦିବସ ପାଳନ କରାଯାଇ ନ ଥିଲା। ଚଳିତ ବର୍ଷ କିପରି ଶ୍ରମିକ ଦିବସକୁ ସରସ ସୁନ୍ଦର କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସଂଘ ଯୁଗ୍ମ ସାଧାରଣ ସମ୍ପାଦକ ଭରତ ମହାନ୍ତି, ବାଲେଶ୍ୱର ଆଲଏଜ ଖଣି ପରିଚାଳକ ପତିତପାବନ ବାରିକ, ବିଜିଆରର ଶିବା ରେଡ୍ଡି ଓ ଡେକୋର ମନୋରଞ୍ଜନ ନାଥଙ୍କ ସହ ସମସ୍ତ ଖଣି ପ୍ରତିନିଧି ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

**ଚଣ୍ଡିଖୋଲ,୨୬।୪(ଡି.ଏନ.ଏ.):** ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଅକ୍ଷୟ କୁମାର ମଲ୍ଲିକ(୬୧)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଏହି ଖବର ପ୍ରଚାରିତ ହେବାପରେ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀମାନେ ମାହାଙ୍ଗା



ଥାନା ଅନ୍ତର୍ଗତ ସମସରପୁରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମଙ୍ଗଳବାର ଗ୍ରାମ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ସେ ଗତ ବର୍ଷ ଅଧ୍ୟାପକ ଚାକିରିରୁ ଅବସର ନେଇଥିଲେ। ତେବେ ଏତେ କମ ବୟସରେ ତାଙ୍କ ଦେହାନ୍ତ ଘଟଣା ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ବ୍ୟଥିତ କରିଛି।

# ଏମ୍ଆଇଙ୍କ ବିରୋଧରେ ହେବ ଡ୍ରାଫ୍ଟ ଚାର୍ଜେସ

## ଅଡିଟ୍‌ରେ ରାଇସ୍ ମିଲ୍ ଠକେଇ ମାମଲା

## ■ ସିଏସ୍ଓଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୬।୪**

ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅଧିକାଂଶ ନିର୍ଦ୍ଦେଶ ଯାଜପୁର ଜିଲାରେ ଠିକ୍ ସମୟରେ କାର୍ଯ୍ୟକାରୀ ହେଉନାହିଁ। ଏଥିପାଇଁ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଉଦ୍‌ବେଗ ପ୍ରକାଶ କରିବା ସହ ଜବାବ୍‌ଦାଖଲ ନୋଟିସ ଜାରିକରିଆସୁଛନ୍ତି। କିନ୍ତୁ ତାହା ମଧ୍ୟ ଅନୁପାଳନ ହେଉ ନ ଥିବାରୁ ପୂର୍ବ ଦୁର୍ନୀତି କ୍ରମଶଃ ଦବି ଯାଉଛି। ପୁରୁଣା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ନୂଆ ଦୁର୍ନୀତି କରିବାକୁ ପ୍ରୋତ୍ସାହନ ମିଳୁଥିବା ମତପ୍ରକାଶ ପାଇଛି। ଏହି କ୍ରମରେ ଖାଦ୍ୟ ଯୋଗାଣ ନିଗମ ପକ୍ଷରୁ ଜେନେରାଲ ମ୍ୟାନେଜର (ପ୍ରଶାସକ) ଜୟଶ୍ରୀ ସେନାପତି ମଙ୍ଗଳବାର ଯାଜପୁର ଜିଲାର ଦଶରଥପୁର ବ୍ଲକର ପୂର୍ବତନ ମାର୍କେଟିଂ ଇନ୍ସପେକ୍ଟର (ଏମ୍ଆଇ) ଉପେନ୍ଦ୍ର କୁମାର ଭୋଇଙ୍କ ନାମରେ ଡ୍ରାଫ୍ଟ ଚାର୍ଜେସ ପ୍ରସ୍ତୁତ କରି ତୁରନ୍ତ ପଠାଇବାକୁ ଯାଜପୁର ସିଏସ୍ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ କାର୍ଯ୍ୟରେ ଅବହେଳା ଦର୍ଶାଇ ଯାଜପୁର ସିଏସ୍ଓ ସଲାଉଦ୍ଦିନ ଖାନଙ୍କୁ ମଧ୍ୟ ଜବାବ୍ ଦାଖଲ ନୋଟିସ ହୋଇଛି।

ଯାଜପୁର ଜିଲା ସାମିଆସ୍ଥିତ ଭଗବତୀ ରାଇସ୍ ମିଲ ଉପରେ ସରକାରୀ ଚାଉଳ ବାଟବାରଣା ଅଭିଯୋଗ ଉପରେ ୨୦୧୬-୧୭ ବର୍ଷରେ ଏକ ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା। ତେବେ ଯାଜପୁର ଜିଲା ଯୋଗାଣ ବିଭାଗ ପକ୍ଷରୁ ଏହି ଅଡିଟ୍ ରିପୋର୍ଟ ଅନୁପାଳନ କରିବାରେ ଦୀର୍ଘ ୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ଏହାକୁ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ (ଓଏସସିଏସସି)ନାପସନ୍ଦ କରିଥିବା ସହ କାର୍ଯ୍ୟରେ ଅବହେଳା ବୋଲି ପୂର୍ବରୁ ଅଭିହିତ କରିଛି। ଭଗବତୀ ରାଇସ୍ ମିଲ ଉପରେ ଅଡିଟ୍ ରିପୋର୍ଟ ଅନୁସାରେ ୧ ଲକ୍ଷ ୪୧ ହଜାର ୫୩୦ ଟଙ୍କାର ଅସୁଲି ଏବଂ ୩୨ ଲକ୍ଷ ୬୮ ହଜାର ୫୫୮ ଟଙ୍କା ନିୟମିତକରଣ କରିବାକୁ ଦର୍ଶାଯାଇଥିଲା। ସେତେବେଳେ ଭଗବତୀ ରାଇସ୍ ମିଲର ପରିଚାଳନା ପାଇଁ ଏମ୍ଆଇ ଉପେନ୍ଦ୍ର କୁମାର ଭୋଇ ଦାୟିତ୍ୱରେ ରହିଥିଲେ। ତେଣୁ ତାଙ୍କ ନାମରେ ୪୪,୭୭,୦୯୪ ଟଙ୍କା ଆତ୍ମସାତ୍ ହୋଇଥିବା ଅଡିଟ୍ ରିପୋର୍ଟରେ ଧରାପଡିଥିଲା। ଏହି ଅଡିଟ୍ ରିପୋର୍ଟ ଉପରେ ଯାଜପୁର ଜିଲା ଯୋଗାଣ ବିଭାଗକୁ ଏକାଧିକ ଥର ନିଗମ ପକ୍ଷରୁ ଆବଶ୍ୟକ ଦସ୍ତାବିଜ ସାକ୍ଷ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇ ଆସୁଛି। କିନ୍ତୁ ଡିଏମ୍ ଓ ଦୁର୍ନୀତିଖୋର ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ରହିଥିବାରୁ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ ବୋଲି ନିଗମ ପକ୍ଷରୁ ସନ୍ଦେହ ପ୍ରକାଶ ପାଇ ଆସୁଛି। ତେଣୁ ଜେନେରାଲ ମ୍ୟାନେଜର ସେନାପତି ଦେଇଥିବା ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ଡ୍ରାଫ୍ଟ ଚାର୍ଜେସ ଉପରେ ଆବଶ୍ୟକ କାଗଜପତ୍ର ଦାଖଲ କରି ବିହିତ ପଦକ୍ଷେପ ନେବାକୁ ପୂର୍ବରୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଏଯାଏ ତାହା ଗ୍ରହଣ ହୋଇନାହିଁ। ତେଣୁ ଏହି ମାମଲାକୁ ଅତିଜରୁରୀ ମନେ କରି ଏମ୍ଆଇ ଭୋଇଙ୍କ ନାମରେ ଡ୍ରାଫ୍ଟ ଚାର୍ଜେସ ପାଇଁ ଆବଶ୍ୟକ ପଦକ୍ଷେପନେବାକୁସେଅନୁରୋଧକରିଛନ୍ତି।

### ତାଳ ଗଛ ଗଣ୍ଡି ପଡ଼ି କଟାଳିଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୬।୪(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରାହାଳ ଗ୍ରାମରେ ଗଛ ପଡ଼ି ଜଣେ କଟାଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁଲୁକା ଗ୍ରାମର ଦୁର୍ଯ୍ୟୋଧନ ମଲିକ(୬୫)। ମଙ୍ଗଳବାର ଏହି ଥାନା ଅନ୍ତର୍ଗତ ରାହାଳ ଗ୍ରାମର ପାଟ ମଝିରେ ଏକ ତାଳ ଗଛକୁ ସେହି ଗ୍ରାମର ଭାଗବତ ସେଠୀ ଓ ଭୁଲୁକା ଗ୍ରାମର ଦୁର୍ଯ୍ୟୋଧନ ମଲ୍ଲିକ କାଟୁଥିଲେ। ଏହି ସମୟରେ ଗଛର ଏକ ଗଣ୍ଡି ଛିଟିକି ଦୁର୍ଯ୍ୟୋଧନଙ୍କ ଉପରେ ପଡ଼ିଥିଲା। ସେ ଗୁରୁତର ହେବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଦର ବୃଦ୍ଧି ପ୍ରତିବାଦରେ ସିପିଆଇ(ଏମ୍)ର ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଯାଜପୁର ଟାଉନ,୨୬।୪(ଡି.ଏନ.ଏ.)**

ଯାଜପୁର ଜିଲା ସିପିଆଇ(ଏମ୍) ପକ୍ଷରୁ ମଙ୍ଗଳବାର ଦରଦାମ ବୃଦ୍ଧି ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ଜିଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨ବର୍ଷ ହେଲା କରୋନା ମହାମାରୀ ଯୋଗୁ ଦେଶବାସୀ ହନ୍ତସନ୍ତ ହେଉଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି, ପେଟ୍ରୋଲିୟମ୍‌ଜାତ ପଦାର୍ଥର ଦରବୃଦ୍ଧି ଓ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରି ଜନସାଧାରଣଙ୍କୁ ସଙ୍କଟ ମଧ୍ୟକୁ ଠେଲିଦିଆଯାଇଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅତ୍ୟଧିକ ଟିକସ୍ ଫଳରେ ସବୁ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟୁଛି। ତେଣୁ ମୂଲ୍ୟବୃଦ୍ଧିକୁ ବିରୋଧ କରି ଜୀବନଜୀବିକାର ସୁରକ୍ଷା ପାଇଁ ଦାବି କରାଯାଇଛି। ଗ୍ୟାସ ଉପରୁ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ୍ ବୃଦ୍ଧି ପ୍ରତ୍ୟାହାର କରିବା, ସରକାରୀ ତହବିଲ ଆଦାୟ ପାଇଁ କର୍ପୋରେଟ୍ ଉପରେ ଟିକସ୍ ଛାଡ ନ କରି ଦରବୃଦ୍ଧିକୁ ନିୟନ୍ତ୍ରଣ ଓ ତୈଳ କମ୍ପାନୀଗୁଡ଼ିକର ଘରୋଇ କରଣ ବନ୍ଦ କରିବା, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରି ଅସ୍ଥାୟୀ ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ବିଦ୍ୟୁତ ଶୁଳ୍କ ହ୍ରାସ କରି ମନ ଇଚ୍ଛା ବିଦ୍ୟୁତ୍‌କାଟ୍ ବନ୍ଦ କରିବା ସହ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବା ଆଦି ଦାବି କରି ସିପିଆଇ (ଏମ୍) ଯାଜପୁର ଜିଲା କମିଟି ବିଜୟ ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ପାଣିକୋଇଲି-ଆଙ୍କୁଲା ରାସ୍ତାର ଆଂଶିକ ମରାମତି

**ପାଣିକୋଇଲି,୨୬।୪(ଡି.ଏନ.ଏ.)**

ପାଣିକୋଇଲି-ଆଙ୍କୁଲା ରାସ୍ତାର ମରାମତି ପାଇଁ ବାରମ୍ବାର ଦାବି ଫଳରେ ଶେଷରେ ଆଂଶିକ ମରାମତି କରାଯାଇଛି। ପାଣିକୋଇଲି ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଯମୁନା ପୋଲ ପର୍ଯ୍ୟନ୍ତ ପିଚୁ ଓ କଂକ୍ରିଟ ମରାମତି ସହ ପ୍ରଶସ୍ତୀକରଣ କରାଯାଇଛି। ଅନ୍ୟ ରାସ୍ତାଗୁଡ଼ିକ ମରାମତି ହେବ ବୋଲି ଆଶା ପୋଷଣ କରାଯାଇଛି। ରାସ୍ତା ମରାମତି ପାଇଁ ଶିକ୍ଷାବିତ୍ ତଥା ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଆସୁଥିଲେ। ରାସ୍ତା ମରାମତି ହେବା ପରେ ବିଭାଗୀୟ ଅଧିକାରୀଙ୍କୁ ରାୟ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ବୁଢ଼ାନଦୀ ପୋଲ ଅଡ୍ଡାଙ୍ଗଠାରୁ ଯମୁନା ପୋଲ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଅବିଳମ୍ବେ କାର୍ଯ୍ୟ ଆରମ୍ଭ କରିବାକୁ ରାୟ ଦାବି କରିଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଏହା ଉପରେ ହଜାର ହଜାର ଜନସାଧାରଣ ନିର୍ଭର କରୁଛନ୍ତି। ତେଣୁ ରାସ୍ତାରେ ଦୁଇ ତିନୋଟି ଯାତ୍ରୀବାହୀ ବସ୍ ନିୟମିତ ଚଳାଚଳ କରିବାକୁ ଆର୍‌ଟିଓ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ରାୟ ଅନୁରୋଧ କରିଛନ୍ତି। ସେହିପରି ୨୦୧୭ ପଞ୍ଚାୟତ ନିର୍ବାଚନ କାଳରେ କିଛି ଦିନ ପାଇଁ ଚଳାଚଳ କରୁଥିବା ବିଜୁ ଗାଁ ଗାଡ଼ିକୁ ଅବିଳମ୍ବେ ପୁନଃ ଚଳାଚଳ ପାଇଁ ଦାବି କରିଛନ୍ତି। ଏହି ରାସ୍ତା ଉପରେ ଓଭରଲୋଡ ବାଲି ଗାଡ଼ି ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଖରାପ ହୋଇଯାଉଛି, ଯଦ୍ଵାରା ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ତେଣୁ ଭାରିଯାନ ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ ପାଇଁ ରାୟ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଆଜି ଏଡିଏମ୍ ଅଫିସ ଘେରିବେ ଶ୍ରମିକ

**କଳିଙ୍ଗନଗର,୨୬।୪(ଡି.ଏନ.ଏ.)**

ସୁକିନ୍ଦା ରୋଡ୍ ରେଳ ଷ୍ଟେଶନରେ ୨୦ ବର୍ଷ ଧରି କାର୍ଯ୍ୟରତ ଥିବା ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଅଞ୍ଚଳର ବ୍ୟାପକ ପ୍ରଦୂଷଣ ନେଇ ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଅଫିସ ଘେରାଉ କରିବାର କାର୍ଯ୍ୟକ୍ରମ ରହିଛି। ସେମାନେ ବୁଧବାର ସକାଳ ୯ଟା ସମୟରେ ଚୋରଦା ବାଇପାସଠାରୁ ଏକ ବିରାଟ ପଟୁଆର ବାହାରି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବେ। ଏହାପରେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ଦେବେ ବୋଲି ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଅଞ୍ଚଳରେ ଦିନକୁ ଦିନ ପ୍ରଦୂଷଣ ବଢିଚାଲିଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧହୋଇ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

### ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

**ପାଣିକୋଇଲି,୨୬।୪(ଡି.ଏନ.ଏ.)**

ପାଣିକୋଇଲି ଥାନା ଅଞ୍ଚଳରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ପଶ୍ଚିମବଙ୍ଗର ଦୁର୍ଗାପୁରରୁ ଉଦ୍ଧାର କରିଛି। ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କ ତାଙ୍କ ମାମୁ ଘର ନୂଆପଦାରେ ରହି ପାଣିକୋଇଲି କଲେଜରେ ପଢୁଥିଲେ। ଏହି ସମୟରେ ହଠାତ୍ ନିଖୋଜ ହୋଇ ଯାଇଥିଲେ। ଏହାପରେ ତାଙ୍କ ମା'ଙ୍କୁ ଏକ ଅଜଣା ନମ୍ବରରୁ ଫୋନ କଲ ମଧ୍ୟ ଆସିଥିଲା। ଏନେଇ ପୋଲିସ ଏକ ମାମଲା ନଂ.୩୨୬/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ନାବାଳିକା ପଶ୍ଚିମବଙ୍ଗ ଦୁର୍ଗାପୁରରେ ରହୁଥିବା ପୋଲିସ ସୂଚନା ପାଇଥିଲା। ଫଳରେ ଏସ୍ଆଇ ପ୍ରକାଶ ଚନ୍ଦ୍ର ପଧାନ, ଏଏସ୍ଆଇ ସୁଜିତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଦୁର୍ଗାପୁର ଯାଇଥିଲା। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ଭଦ୍ରକ ଜିଲା ଧାମନଗର ତାଳପଦା ଗ୍ରାମର ଶ୍ରାବଣ ଦାଶଙ୍କ ନିକଟରେ ନାବାଳିକା ରହୁଥିଲେ। ପୋଲିସ ଉଭୟଙ୍କୁ ସେଠାରୁ କାବୁ କରି ଆଣି ମଙ୍ଗଳବାର କୋର୍ଟରେ ହାଜର କରିଥିଲା। ତେବେ ନାବାଳିକା ନିଜ ଇଚ୍ଛାରେ ସେଠାରେ ଯାଇ ରହୁଥିବା କୋର୍ଟରେ ପ୍ରକାଶ କରିଥିଲେ। ଏହାପରେ କୋର୍ଟ ଶ୍ରାବଣଙ୍କୁ ଜେଲ ହାଜତକୁ ପଠାଇ ଦେଇଥିଲେ। ନାନାଳିକାଙ୍କୁ ତାଙ୍କ ପରିବାର ଜିମା ଦିଆଯାଇଛି।

## ୭ମ ଦିନରେ ଟ୍ରକ୍ ମାଲିକଙ୍କ ଅସହଯୋଗ ଆନ୍ଦୋଳନ

### ଖଣି ଅଞ୍ଚଳରୁ କ୍ରୋମାଇଟ୍ ପରିବହନ ଠପ୍

**କାଳିଆପାଣି,୨୬।୪(ଡି.ଏନ.ଏ.)**

ପରିବହନ ଭଡ଼ା ବଢ଼ାଇବାକୁ ନେଇ ଟ୍ରକ୍ ମାଲିକଙ୍କ ଅସହଯୋଗ ଆନ୍ଦୋଳନ ମଙ୍ଗଳବାର ୭ମ ଦିନରେ ପହଞ୍ଚିଛି। ଫଳରେ କାଳିଆପାଣି ଖଣି ଅଞ୍ଚଳରୁ କ୍ରୋମାଇଟ୍ ପରିବହନ ଠପ୍ ହୋଇଯାଇଛି। ଏଥିଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଟିକୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ, ପରିବହନ ସଂସ୍ଥା ଓ ଖଣି ମାଲିକମାନେ ଟ୍ରକ୍ ମାଲିକ ସଂଘର ଦାବିକୁ ଯଥାର୍ଥ ମନେକରି ତୁରନ୍ତ ମାନି ନେବାକୁ ସଂଘ ଅନୁରୋଧ କରିଛି। ତେବେ ଯେ ପର୍ଯ୍ୟନ୍ତ ଟ୍ରକ୍ ମାଲିକ ସଂଘର ଦାବିକୁ ଅଣଦେଖା କରାଯାଉଥିବ ସେ ପର୍ଯ୍ୟନ୍ତ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ଅସହଯୋଗ ଆନ୍ଦୋଳନ ଜାରି ରଖିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ ବୈକୁଣ୍ଠ ମହାନ୍ତ, ଆଶିଷ ଜେନାଙ୍କ ନେତୃତ୍ୱରେ ଶତାଧିକ ଟ୍ରକ୍ ମାଲିକ ଏକ ରାଲିରେ ଖଣି ଅଞ୍ଚଳ ପରିକ୍ରମା କରିଛନ୍ତି। ସେମାନେ ସମସ୍ତ ଖଣି ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ଅବିଳମ୍ବେ ଦାବି ମାନି ନେବାକୁ ନାରାବାଜି କରିଛନ୍ତି। ଏଥିରେ ଗୁଣଧର ମହାନ୍ତ, ଦେବେନ୍ଦ୍ର ଦାସ, ହେମନ୍ତ କୁମାର ପୁହାଣ, ସାନୁଜ ପାତ୍ର ଓ ରବୀନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

ଟ୍ରକ୍ ମାଲିକଙ୍କ ଅଭିଯୋଗ ଅନୁସାରେ, ସୁକିନ୍ଦା ଖଣି ଉପତ୍ୟକାରେ କାର୍ଯ୍ୟକ୍ଷମ ଥିବା ସମସ୍ତ ଖଣିରେ ନିୟୋଜିତ ପରିବହନ ସଂସ୍ଥା ଦ୍ୱାରା ଦୀର୍ଘ ଦିନ ହେଲା ଟ୍ରକ ମାଲିକ ଶୋଷଣର ଶିକାର ହୋଇ ଆସୁଛନ୍ତି। ଏଥିପାଇଁ ଟ୍ରକ୍ ମାଲିକମାନେ ବାରମ୍ବାର ଖଣି ମାଲିକ, ଜିଲା ପ୍ରଶାସନ ଓ ସ୍ଥାନୀୟ ରାଜନେତାଙ୍କ ନିକଟରେ ଏହାର ପ୍ରତିକାର ନିମନ୍ତେ ଗୁହାରି କରିଚାଲିଥିଲେ ବି ଅଦ୍ୟାବଧି କୌଣସି ସମାଧାନ ହେଉନାହିଁ। ସେପଟେ ତୈଳ ଦର, ଯନ୍ତ୍ରାଂଶ ଓ ଟାୟାରର ଅହେତୁକ ମୂଲ୍ୟ ବୃଦ୍ଧି ସହିତ ଡ୍ରାଇଭର, ହେଲପରଙ୍କ ଦରମା ବୃଦ୍ଧି ଯୋଗୁ ଟ୍ରକ୍ ମାଲିକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପରିବହନ ସଂସ୍ଥା ସଂଘର ନିର୍ଦ୍ଧାରିତ ସମୟ ସୀମା ଭିତରେ ଟଙ୍କା ପ୍ରଦାନ କରୁ ନ ଥିବାରୁ ଫାଇନାନ୍ସ ସଂସ୍ଥା ବିଭିନ୍ନ ସମୟରେ ରାସ୍ତାରୁ ଟ୍ରକ୍ ଟାଣିନେଉଛି। ତେଣୁ ଟ୍ରକ୍ ମୁକୁଳେଇବା ସମ୍ଭବ ହୋଇପାରୁନାହିଁ। ସ୍ଥାନୀୟ ବେକାର ଯୁବତୀଯୁବକ କ୍ରୋମାଇଟ ପରିବହନରେ ଟ୍ରକ ଲଗାଇ ପରିବାର ବୋଝ ସମ୍ଭାଳିବାକୁ ଆଶା କରି ଥିବାବେଳେ ଏହା ଏବେ ସମସ୍ତଙ୍କୁ ଋଣଗ୍ରସ୍ତ କରି ସର୍ବସ୍ୱାନ୍ତ କରିସାରିଲାଣି ବୋଲି ବହୁ ଟ୍ରକ୍ ମାଲିକ ପ୍ରକାଶ କରିଛନ୍ତି।

## ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

**ବରୀ,୨୬।୪(ଡି.ଏନ.ଏ.)**

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କଳାମାଟିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ କଳାମାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର କୈଳାସ ଚନ୍ଦ୍ର ପତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାର୍ମାସିଷ୍ଟ ରାଜେଶ କୁମାର ଦାଶ, ମହିଳା ସ୍ୱାସ୍ଥ୍ୟକର୍ମୀ ଯଶୋଲିନ ଜେନା, ଜ୍ୟୋତ୍ସ୍ନାମୟୀ ସାମଲ, ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ସମସ୍ତ ଆଶାକର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। ସଭାରେ ଡାକ୍ତର ପତି ମ୍ୟାଲେରିଆର କାରଣ ଓ ନିରାକରଣ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କର୍ମଚାରୀଙ୍କ ଦ୍ୱାରା ୨୩ ଜଣଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇଥିଲା। ପରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀଙ୍କ ସହଯୋଗରେ ଏକ ମ୍ୟାଲେରିଆ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

## ବିବେକାନନ୍ଦ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**ଧର୍ମଶାଳା,୨୬।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାନିକେତନର ବାର୍ଷିକ ଉତ୍ସବ, ବିଜ୍ଞାନ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ରମଣୀ ରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ କୁଶଧର ପଣ୍ଡା, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ପର୍ଶୁରାମ ନାୟକ ଯୋଗ ଦେଇଥିଲେ। ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ରଶ୍ମିରଞ୍ଜନ ମହାପାତ୍ର ଓ ରବୀନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ପର୍ଶୁରାମ ନାୟକ ଓ ଅବସରପ୍ରାପ୍ତ କୃତୀ ଶିକ୍ଷକ ବୀରକିଶୋର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅସିତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଶିକ୍ଷକ ଶ୍ରୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିମାନେ ଶିକ୍ଷକ ପର୍ଶୁରାମ ନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଡ୍ରେନ୍ ନିର୍ମାଣରେ ଅନିୟମିତତା ଅଭିଯୋଗ

**ଚଣ୍ଡିଖୋଲ,୨୬।୪(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ବଜାରରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ୧୬୦ମିଟର ଡ୍ରେନ୍ ନିର୍ମାଣ ପାଇଁ ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେବେ ସ୍ଥାନୀୟ ଠିକାଦାର ଏହି ଡ୍ରେନ୍ ନିର୍ମାଣ ନିମ୍ନମାନର କରୁଥିବା ନେଇ ଅଭିଯୋଗ ହୋଇଛି। ଯୁବ ସାମାଜିକ କର୍ମୀ ସୁଦୀପ ସାମଲ ଏନେଇ ପୂର୍ତ୍ତ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଆବଶ୍ୟକ ପରିମାଣର ସିମେଣ୍ଟ ଓ ରଡ୍ ଦିଆଯାଉ ନ ଥିବାରୁ ଡ୍ରେନ୍‌ର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଅଭିଯୋଗ କରିବା ପରେ ଠିକାଦାର ମାତ୍ର ୮୦ମିଟର ଡ୍ରେନ୍ କାମ ଆରମ୍ଭ କରି ଅଧା ପନ୍ତରିଆ ଅବସ୍ଥାରେ କାମଛାଡ଼ି ଚାଲି ଯାଇଛନ୍ତି, ଯାହାକୁ ନେଇ ସ୍ଥାନୀୟ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଡ୍ରେନ୍ ନିର୍ମାଣ ଦ୍ୱାରା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଯାତାୟାତରେ ଘୋର ବାଧା ସୃଷ୍ଟି ହୋଇଛି। ଯେହେତୁ ଦୋକାନ ଆଗରେ କାର୍ଯ୍ୟ କରାଯାଉଛି ସେଥିପାଇଁ ବ୍ୟବସାୟୀମାନେ ବ୍ୟବସାୟ କରିପାରୁ ନାହାନ୍ତି। କାର୍ଯ୍ୟ ଚାଲୁଥିଲା ବେଳେ ବିଭାଗୀୟ ଅଧିକାରୀ କେହି ନ ରହିବାରୁ ଠିକାଦାର ମନମୁଖି କାର୍ଯ୍ୟ କରୁଛନ୍ତି। ୩ଫୁଟ୍ ତଳୁ ଏହା ଖନନ କରାଯିବାର ନିୟମ ଥିଲାବେଳେ ଏହାକୁ ମାତ୍ର ୨ଫୁଟ୍ ଖୋଳି ଡ୍ରେନ୍ କାମ କରାଯାଉଛି। ରାସ୍ତାଠାରୁ ୧ଫୁଟ ଉଚ୍ଚକୁ ଡେନ୍ କରିବା ଦ୍ୱାରା ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗ ହୋଇଛି। ତୁରନ୍ତ ଏହି କାମ ତଦାରଖ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପାର୍ଥସାରଥି ବାରିକଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣା ସ୍ଥଳ ପରିଦର୍ଶନ କରିଛି। ଯଦି କିଛି ତ୍ରୁଟି ଥାଏ ତାହା ସଂଶୋଧନ କରାଯିବ।



ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି।

## ସଂକ୍ଷେପରେ

### 'ଭାଷା ବଞ୍ଚିବାକୁ ହେଲେ ଆବେଗ ଆବଶ୍ୟକ'



**ଯାଜପୁର ଟାଉନ,୨୬।୪(ଡି.ଏନ.ଏ.):** ଓଡ଼ିଆ ଭାଷା ପ୍ରଚାର ସମିତି ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ, କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର 'ନିର୍ମାଖୀ'ର ଶୁଭମୁକ୍ତି ଯାଜପୁର ଜିଲା ପରିଷଦ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ସରସ୍ୱତ ସାଧକ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ଭାଷା ବଞ୍ଚିବାକୁ ହେଲେ ଆବେଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିରୂପେ ଯଜ୍ଞପ୍ରଭାର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଯାଜପୁର ପୌର ପରିଷଦର ଅଧକ୍ଷା ରଞ୍ଜୁଲତା ହୋତା, ଯାଜପୁର ପଞ୍ଚାୟତ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ସମ୍ମାନିତ ବକ୍ତାଭାବେ ଯାଜପୁର ପୌରପରିଷଦ ଉପାଧକ୍ଷା ସନ୍ତୋଷ କୁମାର ମଲ୍ଲିକ ଓ ବ୍ୟାସନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶିବ ଚରଣ ମାଝି ଯୋଗ ଦେଇଥିଲେ। ଏହି ସଭାରେ ଓଡ଼ିଆ ଭାଷା ପ୍ରଚାର ସମିତି ସଭାପତି ତଥା ଦୈନିକ ସମ୍ବାଦପତ୍ରର 'ଦିନଚର୍ଯ୍ୟା'ର ସମ୍ପାଦକ ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ମଞ୍ଚରେ କବୟିତ୍ରୀ ବ୍ରଜେଶ୍ୱରୀ ସିଂ, ଅଞ୍ଜୁବାଳା ଜେନା, କବି ଜିତେନ୍ଦ୍ର ବେହେରା, ମନୋଜ ନାଥ, ବ୍ରଜେଶ୍ୱରୀ ସିଂ ଓ କବି କାମେଶ୍ୱର ପଣ୍ଡା କବିତା ସଂଯୋଜନା କରିଥିଲେ। ଏହି ଅବସରରେ ଦୈନିକ ସମ୍ବାଦପତ୍ର ଦିନଚର୍ଯ୍ୟାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଶାନ୍ତ ଚନ୍ଦ୍ର ସାହୁ, ଭାଗ୍ୟଲକ୍ଷ୍ମୀ ଦାଶ, ତୃପ୍ତିମଞ୍ଜରୀ ବାରିକ, ପ୍ରିୟଙ୍କା ଓଝା, ରାସେଶ୍ୱରୀ ମହାନ୍ତି ଓ ତରଣୀ ମହାରଣ୍ୟ ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

### ଶତବାର୍ଷିକ କମିଟିର ପ୍ରସ୍ତୁତି ବୈଠକ

**ପାଣିକୋଇଲି,୨୬।୪(ଡି.ଏନ.ଏ.):** ପାଣିକୋଇଲି ହାଇସ୍କୁଲ୍ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ଜନ୍ମଶତବାର୍ଷିକୀ ପାଳନ କରଯିବ। ଏନେଇ ରାମଚନ୍ଦ୍ର ସାହୁ ଜନ୍ମଶତବାର୍ଷିକୀ ପାଳନ କମିଟିର ଏକ ବୈଠକ ରସାୟନ ସାରଣୀ ପରିସରରେ ନୃସିଂହ ଚରଣ ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ପୂର୍ବ ବିବରଣୀ ଉପସ୍ଥାପନା କରିବା ସହିତ ଆଗାମୀ କାର୍ଯ୍ୟସୂଚୀ ସର୍ମ୍ପକରେ ସୂଚନା ପ୍ରଦାନ କରିଥିଲେ। ସ୍ମରଣିକା ପ୍ରଯୋଜନା କମିଟି ମୁଖ୍ୟ ପ୍ରାଧାପକ ଉମାକାନ୍ତ ଖଣ୍ଡାଇ ପ୍ରାପ୍ତଲେଖା ଗୁଡିକ ସର୍ମ୍ପକରେ ସୂଚନା ଦେଇଥିଲେ। ବର୍ଦ୍ଧିତ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜୁଲାଇ ଦ୍ୱିତୀୟ ସପ୍ତାହକୁ ଉତ୍ସବ ପାଳନ ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଆଲୋଚନାରେ ଅଦୈତ ଚରଣ ଦାଶ, ଡା. ନିର୍ମଳ ରଥ, ପୁରୁଷୋତ୍ତମ ବାରିକ, ରଘୁନାଥ ମାଝି ଓ ରାକେଶ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଚନ୍ଦ୍ରମଣି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପୁନଃ ସମୀକ୍ଷା ପାଇଁ ଏସ୍‌ପିସିବିକୁ ନିର୍ଦ୍ଦେଶ

**ଯାଜପୁର ଅଫିସ, ୨୬।୪**

ଯାଜପୁର ଜିଲା ଚଣ୍ଡିଖୋଲଠାରୁ ତାଳଚେର ପର୍ଯ୍ୟନ୍ତ ୨୩/୨୦୦ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ଲଘୁ ଖଣିଜ ଦ୍ରବ୍ୟ ମାଟି ବିପୁଳ ପରିମାଣର ଲୁଟ୍ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା । ଏହି ମର୍ମରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏକ ମାମଲା (ନମ୍ବର-୩/୨୦୧୭) ରୁଜୁ ହୋଇଥିଲା । ଉକ୍ତ ମାମଲା ଉପରେ ଏନ୍‌ଜିଟିର ଅଧକ୍ଷ ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ବି. ଅମିତ ସ୍ଥାଲେକର, ସଦସ୍ୟ ଶୈବାଳ ଦାସଗୁପ୍ତା ଓ ଏ.ସେନ୍ଥିଲ ଭେଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

ଉକ୍ତ ରାୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ ହୋଇଥିବା କ୍ଷତିପୂରଣ ରାଶି ସଂକ୍ରାନ୍ତରେ ପୁନଃ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଜାରି

### ଏନ୍‌ଜିଟିରେ ଚଣ୍ଡିଖୋଲ-ତାଳଚେର ଏନ୍‌ଏଚ୍ ପ୍ରଶସ୍ତୀକରଣ ମାମଲା

କରିଛନ୍ତି। ଏହାବାଦ୍ ଏଥିରେ କେବଳ ମାଟି ଖନନ କରିଥିବା ବ୍ୟକ୍ତି ନୁହେଁ ବରଂ ଏନ୍‌ଏଚ୍‌ଏଆଇ (ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ) ମଧ ଦାୟୀ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ସମୟସୀମା ମଧରେ ଏକ ଯୋଜନା ପ୍ରସ୍ତୁତ କରି ପରିବେଶର ପୁନରୁଦ୍ଧାର ପାଇଁ କ୍ଷତିପୂରଣ ରାଶି ବ୍ୟବହୃତ ହୋଇପାରେ ବୋଲି ଏନ୍‌ଜିଟି ପ୍ରକାଶ କରିଛି। ଉକ୍ତ ଆଦେଶର ଏକ ନକଲକୁ ଅନୁପାଳନ ପାଇଁ ଇମେଲ ମାଧମରେ ଏସ୍‌ପିସିବି, ଜିଲାପାଳ ଏବଂ ଏନ୍‌ଏଚ୍‌ଆଇକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ହୋଇଛି।

ଏନ୍‌ଜିଟିରେ ଅଭିଯୋଗ ଅନୁସାରେ, ୧୩୩ କି.ମି. ବ୍ୟାପୀ ଉକ୍ତ ରାସ୍ତା ନିର୍ମାଣରେ ଧର୍ମଶାଳା ତହସିଲ ଅନ୍ତର୍ଗତ କଣ୍ଟାପଡା, କୁସୁମପୁର



ଏନ୍‌ଏଚ୍ କଡ଼ରୁ ମାଟି ଉଠାଯାଉଛି।

ଚକ୍ରଧରପୁର, ବାଘୁଆ, ବାଲିସାହି, ଚଢ଼େଇଧରା, ବରଡା, ଝଟିଆପଡା, ଆରୁହା, କବାଟବନ୍ଧ, ପୁରୁଣାବାହାଲ, ରାମଚନ୍ଦ୍ରପୁର ଆଦି ଗ୍ରାମରୁ ବିପୁଳ ମାଟି ଲୁଟ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟରେ ଦାୟିତ୍ୱରେ ଥିବା ଠିକାସଂସ୍ଥା କୋରଜନ କୋରଭିୟମ କନଷ୍ଟ୍ରକ୍ସନ ଉତ୍ତୋଳନ କରିଥିବା ୧,୭୨,୧୬୨ ଘନମିଟର ମାଟି ଓ ମୋରମ ବାବଦକୁ ୫୮,୩୮,୦୭୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏହାସହ ପରିବେଶଗତ କ୍ଷତିପୂରଣ ବାବଦରେ ଏନ୍‌ଏଚ୍‌ଏଆଇକୁ ୩ କୋଟି ୪୧ ଲକ୍ଷ ୬୪ ହଜାର ୧୨୦ ଟଙ୍କାର ଏକ ଡିମାଣ୍ଡ ନୋଟିସ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ହୋଇଛି। ହେଲେ ବାସ୍ତବରେ ଉକ୍ତ ଠିକାସଂସ୍ଥା ବହୁ ପରିମାଣର ମାଟି ଓ ମୋରମ ଉଠାଇ ପ୍ରଶାସନକୁ ଭୁଆଁ ବୁଲାଇଥିଲା। ଏନେଇ ଏନ୍‌ଜିଟିରେ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ଆବଶ୍ୟକ ତଥ୍ୟ ଭିତ୍ତିକ ରିପୋର୍ଟ ଦାଖଲ କରିଥିଲେ। ଉଭୟ ରିପୋର୍ଟ ଉପରେ ଅନୁଧ୍ୟାନ କରି ଏନ୍‌ଜିଟି କ୍ଷୟକ୍ଷତି ପରିମାଣ ଉପରେ ପୁନଃ ଆକଳନ କରିବାକୁ ନିର୍ଦ୍ଦେଶ ଜାରି କରିଛି। ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକ ପରିବେଶ ମଞ୍ଜୁରୀ ମଧ୍ୟ ହାସଲ ନ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। ଏହା ପରିବେଶ ସୁରକ୍ଷା ଆଇନ ୧୯୮୬କୁ ସିଧା ସଳଖ ଉଲ୍ଲଂଘନ କରୁଥିବା ନେଇ ଏନ୍‌ଜିଟି ତାଙ୍କ ନୋଟିସରେ କ୍ଷୋଭ ପ୍ରକାଶ କରିଥିଲେ। ରାସ୍ତା ନିର୍ମାଣ ପୂର୍ବରୁ ପରିବେଶ ମଞ୍ଜୁରୀ ପାଇଁ ଓଡିଶା ମିନେରାଲ କନସେଶନ ରୁଲ ୨୦୦୪ ଧାରା ୨୭-ବି ଓ ସଂଶୋଧିତ ଧାରା ୨୦୧୪ରେ ଉଲ୍ଲେଖ ଥିବା ଧାରାକୁ ମଧ୍ୟ ଏଥିରେ ଅଣଦେଖା କରାଯାଇଛି ବୋଲି ଏନ୍‌ଜିଟି ତରଫରୁ କୁହାଯାଇଥିଲା।

## ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଜାଦୀକା ଅମୃତ ମହୋତ୍ସବ



**ରସୁଲପୁର,୨୬।୪(ଡି.ଏନ.ଏ.)**

ରସୁଲପୁର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଓଡ଼ିଶୋ ପଞ୍ଚାୟତର ବାହାବଳପୁର ଗ୍ରାମରେ ଆଜାଦୀକା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ସ୍ୱାଧୀନତାର ୭୫ବର୍ଷ ପରେ ଅନ୍ନଦାତାଙ୍କୁ ସ୍ୱାବଲମ୍ବୀ କରିବା ସହ କୃଷକ ସଚେତନତାକୁ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି ମନେ ହେଉଛି। ପ୍ରତ୍ୟେକ ଚାଷୀ ଆଧୁନିକ ଜ୍ଞାନକୌଶଳ ଆପଣେଇ ଅଧିକ ଅମଳ କରିବା ସହ ସୁସ୍ଥ ଓ ସୁରକ୍ଷିତ ଜୀବନ ନିର୍ବାହ କରିବାର କୌଶଳ ସର୍ମ୍ପକରେ ଅବଗତ ହେବାର ସମୟ ଆସିଛି। ସାମଜର ଚଳନିରେ ଚାଷୀଙ୍କ ବଳିଷ୍ଠ ସହଭାଗିତାକୁ ସମସ୍ତେ ଉପଲବ୍ଧ କରିବାର ସମୟ ଉପନୀତ ହୋଇଛି ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି।

ଅଗ୍ରଣୀ ଚାଷୀ ଶିଶିର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍, ଉଦ୍ୟାନ କୃଷି ଅଧିଦର୍ଶକ ପବିତ୍ର ମୋହନ ଶତପଥୀ, ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ପ୍ରଭାସ ରଞ୍ଜନ ମଳିକ, ଉଦ୍ୟାନ ସାଥୀ ସୁରେନ୍ଦ୍ର ସାହୁ ଓ ସଞ୍ଜୟ ପରିଡ଼ା ପ୍ରମୁଖ ଯୋଗଦେଇ କୃଷକଙ୍କ ହିତରେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସର୍ମ୍ପକରେ ଆଲୋକପାତ କରିଥିଲେ। ଏଥିସହ ପ୍ରତ୍ୟେକ ଚାଷ ପାଇଁ ଉଦ୍ଦିଷ୍ଟ ବୈଜ୍ଞାନିକ ପ୍ରଣାଳୀକୁ ପାଳନ କରି ଚାଷ କରିବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାହାବଳପୁର, କରଞ୍ଜିଆରୀ ଆଦି ଗ୍ରାମରୁ ଉପସ୍ଥିତ ଥିବା ୩୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ଅଧିକାରୀଙ୍କଠାରୁ ବିଭିନ୍ନ ଚାଷ ସର୍ମ୍ପକରେ ପଚାରି ବୁଝିଥିଲେ। ପରେ ଅଧିକାରୀମାନେ କ୍ଷେତ ବୁଲି ଦେଖିବା ସହ ପରିବା ଚାଷରେ ରହୁଥିବା ତ୍ରୁଟିବିଚ୍ୟୁତି ସର୍ମ୍ପକରେ ଚାଷୀଙ୍କ ସହ ଆଲୋଚନା କରିଥିଲେ।

# ଧର୍ମଶାଳା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ସ୍କୁଲ୍ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଧର୍ମଶାଳା,୨୬।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଶଙ୍ଖାରିଡ଼ିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଅନୁସୟା ନାଥ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାଧାରଣ ସଭାରେ ଯୋଗ ଦେଇଥିଲେ। ସ୍କୁଲ୍ ଅଧକ୍ଷ ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ରୀତା ତରାଇ, ଏମ୍‌ସର ଡାକ୍ତର ଶୁଭାଶିଷ ପାତ୍ର, କଳାକାର ଶରଣାବିନ୍ଦ ଓଝା ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଡ. ଦେବୀ ପ୍ରସନ୍ନ ମହାନ୍ତି ଓ ସ୍ୱତନ୍ତ୍ର ଅତିଥି ଭାବେ ଦୌଡ଼ରାଣୀ ଦୂତୀ ଚାନ୍ଦ ଉପସ୍ଥିତ ଥିଲେ। ସ୍କୁଲ୍ ପରିଚାଳନା ସମିତି ଅଧକ୍ଷ ଡ. ଭିକାରୀ ଚରଣ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ସୋମନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ପ୍ରତିଷ୍ଠା କରାଯାଇଥିବା ଗଣେଶ ମୂର୍ତ୍ତିକୁ ପୂର୍ବତନ ଏମ୍‌ପି ତରାଇ ଅନାବରଣ କରିଥିଲେ। ଉତ୍ସବକୁ ଶିକ୍ଷକ ଗୁରୁଜ୍ୟୋତି ମହାନ୍ତି ପରିଚାଳନା କରିଥିଲେ। ସ୍କୁଲ୍‌ର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭତ୍ତା ବଣ୍ଟନକୁ ନେଇ ଉତ୍ତେଜନା

**ବରୀ,୨୬।୪(ଡି.ଏନ.ଏ.)**

ବରୀ ବ୍ଲକ୍ ଅନ୍ତର୍ଗତ ଗୋଳକୁଣ୍ଡ ପଞ୍ଚାୟତରେ ମଙ୍ଗଳବାର ଭତ୍ତା ବଣ୍ଟନକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଏହି ପଞ୍ଚାୟତଟି ୧୧ଟି ୱାର୍ଡକୁ ନେଇ ଗଠିତ। ପଞ୍ଚାୟତ କାର୍ଯ୍ୟାଳୟ ଗୋଳକୁଣ୍ଡ ରାଜସ୍ୱ ଗ୍ରାମରେ ରହିଛି। ତେବେ ଭୌଗୋଳିକ ଦୃଷ୍ଟି କୋଣରୁ ବରିଷ୍ଠ ଦିବ୍ୟାଙ୍ଗମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଭତ୍ତା ଆଣିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ସରପଞ୍ଚ ସବିତା ବେହେରା ସୋମବାର ବିଡିଓଙ୍କ ସହ ଆଲୋଚନା କରି ପଞ୍ଚାୟତର ହରିପୁର ପ୍ରାଥମିକ ବିଦ୍ୟାଳୟଠାରେ ଭତ୍ତା ବଣ୍ଟନ କରିବାକୁ ଦାୟିତ୍ୱରେ ଥିବା କର୍ମଚାରୀଦ୍ୱୟଙ୍କୁ କହିଥିଲେ। ହେଲେ ସେମାନେ ଏହାକୁ ଗୁରୁତ୍ୱ ନ ଦେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକ ବୁଧବାର ଭତ୍ତା ପାଉଥିବା ହିତାଧିକାରୀଙ୍କ ସୁବିଧା ନିମନ୍ତେ ୩ଟି ସ୍ଥାନରେ ଭତ୍ତା ବଣ୍ଟନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଘଟଣା ପ୍ରଶମିତ ହୋଇଥିଲା। ଏ ସର୍ମ୍ପକରେ ଗୋଳକୁଣ୍ଡ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭରତ ଚନ୍ଦ୍ର ଜେନାଙ୍କୁ ପଚାରିବାରେ ସେ କୁହନ୍ତି, ସରକାରଙ୍କ ନିୟମ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯିବ। ତେବେ ଯେଉଁ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନ ପାରିବେ ସେମାନଙ୍କ ଘରେ ଭତ୍ତା ପହଞ୍ଚାଇବା ଦାୟିତ୍ୱ ପ୍ରଶାସନର। ତେଣୁ ଏହାକୁ ନେଇ ଲୋକେ ଉତ୍ତେଜିତ ହେବା ଠିକ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

# ପଛିକୋଟ ସମବାୟ ସମିତିରେ ଦୁର୍ନୀତି

**ରଗଡି,୨୬।୪(ଡି.ଏନ.ଏ.)**

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ପଛିକୋଟ ସମବାୟ ସମିତି କାର୍ଯ୍ୟାଳୟରେ ଜମି ଥିବା ଲୋକଙ୍କୁ ଋଣ ମିଳୁଥିବାବେଳେ ଟୋକନ ବଣ୍ଟନରେ ପାତରଅନ୍ତର ହେଉଥିବା ଅଭିଯୋଗ ହେଉଛି। ଏହି ସମିତି ଉପରେ ପଛିକୋଟ, କଟରାସାହି, ପରମାନନ୍ଦପୁର, କୋରାବନ୍ଦୀ, ରଗଡ଼ି, ପତରକଣା, ଖମିଗାଁ, ଗୟଳଗଡ଼ିଆ, ମଞ୍ଜୁରୀ, ତାଳଗଡିଆ, ରଙ୍ଗିଆଟିକିରି, ଅସନଗଡ଼ିଆ, ନହଣକୁଳ, ସୋଲବନ୍ଦୀ, ବଛିପୁର ଆଦି ଗ୍ରାମର ଚାଷୀ ନିର୍ଭର କରିଥାନ୍ତି। ଭାଗ ଚାଷୀଙ୍କ ନାମରେ ମିଥ୍ୟା ଚିଠା ପ୍ରସ୍ତୁତ କରି ମଣ୍ଡିରେ ଧାନ ବିକ୍ରି ହେଉଛି । ସେହି ଅର୍ଥ ଏବଂ ବୀମା ବାବଦରେ ମିଳୁଥିବା ଟଙ୍କାକୁ କେତେଜଣ କୁଚକ୍ରୀ ଗୋଷ୍ଠୀ ଆତ୍ମସାତ୍ କରୁଛନ୍ତି । ପ୍ରକୃତ ଚାଷୀଙ୍କୁ ଗୁରୁତ୍ୱ ନ ଦେଇ ଫାଇଦା ଆଦାୟ କରି ଟୋକନ ପ୍ରଦାନ ସହିତ ଜାଲି ପଟ୍ଟା ମାଧ୍ୟମରେ ଭୂମିହୀନଙ୍କୁ ଋଣ ଦେବା ଭଳି ଗୁରୁତର ଅଭିଯୋଗ ହେଉଛି। ଏହାବାଦ୍ ସାର ବଣ୍ଟନରେ ଚଞ୍ଚକତା କରି ଅର୍ଥ ଆଦାୟ ଏହି ସମବାୟ ସମିତିରେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ମୋଟା ଅଙ୍କର ଚାନ୍ଦା ନେଇ ଉକ୍ତ ସମିତିର କେତେଜଣ କର୍ମଚାରୀ ଚାଷୀମାନଙ୍କୁ ବାଦ୍ ଦେଇ ମଧ୍ୟସ୍ଥିମାନଙ୍କୁ ଟୋକନ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଜିଲା କୃଷି ବିଭାଗର କେତେଜଣ ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ଲିପ୍ତ ଥିବା ଚାଷୀମାନେ କହିଛନ୍ତି । ଏହି ସମବାୟ ସମିତିରେ ସରକାରଙ୍କ କୌଣସି ନିୟମ ଠିକ ଢ଼ଙ୍ଗରେ କାର୍ଯ୍ୟକାରୀ ହେଉ ନ ଥିବା ବେଳେ ହାତଗଣତି ଦୁର୍ନୀତିଖୋର ନେତା ଚନ୍ଦା ଆଦାୟ କରୁଥିବା ଉପରୋକ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି । ରାଜ୍ୟ ସେବା ସମବାୟ ସମିତି ସମୂହର ନିବନ୍ଧକ (ଆରସିଏସ୍ ) ଏହାର ତଦନ୍ତ କରି ଏହି ଦୁର୍ନୀତିରେ ଲିପ୍ତ ଥିବା ସମସ୍ତ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି । ତେବେ ଏ ସଂକ୍ରାନ୍ତରେ ସମିତିର ସମ୍ପାଦକ ବିଜୟ କୁମାର ପଲାଉଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହିତ ସେମିତି କିଛି ଭୁଲ ହୋଇ ନ ଥିବା କହିଛନ୍ତି।

# ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ

**ଯାଜପୁର ଟାଉନ,୨୬।୪(ଡି.ଏନ.ଏ.)**

ଯାଜପୁର ଜିଲା ସ୍କୁଲ୍‌ଠାରେ ୩୯ତମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଣଶିକ୍ଷା ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ଡ.ଶରତ କୁମାର ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ର ସଫଳତା ପାଇଁ ପରିଶ୍ରମୀ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇଥିଲେ। ଜିଲାର ମୋଟ୍ ୫୦ ପ୍ରକଳ୍ପ ମଧ୍ୟରୁ ଶ୍ରେଷ୍ଠ ୫କୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଡ. ବସନ୍ତ କୁମାର ତ୍ରିପାଠୀ, ଶିକ୍ଷାବିତ ସହଦେବ ପଣ୍ଡା, ଜିଲା ବିଜ୍ଞାନ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

ପରିଦର୍ଶକ ବିଷ୍ଣୁ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସର୍ମ୍ପକରେ ମତବ୍ୟକ୍ତ କରିଥିଲେ। ଜିଲା ସ୍କୁଲର ଶିକ୍ଷକ ନିରଞ୍ଜନ ସାମଲ ସଭାପରିଚାଳନା କରିଥିଲେ। ଶେଷ୍ଠ ପ୍ରକଳ୍ପ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଧର୍ମଶାଳା ଦେଉଳିପାଳର ଏସ୍. ସାଇଶ୍ରୀଙ୍କ ମ୍ୟାଥମେଟିକାଲ ପ୍ଲେ ଗ୍ରାଉଣ୍ଡ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦାନଗଦୀ ଗୋହିରପାଟୁଳିର ପ୍ରତିକ୍ଷା ମହାପାତ୍ରଙ୍କ ପ୍ଲାଷ୍ଟିକ ଆବର୍ଜନା ପୁନଃ ବ୍ୟବହାର, ଜହ୍ନା ସରକାରୀ ଉପ୍ରା ବିଦ୍ୟାଳୟର ଯାଜ୍ଞସେନୀ ସାହୁଙ୍କ ଟାଇପ୍ସ ଅଫ୍ ଆଙ୍ଗେଲ, ଯାଜପୁର ଜିଲା ସ୍କୁଲର ଅଂଶୁମାନ ପଣ୍ଡାଙ୍କ ହିଷ୍ଟ୍ରି ଆଣ୍ଡ ଡେଭଲପମେଣ୍ଟ ଅଫ ସାଇନ୍ସ, ରଙ୍ଗାରଗା ସରକାରୀ ବିଦ୍ୟାଳୟର ରଶ୍ମିତା ମହାପାତ୍ରଙ୍କ ପ୍ରକଳ୍ପ ଲୋ କଷ୍ଟମିନିକୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା। ଶେଷରେ ଜିଲା ସ୍କୁଲ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## କଳିଙ୍ଗନଗର ଲାୟନ୍ସ କ୍ଲବ ପକ୍ଷରୁ ଜଳଛତ୍ର



ଲୋକଙ୍କୁ ପାନୀୟ ଜଳ ଦିଆଯାଉଛି।

**ଯାଜପୁର ରୋଡ,୨୬।୪(ଡି.ଏନ.ଏ.)**

ଯାଜପୁର ରୋଡ ଦଳସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ମୁଖ୍ୟ ଶାଖା କାର୍ଯ୍ୟାଳୟ ସମ୍ମୁଖରେ କଳିଙ୍ଗନଗର ଲାୟନ୍ସ କ୍ଲବ ପକ୍ଷରୁ ସୋମବାର ଥଣ୍ଡା ପାନୀୟ ଜଳ ଛତ୍ର ଖୋଲାଯାଇଛି। ବହୁ ଦୂରଦୂରାନ୍ତରୁ ବ୍ୟାଙ୍କ ଆସୁଥିବା ଗ୍ରାହକ ଏବଂ ସାଧାରଣ ଲୋକମାନଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମାଗଣାରେ ଦହି, ପୋଦିନା ପତ୍ର ମିଶା ଥଣ୍ଡା ପାନୀୟ ବଣ୍ଟନ କରାଯାଉଛି। ଏହି ଜଳଛତ୍ରକୁ ବ୍ୟାଙ୍କ ମ୍ୟାନେଜର ଅରୁଣ କୁମାର ରାଉତ, ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, ବ୍ୟାସନଗର ପୌରପରିଷଦର କଂଗ୍ରେସ ସଭାପତି ମାୟାଧର ମଲ୍ଲିକ ଲୋକଙ୍କୁ ପାଣି ବଣ୍ଟନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ବିଆଇର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରିୟରଞ୍ଜନ ସାମଲ, ଲାୟନ୍ସ କ୍ଲବର ପ୍ରଲୁବ୍ଧ କୁମାର ଜେନା, ଟିକାୟତ ପାଲ, ପ୍ରଦ୍ୟୁମ୍ନ କୁମାର ନାୟକ, ପ୍ରିୟଦର୍ଶୀ ମହାରଣା, ମନୋଜ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଚାଷୀଙ୍କୁ ଭରସା ଖୋଲା ବଜାର

**ରସୁଲପୁର,୨୬।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅଧୀନ ୨୮ ପଞ୍ଚାୟତର ଶତକଡ଼ା ୪୦ଭାଗ ଜମିରେ ବାଦାମ ଚାଷ ହେଉଛି। ରବି ଋତୁରେ ଦୋରସା ଓ ଉର୍ବରିଆ ମାଟିରେ ବାଦାମ ଚାଷ କରାଯାଉଛି। ତେବେ ବାଦାମ ଚାଷ ଏକ ଲାଭକରୀ ଫସଲ ହୋଇଥାଇ ବି ଚାଷୀ ସେଥିପ୍ରତି ବିମୁଖ ହେଉଛନ୍ତି। ପରିବର୍ତ୍ତିତ ପାଣିପାଗର ସ୍ଥିତି ସାଙ୍ଗକୁ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବିଧି ବ୍ୟବସ୍ଥାର ଠିକ୍ ଉପଯୋଗ ନ ହେବା ଏହାର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ କିଣିବା ପାଇଁ ଉଦ୍ଦିଷ୍ଟ ମଣ୍ଡି ବ୍ୟବସ୍ଥା ଅନ୍ୟତମ କାରଣ ବୋଲି କୁହାଯାଉଛି। ଉତ୍ପାଦିତ ଦ୍ରବ୍ୟକୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ ମଣ୍ଡି ବ୍ୟବସ୍ଥା ଚାଷୀଙ୍କ କାମରେ ଆସୁନାହିଁ। ଫଳରେ ଚାଷୀ ଖୋଲାବଜାରର ବାଦାମ ଦରକୁ ଭରସା କରିଛନ୍ତି। ବେପାରୀଙ୍କ ଏକଚାଟିଆ ପଣିଆ ଓ ଦର ନିୟନ୍ତ୍ରଣ ମନୋଭାବର ଶିକାର ହେଉଛନ୍ତି। ଏଭଳି

### କାମରେ ଆସୁନି ବାଦାମ ମଣ୍ଡି ବ୍ୟବସ୍ଥା

ସ୍ଥିତିରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି।

ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ଉଚିତ ମୂଲ୍ୟ ଦେବାକୁ ସରକାର ମଣ୍ଡି ବ୍ୟବସ୍ଥା କରିଛନ୍ତି। ମଣ୍ଡିରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଚାଷୀଙ୍କ ଲାଭକୁ ଲକ୍ଷ୍ୟକରି ସ୍ଥିର କରାଯିବା ଉଚିତ। ହେଲେ ବାଦମ ଚାଷ କ୍ଷେତ୍ରରେ ସେଭଳି ସ୍ଥିତି ଦେଖିବାକୁ ମିଳୁନାହିଁ। ବାଦମ ଚାଷ ପାଇଁ ବିହନ କିଣିବା ବେଳେ ଦର କୁଇଁଟାଲ ପିଛା ୮ରୁ୯ହଜାର ଟଙ୍କା ଥିଲା। ଉନ୍ନତ ଓ ଅଧିକ ଅମଳକ୍ଷମ ବିହନ କିଣିବା ପାଇଁ ଚାଷୀଙ୍କୁ ଆହୁରି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ତେବେ ଅମଳ ବେଳେ ବାଦାମର ଦର ଆଶାତିତ ଭାବରେ କମି ଯାଉଛି। ଏବେ ବାଦାମର ବଜାର ଦର କୁଇଣ୍ଟାଲ ପିଛା ସାଢ଼େ ୫ରୁ ୬ହଜାର ଟଙ୍କା ରହିଛି, ଯାହାକି ଲଗାଇବା ଓ ବିକ୍ରି କରିବା ସମୟରେ ବାଦାମ ଦର କୁଇଣ୍ଟାଲ ପିଛା ୨ରୁ ୩ହଜାର ଟଙ୍କା କମି ଯାଉଛି।



ବାଦାମକୁ ଖୋଲା ବଜାରରେ ବିକ୍ରି ନିମନ୍ତେ ନିଆଯାଉଛି।

ତେଣେ ମଣ୍ଡିର ବାଦାମ ଦର କୁଇଣ୍ଟାଲ ପିଛା ୫୨୦୦ଟଙ୍କା ରହୁଛି, ଯାହାକି ଖୋଲା ବଜାରଠାରୁ ୫୦୦ରୁ ୧୦୦୦ଟଙ୍କା କମ୍। ଏଭଳି ସ୍ଥିତିରେ ଚାଷୀ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ମଣ୍ଡି ବଦଳରେ ଖୋଲା ବଜାରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ତେବେ ଚାଷୀଙ୍କ ସ୍ୱାର୍ଥ ଜଗିବା ପାଇଁ ସମବାୟ ବିଭାଗ, ମାର୍କଫେଡ, ମଞ୍ଜି ନିଗମ, କୃଷି ଓ ଉଦ୍ୟାନ କୃଷି ବିଭାଗ ଭଳି ଅନେକ ସରକାରୀ ସଂସ୍ଥା ରହିଛି। ସରକାର ମଧ ଚାଷୀଙ୍କ ହିତରେ ବିଭିନ୍ନ ପ୍ରକାର ଉନ୍ନତ ଯୋଜନା ଲାଗୁ କରୁଛନ୍ତି। ମାତ୍ର ଏସବୁ ସତ୍ତ୍ୱେ ଚାଷୀ ଲାଭବାନ ହୋଇପାରୁ ନାହାନ୍ତି। କୃଷି ନିତି ଓ ସାମ୍ପ୍ରତିକ ସ୍ଥିତିକୁ ଦେଖି ସରକାରୀସ୍ତରରେ ନିଷ୍ପତ୍ତି ନିଆଗଲେ ଚାଷୀ ଲାଭାବାନ ହୋଇପାରନ୍ତେ ବୋଲି କୁହାଯାଉଛି। ବଜାର ସ୍ଥିତିକୁ ଦେଖି ମଣ୍ଡିର ଦର ସ୍ଥିର କରିବା ସହ ବାଦାମର ସର୍ବାଧିକ ବିକ୍ରି ଦାମ ବୃଦ୍ଧି କରିବାକୁ ଚାଷୀ ଦାବି କରିଛନ୍ତି। ଏ ସର୍ମ୍ପକରେ ରସୁଲପୁର ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର କହିଛନ୍ତି, ଚଳିତବର୍ଷ ବାଦାମ ମଣ୍ଡି ଖୋଲା ଯାଇନାହିଁ। ମଣ୍ଡି ଖୋଲିବା ନେଇ ଜିଲାସ୍ତରୀୟ ମିଟିଂରେ ଆଲୋଚନା ହୋଇଥିଲା। ସମବାୟ ବିଭାଗ ଓ ମାର୍କଫେଡ ପକ୍ଷରୁ ଚାଷୀଙ୍କଠାରୁ ବାଦାମ କିଣିବା ନେଇ ସ୍ଥିର ହୋଇଥିଲା। ତେବେ ବାଦାମର ସରକାରୀ ଦର ଖୋଲାବଜାର ଦାମ୍‌ଠାରୁ କମ୍ ରହୁଛି। ତେଣୁ କେହି ଚାଷୀ ମଣ୍ଡିରେ ବାଦାମ ବିକ୍ରି କରିବା ଭଳି ସମ୍ଭାବନା ନ ଥିବାରୁ ମଣ୍ଡି ଖୋଲିବା ସମ୍ଭବ ହେଉନାହିଁ ବୋଲି ସେ ମତ ରଖିଛନ୍ତି।

## ସଂକ୍ଷେପରେ

### ୩୦ କେଜି ଗଞ୍ଜେଇ ଜବତ, ୩ ଜେଲ ଗଲେ



**ନୟାଗଡ଼ ଅଫିସ,୨୬।୪:** ରଣପୁର ଅବକାରୀ ଥାନା ପକ୍ଷରୁ ବିନୋଦପଡ଼ା ନିକଟସ୍ଥ ସୁନାଖେଳା କଲେଜ ସମ୍ମୁଖରୁ ଓ ଦର୍ପନାରାୟଣପୁରଠାରୁ ୩୦ କେଜି ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ଓଡି ୧୨ ଡି ୯୬୯୫ ନମ୍ବରର ବାଇକ୍ ସହ ୩ଜଣ ଗିରଫ ହୋଇଛନ୍ତି । ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ପଥଖୋଲ ଗାଁର ପ୍ରତାପ ଦିଗାଲ ଓ କିରଣ ଧର ଦିଗାଲ,ମାଦିନାଦୁ ଗାଁର ଆଲୋକ ଚନ୍ଦ୍ର ପ୍ରଧାନ ରଣପୁର ସବ୍‌ଜେଲ ଯାଇଛନ୍ତି । ରଣପୁର ଅବକାରୀ ଥାନା ପକ୍ଷରୁ ସୋମବାର ଓ ମଙ୍ଗଳବାର ଚଢ଼ାଉ କରାଯାଇଥିଲା ।

### ବିୟୁଟିପାର୍ଲର ମାଲିକାଣୀଙ୍କ ଗଳିତ ମୃତଦେହ ଜବତ

**ନୟାଗଡ଼ ଅଫିସ,୨୬।୪:** ନୟାଗଡ଼ ଫାୟାର ଷ୍ଟେଶନ ନିକଟସ୍ଥ ବିୟୁଟିପାର୍ଲର ସଂଲଗ୍ନ ଘର ଭିତରୁ ବିୟୁଟି ପାର୍ଲର ମାଲିକାଣୀ ମମତା ନାୟକ(୩୧)ଙ୍କ ଗଳିତ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏହାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୮/୨୨) ରୁଜୁ କରି ତଦନ୍ତ କରୁଛି । ମୃତକଙ୍କ ଘର ଖୋର୍ଦ୍ଧା ଜିଲା ଜଙ୍କିଆ ଜଙ୍କିଆରେ । ସେ ଖଣ୍ଡପଡ଼ା ରୋଡରେ ଏକ ବିୟୁଟି ପାର୍ଲର କରି ସେଠାରେ ସ୍ୱାମୀ ପ୍ରମୋଦ କୁମାର ଦାମ୍ଭଲଙ୍କ ସହ ରହୁଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନି ।

### ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ଆରମ୍ଭ

**ଖଣ୍ଡପଡ଼ା,୨୬।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତର ଗୋପୀନାଥପୁର ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ସଂକ୍ରାନ୍ତରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଅଭିଳାଷ ପଣ୍ଡାଙ୍କ ସମେତ ଯୁବ ସଙ୍ଗଠନର ସଦସ୍ୟମାନେ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ,ନୟାଗଡ଼ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ । ଏହାପରେ ପ୍ରଶାସନିକ ଅଧିକାରୀ, ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ଇଂ. ମନୋରଞ୍ଜନ ହୋତା ଗୋପୀନାଥପୁର ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ନିମନ୍ତେ ଗୋପୀନାଥପୁର ଗ୍ରାମ ମୁଣ୍ଡରେ ମଙ୍ଗଳବାରଠାରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । ବୋରିଂ କାର୍ଯ୍ୟ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତିରେ ଆରମ୍ଭ ହେବାପରେ ଗ୍ରାମବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ପୂରଣ ହେବାକୁ ଯାଉଛି ।

### କଲୋନିବାସୀଙ୍କୁ ଆଲୋଚନା ପାଇଁ ଡାକିଲେ ଭୂ-ଅର୍ଜନ ଅଧିକାରୀ

**ଦଶପଲ୍ଲା ୨୬।୪(ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଟାକରା ପଞ୍ଚାୟତ ବୁଗୁଡ଼ା କଲୋନୀ ଗ୍ରାମବାସୀ ନ୍ୟାୟ ପାଇଁ ଦୀର୍ଘଦିନ ଧରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିଲେ। ମଙ୍ଗଳବାର ସେମାନଙ୍କୁ ଆଲୋଚନା ପାଇଁ ନୋଟିସ୍ ପଠାଇଛନ୍ତି ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ। ନୟାଗଡ଼,ଦଶପଲ୍ଲା ତହସିଲ ପକ୍ଷରୁ ଏହି ନୋଟିସ୍ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ୬୫ ବର୍ଷ ଧରି ଜମିକୁ ଭୋଗଦଖଲ କରି ଆସୁଥିବା ପ୍ରଜାଙ୍କ ଜମି ଖୋର୍ଦ୍ଧା - ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିଲେ ମଧ ସେମାନଙ୍କୁ କ୍ଷତିପୂରଣ ବାବଦ କୌଣସି ସହାୟତା ପ୍ରଦାନ କରାଯାଇ ନ ଥିଲା । ଏହାକୁ ନେଇ ଗ୍ରାମବାସୀ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇଥିଲେ । ଖୋର୍ଦ୍ଧା - ବଲାଙ୍ଗୀର ରେଳ ପ୍ରକଳ୍ପ ଜମି ଅଧିଗ୍ରହଣ ଅଧିକାରୀ ଚିହ୍ନଟ ହୋଇଥିବା ଜମିର ମାଲିକ ତଥା ଏଜେଣ୍ଟମାନଙ୍କୁ ଆସନ୍ତା ୨୮ରେ ନୟାଗଡ଼ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ କ୍ଷତିପୂରଣ ତଥା ଥଇଥାନ ନେଇ କୌଣସି ଅଭିଯୋଗ ଥିଲେ ଆଲୋଚନା କରିବାକୁ ନୋଟିସ୍ ହୋଇଥିବା ସୂଚନା ମିଳିଛି ।

# ସଚେତନତା ଫଳକ ନାଁରେ ଲୁଟ୍

**ନୟାଗଡ଼ ଅଫିସ,୨୬।୪**

- ସରକାରୀ ଯୋଜନାରୁ ବାଦ୍ ପଡିବାର ଦେଖାଉଛନ୍ତି ଭୟ
- ଟଙ୍କା ଆଦାୟ ପାଇଁ ଦେଖାଉଛନ୍ତି ସିଡିପିଓ, ବିଡିଓଙ୍କ ଚିଠି
- ଓଡ଼ଗାଁ ପରେ ନୟାଗଡ଼ ବ୍ଲକରେ ଅଭିନବ ଠକେଇ

ଝିଅ ବୋହୂଙ୍କ ସମ୍ମାନ ରଖି ନିଜ ଘରେ ଶୌଚାଳୟ କରିନିଅ । ଏଡସ୍ ହଟାନ୍ତୁ ଓଡିଶା ବଞ୍ଚାନ୍ତୁ, ସ୍ୱଚ୍ଛ ଗାଁ ନିର୍ମଳ ଗାଁ ପରି ସ୍ଲୋଗାନର ସଚେତନତା ଫଳକ ଲଗାଇ ଚାଲିଛି ଟଙ୍କା ଲୁଟ୍ । ସଚେତନତା ଫଳକ ଘରେ ନ ଲଗାଇଲେ କଟିଯିବ ରାଶନ କାର୍ଡ, ମିଳିବନି ଆବାସ ଯୋଜନାରେ ଘର, ସରକାରୀ ଯୋଜନା ସାତସପନ ହେବ ବୋଲି ଭୟ ଦେଖାଉଛନ୍ତି। ଏପରି ନାନା ସ୍ଲୋଗାନ ଓ ଭୟ ଦେଖାଇ ଓଡ଼ଗାଁ ବ୍ଲକ ଅଞ୍ଚଳରେ କେତେକ ଏନ୍‌ଜିଓର ସ୍ୱେଚ୍ଛାସେବୀମାନେ ପରିବାର ପିଛା ୩୦ ଟଙ୍କା ଲେଖାଏଁ ଆଦାୟ କରୁଥିଲେ। ଏବେ ନୟାଗଡ଼ ବ୍ଲକରେ ଅଙ୍ଗନୱାଡି କର୍ମୀମାନେ ସଚେତନତା ଫଳକ ଲଗାଇ ଟଙ୍କା ଆଦାୟ କରୁଛନ୍ତି । ନୟାଗଡ଼ ସିଡିପିଓ ଓ ବିଡିଓଙ୍କ ଚିଠି ଦେଖାଇବା ପରେ ଲୋକେ ବାଧ୍ୟ ହୋଇ ଟଙ୍କା ଦେଇ ସଚେତନତା ଫଳକ ଲଗାଉଛନ୍ତି। ତେବେ ଘରେ ସଚେତନତା ଫଳକ ଲଗାଇବା ବାଧ୍ୟତା ମୂଳକ ନୁହେଁ ବୋଲି ଜିଲା ସମାଜ ମଙ୍ଗଳ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସଫେଇ ଦିଆଯାଇଛି ।



ପ୍ରତି ଘର ଆଗରେ ଲଗାଯାଉଥିବା ସଚେତନତା ଫଳକ ।

ଭ୍ରୁଣ ହତ୍ୟା ଓ ବାଲ୍ୟ ବିବାହ ନୟାଗଡ଼ ଜିଲା ପାଇଁ ଚିନ୍ତାର କାରଣ ପାଲଟିଛି। ଉଭୟ କାର୍ଯ୍ୟକ୍ରମ ସମେତ ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବାକୁ ସରକାର ଓ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି । ଅନ୍ୟପକ୍ଷେ ଝିଅ ପଢ଼ାନ୍ତୁ ଝିଅ ବଞ୍ଚାନ୍ତୁ କାର୍ଯ୍ୟକ୍ରମରେ ସରକାରୀ ଅନୁଦାନ ଆସୁଛି । ହେଲେ ଏହି ଅନୁଦାନ ନୟାଗଡ଼ ଜିଲାରେ ପ୍ରଶାସନ ଖର୍ଚ୍ଚ କରିବାରେ ସକ୍ଷମ ହୋଇପାରୁ ନାହିଁ । ଏଭଳି ସ୍ଥଳେ ଓଡିଶା ରାଜ୍ୟ ସ୍ୱଚ୍ଛ ଗାଁ ନିର୍ମଳ ଗାଁ, ଝିଅ ପଢ଼ାନ୍ତୁ ଝିଅ ବଞ୍ଚାନ୍ତୁ । ଝିଅ ବୋହୂ ବାହାରକୁ ନ ଯାଆନ୍ତୁ, ଘରେ ଶୌଚାଳୟ କରନ୍ତୁ, ସର୍ବଦା ୬ ଗଜ ଦୂରତା ରକ୍ଷା କରନ୍ତୁ ଓ ମାକ୍ସ ପିନ୍ଧନ୍ତୁ ପରି ସ୍ଲୋଗାନ ଲେଖାଥିବା ଏକ ଫଳକ ନୟାଗଡ଼ ବ୍ଲକର ବିଭିନ୍ନ ଗାଁର ଘରେ ଘରେ ଲଗାଇବା ଆରମ୍ଭ ହୋଇଛି । ଅଙ୍ଗନୱାଡି କର୍ମୀଙ୍କୁ ଏହି ଫଳକ ଲଗାଇବାକୁ କୁହାଯାଇଛି। ଫଳକରେ ଘରର ମୁଖିଆଙ୍କ ନାମ, ଘର ନଂ, ୱାର୍ଡ ନଂ,ଲେଖା ଯିବାକୁ ସ୍ଥାନ ରହିଛି। ତେବେ ଫଳକ ଲଗାଇବା ନାଁରେ ୩୦ ଟଙ୍କା ଆଦାୟ ହେଉଛି । ୩୦ ଟଙ୍କା ଆଦାୟ କରିବାକୁ ନ ୟାଗଡ଼ ବିଡିଓ ଓ ସିଡିପିଓଙ୍କ ଚିଠିକୁ ଦେଖା ଯାଉଛି । ଚିଠିଟି ନୟାଗଡ଼ ସିଡିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୧।୧୧।୨୦୨୧ରେ ପତ୍ରାଙ୍କ ନଂ. ୬୨୮ରେ ନୟାଗଡ ବ୍ଲକର ସରପଞ୍ଚ, ସୁପରଭାଇଜର,ଅଙ୍ଗନୱାଡି କର୍ମୀଙ୍କୁ ହୋଇଛି । ସେହିପରି ନୟାଗଡ଼ ବିଡିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରାଙ୍କ ସଂଖ୍ୟା ୨୦୬୪ ତା ୧୫।୧୧।୨୦୨୧ରେ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ପାଖକୁ ହୋଇଛି ।

ଏନେଇ ଖୁଣ୍ଟୁବନ୍ଧ ଗାଁର କମଳ ସାହୁ କୁହନ୍ତି, ମୋ ପଞ୍ଚାୟତ ଖୁଣ୍ଟୁବନ୍ଧରେ ସରକାରୀ ବାର୍ତ୍ତା ପ୍ରଚାର କରୁଥିବା ଏକ ଫଳକ ଲାଗୁଛି । ଫଳକ ପାଇଁ ୩୦ ଟଙ୍କା ଆଦାୟ କରାଯାଉଛି । ଫଳକ ନ ଲଗାଇଲେ ସରକାରୀ ଯୋଜନାରୁ ବାଦ୍ ପଡିବାର ଭୟ ଦେଖାଇବା ପରେ ପ୍ରତିବାଦ ଆରମ୍ଭ ହୋଇଛି । ଆଇନଜୀବୀ ରଣଜିତ୍ ଦାଶ କୁହନ୍ତି, ଓଡ଼ିଶା ରାଜ୍ୟ ସ୍ୱଚ୍ଛ ଭାରତ ଅଭିଯାନରେ କେନ୍ଦ୍ର ସରକାର ଅନୁଦାନ ଯୋଗାଉଛନ୍ତି । ତେବେ ସଚେତନତା ଫଳକ ଲଗାଇ ୩୦ ଟଙ୍କା କାହିଁକି ଆଦାୟ ହେବ । ବିଡିଓ, ସିଡିପିଓ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ କିପରି ଏହି ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ତାହା ତଦନ୍ତ ସାପେକ୍ଷ। ଆଦାୟ ଟଙ୍କା କିଏ ନେବ ତାହା ସ୍ପଷ୍ଟ ହୋଇନି।

ଏ ସଂକ୍ରାନ୍ତରେ ଜିଲା ସମାଜ ମଙ୍ଗଳ ଅଧିକାରୀ ତଥା ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା କୁହନ୍ତି, ଝିଅ ପଢ଼ାନ୍ତୁ ଝିଅ ବଞ୍ଚାନ୍ତୁ ପରି ଅନେକ ଶିକ୍ଷଣୀୟ ବାର୍ତ୍ତା ଲେଖାଥିବା ଫଳକ ଲଗାଇବାକୁ ସରକାରୀ ନିର୍ଦ୍ଦେଶ ନାହିଁ । ଏକ ଏନ୍‌ଜିଓ ଏହା ମାଗଣାରେ ଲଗାଇବାକୁ ଆସିଥିଲା। ତେବେ ଲୋକମାନଙ୍କଠାରୁ ୩୦ଟଙ୍କା ଜୋରଜବରଦସ୍ତ ଆଦାୟ କରିବାକୁ କୁହାଯାଇନି । ଟଙ୍କା କେହି ଦିଅନ୍ତୁ ନାହିଁ । ଏହି କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

### ଆସାମରେ ସମ୍ମାନିତ ହେଲେ ଶୁଭାଶିଷ



**ଗଣିଆ,୨୬।୪(ଡି.ଏନ୍.ଏ.)**

ଆସାମରେ ଚାଲୁଥିବା ଡ.ଏସ୍.ଏନ୍. ସୁବାରାଓ ଜାତୀୟ ଯୁବ ପ୍ରକଳ୍ପ ଦ୍ୱାରା ଗଣିଆ ବ୍ଲକର ସାମାଜିକ କର୍ମୀ ଶୁଭାଶିଷ ମିଶ୍ର ଭାରତ ସନ୍ତାନ ଭାବେ ସମ୍ମାନୀତ ହୋଇଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ଚାଲୁଥିବା ସ୍ୱତନ୍ତ୍ର ବାର୍ଷିକ ଅଧିବେଶନରେ ଭାରତର ୧୫ ରାଜ୍ୟରୁ ୨ଶହ ସାମାଜିକ କର୍ମୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ଓଡିଶାରୁ ୧୫ଜଣ ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ । ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସାମର ଧେମାଜି ଏମ୍‌ପି ପ୍ରଦାନ ବରୁଆ, ସମ୍ମାନୀତ ଅତିଥି ସର୍ବଦୋୟ ସଂଯୋଜକ ଅନିଲ ହାମ୍ବର,ଓଡିଶା ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ଆବାହକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ଶୁଭାଶିଷ ମିଶ୍ରଙ୍କୁ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନୀତ କରିଥିଲେ । ଶୁଭାଶିଷ ଗ୍ରାମୀଣ ବିକାଶ ପାଠ୍ୟକ୍ରମ ଉପରେ ପିଜି କରୁଥିବା ବେଳେ ୨୦୦୯ରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର ସଙ୍ଗଠନରେ ଯୋଡ଼ି ହୋଇ ଜନହିତକାର କାର୍ଯ୍ୟ ପାଇଁ ପ୍ରେରଣା ଦେବା, ପରିବେଶ ସଫେଇ, ଗ୍ରାମ୍ୟ ବିକାଶରେ ଯୁବ ବର୍ଗମାନଙ୍କ ଭୂମିକା ଦିଗରେ ପ୍ରେରଣା ଯୋଗାଇ ଦେଇଆସୁଛନ୍ତି ।

# ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

**ଖଣ୍ଡପଡ଼ା,୨୬।୪(ସ୍ୱ.ପ୍ର.)**

- ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ପ୍ରକୋଷ୍ଠ ନାହିଁ
- ଛାତ୍ରାବାସ କାମ ସରୁନି, ଖେଳପଡ଼ିଆ ନାହିଁ

ଖଣ୍ଡପଡ଼ା ସହରର ବାଇପାସ୍ ରାସ୍ତାପାର୍ଶ୍ୱରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗତ ୪ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇଛି । ଉକ୍ତ ବିଦ୍ୟାଳୟର ଷଷ୍ଠରୁ ନବମ ଶ୍ରେଣୀରେ ୩୩୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଛାତ୍ରାବାସର ବ୍ୟବସ୍ଥା ନ ଥିବା ଯୋଗୁ ୧୦ରୁ ୧୫ କି.ମି. ଦୂରରୁ ଛାତ୍ରୀଛାତ୍ରମାନେ ପ୍ରତିଦିନ ସ୍କୁଲକୁ ଆସି ଫେରୁଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି କାରଣରୁ କେତେଜଣ ଛାତ୍ରୀଛାତ୍ର ଉକ୍ତ ବିଦ୍ୟାଳୟ ଛାଡ଼ି ଅନ୍ୟତ୍ର ନାମ ଲେଖାଇଥିବା ଅନୁଷ୍ଠାନର ପ୍ରଧାନଶିକ୍ଷକ ମନୋଜ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ, ଛାତ୍ରାବାସ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇଛି । ହେଲେ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ । ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ନିମନ୍ତେ ରୋଷଇ ଘର ନାହିଁ । ସ୍କୁଲ ଶିଡ଼ି ତଳେ ପିଲାମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଛି । ବିଦ୍ୟାଳୟ ପଛପାଖ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଏପରି ପରିସ୍ଥିତିରେ ସ୍କୁଲ ଚାରିପାଖରେ ପ୍ରାଚୀର ନିର୍ମାଣ କାମ ଅଧା ରହିଛି । ଉକ୍ତ ସ୍ଥାନରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ବିଦ୍ୟାଳୟ ପାଇଁ ପିଅନ ଓ କିରାଣିଙ୍କୁ ଅଦ୍ୟାବଧି ନିଯୁକ୍ତି ଦିଆଯାଇନାହିଁ। ଫଳରେ ଦୈନିକ ଅଫିସ କାମ କରିବାକୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପିଲାମାନେ ଖେଳିବା ପାଇଁ ଖେଳପଡ଼ିଆ ନାହିଁ । ବିଦ୍ୟାଳୟ ପରିସରରେ ଥିବା ଏକ ପରିତ୍ୟକ୍ତ ପୋଖରୀକୁ ପୋତି ସେହି ସ୍ଥାନରେ ଖେଳପଡ଼ିଆ କରିବାକୁ ଅଭିଭାବକମାନେ ମତ ଦେଇଛନ୍ତି ।


ଜଳ ପ୍ରକଳ୍ପ କାମ ଆରମ୍ଭ ହେବା ପରେ ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତର ଗୋପୀନାଥପୁର ଗ୍ରାମବାସୀ ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ


ବିଧାୟକ ରମେଶ ଚନ୍ଦ୍ର ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

**ଗଣିଆ.୨୬।୪(ଡି.ଏନ୍.ଏ.)**

ଗଣିଆ ବ୍ଲକର ଗଣିଆଠାରୁ କୁତୁରୀ ପୂର୍ତ୍ତ ବିଭାଗ ରାସ୍ତାରେ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗ ପକ୍ଷରୁ ଫେଜ୍-୩ରେ ୧୦ କି.ମି. ରାସ୍ତା ନିର୍ମାଣ ପାଇଁ ମଙ୍ଗଳବାର ଅପରାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ ଓ ଜିଲା ପରିଷଦ ସଭ୍ୟ ନରେଶ ବେହେରା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତେବେ ଛାମୁଣ୍ଡିଆ ତଳବଜାର ପରିସରରେ ଆୟୋଜିତ ଏହି ଉତ୍ସବକୁ ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତି ଓ ସମିତି ସଭ୍ୟା ସସ୍ମିତା ଦଳେଇଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ସରପଞ୍ଚ ସେନାପତି ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ ଏହି କାର୍ଯ୍ୟକ୍ରମ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ହେଉଛି ବୋଲି କହିଥିଲେ । ପରେ ଏ ନେଇ ବିଧାୟକଙ୍କୁ ସରପଞ୍ଚ ଓ ସମିତିସଭ୍ୟା ପଚାରିବାରୁ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ, ଏ ସମ୍ପର୍କରେ ମୁଁ କିଛି ଜାଣିନାହିଁ ବୋଲି କହି ଚାଲିଯାଇଥିଲେ ।

### ରଥ ନିର୍ମାଣ ପାଇଁ ୮ କାଠଗଣ୍ଡି ପୁରୀ ଗଲା

**ଖଣ୍ଡପଡ଼ା,୨୬।୪(ସ୍ୱ.ପ୍ର.)**

ବିଗତବର୍ଷ ପରି ଚଳିତବର୍ଷ ରଥ ନିର୍ମାଣ ପାଇଁ ୮ ଖଣ୍ଡ ଫାଶିକାଠ ଗଣ୍ଡି ଖଣ୍ଡପଡ଼ା ଅଞ୍ଚଳରୁ ପୁରୀ ଯାଇଛି । ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ କୁମାର ଶତପଥୀ ଓ ବନପାଳ ଶ୍ରୀନିବାସ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣ୍ଡପଡ଼ାର ସାହସପୁର ଓ କଣ୍ଟିଲୋ ନିକଟସ୍ଥ ମାଧପୁର ଗ୍ରାମରୁ ଉକ୍ତ କାଠ ସଂଗୃହୀତ ହୋଇଥିଲା। ୨ଜଣ ବ୍ୟକ୍ତି ଶ୍ରୀଜୀଉଙ୍କ ରଥ ନିର୍ମାଣ ନିମନ୍ତେ ଫାଶିକାଠ ଯୋଗାଇ ଦେଇଥିଲେ। ଖଣ୍ଡପଡ଼ା ଅଞ୍ଚଳର ଏକାଧିକ ବ୍ୟକ୍ତି ମଧ୍ୟ ରଥ ନିର୍ମାଣ ଲାଗି କାଠ ଯୋଗାଇ ଦେବାକୁ ପ୍ରସ୍ତୁତ ଥିବା ବନପାଳ ଦାସ କହିଛନ୍ତି । ଖଣ୍ଡପଡ଼ା ମା'ଉମାଦେବୀଙ୍କ ଛକ ନିକଟରେ କାଠଗଣ୍ଡିଗୁଡ଼ିକୁ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଟ୍ରକରେ ପୁରୀସ୍ଥିତ ରଥଖଳାକୁ ପଠାଯାଇଛି ।

# 'ଡାକ୍ତରଖାନା ନୁହେଁ, କ୍ୱାର୍ଟର୍ସରେ ଦେଖାଇବୁ ରୋଗୀ'

**ନୟାଗଡ଼ ଅଫିସ,୨୬।୪**

- ରୋଗୀଙ୍କ ସମ୍ପର୍କୀୟଙ୍କ ହୋହାଲ୍ଲା
- ସିଡିଏମ୍‌ଓଙ୍କ କ୍ୱାର୍ଟର୍ସର ଫାଟକରେ ତାଲା ପଡ଼ିଲା
- ପୋଲିସର ହସ୍ତକ୍ଷେପ ପରେ ଉତ୍ତେଜନା ଥମିଲା
- ଡିଏଚ୍‌ଏଚ୍ ଭିତରେ ବେଆଇନ କ୍ଲିନିକ ଚାଲିବା ପ୍ରସଙ୍ଗ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ପରିସରରେ ଥିବା ସରକାରୀ କ୍ୱାର୍ଟର୍ସରେ ଶିଶୁ ରୋଗ ବିଶେଷଜ୍ଞ ଆଶିଷ ଦିକ୍ଷୀତ୍ ବେଆଇନ କ୍ଲିନିକ୍ କରିବା ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସୋମବାର ନୟାଗଡ଼ ସିଡିଏମ୍‌ଓ ବେଆଇନ କ୍ଲିନିକ୍ ଉପରେ ଚଢ଼ାଉ କରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମଙ୍ଗଳବାର ପୂର୍ବାହ୍ନରେ କେତେଜଣ ମହିଳା ଓ ପୁରୁଷ ଆସି ଶିଶୁରୋଗ ବିଶେଷଜ୍ଞଙ୍କ କ୍ୱାର୍ଟର୍ସରେ ନିଜ ଶିଶୁମାନଙ୍କୁ ଦେଖାଇବାକୁ ଅଡି ବସିଥିଲେ। ଏଭଳିସ୍ଥଳେ ଶିଶୁ ରୋଗ ବିଶେଷଜ୍ଞ ରୋଗୀ ଦେଖିବାକୁ ମନା କରିବାପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ରୋଗୀଙ୍କ ସମ୍ପର୍କୀୟମାନେ ଉତ୍ତେଜିତ ହୋଇ ସିଡିଏମ୍‌ଓଙ୍କ କ୍ୱାର୍ଟର୍ସକୁ ରହିଥିବା ବାଟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ରୋଗୀଙ୍କ ସମ୍ପର୍କୀୟମାନେ ଯୁକ୍ତି ବାଢ଼ିଥିଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ନୁହେଁ ଶିଶୁ ରୋଗବିଶେଷଜ୍ଞ କ୍ୱାର୍ଟର୍ସରେ ରୋଗୀ ଦେଖାଇବେ । ୧୧ ବର୍ଷ ହେଲା ଆମେ ରୋଗୀ ଦେଖାଇ ଆସୁଛୁ । ହେଲେ କୌଣସି ଅସୁବିଧା ନ ଥିଲା । ଏବେ କାହିଁକି ବାରଣ କରାଯାଉଛି । ସରକାରୀ କ୍ୱାର୍ଟର୍ସରେ ରୋଗୀ ଦେଖିବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ସିଡିଏମ୍‌ଓ କାହିଁକି ବାରଣ କରୁଛନ୍ତି । ସିଡିଏମ ତାଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ପୁଣି ରୋଗୀ ଦେଖିବାର ସୁଯୋଗ ଦିଅନ୍ତୁ ବୋଲି ଦାବି କରିଥିଲେ।

ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ। ଫାଟକରେ ତାଲା ପକାଇବା ବେଆଇନ କହି ତାଲା ଖୋଲିଥିଲେ । ଏପରିକି ଯାହା ଅଭିଯୋଗ ଅଛି ସିଡିଏମ୍‌ଓଙ୍କୁ କହିବାକୁ ପରାମର୍ଶ ଦେଇଥିଲେ । ରୋଗୀଙ୍କ ସମ୍ପର୍କୀୟମାନେ ସିଡିଏମ୍‌ଓଙ୍କୁ ଭେଟି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଦେଖାଇବେ ନାହିଁ କହିଥିଲେ। ବରଂ ରୋଗୀଙ୍କୁ ଶିଶୁରୋଗ ବିଶେଜ୍ଞଙ୍କ କ୍ୱାର୍ଟର୍ସରେ ରୋଗୀ ଦେଖାଇବାକୁ କହିଥିଲେ । ଏନେଇ ଘଡୁଆଳର ମଧୁସ୍ମିତା ମିଶ୍ର କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟର ଔଷଧରେ ମୋ ପିଲାମାନେ ଭଲ ହେଉ ନାହାନ୍ତି । ସରକାରୀ ଔଷଧ କାମ କରୁନି । ଆମେ ଶିଶୁରୋଗ ବିଶେଷଜ୍ଞଙ୍କୁ କ୍ୱାର୍ଟର୍ସରେ ରୋଗୀଙ୍କୁ ଦେଖାଇ ଔଷଧ କିଣୁଛୁ । କିଣା ଔଷଧ ଖାଇଲେ ଶୀଘ୍ର ରୋଗୀ ଭଲହେଉଛି । ହେଲେ ସିଡିଏମ୍‌ଓ ଏହାକୁ ଅସ୍ୱୀକାର କରି କହିଥିଲେ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଖାନ୍ତୁ ।

**ସିଡିଏମ୍‌ଓ କ୍ଷମା ନ ମାଗିଲେ ରୋଗୀ ଦେଖିବିନି:** ସୋମବାର ପୂର୍ବାହ୍ନ ସାଢ଼େ ୭ଟାରେ ସିଡିଏମଓ ମୋ କ୍ୱାର୍ଟର୍ସକୁ ଆସି ରୋଗୀ ଦେଖିବାକୁ ବାରଣ କଲେ । କ୍ୱାର୍ଟର୍ସରେ ରୋଗୀ ଦେଖିବାକୁ ବାରଣ କରିବା ବେଆଇନ ଅଟେ । ଯାହାକି ମୋତେ ବହୁ ଖରାପ ଲାଗିଛି । ପୁଣି ମୋ ବିଷୟରେ ଗଣମାଧମରେ ବିଭିନ୍ନ କଥା ପ୍ରକାଶ ପାଇଛି । ନୟାଗଡ଼ରେ ମୋର ୧୨ ବର୍ଷର ସେବା ଓ ୨୫ବର୍ଷର ଡାକ୍ତର କ୍ୟାରିୟର ଉପରେ ଆଞ୍ଚ ଆଣିଛି। ତେବେ ସିଡିଏମ୍‌ଓଙ୍କ ନିର୍ଦ୍ଦେଶକୁ ମାନି ମୁଁ ଦୁଇ ଦିନ ହେଲା ରୋଗୀ ଦେଖା ବନ୍ଦ କରିଛି । ରୋଗୀ ଦେଖିବା ବନ୍ଦ କରିବା ପରେ ରୋଗୀ ହଇରାଣ ହେଉଛନ୍ତି । କ୍ୱାର୍ଟର୍ସରେ ରୋଗୀ ଦେଖିବାକୁ ବାଧ କରୁଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବେ ନାହିଁ ବୋଲି ଜିଦ୍ କରୁଛନ୍ତି। ରୋଗୀସେବା ନେଇ ଅସୁବିଧା ସମ୍ପର୍କରେ ସିଡିଏମ୍‌ଓ ଜାଣି ମୋତେ କ୍ୱାର୍ଟର୍ସରେ ରୋଗୀ ଦେଖିବାକୁ କହୁ ନାହାନ୍ତି । ସିଡିଏମ୍‌ଓ କ୍ଷମା ନ ମାଗିଲେ କ୍ୱାର୍ଟର୍ସରେ ରୋଗୀ ଦେଖିବେ ନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷେ ମୁଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଦେଖାରେ କେବେହେଲେ ଅବହେଳା କରିନାହିଁ। ଡ୍ୟୁଟି ପରେ ମୁଁ କ୍ୱାର୍ଟର୍ସରେ ରୋଗୀ ଦେଖେ । ଓପିଡିରେ ଡ୍ୟୁଟି ନ ଥିଲେ ଇନ୍‌ଡୋର ଡ୍ୟୁଟି କରି ଆସୁଛି । ଓପିଡିରେ ମୁଁ ସବୁବେଳେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି ।

**ଡ୍ୟୁଟି ଠିକ୍ କରିବାକୁ ସିଡିଏମ୍‌ଓଙ୍କ ପରାମର୍ଶ :** ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ମକରନ୍ଦ ବେଉରା କୁହନ୍ତି, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥାକୁ ଦୂର କରିବାକୁ ପ୍ରଥମେ ଏକ ବୈଠକ କରିଥିଲି। ଡାକ୍ତରମାନେ ସରକାରୀ କାର୍ଯ୍ୟକୁ ଅଣଦେଖା କରି ଡ୍ୟୁଟି ଭିତରେ ବାହାରେ ରୋଗୀ ନ ଦେଖିବାକୁ ପରାମର୍ଶ ଦେଇଥିଲି। ଜିଲା ମୁଖ୍ୟ ଚିକିତ୍ସାଳୟର କ୍ୟାମ୍ପସ ଭିତରେ ବେଆଇନ କ୍ଲିନିକ୍ ଚଳାଇବାକୁ ବାରଣ କରିଥିଲି । ମୋ ନିର୍ଦ୍ଦେଶକୁ ଅଣଦେଖା କରାଗଲା । ଡ୍ୟୁଟି ସମୟରେ ବେଆଇନ କ୍ଲିନିକରେ ରୋଗୀ ଦେଖା ବଢ଼ିଲା । ଚଢ଼ାଉ କରି ରୋଗୀ ଦେଖାକୁ ବାରଣ କରାଗଲାପରେ କେତେଜଣ ରୋଗୀଙ୍କ ସମ୍ପର୍କୀୟ ମଙ୍ଗଳବାର ମୋତେ ଭେଟିଥିଲେ । କହିଥିଲେ ଜିଲା ମୁଖ୍ୟ ଚିକିତ୍ସାଳୟ ନୁହେଁ ଶିଶୁ ରୋଗ ବିଶେଷଜ୍ଞଙ୍କୁ କ୍ୱାର୍ଟର୍ସରେ ଭେଟି ରୋଗୀ ଦେଖାଇବେ । ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଦେଖାବାଇବାକୁ ପରାମର୍ଶ ଦେଇଛି । ମୋର କାହାର ସହିତ ଝଗଡ଼ା କରିବାର ନାହିଁ। କେହି ମୋର ଶତ୍ରୁ ନୁହନ୍ତି । କାହାକୁ ଭୁଲ ମାଗିବାର ନାହିଁ। ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଲ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପରାମର୍ଶ ଦେଇଛି । ଅନ୍ୟପକ୍ଷେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଶିଶୁ ରୋଗ ବିଶେଷଜ୍ଞଙ୍କ ରବିବାର ରାତି ୯ଟାରୁ ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ନାଇଟ ଡ୍ୟୁଟି ଥିଲା । ସେ କାହିଁକି କ୍ୱାର୍ଟସରେ ବସି ରୋଗୀ ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସେହି ସମୟରେ କିଏ ଡ୍ୟୁଟି କରିବ ବୋଲି ପ୍ରଶ୍ନ କରିଥିଲେ। ପୁଣି ଆଉଟଡୋର ଡ୍ୟୁଟି କାଟି ଘରେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରୋଗୀ ଦେଖୁଥିଲେ କାହିଁକି । ଆପଣମାନେ ଦେଖନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅବ୍ୟବସ୍ଥାକୁ ସୁଧାରିବାକୁ ମୁଁ ଉଦ୍ୟମ ଜାରି ରଖିଛି ।


ରୋଗୀଙ୍କ ସମ୍ପର୍କୀୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।


ମୁଖ୍ୟ ଫାଟକ ତାଲା ଖୋଲିବା ପରେ ସିଡିଏମ୍‌ଓ ବାହାରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ଏପ୍ରିଲ, ୨୦୨୨



# ଅସୁରକ୍ଷିତ ଭାବେ ସ୍କୁଲ ପିଲାଙ୍କୁ ପରିବହନ

■ ୩୪ ଗାଡ଼ିର ଚାଲାଣ କଟାଗଲା

■ ୧୬ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନାହିଁ

ଛତ୍ରପୁର,୨୬।୪(ଡି.ଏନ.ଏ)

ସ୍କୁଲ ପିଲାମାନଙ୍କୁ ବିଭିନ୍ନ ବସ, ଅଟୋ ରିକ୍ସା ଓ ଭ୍ୟାନ୍‌ରେ ଅସୁରକ୍ଷିତ ଭାବେ ପରିବହନ କରାଯାଉଛି । କେଉଁ ଗାଡ଼ିର ପରମିଟ୍ ନାହିଁ ତ ଆଉ କାହାର ଫିଟ୍‌ନେସ୍, ଇନସୁରାନ୍ସ, ପଲ୍ୟୁଶନ୍ ସାର୍ଟିଫିକେଟ୍ ନ ଥିବାବେଳେ ପରିବହନ ଟିକସ ବି ଜମା ହେଉନି। ଏପରିକି ଡ୍ରାଇଭିଂ ଲାଇସେନ୍ସ ନ ଥାଇ ଚାଳକମାନେ ସ୍କୁଲ ପିଲାଙ୍କ ଗାଡ଼ି ଚଲାଉଛନ୍ତି। ଏସବୁ ଗାଡ଼ି ଗୁଡିକର ଯାଞ୍ଚ ଗତ ୨୦ ତାରିଖରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହୋଇଥିଲା । ଉକ୍ତ ନିର୍ଦ୍ଦେଶ ଅନୁସାରେ ଛତ୍ରପୁରସ୍ଥିତ ଗଞ୍ଜାମ ଆରଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାରେ ସ୍କୁଲ ପିଲାମାନଙ୍କୁ ପରିବହନ କରୁଥିବା ଗାଡି ଗୁଡିକର ଯାଞ୍ଚ ପାଇଁ ସ୍ପେଶାଲ ଡ୍ରାଇଭ ଚାଲିଛି । ଗତ ୫ ଦିନ ମଧ୍ୟରେ (ରବିବାର ବ୍ୟତୀତ) ସ୍କୁଲ ପିଲାମାନଙ୍କୁ ପରିବହନ କରୁଥିବା ଶତାଧିକ ବସ, ଅଟୋ ରିକ୍ସା, ଟାଟା ମ୍ୟାଜିକ୍ ଓ ଭ୍ୟାନ୍ ଗୁଡିକୁ ପରିବହନ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ସେଥିମଧ୍ୟରୁ ୩୪ଟି ଗାଡି ସଡକ ଓ ପରିବହନ ନିୟମକୁ ଫୁ କରି ଅସୁରକ୍ଷିତ ଭାବେ ପିଲାଙ୍କୁ ପରିବହନ କରୁଥିବା ଜଣାପଡିଥିଲା । ଉକ୍ତ ଗାଡିଗୁଡିକର ଚାଲାଣ କଟାଯାଇଛି। ସେଥିମଧ୍ୟରେ ୨୭ଟି ବସ ଓ ୭ଟି ଟାଟା ମାଜିକ ଓ ଭ୍ୟାନ୍ ରହିଛି । ସେହିପରି ଚାଲାଣ କଟାଯାଇଥିବା ସ୍କୁଲ ଗାଡି ମଧ୍ୟରୁ ୨୫ଟି ଗାଡିର ଫିଟ୍‌ନେସ୍ ସାର୍ଟିଫିକେଟ୍ ନ ଥିବାବେଳେ ୧୧ଟି ଗାଡିର ପରମିଟ୍ ନାହିଁ । ଅନ୍ୟପକ୍ଷରେ ୧୦ ଟି ଗାଡିର ଇନ୍‌ସୁରାନ୍ସ ସାର୍ଟିଫିକେଟ୍ ନ ଥିବା ବେଳେ ୩ଟର ପଲ୍ୟୁସନ୍ ସାର୍ଟିଫିକେଟ୍ ନ ଥିଲା। ୨ଟି ଗାଡିର ପରିବହନ ଟିକସ ଜମା ହୋଇ ନ ଥିବାବେଳେ ଆଉ ଗୋଟିଏ ଗାଡିର ଅନ୍ୟ ପରିବହନ ନିୟମ ଖିଲାପ କରିଥିବା ଯାଞ୍ଚ ବେଳେ ଜଣାଯାଇଥିଲା। ଅନ୍ୟପକ୍ଷରେ ଚାଲାଣ କଟାଯାଇଥିବା ୩୪ଟି ଗାଡି ମଧ୍ୟରୁ ୧୬ଟି ଗାଡିର ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ନ ଥିବା ଯାଞ୍ଚରୁ ଜଣାପଡ଼ିଛି। ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ଏସବୁ ଗାଡି ଉପରେ ପରିବହନ ନିୟମ ଖିଲାପ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସୂଚନା ମିଳିଛି । ଏହି ସ୍ପେଶାଲ ଡ୍ରାଇଭ୍ ବୁଧବାର ପର୍ଯ୍ୟନ୍ତ ଚାଲିବାକୁ ଥିଲା। ତେବେ ସରକାର ଖରାଲାଗି ୫ ଦିନ ପାଇଁ ସମସ୍ତ ସରକାରୀ ଓ ଘରୋଇ ସ୍କୁଲକୁ ଛୁଟି ଘୋଷଣା କରଛନ୍ତି। ଯାଞ୍ଚ ନିୟମିତ ଚାଲିବ ବୋଲି କୁହାଯାଇଛି ।

## ସଂକ୍ଷେପରେ

### ମୀନାକ୍ଷୀଙ୍କ ସ୍ୱପ୍ନ ପୂରଣ କରିବ କିସ୍ ଫାଉଣ୍ଡେଶନ



ଫୁଲବାଣୀ ଅଫିସ, ୨୬।୪: କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଗଇବନ୍ଧ ଗ୍ରାମର ମୀନାକ୍ଷୀ ମଲ୍ଲିକଙ୍କ ଡାକ୍ତର ହେବା ସ୍ୱପ୍ନ ପୂରଣ କରିବ କିସ୍ ଫାଉଣ୍ଡେଶନ । ଗରିବ ମେଧାବୀ ଝିଅ ମୀନାକ୍ଷୀ ଦେଖିଥିବା ସ୍ୱପ୍ନ ସାକାର ହେବାକୁ ଯାଉଥିବାରୁ ତାଙ୍କ ମୁହଁରେ ହସ ଫୁଟିଛି । ପିଲାଦିନରୁ ସେ ଡାକ୍ତର ହେବା ଲାଗି ସ୍ୱପ୍ନ ଦେଖି ଆସୁଥିଲେ । ବାପା ନାମମାତ୍ର ଚାଷୀ। ଆର୍ଥିକ ଅନଟନ ଦେଇ ଗତି କରୁଥିବା ମୀନାକ୍ଷୀ ମାଟ୍ରିକ ପାସ୍ ପରେ କ'ଣ କରିବେ କିଛି ଚିନ୍ତା କରିପାରୁ ନ ଥିଲେ । ଏକଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ନଜରକୁ ଆସିଥିଲା। ମୀନାକ୍ଷୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। କିସ୍‌ରେ ଯୁକ୍ତ ୨ ବିଜ୍ଞାନରେ ତାଙ୍କ ନାମ ଲେଖାଇଥିଲେ। ଚଳିତବର୍ଷ ମୀନାକ୍ଷୀ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି। ଏଥିସହ ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା 'ନିଟ୍' ପାଇଁ ମଧ ପ୍ରସ୍ତୁତ ହେଉଛନ୍ତି। ନିଟ୍‌ରେ କୃତକାର୍ଯ୍ୟ ହେବା ପରେ ମୀନାକ୍ଷୀଙ୍କ ଡାକ୍ତରୀ ପଢ଼ାର ସମସ୍ତ ଦାୟିତ୍ୱ କିସ୍ ଫାଉଣ୍ଡେଶନ ନେବ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

### ଗଞ୍ଜାମରେ ନୂତନ ଆର୍‌ଟିଓ

ଛତ୍ରପୁର,୨୬।୪(ଡି.ଏନ୍.ଏ.):ଗଞ୍ଜାମରେ ନୂତନ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଭାବେ ମାନସ ସାହୁ କାର୍ଯ୍ୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବରଗଡ ଜିଲାରେ ଆର୍‌ଟିଓ ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ଆରଟିଓଙ୍କୁ କାର୍ଯ୍ୟାଳୟର କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପୂର୍ବରୁ ଏଠାରେ ଆରଟିଓ ଥିବା ବିକାଶ ଚନ୍ଦ୍ର ଚୌଧୁରୀଙ୍କର ଅନ୍ୟତ୍ର ବଦଳି ହୋଇଛି।

### ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ

ଜି.ଉଦୟଗିରି,୨୬।୪(ଡି.ଏନ.ଏ.):ଜି.ଉଦୟଗିରି ପଞ୍ଚାୟତ ସଭାଗୃହରେ ପଞ୍ଚାୟତ ସମିତିର ପ୍ରଥମ ବୈଠକ ଅଧକ୍ଷା ସୁଷମା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ରଥ ସମସ୍ତ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଓ ସମିତି ଅଧକ୍ଷା ସୁଷମା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିପିଓ ବିଶିକେସନ୍ ବେହେରା ପୂର୍ବ ସମିତି ବୈଠକର ବିବରଣୀ ପାଠ କରିବା ପରେ କୃଷି ଓ ଚାଷ, ଜଙ୍ଗଲ ବିଭାଗ ଦ୍ୱାରା ଲଘୁ ବନଜାତ ଦ୍ରବ୍ୟ କ୍ରୟ ମୂଲ୍ୟ, ପ୍ରାଥମିକ ଶିକ୍ଷା ତଥା ମଧାହ୍ନ ଭୋଜନ, ମହିଳା ଓ ଶିଶୁ ବିଭାଗ ଯୋଜନା, ଉଦ୍ୟାନ ବିଭାଗ, ଓଡ଼ିଶା ଜୀବିକା ମିଶନ, ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ଚିକିତ୍ସା, ଜଳ ଓ ପରିମଳ, ଉଠା ଜଳ ସେଚନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ କୁମାର୍ ତ୍ରିପାଠୀ, ସମିତି ଅଧକ୍ଷା ସୁଷମା ପ୍ରଧାନ, ସମିତି ଉପାଧକ୍ଷ ଏନ୍ ଲୁକ, ଜିଲା ପରିଷଦ ପ୍ରାର୍ଥୀ ଲିଲିମା ପ୍ରଧାନ ମଞ୍ଚାସୀନ ଥିଲେ। ବିଏସଏସଓ ସଂଗୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣିଆ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ

ଗଣିଆ,୨୬।୪(ଡି.ଏନ୍.ଏ.)

ଗଣିଆସ୍ଥିତ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଗତ ଶ୍ରୀରାମନବମୀଠାରୁ ଆରମ୍ଭ ହୋଇଥିବା ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଠାକୁରଙ୍କ ଯଥାରୀତି ପୂଜାର୍ଚ୍ଚନା ପରେ ରାତିରେ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ରାତିରେ ରାମ ରାବଣ ଲଢେଇ ପରେ ରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣ ନିହତ ହୋଇଥିଲେ । ଏହି ଅବସରରେ ରାତି ୮ଟାରୁ ବଜାରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାମଲୀଳା ମହୋତ୍ସବ ରାତି ୧୨ଟାରେ ଆରମ୍ଭ ହୋଇଥିଲା। ନାଟ୍ୟମଣ୍ଡପରେ ବାନରସେନା ଓ ରାମ ଲକ୍ଷ୍ମଣଙ୍କ ସହ ରାବଣ ଓ ଅସୁରସେନାଙ୍କ ଯୁଦ୍ଧ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଇନ୍ଦ୍ରଙ୍କ ପ୍ରେରିତ ବିମାନରେ ରାମ,ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ, ବିଭୀଷଣ ଥିବାବେଳେ ରାବଣ ମଧ୍ୟ ସୁସଜ୍ଜିତ ପୁଷ୍ପକ ବିମାନରେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ଉଭୟ ପକ୍ଷ ସେନା ନାଟ୍ୟମଣ୍ଡପରୁ ଗଣିଆ ବଜାର ଦେଇ ବ୍ଲକ କାର୍ଯ୍ୟାଳୟ ନିକଟ ହାଟପଡିଆ ପର୍ଯ୍ୟନ୍ତ ଯୁଦ୍ଧ କରି ଯିବା ପରେ ଶ୍ରୀରାମ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ । ବ୍ଲକ କାର୍ଯ୍ୟାଳୟ ନିକଟରେ ପୂର୍ବରୁ ନିର୍ମିତ ୨୦ ଫୁଟ ଉଚ୍ଚ ବିଶିଷ୍ଟ ବାଉଁଶ ଓ କାଗଜରେ ତିଆରି ରାବଣରେ ଆତସବାଜୀ ଖଞ୍ଜା ଯାଇଥିଲା। ରାମଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ପରେ କାଗଜ ନିର୍ମିତ ରାବଣ ଦେହରେ ନିଆଁ ଲଗାଯାଇ ଆତସବାଜି ଫୁଟା ଯାଇଥିଲା । ପରେ ମାନସିକଧାରୀଙ୍କ ପ୍ରଦତ ଆତସବାଜି ପ୍ରତିଯୋଗିତା ସକାଳ ପର୍ଯ୍ୟନ୍ତ ଚାଲୁ ରହିଥିଲା । ବୁଧବାର ଶ୍ରୀରାମ ଅଭିଷେକ ସହ ୩ଦିନ ଧରି ଦୁର୍ଗାଶ୍ରୀ ଗଣନାଟ୍ୟ ପକ୍ଷରୁ ଅପେରା ମଞ୍ଚସ୍ଥ ହେବ ବୋଲି ସୂଚନା ମିଳିଛି ।



ଲଙ୍କାପୋଡ଼ି ଯାତ୍ରା ଅବସରରେ ନିର୍ମିତ ରାବଣ ମୂର୍ତ୍ତି।

# କଡ଼ା ସୁରକ୍ଷା ମଧ୍ୟରେ ଯୁକ୍ତ ୨ ପ୍ରଶ୍ନପତ୍ର

ଭଞ୍ଜନଗର, ୨୬।୪(ଡି.ଏନ୍.ଏ)

ଆସନ୍ତା ୨୮ ତାରିଖରୁ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ହେବ। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ଏଥିପାଇଁ ଭଞ୍ଜନଗର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏବଂ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ହୋଇଥିବା ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚି ଯାଇଛି। ପ୍ରଶ୍ନପତ୍ରକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥିବା ବେଳେ କଲେଜ ପରିସରରେ ପୋଲିସ ପକ୍ଷରୁ ଚବିଶ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ପରୀକ୍ଷା କିଭଳି ସୁଚାରୁ ରୂପେ ହେବ ସେ ନେଇ ମଙ୍ଗଳବାର କେଏସ୍‌ୟୁବି କଲେଜରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। କର୍ମଚାରୀମାନେ ପରୀକ୍ଷା ହଲ୍‌କୁ ମୋବାଇଲ ଫୋନ୍ ନେଇପାରିବେନି। ପରୀକ୍ଷା କେନ୍ଦ୍ରରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରାଯିବ। ସିସିଟିଭି ନଜରରେ ସମସ୍ତେ ରହିବେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ. ରବୀନ୍ଦ୍ର ନାଥ ପାଳ, ଡ. ପୀତବାସ ପାଳ, ସାତ୍ୟକୀ ସାହୁ, ବିଭାସ ଦାସ, ରାଜେନ୍ଦ୍ର ଦାସ, ହରମୋହନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ଦୃଷ୍ଟିହୀନ ବିଦ୍ୟାଳୟରେ କୃଷ୍ଣଚନ୍ଦ୍ରଙ୍କ ଜୟନ୍ତୀ



ମଞ୍ଚାସୀନ ଅତିଥି।

ଆର.ଉଦୟଗିରି,୨୬।୪(ଡି.ଏନ.ଏ.)

ମୋହନା ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ କଣ୍ଟେଇକୋଲିଠାରେ ୧୯୯୩ ମସିହାରେ ପ୍ରତିଷ୍ଠା ହୋଇଛି ଜିଲାର ଏକମାତ୍ର ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟ। ଏହି ବିଦ୍ୟାଳୟରେ ରାଜ୍ୟର କୋଣ ଅନୁକୋଣରୁ ଶତାଧିକ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏହି ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ମହାରାଜାଙ୍କ ଜୟନ୍ତୀ ପର୍ବ ପରିଚାଳନା କମିଟି ପାଳନ କରନ୍ତି। ମଙ୍ଗଳବାର ବିଦ୍ୟାଳୟରେ ପରିଚାଳନା କମିଟିଙ୍କ ଉପସ୍ଥିତିରେ ମହାରାଜାଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ପରିଚାଳନା କମିଟି ସହ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟର ସମ୍ପାଦକ ଦଣ୍ଡାସି ସାହୁଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ ଶିକ୍ଷକ ମାର୍ଶାଲ ନାୟକ ଓ ପ୍ରଶାନ୍ତ ବୀରଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହା ସହ ବିଦ୍ୟାଳୟର ଉପସଭାପତି ଶରତ ଚନ୍ଦ୍ର ମଳିକଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଖିଳ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାରଳା ମହାରାଜାଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୨୬।୪(ଡି.ଏନ୍.ଏ.)

ପାରଳାଖେମୁଣ୍ଡିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ୧୩୧ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ମହାରାଜାଙ୍କ ସମାଧି ପିଠ, ବଜାର ଛକ ଓ ଗାନ୍ଧୀ ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନବ ଉତ୍କଳ ପ୍ରଦେଶ ଗଠନରେ ପାରଳା ମହାରାଜାଙ୍କ ବଳିଷ୍ଠ ଭୂମିକା ଉପରେ ଆଲୋକପାତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜଜେମା କଲ୍ୟାଣି ଦେବୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପାରଳା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା,ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ବିନୋଦ ଚନ୍ଦ୍ର ଜେନା, ଜିଲା କୃଷକ ସଂଘର ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପର ଜିଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତଙ୍କ ନେତୃତ୍ୱରେ ଆପ ଗଜପତି ଜିଲା ତରଫରୁ ପାରଳାଖେମୁଣ୍ଡି ସ୍ଥିତ ବଜାର ଛକଠାରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି। ସେ ଜଣେ ସୁଶାସକ ପ୍ରଜା ବତ୍ସଳ ରାଜା ଥିଲେ। ବିଚ୍ଛିନ୍ନ ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ରିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ତଥା ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଗଠନ କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା ସେ ନେଇ ଆଲୋଚନା ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମଧ ମହାରାଜା ଗଜପତିଙ୍କ ଜୟନ୍ତୀ ଉପଲକ୍ଷେ ଏକ ସାଧାରଣ ବେଠାକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

# ବିଶ୍ୱ ଶ୍ରମିକ ଦିବସ ପାଳନ ପ୍ରସ୍ତୁତି

ଦିଗପହଣ୍ଡି,୨୬।୪(ଡି.ଏନ.ଏ.)

ବିଶ୍ୱ ଶ୍ରମିକ ଦିବସ ପାଳନ ପାଇଁ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଆଇଟିୟୁ ଶ୍ରମିକ ସଙ୍ଗଠନ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ସିପିଆଇ ଗଞ୍ଜାମ ଜିଲା କମିଟି ସହ ସମ୍ପାଦକ ଅଳକ ନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଭାରେ ସିପିଆଇ(ଏମ୍)ର ପୂର୍ବତନ ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ଆଞ୍ଚଳିକ କମିଟି ସମ୍ପାଦକ କୁରେଶୁ ପଣ୍ଡା, ଭି.ସୁଦର୍ଶନ ରାଜୁ, ଉପସ୍ଥିତ ରହି ଶ୍ରମିକ ଦିବସକୁ ପାଳନ କରାଯିବା ପାଇଁ ଆଲୋଚନା କରିଥିଲେ।

### ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମ

ବୁଗୁଡ଼ା,୨୬।୪(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୌଡ଼ିଆବୋରଦା ପଞ୍ଚାୟତର ଭାଜପା ପକ୍ଷରୁ କୁଞ୍ଜବନ ଗ୍ରାମସ୍ଥ ରାଣୀମାଆଙ୍କ ପୀଠରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରକାଶ ମହାରଥାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବ ସେନେଇ ମଧ ଆଲୋଚନା ହୋଇଥିଲା। ବରିଷ୍ଠ ନେତା ନଟବର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ନେତା ହରପ୍ରସାଦ ଦାଶ, ହରିହର ସାହୁ ଓ ତାକରଡ଼ା ସରପଞ୍ଚ ଦିଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ।

### ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ରମ୍ଭା,୨୬।୪

ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହ ପରିସରରେ ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଶିକ୍ଷା ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସୂଚି ପ୍ରକାରେ ପ୍ରଦୀପ ପ୍ରଜ୍ୱଳନ, ସ୍ୱାଗତ ଓ ଅତିଥି ପରିଚୟ, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ମୌସୁମୀ ରଣା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଏଥିସହ ମଞ୍ଚାସୀନ ବ୍ୟକ୍ତିମାନଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଗଣ୍ଡଳା ଶିକ୍ଷା ବିଭାଗର ଅଧ୍ୟାପକ ଗଣେଶ ସାହୁ, ସମ୍ମାନୀତ ଅତିଥି ଭାବେ ଯୁକ୍ତ ୨ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ଶପ୍ରସାଦ ରାଓ ପୃଷ୍ଟି, ଶିକ୍ଷା ବିଭାଗ ଅଧ୍ୟାପିକା ଗୌରୀ ବଳବନ୍ତରାୟ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟ ସରକାରଙ୍କର ଶିକ୍ଷା ବିଭାଗର ଆଲୋଚନା ଚକ୍ରରେ କେତେଗୋଟି ଟିପ୍ପଣୀ ପ୍ରଦାନ କରିଥିଲେ। ଶେଷରେ ଶେଷ ବର୍ଷ ଛାତ୍ରୀ ମୌସୁମୀ ରଣା ଧନ୍ୟବାଦ ଦେଇଥିବା ବେଳେ ଅନ୍ତିମ ସଂଗୀତ ଗାନ କରିଥିଲେ ପୂଜା କୁମାରୀ ସାହୁ, ଶୁଭ୍ରାଙ୍କିତା ନାହାକ, ଜେ ରୀନା ପାତ୍ର, ମନିକା ସାହୁ, ଦେବପ୍ରିୟ ନାହାକ।

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜଗନ୍ନାଥପ୍ରସାଦ,୨୬।୪(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ୧୮ରୁ ଆରମ୍ଭ ହୋଇଥିଲା। ଏହି ତାଲିମ୍ ଶିବିରକୁ ଅଧକ୍ଷ ନୃସିଂହ ଚରଣ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରେଡକ୍ରସ୍ କାଉନସିଲର ପ୍ରାଧ୍ୟାପକ ଲୋକନାଥ ମହାନ୍ତି ଯୋଗଦେଇ ଥିଲେ। ପ୍ରଶିକ୍ଷିକା ବର୍ଷାରାଣୀ ଛାତ୍ରୀ ମାନଙ୍କୁ ଶିଖାଇଥିବା ବିଭିନ୍ନ କୌଶଳ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ସାମାଜି କର୍ମୀ ଚନ୍ଦ୍ରକେତୁ ରାଉତ, ଚିତ୍ତରଞ୍ଜନ ଗନ୍ତାୟତ, ଧବଳେଶ୍ୱର ବେହେରା, ଲକ୍ଷ୍ମୀ ନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ରାସ୍ତାରେ ଭାସୁଛି ସୋଲାର ପ୍ରକଳ୍ପ ପାନୀୟ ଜଳ

## ଜଙ୍ଗଲ ଜଳୁଛି, ତାତି ବଢୁଛି

ଭଞ୍ଜନଗର,୨୬।୪(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ ମଙ୍ଗଳବାର ତାପମାତ୍ରା ୪୦ ଡିଗ୍ରୀ ଥିଲା। କିଛିଦିନ ହେଲା ପ୍ରବଳ ଗରମ ଅନୁଭୂତ ହେଉଥିବା ଯୋଗୁ ଲୋକେ ପୂର୍ବାହ୍ନ ୧୧ଟାରୁ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି । ଗୋଟିଏ ପଟେ ତାପମାତ୍ରା ବଢୁଥିବା ବେଳେ ଅନ୍ୟପଟେ ଘୁମୁସର ବନଖଣ୍ଡରେ ଜଙ୍ଗଲ ପୋଡ଼ି ମଧ ବୃଦ୍ଧି ପାଉଛି। ସୋମବାର ବାଲିଆପଟା ଏବଂ ସୋରାଦେବୀ ଜଙ୍ଗଲରେ ନିଆଁ ଲାଗିଥିଲା । ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ସାଥିରେ ନେଇ ନିଆଁକୁ ଆୟତ୍ତ କରିଥିଲେ। ଗ୍ରୀଷ୍ମ ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଉଛି । ବିଭିନ୍ନ ନଦୀ, ନାଳ, ପୋଖରୀରେ ପାଣି କମିବାରେ ଲାଗିଛି । କେତେକ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ବିଦ୍ୟୁତ୍ ନ ଥିବା ସମୟରେ ଲୋକଙ୍କୁ ସୁବିଧାରେ ପାଇପ ଯୋଗେ ପାଣି ଯୋଗାଇ ଦେବାପାଇଁ ସୋଲାର ପାନୀୟ ଜଳ ପ୍ରକଳ୍ପ ହେଉଛି । କିନ୍ତୁ ଉକ୍ତ ପ୍ରକଳ୍ପଗୁଡ଼ିକର ଠିକ୍ ତଦାରଖ ହେଉ ନ ଥିବା ଯୋଗୁ କେତେକ ସ୍ଥାନରେ ପାଣି ଅପଚୟ ହେଉଛି। ବେଲଗୁଣ୍ଠା ବ୍ଲକ ଦୁବୁଲୁଣ୍ଡାଠାରେ କିଛିମାସ ପୂର୍ବେ ସୋଲାର ପାନୀୟ ଜଳ ପ୍ରକଳ୍ପ ହୋଇଥିଲା। କିନ୍ତୁ ଉକ୍ତ ପ୍ରକଳ୍ପର କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁ ପାଣି ଉଚ୍ଛୁଳି ରାସ୍ତାରେ ଭାସୁଛି। ଭଞ୍ଜନଗର-ସୋରଡ଼ା ମୁଖ୍ୟ ରାସ୍ତା କଡ଼ରେ ସୋଲାର ପ୍ରକଳ୍ପ ପିଇବା ପାଣି ଭାସୁଥିବାରୁ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ଏପରି କି ଏହି ଗ୍ରାମର ଲୋକେ ତାହାକୁ ଗାଧୁଆ ପାଣି ଭାବେ ମଧ ବ୍ୟବହାର କରୁଛନ୍ତି । ଏପରି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି ।



ସୋଲାର ପ୍ରକଳ୍ପର ପାଣି ନଷ୍ଟ ହେଉଛି ।

# ଡକାୟତି ମାମଲା, ୫ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

ବାଲିଗୁଡା,୨୬।୪ (ଡି.ଏନ.ଏ.)

ଏକ ଡକାୟତି ଘଟଣାର ବିଚାର କରି ମଙ୍ଗଳବାର ବାଲିଗୁଡା କୋର୍ଟ ଦୌରାଜଜ୍ ଶ୍ରୀମତୀ ଚିନ୍ମୟୀ ଜେନା ୫ ଜଣ ଅଭିଯୁକ୍ତମାନଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତମାନେ ହେଲେ ସୋନି ନାୟକ, ବିଜୟ କୁମାର ନାୟକ, ପ୍ରଶାନ୍ତ କୁମାର ପ୍ରଧାନ, ଅଧିର ଦଳବେହେରା ଓ ସଞ୍ଜୟ ନାୟକ। ୨୦୧୯ ଫେବୃଆରୀ ୬ ତାରିଖରେ ବାଲିଗୁଡ଼ାରେ ଥିବା ଭାରତ ଫାଇନାନ୍ସର ଋଣ ଆଦାୟ କାରୀ କର୍ମଚାରୀମାନେ ରାଇକିଆ ଥାନା ଅଞ୍ଚଳରୁ ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରି ଫେରୁଥିଲେ। ଏହି ସମୟରେ ରାଇକିଆ ନିକଟସ୍ଥ କରଡ଼ା ଘାଟିରେ ପୂର୍ବ ପ୍ରସ୍ତୁତି ପ୍ରକାରେ ଛପି ରହିଥିବା ସେହି ଅଞ୍ଚଳର ଅଭିଯୁକ୍ତମାନେ ମରଣାସ୍ତ୍ର ଦେଖାଇ ଟଙ୍କା ଲୁଟ କରିଥିବା ନେଇ ରାଇକିଆ ଥାନାରେ ଫାଇନାନ୍ସ କର୍ମଚାରୀମାନେ ଏତଲା ଦେଇଥିଲେ ।

# ବର୍ଷେ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍

■ ଫେଲ୍ ମାରିଛି ବସୁଧା ଯୋଜନା

■ ଦଶବର୍ଷ ହେଲା ଟାଙ୍କି ଅଛି, ଦଶ ମାସ ବି ପାଣି ମିଳିନି

ବୁଗୁଡ଼ା,୨୬।୪(ଡି.ଏନ.ଏ.)

ବଢୁଛି ତାତି, ପ୍ରବଳ ଖରା ସାଙ୍ଗକୁ ଝାଞ୍ଜି ପବନରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏମିତି କଠିନ ପରିସ୍ଥିତିରେ ପିଇବା ପାଣି ସମସ୍ୟା ଯେମିତି କଟା ଘାଆରେ ଚୂନ ସଦୃଶ୍ୟ ପାଲଟିଛି। ଗ୍ରୀଷ୍ମ ପୂର୍ବରୁ ସମସ୍ତ ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ପାଇଁ ସରକାରୀ ନିୟମ ରହିଛି। ଘର ମୁହଁରେ ଲୋକଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ପ୍ରଶାସନିକ ସ୍ତରରେ ଆନ୍ତରିକତାର ଅଭାବ ଯୋଗୁ ଏ ସବୁ ଯୋଜନା ଏବେ ପ୍ରହସନ ପାଲଟିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଚିଲିଖମା ଗ୍ରାମରେ। ବସୁଧା ଯୋଜନାରେ ଦୀର୍ଘ ଦଶ ବର୍ଷ ହେଲା ଓଭର ହ୍ୟାଡ୍ ଟ୍ୟାଙ୍କ୍ ନିର୍ମାଣ ହୋଇଥିଲେ ସୁଦ୍ଧା ଦଶ ବର୍ଷ ଭିତରେ ଲୋକେ ଦଶ ମାସ ବି ପାଣି ପାଇନଥିବା ଅଭିଯୋଗ କରିଛନ୍ତି। ଲୋକେ ଅଭିଯୋଗ କଲେ କେବେ ୭ ଦିନ ତ ଆଉ କେବେ ୧୭ ଦିନ ପାଇଁ ପାଣି ଦିଆ ହେଉଥିଲା ବେଳେ ଏବେ ବର୍ଷେ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପମ୍ପ ହାଉସ ପାଇଁ ବସିଥିବା ଟ୍ରାନ୍ସଫରମର ଉପର ଦେଇ ୭୬୫ କେଭି ବିଦ୍ୟୁତ କ୍ଷମତା ବିଶିଷ୍ଟ ଟାୱାର ଲାଇନ ଯାଇଥିବାରୁ ଉକ୍ତ ଅଞ୍ଚଳ ବିଦ୍ୟୁତ ଚାର୍ଜ ହୋଇଯାଉଥିବା ଫଳରେ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ ବିଭାଗ ଦ୍ୱାରା ବର୍ଷେ ହେଲା ସଂଯୋଗ କାଟି ଦିଆଯାଇଥିବାରୁ ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ ୪ ଶହ ଜନ ସଂଖ୍ୟା ବିଶିଷ୍ଟ ଚିଲିଖମା ଗ୍ରାମବାସୀଙ୍କ ପାଇଁ ଏବେ ନଳକୂପ ହିଁ ଏକମାତ୍ର ଭରସା ପାଲଟିଛି। ଗ୍ରାମର ବଡଦାଣ୍ଡରେ ଥିବା ୩ଟି ନଳକୂପ ମଧ୍ୟରୁ ଅଛି ଗୋଟିଏ ଖରାପ ହୋଇପଡିଛି। ଗ୍ରାମର ଭାଲୁଆ ସାହି, ବାରି ସାହି, ଧୋବା ସାହିର ପ୍ରାୟ ୨ ଶହ ଲୋକ ମାତ୍ର ୨ଟି ପଥର କୂଅ ଉପରେ ନିର୍ଭର କରୁଛନ୍ତି। ତେବେ କୂଅରୁ ମଧ ପର୍ଯ୍ୟାପ୍ତ ପାଣି ବାହାରୁ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଜେ. ରାମା ରାଓଙ୍କୁ ପଚାରିବାରେ ସେ ବିଦ୍ୟୁତ ବିଭାଗ ଉପରେ ଦୋଷ ଲଦିଛନ୍ତି। ବିଦ୍ୟୁତ୍ ଟ୍ରାନ୍ସଫରମର ଅନ୍ୟତ୍ର ଘୁଞ୍ଚାଇବା ପାଇଁ ୬ ମାସ ତଳୁ ଆବେଦନ କରାଯାଇଥିଲେ ବି ବିଭାଗ ଆଜି ପର୍ଯ୍ୟନ୍ତ ଏଷ୍ଟିମେଟ ଦେଉନଥିବା କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ ଏସଡିଓ ମିତେଶ କୁମାର ପଣ୍ଡା କହିଛନ୍ତି, ସେମାନେ ଆବଶ୍ୟକ ଡକ୍ୟୁମେଣ୍ଟ ନଦେଇ ଡିଭିଜନ ଅଫିସରେ ଆବେଦନ କରିଛନ୍ତି। ଏଣୁ ଡିଭିଜନ ଅଫିସରୁ ନିର୍ଦ୍ଦେଶ ଆସିଲେ ଆମେ ଏଷ୍ଟିମେଟ ଦେବୁ। ତେବେ ଦୁଇ ବିଭାଗ ପରସ୍ପର ଉପରେ ଦୋଷ ଲଦାଲଦି ଭିତରେ ପେଷି ହେଉଛନ୍ତି ସାଧାରଣ ଜନତା। ଏନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।